ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଅକ୍ଟୋବର ୨/୨୦୨୨ (୧୮ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, October 2/2022 | Page 18 | ₹ 7.00 | ★★★★★★
୪୮ଶ ଭାଗ ୩୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 308 | ମୂଲ୍ୟ ₹୭/-




ମହାମାନବ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀର ଶ୍ରଦ୍ଧାଞ୍ଜଳି।

## ଆଜିର ସମ୍ପାଦକୀୟ

### ବୋଲରଙ୍କୁ ଅଣଦେଖା

୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍: କାଉଣ୍ଟରରେ ଟିକେଟ୍ ବିକ୍ରି ଆରମ୍ଭ | ରିପୋର୍ଟ ଖେଳ ପୃଷ୍ଠାରେ

## ଆଜିର ମନ୍ତବ୍ୟ

“ସଂଘୀୟ ସହଯୋଗିତାକୁ ନେଇ ଆମ ବିଚାରଧାରା ମହାନ୍ ହୋଇପାରେ। କିନ୍ତୁ ଏହାକୁ ସଫଳ କରିବା ପାଇଁ ସବୁ ଶକ୍ତିକୁ ଏକାଠି ହେବାକୁ ପଡ଼ିବ।

-ଏମ୍.କେ.ଷ୍ଟାଲିନ୍, ତାମିଲନାଡୁ ମୁଖ୍ୟମନ୍ତ୍ରୀ

DSPL - 209

## ବନ୍ୟପ୍ରାଣୀ ସପ୍ତାହ ୨୦୨୨ ପାଳନ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଶାନ୍ତି ଓ ଅହିଂସାର ଉପାସକ ମହାତ୍ମା ଗାନ୍ଧୀଙ୍କର ପୁଣ୍ୟ ଜନ୍ମତିଥି ଅବସରରେ ଅକ୍ଟୋବର ୨ ତାରିଖଠାରୁ ୮ ତାରିଖ ପର୍ଯ୍ୟନ୍ତ ବନ୍ୟପ୍ରାଣୀ ସପ୍ତାହ ସାରା ଦେଶରେ ପ୍ରତିବର୍ଷ ପାଳିତ ହୋଇଆସୁଛି ।

ବନ୍ୟପ୍ରାଣୀଙ୍କ ସୁରକ୍ଷା, ସଂରକ୍ଷଣ ଏବଂ ମାନବ ସମାଜ ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଆମର ପ୍ରତିବଦ୍ଧତା ଏକାନ୍ତ ଅପରିହାର୍ଯ୍ୟ । ବନ୍ୟପ୍ରାଣୀ ଓ ସେମାନଙ୍କ ଆବାସସ୍ଥଳୀର ସୁରକ୍ଷା ନିମନ୍ତେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ଏହି ଅବସରରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ସେମାନଙ୍କ ଆବାସସ୍ଥଳୀର ସଂରକ୍ଷଣ ଓ ଅଭିବୃଦ୍ଧି ପାଇଁ ସରକାରଙ୍କ ପଦକ୍ଷେପରେ ସ୍ଥାନୀୟ ଅଧିବାସୀ, ସ୍ୱେଚ୍ଛାସେବୀ ତଥା ଜନସାଧାରଣଙ୍କର ସକ୍ରିୟ ସହଯୋଗ କାମନା କରୁଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-08006/13/0005/2223

DSPL - 209

## ବନ୍ୟପ୍ରାଣୀ ସପ୍ତାହ ୨୦୨୨ ପାଳନ ଉପଲକ୍ଷେ ମାନ୍ୟବର ମନ୍ତ୍ରୀଙ୍କ ବାର୍ତ୍ତା



ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସାରା ଦେଶ ତଥା ଆମ ରାଜ୍ୟରେ ଅକ୍ଟୋବର ୨ ରୁ ୮ ପର୍ଯ୍ୟନ୍ତ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଉଅଛି । ‘ଜୀବେ ଦୟା’ ଓ ‘ଅହିଂସା ପରମ ଧର୍ମ’ ଆମ ଭାରତୀୟ ସଂସ୍କୃତିର ମୂଳମନ୍ତ୍ର । ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ବନ୍ୟପ୍ରାଣୀ ସୁରକ୍ଷା ଓ ସେମାନଙ୍କର ବାସସ୍ଥଳୀର ସଂରକ୍ଷଣ କରିବା ପାଇଁ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ବନ୍ୟପ୍ରାଣୀ ସପ୍ତାହ ପାଳନ କରିବାର ଆଭିମୁଖ୍ୟ ଅଟେ ।

ପ୍ରାକୃତିକ ସଂପଦ ଓ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଆମ ରାଜ୍ୟ ଓଡ଼ିଶା ଘଞ୍ଚ ଜଙ୍ଗଲ, ବିରଳ ବନ୍ୟପ୍ରାଣୀ ଓ ଜୈବବିବିଧତାର ଗନ୍ତାଘର । ଗହିରମଥା ଓ ଋଷିକୁଲ୍ୟା ମୁହାଣରେ ବିରଳ ସାମୁଦ୍ରିକ କଇଁଚ ଅଲିଭ୍ ରିଡ୍‌ଲେର ସାମୂହିକ ଅଣ୍ଡା ଦାନ ପ୍ରକ୍ରିୟା ଏବଂ ଚିଲିକା ଓ ଭିତରକନିକା ଆର୍ଦ୍ର ଭୂମିରେ ଶୀତଋତୁରେ ପରିବ୍ରାଜକ ପକ୍ଷୀଙ୍କ ସମାବେଶ ବିଶ୍ୱବିଦିତ ।

ଜନସାଧାରଣଙ୍କ ସାମାଜିକ ଓ ଆର୍ଥିକ ବିକାଶ ପାଇଁ କାର୍ଯ୍ୟକାରୀ କରାଯାଉଥିବା ଉନ୍ନୟନ ପ୍ରକଳ୍ପ କେତେକାଂଶରେ ମଣିଷ-ବନ୍ୟପ୍ରାଣୀ ମଧ୍ୟରେ ବିବାଦ ସୃଷ୍ଟି କରୁଅଛି । ସ୍ଥାନୀୟ ‘ବନ ସୁରକ୍ଷା ସମିତି’ ଓ ‘ପରିବେଶ ଉନ୍ନୟନ ସମିତି’ମାନଙ୍କ ସହଯୋଗରେ ବନ ବିଭାଗ କର୍ମଚାରୀମାନେ ସମସ୍ୟାର ଆଶୁ ସମାଧାନ ପାଇଁ ସମୁଚିତ ପଦକ୍ଷେପ ନେଉଅଛନ୍ତି ।

ମାନବ ସମାଜ ଓ ବନ୍ୟପ୍ରାଣୀ ଅଙ୍ଗାଙ୍ଗୀଭାବେ ଜଡ଼ିତ । ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ବନ୍ୟପ୍ରାଣୀ ଓ ସେମାନଙ୍କ ଆବାସସ୍ଥଳୀର ସୁରକ୍ଷା, ପୁନରୁଦ୍ଧାର ଓ ଅଭିବୃଦ୍ଧି ନିମନ୍ତେ ମୁଁ ଜନସାଧାରଣଙ୍କ ଆନ୍ତରିକ ସହଯୋଗ କାମନା କରୁଅଛି ।

ପ୍ରଦିପ କୁମାର ଅମାତ
(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR-08006/13/0005/2223



### ଇମ୍ରାନ ଖାନ୍‌ଙ୍କ ନାଁରେ ଗିରଫ ପରୱାନା

ଜଣେ ମହିଳା ବିଚାରପତିଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ)ର ମୁଖ୍ୟ ଇମ୍ରାନ ଖାନ୍‌ଙ୍କ ନାମରେ ଇସ୍‌ଲାମାବାଦର ମାଜିଷ୍ଟ୍ରେଟ୍ ଗିରଫ ପରୱାନା ଜାରି କରିଛନ୍ତି। ଅତିରିକ୍ତ ଜିଲା ଓ ଦୌରା ଜଜ୍ ଜେବା ଚୌଧରୀଙ୍କୁ ଧମକ ଦେବା ଅଭିଯୋଗରେ ପିଟିଆଇ ଅଧକ୍ଷ ଇମ୍ରାନ୍‌ଙ୍କ ବିରୋଧରେ ଅଗଷ୍ଟ ୨୦ରେ ପିପିସିର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିଲା।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ମାମଲାରେ ୧୪୨ ବର୍ଷ ଜେଲ

**ପଥାନାମ୍‌ଥିଟ୍ଟା(କେରଳ),୧।୧୦ :** ଜଣେ ନାବାଳିକାଙ୍କୁ ୨ ବର୍ଷ ପର୍ଯ୍ୟନ୍ତ ବଳାତ୍କାର କରିଥିବା ଜଣେ ୪୧ ବର୍ଷୀୟ ବ୍ୟକ୍ତିଙ୍କୁ କେରଳର ଏକ ଅଦାଲତ ୧୪୨ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ପଥାନାମ୍‌ଥିଟ୍ଟା ଅତିରିକ୍ତ ଜିଲା ଓ ଦୌରା କୋର୍ଟ ବିଚାରପତି ଜୟକୁମାର ଜନ୍ ଅପରାଧୀ ଆନନ୍ଦନ ପି.ଆର୍.ଙ୍କ ଉପରେ ୫ ଲକ୍ଷ ଟଙ୍କା ଜରିମାନା ଲଗାଇଛନ୍ତି। ଜିଲାରେ ପୋକ୍ସୋ ମାମଲାରେ ଏହା ସର୍ବାଧିକ ଦଣ୍ଡବିଧାନ। ତେବେ ଅପରାଧୀ ସର୍ବମୋଟ ୬୦ ବର୍ଷ ଜେଲରେ ରହିବେ ବୋଲି ଜାରି ବିବୃତିରେ କୁହାଯାଇଛି। ଅପରାଧୀ ଆନନ୍ଦନ ୧୦ ବର୍ଷୀୟା ପୀଡ଼ିତାଙ୍କ ସମ୍ପର୍କୀୟ ଓ ତାଙ୍କ ଘରେ ରହୁଥିବାବେଳେ ୨୦୧୯ରୁ ୨୦୨୧ ମଧ୍ୟରେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଇଥିଲେ। ତାଙ୍କ ବିରୋଧରେ ପୋକ୍ସୋ ସମେତ ଆଇପିସିର ଧାରା ୫୦୬ରେ ମାମଲା ରୁଜୁ ହୋଇଥିଲା।

### ପାକ୍ ସରକାରଙ୍କ ଟୁଇଟର ଆକାଉଣ୍ଟ ଭାରତରେ ସ୍ଥଗିତ

**ଇସ୍‌ଲାମାବାଦ,୧।୧୦ :** ଏକ ଆଇନଗତ ଦାବିକୁ ନେଇ ପାକିସ୍ତାନ ସରକାରଙ୍କ ଟୁଇଟର ଆକାଉଣ୍ଟକୁ ଭାରତରେ ସ୍ଥଗିତ ରଖାଯାଇଛି। ଭାରତର ସୂଚନା ପ୍ରଯୁକ୍ତି ଆଇନରେ ବିଭିନ୍ନ ଦୂତାବାସର ସରକାରୀ ଟୁଇଟର ଆକାଉଣ୍ଟ, ପାକିସ୍ତାନୀ ଖବରଦାତା, ବିଶିଷ୍ଟ ବ୍ୟକ୍ତିଙ୍କ ଆକାଉଣ୍ଟକୁ ବ୍ୟାନ୍ କରି ନୂଆଦିଲ୍ଲୀ ସୂଚନା ପ୍ରବାହରେ ବାଧା ସୃଷ୍ଟି କରୁଥିବା ଗତ ଜୁନ୍‌ରେ ପାକ୍ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ଭାରତ ସରକାରଙ୍କ ଏଭଳି ପଦକ୍ଷେପକୁ ନେଇ ଇସ୍‌ଲାମାବାଦ ଚିନ୍ତାବ୍ୟକ୍ତ କରିଥିବା ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ସୁମାତ୍ରାରେ ଭୂକମ୍ପ

**ଜାକର୍ତ୍ତା,୧।୧୦:** ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପରେ ଶନିବାର ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ଜଣେ ବ୍ୟକ୍ତି ପ୍ରାଣ ହରାଇବା ସହ ୧୧ ଜଣ ଆହତ ହୋଇଛନ୍ତି। ୧୫ରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଛି। ଉତ୍ତର ସୁମାତ୍ରା ପ୍ରଦେଶର ଉପକୂଳ ସହର ସିବୋଲ୍‌ଗାର ଉତ୍ତରପୂର୍ବରେ ୪୦ କିଲୋମିଟର ଦୂରରେ ୫.୯ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥବା ଆମେରିକା ଭୂତାତ୍ତ୍ୱିକ ସର୍ଭେ ପକ୍ଷରୁ କୁହାଯାଇଛି। ଗତ ଫେବୃୟାରୀରେ ପଶ୍ଚିମ ସୁମାତ୍ରା ପ୍ରଦେଶରେ ହୋଇଥିବା ୬.୨ ତୀବ୍ରତାର ଭୂକମ୍ପରେ ୨୫ ଜଣଙ୍କ ମୃତ୍ୟୁ ଘଟିବା ସହ ୪୬୦ ଜଣ ଆହତ ହୋଇଥିଲେ।

### ଇରାନ୍‌ରେ ବିଚ୍ଛିନ୍ନତାବାଦୀଙ୍କ ଆକ୍ରମଣ: ୧୯ ମୃତ

**ଦୁବାଇ,୧।୧୦ :** ଇରାନର ଜାହେଦାନ ସହରର ଏକ ଥାନା ଉପରେ ସଶସ୍ତ୍ର ବିଚ୍ଛିନ୍ନତାବାଦୀଙ୍କ ଆକ୍ରମଣରେ ଇସ୍‌ଲାମିକ୍ ରିଭଲ୍ୟୁଶନାରି ଗାର୍ଡର ୩ ସଦସ୍ୟଙ୍କ ସମେତ ୧୯ ଜଣ ନିହତ ହୋଇଛନ୍ତି। ଶୁକ୍ରବାର ସହରର ଏକ ମସ୍‌ଜିଦରେ ନମାଜ ପାଠ ଚାଲିଥିବାବେଳେ ଆକ୍ରମଣକାରୀମାନେ ସେମାନଙ୍କ ଭିତରେ ଲୁଚି ରହି ନିକଟବର୍ତ୍ତୀ ଥାନା ଉପରେ ଆକ୍ରମଣ କରିଥିଲେ। ପ୍ରାଦେଶିକ ଗଭର୍ନର ହୋସେଇନ୍ ମୋଦାରେସିଙ୍କ ସୂଚନା ଅନୁଯାୟୀ ଆକ୍ରମଣରେ ୧୯ ଜଣଙ୍କ ମୃତ୍ୟୁ ହେବା ସହ ୩୨ ଗାର୍ଡ ସଦସ୍ୟ ଓ ବାସିଜୀ ବାହିନୀ ସଦସ୍ୟ ଆହତ ହୋଇଛନ୍ତି।

# ଲିମ୍ୟାନ୍‌ରୁ ରୁଷୀୟ ସୈନ୍ୟଙ୍କ ପଳାୟନ



ଡୋନେସ୍କର ଲିମ୍ୟାନ୍ ସହରରେ ଜଣେ ୟୁକ୍ରେନୀୟ ସୈନ୍ୟ ଟ୍ୟାଙ୍କ ଭିତରୁ ବାହାରକୁ ଚାହିଁଛନ୍ତି।

**କିଭ୍/ମସ୍କୋ/ୱାଶିଂଟନ୍, ୧।୧୦**

- ରୁଷିଆ କବଳରୁ ମୁକୁଳିଲା ୫ ୟୁକ୍ରେନ୍ ଗାଁ
- ମସ୍କୋ ଉପରେ ଆମେରିକାର ନୂଆ କଟକଣା

ବନ୍ଧୁକ ମୁନରେ ଭୋଟିଂ କରାଇ ରୁଷିଆ ବେଆଇନ ଭାବେ ପୂର୍ବ ୟୁକ୍ରେନ୍‌ର ଡୋନେସ୍କ, ଲୁହାନ୍‌ସ୍କ ସମେତ ଜାପୋରିଝିଆ ଏବଂ ଖେରସନ୍‌କୁ ନିଜର ବୋଲି ଘୋଷଣା କରିଛି। ହେଲେ ଏବେ ବି ୟୁକ୍ରେନ୍ ଉକ୍ତ ଅଞ୍ଚଳକୁ ଫେରାଇ ଆଣିବା ପାଇଁ ଉଦ୍ୟମ ଚଳାଇଛି। ଡୋନେସ୍କର ପ୍ରମୁଖ ସହର ଲିମ୍ୟାନ୍‌ରେ ୟୁକ୍ରେନ୍ ସୈନ୍ୟ ପ୍ରାୟ ୫ ହଜାର ରୁଷୀୟ ସୈନ୍ୟଙ୍କୁ ଆତ୍ମସମର୍ପଣ ପାଇଁ ବାଧ୍ୟ କରିବା ପରେ ସେମାନେ ସେଠାରୁ ପଛଘୁଞ୍ଚା ଦେଇଛନ୍ତି। ଏ ନେଇ ଲୁହାନ୍‌ସ୍କ ଗଭର୍ନର ସେରେଗି ଗଇଦେ ଶନିବାର ସୂଚନା ଦେଇଛନ୍ତି। ମର ନଚେତ୍ ଆତ୍ମସମର୍ପଣ କର ନଚେତ୍ ଜାଗା ଛାଡ଼ି ପଳାଅ ବୋଲି ସେମାନଙ୍କ ଆଗରେ ସର୍ତ୍ତ ରଖାଯାଇଥିଲା। ରୁଷୀୟ ସୈନ୍ୟଙ୍କ ପଳାୟନ ପରେ ଡୋନେସ୍କରେ ଥିବା ୫ ଗାଁ ଏବେ ରୁଷିଆ କବଳରୁ ମୁକ୍ତ ହୋଇଛି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଜାପୋରିଝିଆ ସ୍ଥିତ ଆଣବିକ ଶକ୍ତି କେନ୍ଦ୍ରର ମୁଖ୍ୟ ଇହୋର ମୁରାଶୋଭ୍‌ଙ୍କୁ ରୁଷିଆ ଅପରହଣ କରିନେଇଥିବା ୟୁକ୍ରେନ୍ ଅଭିଯୋଗ କରିଛି। ରୁଷୀୟ ସୈନ୍ୟ ମୁରାଶୋଭ୍‌ଙ୍କ କାର୍ ଅଟକାଇ ତାଙ୍କୁ ଅଜ୍ଞାତ ସ୍ଥାନକୁ ନେଇଯାଇଛନ୍ତି। ମସ୍କୋ ବେଆଇନ ଭାବେ ଦଖଲ କରିଥିବା ଅଞ୍ଚଳକୁ ଫେରାଇଅଣାଯିବ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ସେପଟେ ରୁଷିଆ ୟୁକ୍ରେନ୍ ସହ ଶାନ୍ତି ଆଲୋଚନା ପାଇଁ ରାଜି ଥିବା କହିବା ପରେ ବି ଉତ୍ତରପୂର୍ବ ସହର ଖର୍କିଭରେ ସେଲ୍, ବୋମା ମାଡ଼ ଜାରି ରଖିଛି। ଜନସାଧାରଣଙ୍କୁ ଟାର୍ଗେଟ କରି ଶୁକ୍ରବାର ସେଲିଂ ଯୋଗୁ ଅନ୍ୟୁନ ୨୦ ନାଗରିକଙ୍କ ମୃତ୍ୟୁ ଘଟିଛି। ଲୋକେ ଭୟରେ ଉକ୍ତ ଅଞ୍ଚଳ ଛାଡ଼ି ପଳାଇଯିବାକୁ ଉଦ୍ୟମ କରୁଥିବାବେଳେ ରୁଷିଆ ସେମାନଙ୍କ ଉପରେ ବୋମାମାଡ଼ କରିଛି ବୋଲି ଖର୍କିଭ ଗଭର୍ନର ଓଲେହ ସିନିହୁବୋଭ୍ କହିଛନ୍ତି। ୟୁକ୍ରେନ୍‌ର ୪ ଅଞ୍ଚଳକୁ ରୁଷିଆ ନିଜ ଭୂଖଣ୍ଡରେ ବେଆଇନ ଭାବେ ସାମିଲ କରିବାକୁ ନେଇ ଆମେରିକା ମସ୍କୋ ଉପରେ ନୂଆ କଟକଣା ଲଗାଇଛି। ରୁଷିଆ ମିଲିଟାରି-ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସର ୧୪ ଜଣ, ରୁଷିଆ ଆର୍ଥିକ କାରବାର ବୁଝୁଥିବା ୩ ପ୍ରମୁଖ ଲିଡର ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ସମେତ ୨୭୮ ଆଇନ ପ୍ରଣେତାଙ୍କ ଉପରେ ୱାଶିଂଟନ୍ କଟକଣା ଲାଗୁ କରିଛି।

## ୟୁଏନ୍‌ଏସ୍‌ସିରେ ରୁଷିଆ ବିରୋଧରେ ନିନ୍ଦା ପ୍ରସ୍ତାବ: ବିରତ ରହିଲା ଭାରତ

**ନୂଆଦିଲ୍ଲୀ,୧।୧୦**

ଗଣଭୋଟ ଜରିଆରେ ୟୁକ୍ରେନ୍‌ର ୧୫ ପ୍ରତିଶତ ଅଞ୍ଚଳ ରୁଷିଆ ନିଜ ଭୂଖଣ୍ଡରେ ମିଶାଇବା ନିଷ୍ପତ୍ତିକୁ ବିରୋଧ କରି ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଅଣାଯାଇଥିବା ନିନ୍ଦା ପ୍ରସ୍ତାବରୁ ଭାରତ ଦୂରେଇ ରହିଛି। ପରିବର୍ତ୍ତିତ ସ୍ଥିତି ପାଇଁ ଭାରତ ପ୍ରସ୍ତାବରୁ ବିରତ ରହିଥିବା କହିଛି। ଆମେରିକା ଏବଂ ଆଲ୍‌ବାନିଆ ପକ୍ଷରୁ ୟୁଏନ୍‌ଏସ୍‌ସିରେ ଅଣାଯାଇଥିବା ନିନ୍ଦା ପ୍ରସ୍ତାବ ବିରୋଧରେ ରୁଷିଆର ଭିଟୋ ପ୍ରୟୋଗ ଯୋଗୁ ଏହା ଗୃହୀତ ହୋଇପାରି ନାହିଁ। ପରିଷଦର ୧୫ ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରୁ ୧୦ ଜଣ ପ୍ରସ୍ତାବକୁ ସମର୍ଥନ ଜଣାଇଥିବାବେଳେ ଚାଇନା, ବ୍ରାଜିଲ, ଗାବନ ଓ ଅନ୍ୟମାନେ ମତଦାନରୁ ବିରତ ରହିଥିଲେ।

ୟୁକ୍ରେନ୍‌ର ୧୫ ପ୍ରତିଶତ କୁହାଯାଉଥିବା ଉକ୍ତ ୪ ଅଞ୍ଚଳ ଉପରେ ରୁଷିଆ ଶାସନ କରିବ ବୋଲି ପୂର୍ବରୁ ଏହାର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଘୋଷଣା କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହା ସବୁଠୁ ବଡ଼ ମିଶ୍ରଣ। ଏହା ବିରୋଧରେ ଜାତିସଂଘରେ ଆମେରିକାର ରାଷ୍ଟ୍ରଦୂତ ଲିଣ୍ଡା ଥୋମାସ ଗ୍ରୀନ୍‌ଫିଲ୍ଡ ପ୍ରସ୍ତାବ ଆଣି ୟୁକ୍ରେନ୍ ସ୍ଥିତିରେ କୌଣସି ପରିବର୍ତ୍ତନକୁ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସ୍ୱୀକୃତି ନ ଦେବା ଲାଗି ଅନୁରୋଧ କରିଥିଲେ। ଏଥିସହିତ ଉକ୍ତ ଅଞ୍ଚଳରୁ ରୁଷିଆକୁ ତା'ର ସୈନ୍ୟ ପ୍ରତ୍ୟାହାର କରିନେବା ଲାଗି ବାଧ୍ୟ କରିବାକୁ ଲିଣ୍ଡା କହିଥିଲେ। ତୁରନ୍ତ ହିଂସା ଏବଂ ଯୁଦ୍ଧ ବନ୍ଦ କରିବା ଲାଗି ସମସ୍ତ ଉଦ୍ୟମ ଲାଗି ଆମେ ଅନୁରୋଧ କରୁଛୁ। ମତାନ୍ତର ଓ ବିବାଦ ସମାଧାନର ଏକମାତ୍ର ବାଟ ଆଲୋଚନା। ଶାନ୍ତି ପଥରେ ସମସ୍ତ କୂଟନୈତିକ ମାର୍ଗକୁ ଖୋଲା ରଖିବା ଆବଶ୍ୟକ ବୋଲି ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ରୁଚିରା କମ୍ବୋଜ୍ କହିଥିଲେ। ବିବାଦ ଆରମ୍ଭରୁ ଭାରତ ତା'ର ଆଭିମୁଖ୍ୟ ସ୍ପଷ୍ଟ କରିଦେଇଥିବା ସେ ୟୁଏନ୍‌ଏସ୍‌ସିକୁ କହିଥିଲେ।

## ସୁଜୟ ସିଆର୍‌ପିଏଫ୍, ଅନିଷ ଆଇଟିବିପି ମୁଖ୍ୟ ନିଯୁକ୍ତ

**ନୂଆଦିଲ୍ଲୀ, ୧।୧୦**

ବରିଷ୍ଠ ଆଇପିଏସ୍ ଅଧିକାରୀ ସୁଜୟ ଲାଲ୍ ଥାଓସେନ୍‌ଙ୍କୁ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ୍) ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଅନିଷ ଦୟାଲ ସିଂଙ୍କୁ ଇଣ୍ଡୋ ତିବ୍ବେତାନ ବର୍ଡର ପୋଲିସ (ଆଇଟିବିପି) ମୁଖ୍ୟ କରାଯାଇଥିବା ଶନିବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ମଧ୍ୟପ୍ରଦେଶର ୧୯୮୮ ବ୍ୟାଚ୍ ଅଫିସର ସୁଜୟ ଏବେ ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି)ର ମହାନିର୍ଦ୍ଦେଶକ ଅଛନ୍ତି। ଏଥିସହ ସେ ଅତିରିକ୍ତ ଭବେ ଆଇଟିବିପି ଡିଜି ଦାୟିତ୍ୱ ମଧ୍ୟ ତୁଲାଉଛନ୍ତି। ଶୁକ୍ରବାର ସିଆର୍‌ପିଏଫ୍ ଡିଜି କୁଲଦୀପ ସିଂଙ୍କ ଅବସରରେ ପରେ ଏହି ପଦ ଖାଲି ପଡ଼ିଥିଲା।

## ଇନ୍ଦୋର ସବୁଠୁ ସ୍ୱଚ୍ଛ ସହର

**ନୂଆଦିଲ୍ଲୀ,୧।୧୦**

ମଧ୍ୟପ୍ରଦେଶର ଇନ୍ଦୋର କ୍ରମାଗତ ଷଷ୍ଠ ଥର ପାଇଁ ଭାରତର ସବୁଠୁ ସ୍ୱଚ୍ଛ ସହର ମାନ୍ୟତା ହାସଲ କରିଥିବାବେଳେ ଗୁଜରାଟର ସୁରଟ କ୍ରମାଗତ ତୃତୀୟ ଥର ପାଇଁ ଦ୍ୱିତୀୟ ସ୍ଥାନରେ ରହିଛି। ନଭି ମୁମ୍ବାଇ ତୃତୀୟ ସ୍ଥାନରେ ଥିବାବେଳେ ନୂଆଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ ଚଳିତ ବର୍ଷ ନବମ ସ୍ଥାନକୁ ଖସିଯାଇଛି। ଗତବର୍ଷ ଏହା ପଞ୍ଚମ ସ୍ଥାନରେ ଥିଲା। ସେହିପରି ଗତବର୍ଷ ନବମ ସ୍ଥାନରେ ଥିବା ଏନ୍‌ସିଆର୍ ସହର ନୋଏଡ଼ା ଚଳିତ ବର୍ଷ ଏକାଦଶ ସ୍ଥାନକୁ ଖସିଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ସ୍ୱଚ୍ଛ ସହରଗୁଡ଼ିକର ର୍‍ୟାଙ୍କ ପ୍ରକାଶ କରିଛନ୍ତି। ସେହିପରି ଏକ ଲକ୍ଷରୁ କମ୍ ଲୋକସଂଖ୍ୟା ବିଶିଷ୍ଟ ୫ ସବୁଠୁ ସ୍ୱଚ୍ଛ ପୌରାଞ୍ଚଳ ମଧ୍ୟରେ ମହାରାଷ୍ଟ୍ରର ୪ଟି ସହର ରହିଛି। ଉକ୍ତ ରାଜ୍ୟର ପଞ୍ଚଗନି ଚଳିତ ବର୍ଷ ସବୁଠୁ ସ୍ୱଚ୍ଛ ସହର ମାନ୍ୟତା ପାଇଥିବାବେଳେ ଦ୍ୱିତୀୟ ସ୍ଥାନରେ ଛତିଶଗଡ଼ର ପାଟନ ରହିଛି। ୬୨ କ୍ୟାଣ୍ଟନମେଣ୍ଟ ବୋର୍ଡ ଏବଂ ୯୧ ଗଙ୍ଗା ସହରାଞ୍ଚଳ ସମେତ ମୋଟ ୪,୩୫୪ଟି ପୌରସଂସ୍ଥାକୁ ନେଇ ସ୍ୱଚ୍ଛ ସର୍ବେକ୍ଷଣ କରାଯାଇଥିଲା।

## ପୋଖରୀକୁ ଟ୍ରାକ୍ଟର ଖସିଲା: ୨୭ ତୀର୍ଥଯାତ୍ରୀ ମୃତ

**କାନପୁର,୧।୧୦:** ଉତ୍ତର ପ୍ରଦେଶର କାନପୁରର ଘାଟେମପୁରରେ ଶନିବାର ବଡ଼ ଧରଣର ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୨୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୧୧ଜଣ ମହିଳା ଓ ୧୧ ଶିଶୁ ଥିବା ଜଣାପଡ଼ିଛି। ମୁଣ୍ଡନ ସମାରୋହରେ ଯୋଗଦେବା ପାଇଁ ଫତେପୁରରୁ ପାଖାପାଖି ୫୦ ଜଣ ଶ୍ରଦ୍ଧାଳୁ ଏକ ଟ୍ରାକ୍ଟର ଯୋଗେ ଘାଟେମପୁରରେ ଥିବା ଚନ୍ଦ୍ରିକା ଦେବୀ ମନ୍ଦିର ଯାଇଥିଲେ। ଦର୍ଶନ ସାରି ଫେରିବା ସମୟରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଭାଦେଉନା ଗ୍ରାମ ନିକଟରେ ଥିବା ଏକ ପୋଖରୀକୁ ଖସିପଡ଼ିଥିଲା। ସୂଚନା ପାଇ ସ୍ଥାନୀୟ ପୋଲିସ ଓ ରେସ୍କ୍ୟୁ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଆହତମାନଙ୍କ ଚିକିତ୍ସା ପାଇଁ ସେମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଦୁର୍ଘଟଣାର ଶିକାର ହୋଇଥିବା ଲୋକଙ୍କୁ ସମସ୍ତ ପ୍ରକାର ସାହାଯ୍ୟ, ସହଯୋଗ ଯୋଗାଇ ଦିଆଯିବା ନେଇ ସେ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ମୃତକଙ୍କ ପରିବାର ପିଛା ୨ ଲକ୍ଷ ଟଙ୍କା ଏବଂ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ସେହିପରି ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘଟଣାରେ ଶୋକ ବ୍ୟକ୍ତ କରିଛନ୍ତି।

## ଜାମିଆରେ ଗୋଷ୍ଠୀ ସଂଘର୍ଷ: ୯ ଛାତ୍ର ନିଲମ୍ବିତ

**ନୂଆଦିଲ୍ଲୀ,୧।୧୦: (ପି.ଟି)**

ଦିଲ୍ଲୀର ଜାମିଆ ମିଲ୍ଲିଆ ଇସ୍‌ଲାମିଆ ୟୁନିଭର୍ସିଟିରେ ଶନିବାର ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ସଂଘର୍ଷ ପରେ ୯ ଜଣ ବିଦ୍ୟାର୍ଥୀଙ୍କୁ କଲେଜରୁ ନିଲମ୍ବନ କରାଯାଇଛି। କ୍ୟାମ୍ପସରେ ବିଶୃଙ୍ଖଳା କରିବା ନେଇ କର୍ତ୍ତୃପକ୍ଷ ସମ୍ପୃକ୍ତ ଛାତ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇଥିବା କୁହାଯାଇଛି। ଜାମିଆର ଏଲ୍‌ଏଲ୍‌ଏମ୍ ସେମିଷ୍ଟର ୩'ର ଛାତ୍ର ନଓମନ ଅଲ୍ଲୀଙ୍କ ଦେହରେ ଗୁଳି ବାଜି ଗଭୀର ଆଘାତ ଲାଗିଥିଲା। ଉକ୍ତ ୯ ଛାତ୍ରଙ୍କୁ ପୋଲିସ ଗିରଫ କରି ନେଇଛି। ଏନେଇ ଜାମିଆ ନଗର ଏବଂ ନ୍ୟୁ ଫ୍ରେଣ୍ଡସ୍ ପୋଲିସ ଷ୍ଟେଶନ୍ ପକ୍ଷରୁ ୨ଟି ମାମଲା ରୁଜୁ ହୋଇଛି।

## ରାସ୍ତାରେ ବୋଟ୍, ସମୁଦ୍ରରେ କାର୍



ବାତ୍ୟା ଇଆନ୍ ପ୍ରଭାବରେ ବୋଟ ଗୁଡିକ ସମୁଦ୍ରରୁ ଭାସିଆସି ଫ୍ଲୋରିଡାର ଫର୍ଟ ମ୍ୟେର୍ସ ବିଚ୍ ରାସ୍ତା ପାର୍ଶ୍ୱରେ ଲାଗିଛି।

**ଫର୍ଟ ମ୍ୟେର୍ସ ବିଚ୍/ଚାର୍ଲେଷ୍ଟନ୍,୧।୧୦**

**ଇଆନ୍ ବାତ୍ୟାରେ ଫ୍ଲୋରିଡା ଉପକୂଳ ବିପର୍ଯ୍ୟସ୍ତ: ୩୦ ମୃତ**

ପ୍ରଳୟଙ୍କରୀ ସାମୁଦ୍ରିକ ବାତ୍ୟା ଇଆନ୍ ଆମେରିକାର ଫ୍ଲୋରିଡ଼ା ଉପକୂଳକୁ ବିପର୍ଯ୍ୟସ୍ତ କରିଦେଇଛି। ବାତ୍ୟାରେ ବହୁସଂଖ୍ୟାରେ ବୋଟ୍ ସମୁଦ୍ରରୁ ଭାସିଆସି ବିଭିନ୍ନ ରାସ୍ତାରେ ଲାଗିଥିବାବେଳେ କାର୍‌ଗୁଡ଼ିକ ସମୁଦ୍ରରେ ଭାସୁଥିବା ଦେଖାଯାଇଛି। ସମୁଦ୍ର ଜୁଆର ମାଡ଼ିଆସି ବହୁ ଅଞ୍ଚଳ ଜଳାର୍ଣ୍ଣବ ହୋଇଛି। ସେହିପରି ସାଉଥ୍ କାରୋଲିନାରେ ହୋଇଥିବା କ୍ଷୟକ୍ଷତି ଆକଳନ ହୋଇପାରି ନାହିଁ। ଇଆନ୍ ଫ୍ଲୋରିଡା ଉପକୂଳ ଛୁଇଁବା ପୂର୍ବରୁ ପଶ୍ଚିମ କ୍ୟୁବାରେ ତାଣ୍ଡବ ରଚିଥିଲା ଏବଂ ସେଠାରୁ ବଳ ଗୋଟାଇ ଶେଷରେ ସାଉଥ୍ କାରୋଲିନାରେ ମାଡ଼ ହୋଇଥିଲା। ଏଥିରେ ଫ୍ଲୋରିଡାର ୨୭ ଜଣଙ୍କ ସମେତ ମୋଟ ୩୦ ଜଣ ପ୍ରାଣ ହରାଇଛନ୍ତି। ମେକ୍ସିକୋ ଉପସାଗର ଉପକୂଳ ଇଆନ୍ କ୍ଷୟକ୍ଷତିର କେନ୍ଦ୍ରସ୍ଥଳ ଥିଲା। ବାତ୍ୟା ବେଳେ ଫର୍ଟ ମ୍ୟେର୍ସ ବିଚ୍ ଜନଶୂନ୍ୟ ହୋଇଯାଇଥିଲା। ଏବେ ସେମାନେ ଘରକୁ ଫେରିବା ଆରମ୍ଭ କରିଛନ୍ତି। ଉକ୍ତ ଅଞ୍ଚଳରେ କାଠ ନିର୍ମିତ ଘରଗୁଡ଼ିକ ମାଟିରେ ମିଶିଯାଇଛି।

## ନାବାଳିକାଙ୍କୁ ଗଣବଳାତ୍କାର ପରେ ବ୍ଲାକ୍‌ମେଲିଂ

**୮ ଜଣଙ୍କ ନାଁରେ ମାମଲା**

**ଜୟପୁର,୧।୧୦**

ରାଜସ୍ଥାନରେ ଜଣେ ୧୭ ବର୍ଷୀୟା ବାଳିକାଙ୍କୁ ଗଣବଳାତ୍କାର ପରେ ଏହାର ଭିଡିଓ ବ୍ୟବହାର କରି ୮ ଜଣ ଲୋକ ତାଙ୍କୁ ମାସ ମାସ ଧରି ବ୍ଲାକ୍‌ମେଲିଂ କରିଚାଲିଥିଲେ। ସେମାନେ ଅର୍ଥ ଦାବି କରି ବିଫଳ ହେବା ପରେ ଉକ୍ତ ଭିଡିଓକୁ ଅନ୍‌ଲାଇନରେ ଛାଡ଼ିଥିଲେ। ପୀଡ଼ିତା ଓ ତାଙ୍କ ମାଆବାପା ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ୮ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ ଅଭିଯୁକ୍ତମାନେ ପ୍ରଥମେ ପୀଡ଼ିତାଙ୍କ ପରିବାରକୁ ୫୦ ହଜାର ଟଙ୍କା ମାଗିଥିଲେ। ପରେ ସେମାନେ ୨.୫ ଲକ୍ଷ ଦେବାକୁ ଦାବି କରିଥିଲେ ବୋଲି ପୋଲିସ କହିଛି। ବର୍ତ୍ତମାନ ସୁଦ୍ଧା କୌଣସି ଅଭିଯୁକ୍ତ ଗିରଫ ହୋଇ ନ ଥିବାବେଳେ ଆଇପିସି, ପୋକ୍ସୋ ଏବଂ ସୂଚନା ପ୍ରଯୁକ୍ତି ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି।

## ଜାତିସଂଘରେ ଗାନ୍ଧିଜୀଙ୍କ ହଲୋଗ୍ରାମ

**ଜାତିସଂଘ, ୧।୧୦**

**ଶିକ୍ଷା, ଅହିଂସାର ବାର୍ତ୍ତା ବାଣ୍ଟିଲା**



ଅହିଂସା ଓ ଶାନ୍ତିର ପ୍ରତୀକ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ ଅବସରରେ ଜାତିସଂଘରେ ଗାନ୍ଧିଜୀଙ୍କୁ ସ୍ୱତନ୍ତ୍ର ଭାବେ ଉପସ୍ଥାପନ କରାଯାଇଛି। ଅକ୍ଟୋବର ୨କୁ ସାରା ବିଶ୍ୱ ଅହିଂସା ଦିବସ ଭାବେ ପାଳନ କରୁଥିବାବେଳେ ଏହି ବୈଶ୍ୱିକ ସଙ୍ଗଠନର ମୁଖ୍ୟାଳୟରେ ପ୍ରୋଜେକ୍ଟରରେ ପ୍ରଥମ କରି ଗାନ୍ଧିଜୀଙ୍କ ହଲୋଗ୍ରାମ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଭଏସ୍ ଓଭର ମାଧ୍ୟମରେ ଭାରତକୁ ସ୍ୱାଧୀନତାର ସ୍ୱାଦ ଚଖାଇଥିବା ଗାନ୍ଧିଜୀଙ୍କ ଶିକ୍ଷା ଓ ଅହିଂସା ବାର୍ତ୍ତା ବଣ୍ଟାଯାଇଥିଲା।

ଜାତିସଂଘ ଏବଂ ୟୁନେସ୍କୋ ମହାତ୍ମା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ ଫର୍ ପିସ୍ ଆଣ୍ଡ୍ ସସ୍‌ଟେନେବଲ ଡେଭେଲପମେଣ୍ଟ (ଏମ୍‌ଜିଆଇପି) ପାଇଁ ଥିବା ଭାରତର ସ୍ଥାୟୀ ମିଶନ ଦ୍ୱାରା ଆୟୋଜିତ ଏକ ଆଲୋଚନାରେ ଏହି ହଲୋଗ୍ରାମ ପ୍ରଦର୍ଶିତ ହୋଇଥିଲା। ସାକ୍ଷରତା ଶିକ୍ଷାର ଅନ୍ତ କିମ୍ବା ଆରମ୍ଭ ନୁହେଁ। ଏହାର ମାନେ ଜଣେ ଶିଶୁ ଏବଂ ବ୍ୟକ୍ତିଙ୍କ ଶରୀର, ମନ ତଥା ଆତ୍ମାର ବିକାଶ ବୋଲି ଗାନ୍ଧିଜୀଙ୍କ ହଲୋଗ୍ରାମ ବାର୍ତ୍ତା ଦେଇଥିଲା। ଗାନ୍ଧିଜୀଙ୍କ ଜୀବନ ଓ ଆଦର୍ଶ ଏକ ଶାନ୍ତିପୂର୍ଣ୍ଣ ଏବଂ ସହନଶୀଳ ପୃଥିବୀ ପାଇଁ ବାଟ ଖୋଲିଥାଏ ବୋଲି ଜାତିସଂଘ ମୁଖ୍ୟ ଆଣ୍ଟୋନିଓ ଗୁଟେରସ୍ କହିଥିଲେ। ହେଲେ ଆମେ ସେହି ରାସ୍ତାରେ ନ ଯିବା ଦୁଃଖର କଥା। ଦୁନିଆ ଦିନକୁ ଦିନ ଅଧିକ ବିବାଦ ଓ ଜଳବାୟୁ ପରିବର୍ତ୍ତନର କରାଳ ରୂପ ଦେଖୁଛି। ବିଶ୍ୱ ସମୁଦାୟକୁ ଏକ ପରିବାର ଭାବେ ଏକାଠି ହୋଇ ଗାନ୍ଧିଜୀଙ୍କ ରାସ୍ତାରେ ଚାଲିବା ଉଚିତ ବୋଲି ସେ ପ୍ରକାଶ କରିଥିଲେ। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ରୁଚିରା କାମ୍ବୋଜ୍ ଏହି ଆଲୋଚନାରେ ଉପସ୍ଥିତ ଥିଲେ। ଏମ୍‌ଜିଆଇପି ନିର୍ଦ୍ଦେଶକ ଅନନ୍ତ ଦୁରାଇପ୍ପାଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା 'ମଣିଷର ବିକାଶରେ ଶିକ୍ଷା'। ୨୦୦୭ ଜୁନ୍‌ରେ ଜାତିସଂଘ ସାଧାରଣ ସଭାରେ ଅକ୍ଟୋବର ୨କୁ ଅନ୍ତର୍ଜାତୀୟ ଅହିଂସା ଦିବସ ଭାବେ ପାଳନ କରିବାକୁ ଏକ ପ୍ରସ୍ତାବ ପାରିତ ହୋଇଥିଲା। ଏହି ପ୍ରସ୍ତାବରେ ବାପୁଜୀଙ୍କ ଜନ୍ମଦିନରେ ଶିକ୍ଷା ତଥା ଜନସଚେତନତା ମାଧ୍ୟମରେ ସତ୍ୟ ତଥା ଅହିଂସା ବାର୍ତ୍ତା ସାରା ବିଶ୍ୱରେ ବିସ୍ତାର କରିବାକୁ କୁହାଯାଇଥିଲା।

## ଭାରତୀୟ କମ୍ପାନୀ ଉପରେ ଆମେରିକା କଟକଣା

**ନୂଆଦିଲ୍ଲୀ, ୧।୧୦**




**ଇରାନରୁ ଆଣୁଥିଲା ପେଟ୍ରୋଲିୟମ ଉତ୍ପାଦ**

ଇରାନରୁ ପେଟ୍ରୋକେମିକାଲ ଏବଂ ପେଟ୍ରୋଲିୟମ ଉତ୍ପାଦ କିଣୁଥିବା ଭାରତର ଏକ କମ୍ପାନୀ ଉପରେ ଆମେରିକା କଟକଣା ଲଗାଇଛି। ଇରାନୀୟ ଉତ୍ପାଦ କିଣି ତାହାକୁ ଦକ୍ଷିଣ ଓ ପୂର୍ବ ଏସିଆ ପଠାଉଥିବା ୮ କମ୍ପାନୀର ଅନ୍ତର୍ଜାତୀୟ ନେଟୱର୍କ ଉପରେ ଆମେରିକାର ଅର୍ଥ ବିଭାଗ ଏହି କଟକଣା ଜାରି କରିଛି। ଇରାନକୁ ନେଇ କୌଣସି ଭାରତୀୟ କମ୍ପାନୀ ଉପରେ ୱାଶିଂଟନ୍‌ର ଏପରି ପଦକ୍ଷେପ ପ୍ରଥମ ଘଟଣା। କଟକଣା ଲାଗିଥିବା ଏହି ଭାରତୀୟ କମ୍ପାନୀ ତିବାଲାଜୀ ପେଟ୍ରୋକେମ୍ ପ୍ରାଇଭେଟ ଲିମିଟେଡର କାର୍ଯ୍ୟାଳୟ ମୁମ୍ବାଇରେ ରହିଛି।

ଆମେରିକାର ବହୁ କଟକଣାର ଶିକାର ଇରାନର ଦଲାଲମାନେ ବାସ୍ତବରେ ଅନେକ ବୈଶ୍ୱିକ କମ୍ପାନୀଗୁଡ଼ିକୁ ପେଟ୍ରୋକେମିକାଲ ଓ ପେଟ୍ରୋଲିୟମ ଉତ୍ପାଦର ପରିବହନ ସହ ଆର୍ଥିକ କାରବାର କରିଥାନ୍ତି। ଆମେରିକାର କହିବା ଅନୁସାରେ, ତିବାଲାଜୀ ପେଟ୍ରୋକେମ୍ ଇରାନରୁ ଏହି ଉତ୍ପାଦ କିଣି ତାହାକୁ ଚାଇନା ପଠାଉଥିଲା। ଏଥିରେ ଇରାନରେ ଥିବା ହଂକଂର ଟ୍ରିଲିଆନ୍ସ ପେଟ୍ରୋକେମିକାଲ କୋ. ଲିଃ ନେଟୱର୍କର ଶାଖା କମ୍ପାନୀ ଦଲାଲ ଭୂମିକା ନିଭାଇଛି। ଟ୍ରିଲିଆନ୍ସ ଲକ୍ଷ ଲକ୍ଷ ଡଲାର ମୂଲ୍ୟର ପେଟ୍ରୋଲିୟମ ଉତ୍ପାଦ ଭାରତକୁ ମଧ୍ୟ ପଠାଇଥିବା ୱାଶିଂଟନ ଦାବି କରିଛି। ୨୦୧୯ରେ ଭାରତ ଇରାନରୁ ତୈଳ ଉତ୍ପାଦ ଆମଦାନୀ ନ କରିବାକୁ ନିଷ୍ପତ୍ତି ନେଇଥିଲା।

୨୦୧୫ରେ ଅମେରିକା ନେତୃତ୍ୱରେ ପାଶ୍ଚାତ୍ୟ ରାଷ୍ଟ୍ର ଇରାନ୍ ସହ ଜଏଣ୍ଟ କମ୍ପ୍ରେହେନ୍‌ଶିଭ୍ ପ୍ଲାନ୍ ଅଫ୍ ଆକ୍ସନ (ଜେସିପିଓଏ) ଆଣବିକ ଚୁକ୍ତି କରିଥିଲା। ଏଥିରେ ତେହରାନ୍ ଏହାର ନ୍ୟୁକ୍ଲିୟର ପ୍ରୋଗ୍ରାମରୁ ପଛକୁ ହଟିଥିଲା। ୨୦୧୮ରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହି ଚୁକ୍ତିରୁ ଓହରିବା ସହ ଇରାନ ଉପରେ ଭାରୀ କଟକଣା ଲଗାଇଥିଲେ।

## ସପ୍ତାହକରେ ଉତ୍ତର କୋରିଆର ୪ର୍ଥ କ୍ଷେପଣାସ୍ତ୍ର ପରୀକ୍ଷା

**ସିଓଲ,୧।୧୦**

ଉତ୍ତର କୋରିଆ ଶନିବାର ଦୁଇଟି ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରିଛି। ଚଳିତ ସପ୍ତାହରେ ଏହା ଉତ୍ତର କୋରିଆର ଚତୁର୍ଥ କ୍ଷେପଣାସ୍ତ୍ର ପରୀକ୍ଷା। ଏହାକୁ ପଡୋଶୀ ଦକ୍ଷିଣ କୋରିଆ ଦୃଢ଼ ନିନ୍ଦା କରିଛି। ଆଣବିକ ଅସ୍ତ୍ରରେ ଉତ୍ତର କୋରିଆର ମନୋନିବେଶ ନିଜ ଲୋକଙ୍କ ଯନ୍ତ୍ରଣା ବଢ଼ାଇ ଦେଇଥିବା ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ୍ ୟେଓଲ୍ କହିଛନ୍ତି। ଏଭଳି ଅସ୍ତ୍ର ବ୍ୟବହାରର ପରିଣତି ସମ୍ପର୍କରେ ସେ ପଡୋଶୀ ଦେଶକୁ ଚେତାଇ ଦେଇଛନ୍ତି। ଦକ୍ଷିଣ କୋରିଆ, ଆମେରିକା ସହ ଏହାର ମିତ୍ର ରାଷ୍ଟ୍ରଗୁଡ଼ିକ ଏହାର ଜବାବ ଦେବେ ବୋଲି ୟୁନ୍ କହିଛନ୍ତି। ଅଣୁଅସ୍ତ୍ର ପ୍ରତିଯୋଗିତାରୁ ନିବୃତ୍ତ ରହିବା ଲାଗି ଗତ ୩୦ ବର୍ଷ ହେଲା ଅନ୍ତର୍ଜାତୀୟ ଚାପ ସତ୍ତ୍ୱେ ଉତ୍ତର କୋରିଆ ଏଥିରୁ ନିବୃତ୍ତ ହେଉନାହିଁ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅକ୍ଟୋବର ୨/୨୦୨୨ | Bhubaneswar, Sunday, October 2/2022 | ପୃଷ୍ଠା-୧




## ରୋଡ୍ରିଗ୍ରେଜ୍ ପ୍ଲେୟର ଅଫ୍ ଦି ମ୍ୟାଚ

ଶ୍ରୀଲଙ୍କା ବିପକ୍ଷ ମହିଳା ଏସିଆ କପ୍ ଟି୨୦ କ୍ରିକେଟ ମ୍ୟାଚରେ ଭାରତର ଜେମିମା ରୋଡ୍ରିଗ୍ରେଜ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

୧୪

୧୦

## ହିନ୍ଦୀ ଶିଖୁଛନ୍ତି ସାମନ୍ଥା

ବଲିଉଡ୍‌ରେ କ୍ୟାରିୟର୍ ଗଢ଼ିବାକୁ ଚାହୁଁଥିବା ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ହିନ୍ଦୀ ଶିଖୁଛନ୍ତି।







ଶନିବାର ମହାଷଷ୍ଠୀ ଉପଲକ୍ଷେ କଟକ ରାଣୀହାଟ ପୂଜାମଣ୍ଡପରେ ସୁନା ମୁକୁଟରେ ପୂଜା ପାଉଥିବା ମା' ଦୁର୍ଗା ଏବଂ ଭୁବନେଶ୍ୱର ଓଲ୍ଡ ଷ୍ଟେଶନ ବଜାର ମଣ୍ଡପରେ ରୁପାମେଢ଼।

# ଡିଜିଟାଇଜେଶନ ହୋଇପାରୁନି ପାକ୍ସ

- ୨୦୨୨ ଗାନ୍ଧୀ ଜୟନ୍ତୀ ସୁଦ୍ଧା ଶେଷ କରିବାକୁ ଥିଲା ଲକ୍ଷ୍ୟ
- ରାଜ୍ୟରେ ୧୦%ରୁ କମ୍ କମ୍ପ୍ୟୁଟରୀକରଣ ହୋଇଛି

କଟକ ଅଫିସ, ୧।୧୦

କୃଷକଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଆଣିବା ଲକ୍ଷ୍ୟରେ କୋ-ଅପରେଟିଭ ସୋସାଇଟି କାର୍ଯ୍ୟକାରୀ ହେଉଛି। ରାଜ୍ୟରେ ମୋଟ୍ ୨୭୧୦ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ରହିଛି। ହେଲେ ବିଭିନ୍ନ ସମୟରେ ପାକ୍ସଗୁଡ଼ିକରେ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। କେଉଁଠି ଭୂତଚାଷୀଙ୍କ ନାଁରେ କୃଷିଋଣ ଉଠାଣ ହେଉଛି ତ, କେତେବେଳେ ଶିଳ୍ପପତି ମିଛ ଚାଷୀ ପରିଚୟପତ୍ର ଦେଇ କୃଷିଋଣ ଉଠାଇ ଲାଭବାନ୍ ହେଉଥିବା ଖବର ମିଳୁଛି। ତେଣୁ ଏହିସବୁ ଦୁର୍ନୀତିକୁ ରୋକିବା ସହ ପାକ୍ସଗୁଡ଼ିକର କାର୍ଯ୍ୟକୁ ସରଳୀକରଣ କରିବା ଲକ୍ଷ୍ୟରେ ସରକାର ୨୦୧୭ରେ କମ୍ପ୍ୟୁଟରୀକରଣ କରିବା ଆରମ୍ଭ କରିଛନ୍ତି। ଏପରି କି ୨୦୨୨ ଗାନ୍ଧୀ ଜୟନ୍ତୀ ସୁଦ୍ଧା ରାଜ୍ୟର ସମସ୍ତ ପାକ୍ସକୁ ଡିଜିଟାଇଜେଶନ କରିବାକୁ ଲକ୍ଷ୍ୟ ରହିଥିଲା। ହେଲେ ରାଜ୍ୟରେ ଏଯାବତ୍ ୧୦%ରୁ କମ୍ ପାକ୍ସ କମ୍ପ୍ୟୁଟରୀକରଣ କରାଯାଇଥିବା ଅନୁସନ୍ଧାନରୁ ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁସାରେ, ଅଧିକାଂଶ ପାକ୍ସରେ କୃଷକଙ୍କ ପରିବର୍ତ୍ତେ ରାଜନୈତିକ ନେତା ଓ କର୍ମୀମାନେ ସଦସ୍ୟ ରହୁଛନ୍ତି। ତେଣୁ ପ୍ରକୃତ ସତ୍ୟ ଲୋକଲୋଚନକୁ ଆସିବା ଭୟରେ ସମବାୟ ସମିତିଗୁଡ଼ିକୁ କମ୍ପ୍ୟୁଟରୀକରଣ କରାଯାଇପାରୁ ନ ଥିବା ସାଧାରଣରେ ଆଲୋଚନା ହେଉଛି। ଏବେ ସମସ୍ତ ସିଡ୍ୟୁଲ ବ୍ୟାଙ୍କ ଓ ଅଣସିଡ୍ୟୁଲ ବ୍ୟାଙ୍କଗୁଡ଼ିକ କମ୍ପ୍ୟୁଟରୀକରଣ ହୋଇଥିବାରୁ ହିତାଧିକାରୀମାନେ ସମସ୍ତ ସୁବିଧା ପାଇପାରୁଛନ୍ତି। ହେଲେ ପ୍ୟାକ୍ସଗୁଡିକ କମ୍ପ୍ୟୁଟରୀକରଣ ହୋଇ ନ ପାରିବାରୁ କୃଷକମାନେ କେବଳ ନିଜ ଅଞ୍ଚଳର ସମବାୟ ବ୍ୟାଙ୍କରୁ ଟଙ୍କା ଉଠାଣ ବ୍ୟତୀତ ଅନ୍ୟ ଅଞ୍ଚଳରେ ଦରକାରବେଳେ ସମ୍ପୃକ୍ତ ବ୍ୟାଙ୍କରୁ ଟଙ୍କା ଉଠାଣର ସୁଯୋଗ ପାଇପାରୁ ନାହାନ୍ତି। ରାଜ୍ୟର ସମସ୍ତ ୨୭୧୦ କାର୍ଯ୍ୟକ୍ଷମ ପାକ୍ସକୁ ଚଳିତ ବର୍ଷ ଗାନ୍ଧୀ ଜୟନ୍ତୀ ସୁଦ୍ଧା କମ୍ପ୍ୟୁଟରୀକରଣ କରିବାକୁ ସରକାର ଲକ୍ଷ୍ୟ ରଖିଥିଲେ। ହେଲେ ଏପର୍ଯ୍ୟନ୍ତ ୨୦ ପ୍ରତିଶତ ପାକ୍ସରେ ମଧ୍ୟ କମ୍ପ୍ୟୁଟର ସଂଯୋଗୀକରଣ କାର୍ଯ୍ୟାରମ୍ଭ ହୋଇପାରି ନ ଥିବା ବିଶେଷ ସୂତ୍ରରୁ ଜାଣିବାକୁ ମିଳିଛି। ଅବିଭକ୍ତ କଟକ ଜିଲାରେ ୪୬୮ ପାକ୍ସ ରହିଥିବାବେଳେ ସେଥିରୁ ଯୋଜନା ଆରମ୍ଭର ☞ପୃଷ୍ଠା-୨




# ୫ଜି ଯୁଗ ଆରମ୍ଭ

### ଦେଶର ୮ ସହରରେ ସେବା ଉପଲବ୍ଧ

ନୂଆଦିଲ୍ଲୀ,୧।୧୦(ପି.ଟି.)

ଭାରତରେ ୫ଜି ଯୁଗ ଆରମ୍ଭ ହୋଇଛି। ଏଣିକି ମୋବାଇଲ ଫୋନ୍‌ରେ ଅଲ୍‌ଟ୍ରା ହାଇସ୍ପିଡ୍ ଇଣ୍ଟରନେଟ୍ ସେବା ଉପଲବ୍ଧ ହୋଇପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ପଞ୍ଚମ ପିଢ଼ି ବା ୫ଜି ମୋବାଇଲ ସେବାର ଶୁଭାରମ୍ଭ କରିବା ଅବସରରେ ଏକ ନୂଆ ଯୁଗର ଆରମ୍ଭ ହେଲା ଯାହା ଅସୀମ ସୁଯୋଗ ପ୍ରଦାନ କରିବ ବୋଲି କହିଛନ୍ତି।

୫ଜି ସେବାର ଶୁଭାରମ୍ଭ ସହ ଭାରତୀ ଏୟାରଟେଲ୍ ଦିଲ୍ଲୀ, ମୁମ୍ବାଇ, ବାରାଣସୀ, ବେଙ୍ଗାଲୁରୁ ସମେତ ୮ ସହରରେ ଏହି ସେବା ଆରମ୍ଭ କରିଛି। ୨୦୨୪ ମାର୍ଚ୍ଚ ସୁଦ୍ଧା ସାରା ଦେଶରେ ଏହି ସେବା ଉପଲବ୍ଧ କରାଇବାର ପ୍ରତିଶ୍ରୁତି ଦେଇଛି। ସେହିପରି ଦେଶର ନଂ.୧ ଟେଲିକମ୍ ଅପରେଟର ଚଳିତ ମାସରେ ୪ଟି ମେଟ୍ରୋ ସହରରେ ଏହି ସେବା ଉପଲବ୍ଧ କରାଇବାକୁ ଯାଉଥିବାବେଳେ ଆସନ୍ତା ବର୍ଷ ଶେଷ ସୁଦ୍ଧା ସାରା ଦେଶରେ ☞ପୃଷ୍ଠା-୨

# ଦାରିଦ୍ର୍ୟ ଦୂରକରିବ ରୋବୋ

### ୩ ବର୍ଷରେ ଲୋକଙ୍କ ପାଖରେ ପହଞ୍ଚିବ ମସ୍କଙ୍କ ଅପ୍ଟିମସ୍

ୱାଶିଂଟନ୍, ୧।୧୦

ବିଶ୍ୱର ସବୁଠୁ ଧନୀ ଏଲନ ମସ୍କଙ୍କ ବୈଦ୍ୟୁତିକ୍ କାର ନିର୍ମାଣକାରୀ କମ୍ପାନୀ ଟେସ୍‌ଲା ଏହାର ବାର୍ଷିକ ଏଆଇ ଦିବସ ପାଳନ ଅବସରରେ ଏକ ହ୍ୟୁମ୍ୟାନଏଡ୍ ରୋବୋ ଅପ୍ଟିମସ୍‌ର ପ୍ରଦର୍ଶନ କରାଇଛି। ଅବିକଳ ମଣିଷ ଭଳି ଏହି ରୋବୋ କାମ କରିପାରିବ। ଏପରିକି ଭବିଷ୍ୟତରେ ଏହା ଦାରିଦ୍ର୍ୟ ଦୂର କରିପାରିବ ବୋଲି ମସ୍କ କହିଛନ୍ତି। ଖୁବଶୀଘ୍ର ଏହାକୁ ମନୁଷ୍ୟ ବ୍ୟବହାର ନିମନ୍ତେ ପୂର୍ଣ୍ଣ ପ୍ରସ୍ତୁତ କରାଯିବ। ସାଧାରଣ କାର୍‌ଠାରୁ ଏହାର ମୂଲ୍ୟ କମ୍ ରହିବ। ଉତ୍ପାଦନ ବଢ଼ିଲେ ଧୀରେ ଧୀରେ ମୂଲ୍ୟ ହ୍ରାସ ପାଇ ଏହା ସମସ୍ତଙ୍କ ନିକଟରେ ପହଞ୍ଚିପାରିବ। ଲୋକେ ନିଜ ପ୍ରିୟଜନଙ୍କୁ ☞ପୃଷ୍ଠା-୨








ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ୫-ଜି ସେବାର ଶୁଭାରମ୍ଭ କରୁଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ୍‌ରେ ଯୋଗଦେଇ ଅଭିନନ୍ଦନ ଜଣାଉଛନ୍ତି।

# ରାଷ୍ଟ୍ରପତିଙ୍କ ଗାଁରେ ୫-ଜି

**ବାରିପଦା ଅଫିସ, ୧।୧୦**

ରାଜ୍ୟର ପ୍ରଥମ ୫-ଜି ସେବା ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗାଁ ମୟୂରଭଞ୍ଜ ଜିଲା କୁସୁମୀ ବ୍ଲକ ପାହାଡ଼ପୁରସ୍ଥିତ ଏସ୍‌ଏଲ୍‌ଏସ୍ ସ୍ମାରକୀ ଆବାସିକ ବିଦ୍ୟାଳୟରୁ ଶନିବାର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମାଧ୍ୟମରେ ଦିଲ୍ଲୀସ୍ଥିତ ପ୍ରଗତି ମଇଦାନରୁ ଉଦ୍‌ଘାଟନ କରିଛନ୍ତି।

ମୟୂରଭଞ୍ଜ ମାଟିର ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେବା ପରେ ଜିଲାର ଚିତ୍ର ଧୀରେ ଧୀରେ ବଦଳିବାରେ ଲାଗିଛି। ଦେଶରେ ୫-ଜି ସେବା ଆରମ୍ଭ ହୋଇଥିବା ବେଳେ ଦୁର୍ଗମ ଅଞ୍ଚଳ ପାହାଡ଼ପୁର ଗ୍ରାମରୁ ଏହି ସେବାକୁ ଡେମୋନଷ୍ଟ୍ରେଶନ (ପ୍ରଦର୍ଶିତ) କରାଯାଇଛି। ଶିକ୍ଷାକ୍ଷେତ୍ରରେ ଏହି ସେବା ଉପଲବ୍ଧକୁ ଦେଖି ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ଶ୍ରେଣୀକକ୍ଷରେ ବସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକ୍ରମକୁ ସେମାନେ ବେଶ୍ ଉପଭୋଗ କରିଛନ୍ତି। ଏହି ସେବା ଦ୍ୱାରା ଫାଷ୍ଟ ଡିଜିଟାଲ ସେବା ଲୋକଙ୍କୁ ମିଳିପାରିବ। ଖୁବ୍‌ଶୀଘ୍ର ଫାଇଲ ଡାଉନ୍‌ଲୋଡ ଏବଂ ଅପ୍‌ଲୋଡ୍ ହେବା ସହିତ କମ୍ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦିତ ହେବ। ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସଫଳ କରିବା ପାଇଁ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଭାରତ ସରକାରଙ୍କ ତରଫରୁ ଟେଲିକମ ବିଭାଗର ଡେପୁଟି ଡାଇରେକ୍ଟର ଜେନେରାଲ ବିଜୟ କୁମାର ନାୟକ, ରିଲାଏନ୍ସ ଜିଓର ରାଜ୍ୟ ମୁଖ୍ୟ ପ୍ରଦୀପ ରାଉତ, ଯଶୀପୁର ବିଧାୟକ ଗଣେଶରାମ ସିଂ ଖୁଣ୍ଟିଆ, ରାଇରଙ୍ଗପୁର ବିଧାୟକ ନବଚରଣ ମାଝି, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜନ୍ମେଜୟ ଗିରି ପ୍ରମୁଖ ଛାତ୍ରୀଛାତ୍ରଙ୍କ ସହିତ ମିଶି ଏହି ଐତିହାସିକ ମୁହୂର୍ତ୍ତକୁ ଉପଭୋଗ କରିଛନ୍ତି। ଏହି ଅବସରରେ ଜିଓ ୨-୫ଜି ସେବା ଦ୍ୱାରା ପରିଚାଳିତ ଶିକ୍ଷା ସମ୍ବନ୍ଧୀୟ ଏକ ସ୍ୱତନ୍ତ୍ର ଲାଇଭ ପ୍ରଦର୍ଶନରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ତେବେ ଏହି ସେବାପ୍ରାପ୍ତ ହେବାରେ ଓଡ଼ିଶାର ପ୍ରଥମ ସ୍କୁଲ ଭାବେ ଏସ୍‌ଏଲ୍‌ଏସ୍ ବିଦ୍ୟାଳୟ ହାଇ ସ୍ପିଡ ୫-ଜି ପ୍ରଯୁକ୍ତିର ରୂପାନ୍ତରଣ ଅନୁଭୂତି ହାସଲ କରିଛି। ଏହାସହିତ ଶିକ୍ଷା କ୍ଷେତ୍ରରେ ସଫଳ ଲାଇଭ ୫-ଜି ପ୍ରୟୋଗର ପ୍ରଦର୍ଶନରେ ଅଂଶଗ୍ରହଣ କରି ଇତିହାସ ସୃଷ୍ଟି କରିଛି। ଏହି ସେବା ଜରିଆରେ ମୁମ୍ବାଇର ଧୀରୁଭାଇ ଅମ୍ବାନୀଙ୍କ ଇଣ୍ଟରନ୍ୟାଶନାଲ ସ୍କୁଲ ଦ୍ୱାରା ପରିଚାଳିତ ହେଉଥିବା ଏକ ଲାଇଭ ପାଠପଢ଼ା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଭାଜପା କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ରହି ସିଧାସଳଖ ଲାଇଭ କାର୍ଯ୍ୟକ୍ରମ ଦେଖିଛନ୍ତି।


୫-ଜି ସେବା ଲୋକାର୍ପଣ ଉତ୍ସବକୁ ଛାତ୍ରୀଛାତ୍ର ଓ ଅତିଥିମାନେ ଲାଇଭ ଦେଖୁଛନ୍ତି।










ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨ ଅକ୍ଟୋବର, ୨୦୨୨



> ବର୍ତ୍ତମାନ ସେହି ନିର୍ଦ୍ଧାରିତ ସମୟ ଆସିଯାଇଛି। ଏତିକି ବେଳେ ହିଁ ଆମ ସମସ୍ତଙ୍କୁ ଚୂଡ଼ାନ୍ତ ଓ ନିଶ୍ଚିତ ସିଦ୍ଧାନ୍ତ ନେବାକୁ ପଡିବ। ପ୍ରଭୁ ! ମିଥ୍ୟାକୁ ଜୟକରିବା ଲାଗି ଆମକୁ ଶକ୍ତି ଦିଅ ଏବଂ ଆମେ ଯେପରି ତୁମରି ସତ୍ୟ ଓ ପବିତ୍ରତାକୁ ସଂପୂର୍ଣ୍ଣ ଭାବେ ଆଦରି ନେଉ ଏବଂ ତୁମର ବିଜୟ ସକାଶେ ଉପଯୁକ୍ତ ହେଉ। —ଶ୍ରୀମା

# ବୋଲରଙ୍କୁ ଅଣଦେଖା



**ଆକାର ପଟେଲ**

ଲର୍ଡ୍ସରେ ଭାରତୀୟ ମହିଳା କ୍ରିକେଟ ଟିମ୍ ଇଂଲଣ୍ଡ ଟିମ୍‌କୁ ପରାସ୍ତକରି ବିଜୟୀ ହୋଇଥିଲା। ଭାରତର ଏହି ବିଜୟକୁ ନେଇ ବ୍ରିଟିଶ ମିଡିଆ ଏବଂ କ୍ରିକେଟରମାନେ ଲଗାତର ଚର୍ଚ୍ଚା ଜାରି ରଖିଛନ୍ତି। ଦୀପ୍ତି ଶର୍ମା ବୋଲିଂ କରୁଥିବା ସମୟରେ ନନ୍‌ଷ୍ଟ୍ରାଇକର ପଟେ ଇଂଲଣ୍ଡ ବ୍ୟାଟର କ୍ରିଜ୍ ଛାଡ଼ି ଦେଇଥିବା ସମୟରେ ଦୀପ୍ତି ତାଙ୍କୁ ରନ୍ ଆଉଟ କରିଥିଲେ। ଏହି ରନ୍‌ଆଉଟକୁ ନେଇ ବାଦ ବିବାଦ ଉଠିଛି। କିନ୍ତୁ ଏ କ୍ଷେତ୍ରରେ ନିୟମ ସମ୍ପୂର୍ଣ୍ଣ ସ୍ପଷ୍ଟ। ବାସ୍ତବରେ ୨୦୧୭ରେ ଏହି ନିୟମ ବୋଲର ଆର୍. ଅଶ୍ୱିନୀଙ୍କ ସପକ୍ଷରେ ସ୍ପଷ୍ଟ ହୋଇଥିଲା। ପୂର୍ବ ଏମ୍‌ସିସି ନିୟମରେ ବଲ୍ ଡେଲିଭରି କରିବା ପୂର୍ବରୁ ନନ୍ ଷ୍ଟ୍ରାଇକର ପଟେ ବ୍ୟାଟରଙ୍କୁ ରନ୍ ଆଉଟ କରିବା ଲାଗି ବୋଲରଙ୍କୁ ଅନୁମତି ଦିଆଯାଇଥିଲା। ଏବେ ସବୁ ସ୍ତରୀୟ କ୍ରିକେଟରେ ନନ୍ ଷ୍ଟ୍ରାଇକରଙ୍କୁ ରନ୍ ଆଉଟ କରାଯାଇପାରିବ। ବଲ୍ ଡେଲିଭରି କରିବାର ଶେଷ କ୍ଷଣରେ ବି ଏହା କରାଯାଇପାରିବ। କିନ୍ତୁ ଏହି ନିୟମାନୁସାରେ ଦୀପ୍ତି ଶର୍ମା ନନ୍ ଷ୍ଟ୍ରାଇକରଙ୍କୁ ରନ୍ ଆଉଟ କରିବା ଯୋଗୁ ତାଙ୍କୁ ନିନ୍ଦା କରାଗଲା। ଇଂଲଣ୍ଡ ବିଚାରରେ ଦୀପ୍ତି ତାଙ୍କ ପତିପକ୍ଷକୁ ରନ୍ ଆଉଟ କରିବା ପୂର୍ବରୁ ତାଙ୍କୁ ଚେତାବନୀ ଦେବା ଉଚିତ ଥିଲା। ବଲ୍ ଡେଲିଭରି ପୂର୍ବରୁ ଯଦି ବ୍ୟାଟର ରନ ନେବାକୁ କ୍ରିଜ୍ ବାହାକୁ ଯିବା ଲାଗି ଯୋଜନା କରି ସେମାନେ ବୋଲର କିମ୍ବା କିପରଙ୍କୁ ସୂଚନା ଦେବାକୁ ଏକ ଦାୟିତ୍ୱ ବୋଲି ମନେ କରୁନାହାନ୍ତି। ଯଦି ସେମାନେ ଏହା କରୁନାହାନ୍ତି,ତେବେ ବ୍ୟାଟରମାନଙ୍କୁ ଚେତାବନୀ ଦେବା ଏକ ଦାୟିତ୍ୱ ବୋଲି ବୋଲରମାନେ କାହିଁକି ବିଚାର କରିବେ ? ବୋଲରକୁ ଅଣଦେଖା କରିବା ଏବଂ ପ୍ରତିରୋଧ କରିବାକୁ ନିୟମଗୁଡ଼ିକ ଲେଖାଯାଇଛି କିମ୍ବା ପୁନଃ ଲେଖନ କରାଯାଇଛି। କ୍ରିକେଟ ଏକ ବ୍ୟାଟ୍ସମ୍ୟାନ ଖେଳ ବୋଲି ବହୁ ସମୟରେ ଆମକୁ କୁହାଯାଏ। କିନ୍ତୁ ଆଇସିସି ବୋଲରମାନଙ୍କ ଜୀବନକୁ କଠିନ କରିଛି। ବୋଲର ଏକ ଏଲ୍‌ବିଡବ୍ଲ୍ୟୁ ଦାବି କରିପାରିବେ, କିନ୍ତୁ ବଲ୍‌ଟି ଯଦି ଲେଗ୍‌ଷ୍ଟମ୍ପ ବାହାରେ ପିଚ୍ ଖାଇଥାଏ କିମ୍ବା ଅଫ୍‌ଷ୍ଟମ୍ପ ବାହାରେ ତା ଦେହରେ ବାଜିଥାଏ ତେବେ ୧୯୭୦ ଦଶନ୍ଧିରେ ଅଣାଯାଇଥିବା ନିୟମ ବ୍ୟାଟ୍ସମ୍ୟାନକୁ ରକ୍ଷା କରିବ। ଫାଷ୍ଟ ବୋଲରଙ୍କ ପାଇଁ ଫ୍ରଣ୍ଟ୍‌ଫୁଟ୍ ରୁଲ୍‌କୁ ମଧ୍ୟ ୧୯୬୦ ଦଶନ୍ଧିରେ ପରିବର୍ତ୍ତନ କରାଗଲା। ନିକଟରେ ବାଉନ୍ସର ଉପରେ କଟକଣା ଲଗାଯାଇଛି। ପ୍ରଥମ ବାଉନ୍ସର ପରେ ବୋଲରଙ୍କୁ ଚେତାବନୀ ଦିଆଯାଇଥାଏ। ପଡ଼ିଆରେ ୩୦ ଗଜ ସର୍କଲ ଓ ପାୱାର ପ୍ଲେ, ଲେଗ୍‌ସାଇଡ କଟକଣା ବୋଲରଙ୍କ ଉପରେ ହିଁ ଲଦିଦିଆଯାଇଛି। ଦିନିକିଆ ଅନ୍ତର୍ଜାତୀୟରେ କ୍ରିଜ୍‌ର ଦୁଇ ପାଖରୁ ବୋଲିଂ ପାଇଁ ଦୁଇଟି ବଲ୍ ରଖାଯାଏ। ବୋଲର ଶୀଘ୍ର ବୋଲିଂ କରିବା ଲାଗି ଏହା କରାଯାଇଥାଏ ଯାହାଦ୍ୱାରା ସେମାନଙ୍କୁ କଠିନତାର ସାମ୍ନା କରିବାକୁ ହୋଇଥାଏ। ବ୍ୟାଟରମାନେ ସବୁବେଳେ ପୁରସ୍କୃତ ବା ଲାଭାନ୍ୱିତ ହେଉଥିବାବେଳେ ଫ୍ରି ହିଟ୍, ଫାଷ୍ଟ ଫର୍ ଫ୍ରଣ୍ଟଫୁଟ ନୋ ବଲ୍ ଏବଂ ୨୦୧୫ ପରେ ସବୁ ପ୍ରକାର ନୋ ବଲ୍ ଆଦି ନୂଆ ନିୟମଗୁଡ଼ିକ ଦ୍ୱାରା ବୋଲରମାନେ କ୍ଷତି ସହୁଛନ୍ତି। ନୋ ବଲ୍ ଓ ୱାଇଡ ବଲରେ ବୋଲରମାନେ ଭୁଲ୍ କଲେ ତତ୍‌କ୍ଷଣାତ ଦଣ୍ଡିତ ହେଉଥିବାବେଳେ କ୍ରିଜ୍‌ରେ ଦୌଡିବାକୁ ନେଇ ବ୍ୟାଟରଙ୍କୁ ଦୁଇଥର ବିନା ଦଣ୍ଡାତ୍ମକ ଚେତାବନୀ ଦିଆଯାଉଛି। ବ୍ୟାଟର ଆଘାତ ପ୍ରାପ୍ତ ହେଲେ ସଙ୍ଗେ ସଙ୍ଗେ ଫେରି ଆସିପାରିବେ, କିନ୍ତୁ ବୋଲରମାନେ ତାହା କରିପାରିବେ ନାହିଁ। ଦିନିକିଆ ଅନ୍ତର୍ଜତୀୟ ଏବଂ ଟି୨୦ ମ୍ୟାଚରେ ବୋଲରମାନେ ନିର୍ଦ୍ଧାରିତ ସଂଖ୍ୟକ ଓଭର ବୋଲିଂ କରିବେ, କିନ୍ତୁ ଜଣେ ବ୍ୟାଟର କେତେ ଓଭର ବ୍ୟାଟିଂ କରିପାରିବେ ତାହାର କୌଣସି ସୀମା ନହିଁ।

କ୍ରିକେଟରେ ପ୍ରତ୍ୟେକଟି ନୂତନତ୍ୱ ବିଶେଷକରି ବୋଲରମାନଙ୍କୁ ଅଣଦେଖା ଲାଗି ଉଦ୍ଦିଷ୍ଟ। ଡିସିସନ ରିଭ୍ୟୁ ସିଷ୍ଟମ(ଡିଆର୍‌ଏସ୍) ବ୍ୟବସ୍ଥା ବୋଲରଙ୍କ ସପକ୍ଷରେ ଥିବା କୁହାଯାଉଥିଲେ ବି ତାହା ଠିକ୍ ନୁହେଁ। ଉକ୍ତ ବ୍ୟବସ୍ଥାର ପ୍ରୋଟୋକଲ ବୋଲିଂ ପରିବର୍ତ୍ତେ ବ୍ୟାଟିଂ ସପକ୍ଷରେ ରହିଛି। ରିଭ୍ୟୁ ଲାଗି ବ୍ୟାଟରଙ୍କର ସ୍ୱାଧୀନତା ରହିଛି, ହେଲେ ବୋଲରଙ୍କୁ ତାଙ୍କ କ୍ୟାପଟେନଙ୍କୁ ଅପିଲ କରିବାକୁ ପଡେ। ସୁଇଚ୍ ହିଟ୍, ରିଭର୍ସ ହିଟ୍ ଆଦି ସବୁ ପ୍ରକାର ବ୍ୟାଟିଂ କୌଶଳ ଗ୍ରହଣୀୟ। କିନ୍ତୁ ବୋଲିଂ କୌଶଳକୁ ଅନେକ ସମୟରେ ଚିଟିଂ ଭାବେ ଦେଖାଯାଏ। ବ୍ୟାଟ୍ ଓ ବ୍ୟାଟିଂର ସ୍ଥିତି ବିଷୟରେ ଟେକ୍‌ନୋଲୋଜିକୁ ଅନିୟନ୍ତ୍ରିତ ଭାବେ ଅନୁମତି ଦିଆଯାଇଛି। କ୍ରିକେଟ ବଲ ଏକ ଶତାବ୍ଦୀ ଧରି ସେମିତି ରହିଛି।

ଏହିସବୁ ନିୟମ ଓ ଟେକ୍‌ନିକ ବୋଲିଂକୁ କ୍ଷତି କରିନାହିଁ ବୋଲି ଆମେ ଭାବିବା ଉଚିତ ନୁହେଁ। ହାରୋଲ୍ଡ ଲର୍‌ଉଡଙ୍କ ଠାରୁ ଆରମ୍ଭ କରି ଦଳିତ କ୍ରିକେଟର ବାଲୁ ପଲୱାଙ୍କରଙ୍କ ଯାଏ,ବୋଲିଂକୁ ନିମ୍ନ ଦୃଷ୍ଟିରେ ଦେଖାଯାଇଆସିଛି। ଆମ ଦେଶରେ ବୋଲର ଓ ବୋଲିଂକୁ କଠିନ ସ୍ଥିତିର ସାମ୍ନା କରିବାକୁ ପଡୁଛି। ବିଶ୍ୱରେ ଏକ ଲମ୍ବା ସମୟ ଧରି ବୋଲରମାନଙ୍କୁ ନିମ୍ନ ଦୃଷ୍ଟିରେ ଦେଖିବାର ରେକର୍ଡ ରହିଛି, ଯାହା ତଥ୍ୟରୁ ସ୍ପଷ୍ଟ ହୁଏ। ଭାରତୀୟ ଟିମ୍‌କୁ ଦେଖନ୍ତୁ। ଆମ ବ୍ୟାଟିଂ (ଗାଭାସ୍କର, ସେହ୍ୱାଗ, କୋହଲି, ତେନ୍ଦୁଲକର ଓ ଦ୍ରାଭିଡ)ବିଶ୍ୱସ୍ତରୀୟ କିନ୍ତୁ ବୋଲିଂ ଉତ୍ସାହପ୍ରଦ ନୁହେଁ। କପିଳ ଦେବ, କୁମ୍ବଲେ, ହରଭଜନ ଏବଂ ଅଶ୍ୱିନୀ ଆମର ସବୁଠୁ ଅଧିକ ଉଇକେଟ ନେଇଛନ୍ତି ଓ ପ୍ରଥମ ତିନିଜଣଙ୍କର ଉଇକେଟ ପିଛା ହାରାହାରି ରନ୍ ହେଉଛି ୩୦। କିନ୍ତୁ ଅଷ୍ଟ୍ରେଲିଆ କିମ୍ବା ୱେଷ୍ଟଇଣ୍ଡିଜ ଅବା ପାକିସ୍ତାନ ଭଳି ସମାନ ଗୋଷ୍ଠୀରେ ଏମାନେ ନାହାନ୍ତି। ସର୍ବକାଳୀନ ଶ୍ରେଷ୍ଠ ଟେଷ୍ଟ ବୋଲିଂ ଆଭରେଜ ତାଲିକାର ଉପରୁ ତଳ ଆଡକୁ ଆସିଲେ ଯଶପ୍ରୀତ ବୁମରା ୩୫ ଓ ଆର୍. ଅଶ୍ୱିନୀ ୭୨ ର୍‍ୟାଙ୍କ୍‌ରେ ରହିଛନ୍ତି।

Email:aakar.patel@gmail.com

# ମହାମହିମ ରାଜ୍ୟପାଳ



**ଜନାର୍ଦ୍ଦନ ପତି**

ଆମ ଦେଶର ସମ୍ବିଧାନର ଧାରା ୧୫୩ରେ ଲେଖାଯାଇଛି ଯେ, ପ୍ରତ୍ୟେକ ରାଜ୍ୟ ପାଇଁ ଜଣେ ରାଜ୍ୟପାଳ ରହିବେ। ମାତ୍ର ଏହି ଧାରାରେ ଜଣେ ବ୍ୟକ୍ତିକୁ ଦୁଇ ବା ତତୋଽଧିକ ରାଜ୍ୟର ରାଜ୍ୟପାଳ ଭାବେ ନିଯୁକ୍ତି କରିବାରେ କୌଣସି ବାଧା ବା ପ୍ରତିବନ୍ଧକ ରହିନାହିଁ। ପୁଣି ଧାରା ୧୫୭ରେ ଲେଖାଯାଇଛି, ଜଣେ ରାଜ୍ୟପାଳ ହେବା ପାଇଁ ଯୋଗ୍ୟତା ହେଉଛି ସେ ଜଣେ ଭାରତର ନାଗରିକ ହୋଇଥିବେ ଓ ତାଙ୍କ ବୟସ ପଞ୍ଚତିରିଶ ବର୍ଷରୁ ଅଧିକ ହୋଇଥିବ। ବାସ୍, ଏତିକି ଯୋଗ୍ୟତା ଥିଲେ ଜଣେ ମହାମହିମ ରାଜ୍ୟପାଳ ପଦବୀ ମଣ୍ଡନ କରିପାରିବେ। ଦେଶ ସ୍ୱାଧୀନ ହେବା ପରେ ବିଭିନ୍ନ ରାଜ୍ୟରେ ରାଜ୍ୟପାଳମାନେ ନିଯୁକ୍ତି ପାଇଥିଲେ। ରାଜ୍ୟପାଳମାନଙ୍କୁ ସମ୍ବିଧାନରେ ଅନେକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ଦାୟିତ୍ୱ ଓ ଅଧିକାର ଦିଆଯାଇଥିଲେ ହେଁ ସେମାନେ ସର୍ବଦା କେନ୍ଦ୍ର ସରକାରଙ୍କ ଏଜେଣ୍ଟ ଭାବେ କାର୍ଯ୍ୟ କରିଥାଆନ୍ତି। କାରଣ, ସେମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ହିଁ ନିଯୁକ୍ତି ପାଇଥା'ନ୍ତି ଓ କେନ୍ଦ୍ର ସରକାର ଯେତେବେଳେ ଚାହିଁବେ, ସେତେବେଳେ ରାଜ୍ୟପାଳମାନଙ୍କୁ ଅନ୍ତର କରିପାରିବେ।

ରାଜ୍ୟପାଳମାନେ ନିର୍ବାଚିତ ବ୍ୟକ୍ତି ନୁହନ୍ତି କି ରାଜ୍ୟପାଳ ପଦବୀ ଏକ ନିର୍ବାଚିତ ପଦବୀ ନୁହେଁ। କେନ୍ଦ୍ର ସରକାର ଯାହାକୁ ଇଚ୍ଛା କରନ୍ତି, ତାଙ୍କୁ ରାଜ୍ୟପାଳ ପଦବୀରେ ବସାଇଥାଆନ୍ତି। ମାତ୍ର ଭାରତର ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ହୋଇଥାଏ। ପାର୍ଲାମେଣ୍ଟ ସଦସ୍ୟ ଓ ବିଧାନସଭା ସଦସ୍ୟମାନେ ରାଷ୍ଟ୍ରପତିଙ୍କୁ ନିର୍ବାଚିତ କରିଥାଆନ୍ତି। ମାତ୍ର ଆମ ଦେଶର ସମ୍ବିଧାନରେ ଲେଖା ହୋଇନାହିଁ ଯେ, ରାଷ୍ଟ୍ରପତି କେନ୍ଦ୍ର ସରକାରକୁ ଭାଙ୍ଗି ଦେଇପାରିବେ ବା ରାଷ୍ଟ୍ରପତି ଶାସନ ବ୍ୟବସ୍ଥା କାଏମ କରିପାରିବେ। ମାତ୍ର ରାଜ୍ୟପାଳ ପଦବୀ, ନିର୍ବାଚିତ ନ ହୋଇ ମଧ୍ୟ ସେମାନେ ଏକ ନିର୍ବାଚିତ ରାଜ୍ୟ ସରକାରକୁ ଭାଙ୍ଗି ଦେଇ ରାଷ୍ଟ୍ରପତି ଶାସନ ଆଳରେ ନିଜେ ଶାସନ କରିପାରିବେ। ଏଭଳି କ୍ଷମତା ତାଙ୍କୁ ସମ୍ବିଧାନରେ ଅର୍ପଣ କରାଯାଇଛି।

ଏହି ପଟଭୂମିରେ ରାଜ୍ୟପାଳମାନଙ୍କ କାର୍ଯ୍ୟକଳାପର ପର୍ଯ୍ୟାଲୋଚନା ଖୁବ୍ ଜରୁରୀ। ସ୍ୱାଧୀନତା ପ୍ରାପ୍ତି ପରେ ପ୍ରଥମେ ୧୯୫୩ ରେ ପତିଆଲା ଓ ପୂର୍ବ ପଞ୍ଜାବର ମୁଖ୍ୟମନ୍ତ୍ରୀ ଜି.ଏସ୍. ରାରେୱାଲାଙ୍କୁ ସମ୍ବିଧାନର ୩୫୬ ଧାରା ପ୍ରୟୋଗ କରାଯାଇ କ୍ଷମତାଚ୍ୟୁତ କରାଯାଇଥିଲା। ତା'ପରେ ୧୯୫୯ରେ କେରଳର କମ୍ୟୁନିଷ୍ଟ ସରକାରଙ୍କୁ ୩୫୬ ଧାରା ପ୍ରୟୋଗ କରି ଭାଙ୍ଗି ଦିଆଯାଇ ରାଷ୍ଟ୍ରପତି ଶାସନକୁ ଲଦି ଦିଆଯାଇଥିଲା। ସେତେବେଳେ କେରଳର ମୁଖ୍ୟମନ୍ତ୍ରୀ ଥିଲେ ଇ.ଏମ୍.ଏସ୍. ନମ୍ବୁଦ୍ରିପଦ। କଂଗ୍ରେସ ଦଳ କେନ୍ଦ୍ର କ୍ଷମତାରେ ଥିବା ସମୟରେ ୯୩ଥର ୩୫୬ ଧାରା ପ୍ରୟୋଗ କରି ରାଜ୍ୟପାଳମାନଙ୍କ ଜରିଆରେ ରାଷ୍ଟ୍ରପତି ଶାସନ ଆଳରେ କେନ୍ଦ୍ର ନିଜର ଶାସନ ପ୍ରତିଷ୍ଠା କରିଥିଲା। ଗୋଆ, ହରିୟାଣା, ଓଡ଼ିଶା, କର୍ନାଟକ, ଗୁଜରାଟ, ମଣିପୁର, ତାମିଲନାଡୁ, ମେଘାଳୟ, ରାଜସ୍ଥାନ, ଉତ୍ତରପ୍ରଦେଶ, ବିହାର, ପଞ୍ଜାବ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, କେରଳ, ପୁଡୁଚେରୀ, ସିକ୍କିମ, ଜମ୍ମୁ-କଶ୍ମୀର, ଆନ୍ଧ୍ରପ୍ରଦେଶ, ମିଜୋରାମ, ଆସାମ, ହିମାଚଳପ୍ରଦେଶ, ପଶ୍ଚିମବଙ୍ଗ ଆଦି ସମସ୍ତ ରାଜ୍ୟର ନିର୍ବାଚିତ ସରକାରକୁ ଭଙ୍ଗାଯାଇ ରାଷ୍ଟ୍ରପତି ଶାସନ ଜାରି କରାଯାଇଥିବାର ଦୃଷ୍ଟାନ୍ତ ବହୁବାର ଦେଖିବାକୁ ମିଳିଥିଲା। କେନ୍ଦ୍ର ସରକାରଙ୍କ ଏଭଳି ଅଗଣତାନ୍ତ୍ରିକ ପଦକ୍ଷେପ ବିରୋଧରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିଥିଲେ ଏସ୍.ଆର. ବୋମାଇଙ୍କ ସରକାରଙ୍କୁ ପତନ ଘଟାଇବା ପରେ। ଭାରତର ଗଣତାନ୍ତ୍ରିକ ଇତିହାସରେ ଏହି ମାମଲା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ୧୯୯୪ରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଓ ଆଦେଶକୁ ନାକଚ କରି ବୋମାଇଙ୍କୁ ପୁଣି ମୁଖ୍ୟମନ୍ତ୍ରୀ ଆସନରେ ବସାଇଥିଲେ।

ସର୍ବୋଚ୍ଚ ଅଦାଲତଙ୍କ ଏହି ଐତିହାସିକ ରାୟର ପ୍ରଭାବ ପଡିଥିଲା ରାଷ୍ଟ୍ରପତିଙ୍କ ଉପରେ। ରାଷ୍ଟ୍ରପତି କେ.ଆର. ନାରାୟଣନ୍ ୧୯୯୭ ରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକୁ ଗ୍ରହଣ କରି ନଥିଲେ। ସେତେବେଳେ କେନ୍ଦ୍ରର ଯୁକ୍ତଫ୍ରଣ୍ଟ ସରକାର ଉତ୍ତରପ୍ରଦେଶ ସରକାରଙ୍କୁ ଭାଙ୍ଗିବା ପାଇଁ ରାଷ୍ଟ୍ରପତିଙ୍କୁ ପତ୍ର ଲେଖିଥିଲେ। ତେବେ ରାଷ୍ଟ୍ରପତି କେ.ଆର. ନାରାୟଣନ୍ ତାହା କାର୍ଯ୍ୟକାରୀ କରି ନଥିଲେ। ଏହାର ବର୍ଷକ ପରେ ୧୯୯୮ରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସରକାର ନିଷ୍ପତ୍ତି ନେଇଥିଲେ ବିହାର ସରକାରଙ୍କୁ ଭାଙ୍ଗିବା ପାଇଁ, ସେଥିରେ ମଧ୍ୟ ସେ ରାଜି ହୋଇ ନଥିଲେ। ସେତେବେଳେ ବିହାରର ମୁଖ୍ୟମନ୍ତ୍ରୀ ଥିଲେ ରାବ୍ରି ଦେବୀ। କିନ୍ତୁ ୨୦୦୫ରେ ବିହାରର ରାଜ୍ୟପାଳ ବୁଟା ସିଂ ନିର୍ବାଚିତ ବିହାର ବିଧାନସଭା ଥରେ ହେଲେ ବସି ନ ଥିଲେ ହେଁ ବିଧାନସଭାକୁ ଭାଙ୍ଗି ଦେବାକୁ ସୁପାରିସ କରିଥିଲେ।

୨୦୧୪ରେ ଭାଜପା କେନ୍ଦ୍ର କ୍ଷମତାକୁ ଯିବା ପରେ ରାଜ୍ୟପାଳମାନଙ୍କୁ ବ୍ୟବହାର କରି ରାଜ୍ୟ ସରକାରମାନଙ୍କୁ ଅସ୍ଥିର କରାଉଛି। ଜମ୍ମୁ-କଶ୍ମୀରର ରାଜ୍ୟପାଳ, ଦିଲ୍ଲୀର ଲ୍ୟୁଟ୍‌ନାଣ୍ଟ ଗଭର୍ନର, ପଶ୍ଚିମବଙ୍ଗ ରାଜ୍ୟପାଳ ଓ କେରଳ ରାଜ୍ୟପାଳମାନଙ୍କର ଭୂମିକା ସମାଲୋଚନାଯୋଗ୍ୟ। ଏହି ରାଜ୍ୟପାଳମାନେ ନିଜ ପଦବୀ ଓ କ୍ଷମତା ପରିସରକୁ ଅତିକ୍ରମ କରି ଗଣମାଧ୍ୟମ ଜରିଆରେ ନିର୍ବାଚିତ ସରକାର ଓ ମୁଖ୍ୟମନ୍ତ୍ରୀମାନଙ୍କୁ କଟୁ ଭାଷାରେ ସମାଲୋଚନା କରୁଛନ୍ତି, ଅଶାଳୀନ ମନ୍ତବ୍ୟ କରୁଛନ୍ତି। ଏପରିକି ବିରୋଧୀ ଦଳର ସଦସ୍ୟମାନେ ଏଭଳି କଟୁ ଓ ଅଶାଳୀନ ଭାଷା ପ୍ରୟୋଗ କରୁଥିବାର ଦୃଷ୍ଟାନ୍ତ ବହୁତ ବିରଳ। କେନ୍ଦ୍ର ସରକାରଙ୍କ ମଦତ୍ ପାଇ ଏମାନେ ନିର୍ବାଚିତ ରାଜ୍ୟ ସରକାରମାନଙ୍କ ବିରୋଧରେ ବୟାନ ଦେଉଛନ୍ତି। ରାଜ୍ୟପାଳମାନଙ୍କ ଏପରି ଆଚରଣ ଆଜି ଆମ ଦେଶରେ ସାମ୍ବିଧାନିକ ସଙ୍କଟ ସୃଷ୍ଟି କରିଛି। ରାଜ୍ୟପାଳମାନେ ବିଧାନସଭାର ସଦସ୍ୟ ନୁହନ୍ତି। ରାଜ୍ୟ ମନ୍ତ୍ରିମଣ୍ଡଳ ତରଫରୁ ପ୍ରସ୍ତୁତ ରିପୋର୍ଟକୁ ରାଜ୍ୟପାଳମାନେ ବିଧାନସଭା ଗୃହରେ ପାଠ କରିଥା'ନ୍ତି। ମାତ୍ର ଭାଜପା ଶାସନ କାଳରେ ରାଜ୍ୟପାଳମାନେ ଖୁଲମ୍‌ଖୁଲା ଅଣ-ଭାଜପା ବା ଭାଜପା ବିରୋଧୀ ଦଳର କ୍ଷମତାସୀନ ରାଜ୍ୟ ସରକାରମାନଙ୍କୁ ନିନ୍ଦିତ କରିବା ଏକ ଅଶୁଭ ସଂକେତ ପ୍ରଦାନ କରୁଛି। ସାମ୍ବିଧାନିକ ସଙ୍କଟ ସୃଷ୍ଟି କରିବା ପାଇଁ ଏହା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି କହିବା ବୋଧହୁଏ ଠିକ୍ ହେବ। କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ରାଜ୍ୟପାଳମାନଙ୍କ ଚକ୍ରାନ୍ତ ଓ କେନ୍ଦ୍ର ସରକାରଙ୍କ ଅର୍ଥବଳରେ ନିର୍ବାଚିତ ଅଣ-ଭାଜପା ବିଧାୟକମାନଙ୍କୁ ଖର୍ଦ୍ଦି କରାଯାଇ ଭାଜପା ସରକାର ପ୍ରତିଷ୍ଠା କରାଯାଉଛି ରାଜ୍ୟର ଭୋଟରମାନଙ୍କ ରାୟ ବିରୋଧରେ। କର୍ନାଟକ, ମଧ୍ୟପ୍ରଦେଶ, ମଣିପୁର, ଗୋଆ, ମହାରାଷ୍ଟ୍ର, ଅରୁଣାଚଳପ୍ରଦେଶ, ବିହାର, ରାଜସ୍ଥାନ, ପୁଡୁଚେରୀ ଆଦି ରାଜ୍ୟରେ ରାଜ୍ୟର ଜନସାଧାରଣ ଭାଜପାକୁ କ୍ଷମତାସୀନ ନ କରାଇଥିଲେ ହେଁ, ଭାଜପା ବିରୋଧୀ ନିର୍ବାଚିତ ବିଧାୟକମାନଙ୍କୁ ଗତ ୨୦୧୪ ପରଠାରୁ ବ୍ୟାପକ ଭାବେ ଖର୍ଦ୍ଦି କରାଯାଉଛି।

ପଶ୍ଚିମବଙ୍ଗ, କେରଳ, ଦିଲ୍ଲୀ, ତାମିଲନାଡୁ ଓ ତେଲଙ୍ଗାନା ଆଦି ରାଜ୍ୟ ସରକାରଙ୍କୁ ଭାଙ୍ଗିବାକୁ ବା ଅସ୍ଥିର କରିବାକୁ ମହାମହିମ ରାଜ୍ୟପାଳମାନଙ୍କ ଉଦ୍ୟମ ଅତ୍ୟନ୍ତ ନିନ୍ଦନୀୟ ହୋଇ ଉଠିଛି। ଆର୍‌ଏସ୍‌ଏସ୍‌ର ମୁଖ୍ୟ ମୋହନ ଭାଗବତ କେରଳ ଗସ୍ତ କଲାବେଳେ ତାଙ୍କୁ କେରଳର ରାଜ୍ୟପାଳ ସାକ୍ଷାତ୍ କରିବା ସମ୍ପର୍କରେ ପ୍ରଶ୍ନ ହେବାରୁ ରାଜ୍ୟପାଳ ଉତ୍ତରଦେଲେ ମୋର ଆରଏସ୍‌ଏସ୍ ସହ ୧୯୮୦ଠାରୁ ସମ୍ପର୍କ। ଏବେ କ'ଣ ଆର୍‌ଏସ୍‌ଏସ୍ ସହ ସଂଶ୍ଲିଷ୍ଟ ବ୍ୟକ୍ତିମାନଙ୍କୁ କେବଳ ରାଜ୍ୟପାଳ କରାଯିବ ? ଏହା ଆମ ଦେଶର ସାମ୍ବିଧାନିକ ବ୍ୟବସ୍ଥାକୁ ଦୁର୍ବଳ କରିବ, ଏଥିରେ ସନ୍ଦେହ ନାହିଁ। ସମଗ୍ର ଦେଶକୁ ସାମ୍ପ୍ରଦାୟିକ ଏକଚ୍ଛତ୍ରବାଦର ଯେଉଁ ଭୟଙ୍କର କଳାରାତି ମାଡ଼ିଆସୁଛି, କେରଳ ରାଜ୍ୟପାଳଙ୍କ ଭୂମିକା ତାହାର ଏକ ନଗ୍ନ ଉଦାହରଣ।

ମୋ: ୯୪୩୭୦୦୭୭୭୦

# ଅଲ୍‌ଟରନେଟିଭ୍ ନୋବେଲ ବିଜେତା

ସ୍ୱିଡେନ-ଜର୍ମାନୀ ଲେଖକ, ରାଜନେତା ତଥା ସାମାଜିକ କର୍ମୀ ଜାକୋବ ଭନ୍ ଉକ୍ସେକୁଲ୍ ୧୯୮୦ ମସିହାରେ 'ରାଇଟ୍ ଲାଇଭ୍‌ଲିହୁଡ୍ ଆୱାର୍ଡ' ପ୍ରତିଷ୍ଠା କରିଥିଲେ। ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣୁଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରିବା ଲକ୍ଷ୍ୟରେ ସେ ଯେଉଁ ପୁରସ୍କାର ଗଢ଼ିଥିଲେ, ତାହାକୁ ଅଲ୍‌ଟରନେଟିଭ୍ ନୋବେଲ ବା ବିକଳ୍ପ ନୋବେଲ ଭାବେ ବିବେଚନା କରାଯାଇଥାଏ। ତାଙ୍କ ପ୍ରତିଷ୍ଠାନ ଏଭଳି ବ୍ୟକ୍ତିଙ୍କୁ ଚୟନ କରିଥାଆନ୍ତି, ଯେଉଁମାନେ ନୋବେଲ ପୁରସ୍କାର ପାଇବାରୁ ଯେଭଳି ଉପେକ୍ଷିତ ହୋଇଯାଇଛନ୍ତି ବୋଲି ପ୍ରତୀୟମାନ ହୁଅନ୍ତି। ୨୦୨୨ ପାଇଁ ୟୁକ୍ରେନୀୟ ମାନବ ଅଧିକାର କର୍ମୀ ଓଲେକ୍ସାଣ୍ଡ୍ରା ମାଟ୍‌ଭିଚୁକ୍, ସୋମାଲିଆର ମାନବ ଅଧିକାର କର୍ମୀ ଫର୍ଚ୍ଚୁନ୍ ଅଦାନ୍, ଭେନେଜୁଏଲାର ଆଇୱାର୍ଡ ଏଲ୍‌ମନ୍ ଏବଂ ଉଗାଣ୍ଡାର 'ଆଫ୍ରିକା ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଏନର୍ଜି ଗଭର୍ନାନ୍ସ'କୁ ମନୋନୀତ କରାଯାଇଛି। ସାମ୍ପ୍ରତିକ ୟୁକ୍ରେନ୍-ରୁଷିଆ ଯୁଦ୍ଧ ଚାଲିଥିବା ପରିପ୍ରେକ୍ଷୀରେ ଓଲେକ୍ସାଣ୍ଡ୍ରାଙ୍କ ନାମ ଚୟନ ହେବା ଓ ତାହା ପୁଣି ପ୍ରଥମ ଥର ପାଇଁ ୟୁକ୍ରେନ୍ ହାତକୁ ଯିବା ଏକ ଉଲ୍ଲେଖନୀୟ ବିଷୟ।

**ବ୍ୟକ୍ତିତ୍ୱ**



ଓଲେକ୍ସାଣ୍ଡ୍ରା ମାଟ୍‌ଭିଚୁକ୍

ଓଲେକ୍ସାଣ୍ଡ୍ରା ୮ ଅକ୍ଟୋବର ୧୯୮୩ରେ ୟୁକ୍ରେନ୍ ରାଜଧାନୀ କିଭ୍ ଅନ୍ତର୍ଗତ ବୋୟାର୍କାଠାରେ ଜନ୍ମଗ୍ରହଣ କରିଥିଲେ। ଟାରାସ୍ ଶେଭ୍‌ଚେନ୍‌କୋ ନ୍ୟାଶନାଲ ୟୁନିଭର୍ସିଟିରୁ ୨୦୦୭ରେ ଆଇନରେ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ୨୦୧୨ରୁ ସେ ୟୁକ୍ରେନ୍ ମାନବ ଅଧିକାର କମିଶନର ଉପଦେଷ୍ଟା ପରିଷଦର ସଦସ୍ୟ ରହିଆସିଛନ୍ତି। ୟୁରୋପିଆନ୍-ୟୁକ୍ରେନ୍ ଆସୋସିଏଶନ ଏଗ୍ରିମେଣ୍ଟରେ ଚୁକ୍ତି ନ କରିବାକୁ ସରକାର ଅଚାନକ ନିଷ୍ପତ୍ତି ନେବାରୁ ତାହାକୁ ବିରୋଧ କରି ୟୁକ୍ରେନ୍ ନାଗରିକ ୩୦ ନଭେମ୍ବର ୨୦୧୩ରେ କିଭ୍ ସ୍କୋୟାରରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରୁଷିଆ ଓ ୟୁରୋଏସିଆନ୍ ଇକୋନୋମିକ୍ ୟୁନିୟନର ନିକଟତର ହେବାକୁ ଚାହୁଁଥିବା ସରକାରଙ୍କୁ ଦେଶବାସୀ ବିରୋଧ କରିଥିଲେ। ଫଳରେ ୟୁକ୍ରେନ୍‌ରେ ଗୃହଯୁଦ୍ଧ ଭଳି ସ୍ଥିତି ଉପୁଜିଥିଲା। ସେହି ସମୟରେ ଓଲେକ୍ସାଣ୍ଡ୍ରା ଉକ୍ତ ବିକ୍ଷୋଭରେ ସମନ୍ୱୟକାରୀ ଭୂମିକାରେ ଅବତୀର୍ଣ୍ଣ ହୋଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସରକାରଙ୍କ ନିଷ୍ପତ୍ତି ବିରୋଧରେ ଯାଇଥିବାରୁ ରୁଷିଆ ସହାୟତାରେ ବେଆଇନ ଭାବେ ୟୁକ୍ରେନୀୟଙ୍କୁ ଗିରଫ କରାଯାଇଥିଲା। ନିଜ ଦେଶର ଏହି ନାଗରିକଙ୍କ ମୁକ୍ତି ଲାଗି ଓଲେକ୍ସାଣ୍ଡ୍ରା ଅନ୍ତର୍ଜାତୀୟ ସମର୍ଥନ ଲୋଡ଼ିବାକୁ ଯାଇ ଅଭିଯାନ ଆରମ୍ଭ କରି ସେଥିରେ ଅନେକାଂଶରେ ସଫଳତା ପାଇଥିଲେ। ଯେଉଁଠାରେ ମାନବ ଅଧିକାର ଉଲ୍ଲଂଘନ ହେବା ସେ ଦେଖିଥାଆନ୍ତି, ତା' ବିରୋଧରେ ସ୍ୱର ଉତ୍ତୋଳନ କରିଥାଆନ୍ତି। ଫଳରେ ସେ ଜାତିସଂଘ ଚୁକ୍ତି ସଂସ୍ଥାରେ ପ୍ରଥମ ୟୁକ୍ରେନୀୟ ମହିଳା ଭାବେ ସଦସ୍ୟ ହେବାର ଗୌରବ ଅର୍ଜନ କରିଥିଲେ। ବର୍ତ୍ତମାନ ୟୁକ୍ରେନ୍‌ରେ ରୁଷିଆର ଆକ୍ରମଣ ଯୋଗୁ ବାସଚ୍ୟୁତ ହୋଇଥିବା ଅସଂଖ୍ୟ ଲୋକଙ୍କ ଦୁର୍ଦ୍ଦଶାକୁ ଅନ୍ତର୍ଜାତୀୟ ଗଣମାଧ୍ୟମରେ ସ୍ଥାନିତ କରାଇବାରେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି। ଯୁଦ୍ଧ ଅପରାଧର ତଦନ୍ତ ସହିତ ବିଭିନ୍ନ କ୍ଷେତ୍ରରେ ହେଉଥିବା ମାନବ ଅଧିକାର ଉଲ୍ଲଂଘନ ସଂକ୍ରାନ୍ତରେ ବିଚାର କରିବା ଲାଗି ସ୍ୱତନ୍ତ୍ର 'ହାଇବ୍ରିଡ୍ କୋର୍ଟ' ସ୍ଥାପନ ସକାଶେ ସେ ଦେଇଥିବା ପ୍ରସ୍ତାବ ଏବେ ବୈଦେଶିକ ନୀତି ନିର୍ଦ୍ଧାରକଙ୍କ ଦୃଷ୍ଟି ଆକର୍ଷଣ କରିଛି।

**– ଜିତେନ୍ଦ୍ର କୁମାର ନାୟକ**

# ପଦଯାତ୍ରାରେ ଗାନ୍ଧିଜୀ



**ଡ. ପ୍ରଫୁଲ୍ଲ କୁମାର ସାହୁ**

ଆଧୁନିକ ପଦଯାତ୍ରାର ଜନକ ମହାମାନବ ମହାତ୍ମା ଗାନ୍ଧୀ। ତାଙ୍କ ପୂର୍ବରୁ ଧର୍ମପ୍ରବର୍ତ୍ତକମାନେ ଅନୁଗତ ଶିଷ୍ୟଙ୍କୁ ନେଇ ଯେଉଁ ପଦଯାତ୍ରା କରୁଥିଲେ, ତାହା କେବଳ ଥିଲା ନିଜ ଧର୍ମର ପ୍ରଚାର ଓ ପ୍ରସାର ପାଇଁ ଉଦ୍ଦିଷ୍ଟ। ସତ୍ୟ ଓ ଅହିଂସାର ଆଜୀବନ ପୂଜାରୀ ଗାନ୍ଧିଜୀ ପ୍ରଥମକରି ଏହାକୁ ଅହିଂସ୍ର ଆନ୍ଦୋଳନ ସହିତ ଯୋଡ଼ିଲେ ଏକ ମହତ୍ତର କୌଶଳ ଭାବରେ। ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାରେ ଅନେକ ବାର ପଦଯାତ୍ରା କରି ସଫଳତା ପାଇଛନ୍ତି ଏବଂ ସେଠାରେ ତାଙ୍କର ଶେଷ ପଦଯାତ୍ରା ଥିଲା (୧୯୧୩ ଅକ୍ଟୋବର ୨୫) ଡର୍ବାନରୁ ଜୋହାନ୍ସବର୍ଗର ଟଲଷ୍ଟୟ ଫାର୍ମ ପର୍ଯ୍ୟନ୍ତ ତିନିଶହ ମାଇଲ ଦୂରତାର ଦୀର୍ଘଯାତ୍ରା। ଦୀର୍ଘ ଦୁଇ ଦଶନ୍ଧି କାଳ (୧୮୯୩-୧୯୧୪) ଦକ୍ଷିଣ ଆଫ୍ରିକାରେ ସଂଗ୍ରାମୀ ଜୀବନ ଅତିବାହିତ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ (୯ ଜାନୁୟାରୀ ୧୯୧୫)ର ଅଳ୍ପ କେତେମାସ ପରେ (୨୫ ମେ' ୧୯୧୫) ଗାନ୍ଧିଜୀ ପ୍ରତିଷ୍ଠା କଲେ 'ସତ୍ୟାଗ୍ରହ ଆଶ୍ରମ'। ଇଂରେଜମାନଙ୍କୁ ଏ ଦେଶରୁ ହଟେଇବା ପାଇଁ ସେଠାରେ ସେ ପ୍ରସ୍ତୁତ କଲେ ଅହିଂସ୍ର ଆନ୍ଦୋଳନର ବିସ୍ତୃତ ଖସଡ଼ା। କମ୍ପାନୀ ସରକାରଙ୍କ ଏହି ଏକଚାଟିଆ ଲବଣ ଆଇନ (୧୯୧୪) ବିରୋଧରେ ଆନ୍ଦୋଳନ ପାଇଁ ଅନ୍ତରାତ୍ମାର ଆହ୍ୱାନକ୍ରମେ ସଂକଳ୍ପ ନେଲେ। ଗାନ୍ଧିଜୀ ପଦଯାତ୍ରା ମାଧ୍ୟମରେ ଆଇନ ଅମାନ୍ୟ ଆନ୍ଦୋଳନ ବା ଲବଣ ସତ୍ୟାଗ୍ରହ ପାଇଁ ପ୍ରସ୍ତୁତ ହେଲା କାର୍ଯ୍ୟସୂଚୀ। ତଦନୁଯାୟୀ ୧୯୩୦ ମାର୍ଚ୍ଚ ୧୨ରେ ୭୮ ଜଣ ସହଯୋଗୀଙ୍କୁ ନେଇ ଗାନ୍ଧିଜୀ ଅହମ୍ମଦାବାଦରୁ ଆରମ୍ଭ କଲେ ଐତିହାସିକ ଦାଣ୍ଡିଯାତ୍ରା। ୨୪୧ ମାଇଲ ଯାତ୍ରା ପରେ ଏପ୍ରିଲ ୬ ରେ ସମୁଦ୍ରରୁ ଲୁଣ ମାରିଲେ ହଜାର ହଜାର ସତ୍ୟାଗ୍ରହୀ। ୨୪ ଦିନର ଏହି ପଦଯାତ୍ରାର ପ୍ରଭାବରେ ଓଡ଼ିଶାର ଇଞ୍ଚୁଡ଼ି ଓ କୁହୁଡ଼ି ସମେତ ଦେଶର ବିଭିନ୍ନ ସ୍ଥାନରେ ଚାଲିଲା ଲବଣ ସତ୍ୟାଗ୍ରହ। ବ୍ରିଟିଶ୍ ସାମ୍ରାଜ୍ୟରେ ସୃଷ୍ଟିହେଲା କମ୍ପନ। ମେ' ୪ ମଧ୍ୟରାତ୍ରିରେ ଗିରଫ ହେଲେ ଗାନ୍ଧିଜୀ। ପରଦିନ ସକାଳେ ଏହି ଖବର ପ୍ରଚାର ହେବାମାତ୍ରେ ଆଇନ ଅମାନ୍ୟ କରି ପର୍ଯ୍ୟାୟକ୍ରମେ ଗିରଫ ହେଲେ ୬୦ ହଜାର ସତ୍ୟାଗ୍ରହୀ। ଫଳରେ ଗାନ୍ଧିଜୀଙ୍କୁ ଖଲାସ କରିବା ପାଇଁ ବାଧ ହେଲେ ସରକାର। ଶେଷରେ ଗାନ୍ଧୀ-ଇର୍‌ୱିନ ଚୁକ୍ତି ଅନୁଯାୟୀ ସରକାର ଭାରତୀୟଙ୍କ ଦାବି ମାନିନେବା ପରେ ପ୍ରତ୍ୟାହୃତ ହେଲା ଲବଣ ସତ୍ୟାଗ୍ରହ।



ପରାଧୀନତାର ନିର୍ଯାତନା ଗାନ୍ଧିଜୀଙ୍କୁ ଯେତିକି ଆଘାତ ଦେଇଥିଲା, ସେତିକି କଷ୍ଟ ଦେଇଥିଲା ଅସ୍ପୃଶ୍ୟତା ବ୍ୟାଧି। ଏହି ସାମାଜିକ ବ୍ୟାଧିର ନିରାକରଣ ପାଇଁ ଓଡ଼ିଶାରେ ଅନୁଷ୍ଠିତ ହୋଇଥିଲା ହରିଜନ ପଦଯାତ୍ରା। ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଗାନ୍ଧିଜୀ ରେଳଯୋଗେ ଆସି ପୁରୀରେ ପହଞ୍ଚିଲା (୧୯୩୪ ଜୁନ ୭ ତାରିଖ) ବେଳକୁ ସହରସାରା ହାଉହାଉ। ହିନ୍ଦୁଧର୍ମର ସର୍ବନାଶ ପାଇଁ ଗାନ୍ଧୀବୁଢ଼ା ଆସୁଛି ବୋଲି ଦଳେ ରକ୍ଷଣଶୀଳ ସନାତନୀ ବୁଲି ବୁଲି ପ୍ରଚାର କରୁଥିଲେ ଏବଂ କାନ୍ଥବାଡ଼ରେ ଲେଖିଥିଲେ- 'ଫେରିଯାଅ ଗାନ୍ଧୀ, ତୁମେ ହିନ୍ଦୁଧର୍ମର ଶତ୍ରୁ'। ଏଭଳି ବିରୋଧକୁ ଦୃଷ୍ଟିରେ ରଖି ରେଳଷ୍ଟେଶନରେ ବହୁ ସଂଖ୍ୟକ ପୋଲିସ ମୁତୟନ ଥିଲେ। ଗାନ୍ଧିଜୀ ରେଳରୁ ଗୋଡ଼ କାଢୁକାଢୁ ଏଭଳି ସୁରକ୍ଷା ବ୍ୟବସ୍ଥା ଦେଖି ଖୁବ୍ ଗମ୍ଭୀର ହୋଇଗଲେ ଓ ଭାବିଲେ, ହରିଜନ ଯାତ୍ରା ଭଳି ଏକ ଧର୍ମଯାତ୍ରାରେ ପୋଲିସ ତାଙ୍କୁ ଜଗିରହିବା କ'ଣ ଦରକାର ? ସମସ୍ତଙ୍କୁ ଚକିତ କରି ସେଠାରେ ସେ ଘୋଷଣା କଲେ- କୋଠି ପର୍ଯ୍ୟନ୍ତ ଗାଡ଼ିରେ ନୁହେଁ, ସେ ଚାଲିଚାଲି ଯିବେ ପୋଲିସର ବିନା ସହାୟତାରେ। ଗାନ୍ଧୀଙ୍କ ନିଷ୍ପତ୍ତିର ପ୍ରତିବାଦ କରିବ କିଏ ? ନୀରବରେ ବାଟକଢ଼େଇ ନେଲେ ଗୋପବନ୍ଧୁ ଚୌଧୁରୀ ଓ ହରେକୃଷ୍ଣ ମହତାବ ପ୍ରମୁଖ ନେତାଗଣ। ଗାନ୍ଧୀଙ୍କ ପଛେ ପଛେ ଚାଲିଲା ସାରା ସହର।

ମେ' ୯ ତାରିଖ ପୁରୀ ସିଂହଦ୍ୱାରରୁ ଆରମ୍ଭ ହେଲା 'ହରିଜନ ପଦଯାତ୍ରା'। ବୈଶାଖ ମାସ ମୁଣ୍ଡଫଟା ଖରାରେ ଉଚ୍ଚ ରକ୍ତଚାପ ଓ ଅଗ୍ନିମାନ୍ଦ୍ୟ ରୋଗରେ ପୀଡ଼ିତ ପଞ୍ଚଷଠି ବର୍ଷର ଜଣେ ଦୁର୍ବଳ ବୃଦ୍ଧଙ୍କର ଦୀର୍ଘ ପଦଯାତ୍ରାକୁ ସହଜରେ ଗ୍ରହଣ କରି ପାରୁନଥିଲେ କଂଗ୍ରେସ ନେତୃମଣ୍ଡଳୀ। ମାତ୍ର ଗାନ୍ଧିଜୀଙ୍କ ନିଷ୍ପତ୍ତି ଆଗରେ ସମସ୍ତେ ନାଚାର। ଦାଣ୍ଡିଯାତ୍ରା ବେଳୁ ଗାନ୍ଧିଜୀ ଅନୁଭବ କରିଥିଲେ ଖାଲି ବାଟ ଚାଲିଲେ ତାହା ପଦଯାତ୍ରା ହୁଏନି, ସେଥିପାଇଁ ଲୋଡ଼ା ନିର୍ଦ୍ଦିଷ୍ଟ ଆଭିମୁଖ୍ୟ। ସେଥିପାଇଁ ପଦଯାତ୍ରା ସହ ସେ ଯୋଡ଼ିଥିଲେ ଗ୍ରାମ ସଫେଇ ଓ ହରିଜନଙ୍କ ସହ ପଂକ୍ତିଭୋଜନ ଇତ୍ୟାଦି। ରହଣି ସ୍ଥାନରେ ସକାଳେ ସଞ୍ଜେ ପ୍ରାର୍ଥନା ସଭା ଅନୁଷ୍ଠିତ ହେଉଥିଲା ଏବଂ ସେଠାରେ ଉଚ୍ଚବର୍ଣ୍ଣର ଲୋକଙ୍କ ସହ ବିସ୍ତୃତ ଆଲୋଚନା କରୁଥିଲେ ସେମାନଙ୍କ ମନ ପରିବର୍ତ୍ତନ ପାଇଁ। ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ତୁହାକୁ ତୁହା ବର୍ଷା ମାଡ଼କୁ ସମ୍ଭାଳି ନେଇ ସେ ଆଗକୁ ବଢ଼ିଥିଲେ ଏବଂ ଜୁନ ୫ରେ ପହଞ୍ଚିଥିଲେ ଭଦ୍ରକ ଗରଦପୁରସ୍ଥିତ କଲ୍ୟାଣଜୀଙ୍କ ଆଶ୍ରମରେ। ଏଠାରେ ତିନିଦିନ ରହଣି ମଧ୍ୟରେ କେବଳ ଛୁଆଁଅଛୁଆଁ ଭେଦଭାବ ନୁହେଁ, ଏଥିସହିତ ସେ ଲୋକଙ୍କୁ ବୁଝେଇଥିଲେ ହିନ୍ଦୁ-ମୁସଲମାନ ମଧ୍ୟରେ ଉତ୍ତମ ଭାଇଚାରା ପ୍ରତିଷ୍ଠା ତଥା ଅର୍ଥନୀତିକୁ ସୁଦୃଢ଼ କରିବା ନିମନ୍ତେ ଚାଷକାର୍ଯ୍ୟ, ଗୋପାଳନ ଓ ସୂତାକାଟିବାର ଉପକାରିତା ସମ୍ପର୍କରେ। ପ୍ରତିକୂଳ ପାଗ ଯୋଗୁ ଏହିଠାରୁ ହରିଜନ ପଦଯାତ୍ରା ବନ୍ଦ ହୋଇଗଲା ସତ, ହେଲେ ଏହି ବିରଳ ପଦଯାତ୍ରା ଯୋଗୁ ଓଡ଼ିଶାରେ ସୃଷ୍ଟି ହେଲେ ହଜାର ହଜାର ସତ୍ୟାଗ୍ରହୀ ଓ ରଚନାତ୍ମକ କର୍ମୀ।

ଗାନ୍ଧିଜୀଙ୍କ ତୃତୀୟ ପଦଯାତ୍ରା ଥିଲା ପୂର୍ବ ବଙ୍ଗର ନୂଆଖାଲିରେ। ୧୯୪୬ ରେ ନୂଆଖାଲିରେ ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗା ଥିଲା ଖୁବ ମର୍ମନ୍ତୁଦ। ଏହି ମୁସଲମାନବହୁଳ ଅଞ୍ଚଳରେ ହିନ୍ଦୁମାନଙ୍କ ଉପରେ ହୋଇଥିବା ଅକଥନୀୟ ଅତ୍ୟାଚାର ସମ୍ପର୍କରେ ଅବଗତ ହୋଇ ଗାନ୍ଧିଜୀ ଖୁବ୍ ବିମର୍ଷ ହୋଇପଡ଼ିଲେ ଏବଂ ଶାନ୍ତି ଫେରାଇ ଆଣିବା ପାଇଁ ସେଠାରେ ପହଞ୍ଚି (୧୯୪୭ ଜାନୁୟାରୀ) ଆରମ୍ଭ କଲେ ପଦଯାତ୍ରା। ଏହି ଅବସରରେ ଗାଁ ଗାଁରେ ଯେଉଁ ସଦ୍ଭାବନା ସଭାମାନ ଆୟୋଜନ ହେଲା, ସେଠାରେ ଗାନ କରାଗଲା ରାମଧୁନ୍ ଓ ରଘୁପତି ରାଜାରାମ... ଆଦି ଗୀତ। ଦଙ୍ଗାବିଧ୍ୱସ୍ତ ଗ୍ରାମଗୁଡ଼ିକୁ ପଦଯାତ୍ରାରେ ଯାଇ ଗାନ୍ଧିଜୀ ଲୋକଙ୍କୁ କେବଳ ଗୋଟିଏ କଥା କହି ଚାଲିଲେ- ସହିଷ୍ଣୁତା ଓ ଅହିଂସା ହେଉଛି ସବୁଧର୍ମର ସାରତତ୍ତ୍ୱ।

ମୋ: ୬୩୭୧୬୪୨୪୬୪

# ଏଇ ଭାରତରେ

ପୁରୁଣା ପୁରୁଣା ଶାଢ଼ି, କପଡ଼ା, ପରଦା, ବେଡ୍‌ଶିଟ ଆଦିର ପୁନଃ ଉପଯୋଗ କରି ନୂଆ ଡିଜାଇନର ଫେଶନେବଲ ଡ୍ରେସ୍ ତିଆରି କରୁଛନ୍ତି କୋଲକାତାର ମେଘନା ନାୟକ। ସେ ପ୍ରତିବର୍ଷ କୋଲକାତାର ବିଭିନ୍ନ ପୂଜା ମଣ୍ଡପରୁ କପଡା ସଂଗ୍ରହ କରି ଏଥିରେ ଲଗାଇଥାନ୍ତି। ମେଘନାଙ୍କ ବୟସ ୩୭। ମେଘନା ଫାଲମଥ ୟୁନିଭର୍ସିଟିରୁ ସାମ୍ବାଦିକତାରେ ୨୦୦୮ରେ ଡିଗ୍ରୀ ହାସଲ କରିବା ପରେ କୋଲକାତାରେ କ୍ୟାରିୟର ଆରମ୍ଭ କରିଥିଲେ। ପରେ ସେ ସାମ୍ବାଦିକ ବୃତ୍ତି ଛାଡ଼ି ଫ୍ୟାଶନ ଡିଜାଇନ ଜଗତକୁ ପ୍ରବେଶ କରିଥିଲେ। ୨୦୧୧ରେ ଏକ ପରିବେଶ ଉପଯୋଗୀ 'ଲତାସୀତା' ବ୍ରାଣ୍ଡ ଆରମ୍ଭ କରି ତା' ମାଧ୍ୟମରେ ଆକର୍ଷଣୀୟ ପୋଷାକ ପ୍ରସ୍ତୁତ କରୁଛନ୍ତି। ବର୍ଜ୍ୟ କପଡ଼ା ଦ୍ୱାରା ବିଶ୍ୱରେ ୨୦% ଜଳ ପ୍ରଦୂଷିତ ହୁଏ ଏବଂ ଫ୍ୟାଶନ ୧୦% ବୈଶ୍ୱିକ କାର୍ବନ ନିର୍ଗମନର କାରଣ ହୋଇଥାଏ ବୋଲି ଜାଣିବା ପରେ ସେ ପୁରୁଣା କପଡ଼ାର ପରିବେଶ ସହନୀୟ ଉତ୍ପାଦ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୨ ଅକ୍ଟୋବର ୧୯୯୭

- ମାରୁତି ଉଦ୍ୟୋଗ ଲିମିଟେଡର ମ୍ୟାନେଜିଂ ଡାଇରେକ୍ଟର ଭାବେ ଆର୍.ଏସ୍.ଏସ୍.ଏମ୍.ଏନ୍. ଭାସ୍କରୁଡଙ୍କ ନିଯୁକ୍ତିକୁ ଚାଲେଞ୍ଜ କରି ଅନ୍ୟତମ ଅଂଶୀଦାର ଜାପାନର ସୁଜୁକୀ ମୋଟର କର୍ପୋରେଶନ ଆନ୍ତର୍ଜାତିକ ଆର୍ବିଟ୍ରେସନ ଅଦାଲତରେ ଆବେଦନ କରିଛି।
- ଆନ୍ଧ୍ରପ୍ରଦେଶର କୁଡାପା ଜିଲ୍ଲାରେ ଏକ ଘରୋଇ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ପୋଲ ତଳକୁ ଖସିପଡ଼ିବା ଫଳରେ ୭୦ ମୃତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | 8 | | 4 | | | 5 |
| | 7 | | | 1 | | | | 2 |
| | | | 3 | 5 | | | | |
| 6 | | 1 | 4 | | | | | |
| 5 | | 3 | | | | | | |
| | 4 | | | | | | | 3 |
| 7 | | | | | | | 5 | 8 |
| | 2 | | | 8 | 5 | | | 7 |
| | | | | | 2 | | 1 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 4 | 1 | 6 | 9 | 3 | 5 | 2 |
| 1 | 2 | 5 | 4 | 3 | 8 | 6 | 9 | 7 |
| 6 | 9 | 3 | 2 | 7 | 5 | 4 | 8 | 1 |
| 4 | 6 | 2 | 7 | 5 | 3 | 8 | 1 | 9 |
| 3 | 1 | 9 | 8 | 4 | 2 | 7 | 6 | 5 |
| 5 | 8 | 7 | 6 | 9 | 1 | 2 | 4 | 3 |
| 2 | 3 | 8 | 9 | 1 | 4 | 5 | 7 | 6 |
| 9 | 5 | 6 | 3 | 8 | 7 | 1 | 2 | 4 |
| 7 | 4 | 1 | 5 | 2 | 6 | 9 | 3 | 8 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପୋଷ୍ଟାଲ ଘରୋଇକରଣ ନ ହେଉ

ମହାଶୟ,

କେନ୍ଦ୍ର ସରକାର ଘରୋଇକରଣରୁ ନିବୃତ୍ତ ରୁହନ୍ତୁ। କାରଣ ଏହାଦ୍ୱାରା କର୍ମଚାରୀଙ୍କ ଭବିଷ୍ୟତ ଆଦୌ ନିଶ୍ଚିତ ନୁହେଁ। ପୂର୍ବରୁ ଏୟାରଲାଇନ୍ସ, ଆକାଶବାଣୀ ଏବଂ ଦୂରଦର୍ଶନକୁ ଘରୋଇ ସଂସ୍ଥା ହାତରେ ଟେକି ଦେଇଛନ୍ତି, ଯାହା ମୌଳିକ ସ୍ୱାର୍ଥ ଉପରେ ଏକ କୁଠାରାଘାତ। ଏବେ ପୋଷ୍ଟାଲ ଘରୋଇକରଣ ପାଇଁ ଯୋଜନା କରାଯାଉଛି। ସାମୂହିକ ହିତ ଦୃଷ୍ଟିରୁ ଏହା ଗ୍ରହଣୀୟ ନୁହେଁ। କେନ୍ଦ୍ରର ଏକଚାଟିଆ ନୀତିକୁ ସହ୍ୟ କରା ନ ଯାଉ। ଏହି ନୀତି ବିରୋଧରେ ସ୍ୱର ଉଠାଇ ଘରୋଇକରଣ ଧାରାକୁ ରୋକିବା ଦରକାର।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

## ଚିରନ୍ତନୀ

ନବ ନବ ବଇଭବ
ଚଉଦିଗେ ଭରେ,
ଅନ୍ତର ଦିନତାରେ
ନିଶିଦିନ ମରେଁ।

(ଚିରନ୍ତନ କୁହୁ)

—କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୩୧,୧୯,୮୭୮ | ୬୫,୪୯,୭୨୪ | ୬୦,୨୮,୫୮,୪୮୬ |
| ଭାରତ | ୪,୪୫,୯୧,୧୧୨ | ୫,୨୮,୭୫୫ | ୪,୪୦,୨୪,୧୬୪ |
| ଓଡ଼ିଶା | ୧୩,୩୪,୨୩୬ | ୯୧୯୪(+୫୩) | ୧୩,୨୩,୭୪୬ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଦେଶକୁ ନୂଆ ରୂପରେଖ ଦିଅନ୍ତୁ ଛାତ୍ରୀଛାତ୍ର: ମୁଖ୍ୟମନ୍ତ୍ରୀ

## କିଟ୍ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ

- ୭ ବ୍ୟକ୍ତିବିଶେଷଙ୍କୁ ଡକ୍ଟରେଟ୍
- ୧୬୩ ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ

ଭୁବନେଶ୍ୱର, ୧।୧୦(ବ୍ୟୁରୋ)

ସାମାଜିକ ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଜ୍ଞାନ ମୂଳ ସମ୍ବଳ। ଜ୍ଞାନ ବିପ୍ଳବ ଆମ ଜୀବନର ପ୍ରତ୍ୟେକଟି ଦିଗକୁ ଏକ ସ୍ୱତନ୍ତ୍ର ରୂପ ଦେଇଥାଏ। ବର୍ତ୍ତମାନର ଜ୍ଞାନଯୁଗ ନୂତନ ସର୍ଜନା ଓ ଚିନ୍ତାଧାରାକୁ ପୁରସ୍କୃତ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶନିବାର କିଟ୍ ବିଶ୍ୱବିଦ୍ୟାଳୟର ୧୮ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ, ବିଶ୍ୱର ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ଭାରତ କ୍ଷିପ୍ର ଗତିରେ ଯୋଗଦାନ କରିଚାଲିଛି। ଦେଶର ଯୁବପିଢ଼ି ଏହି ଷ୍ଟାର୍ଟଅପ୍ ଆନ୍ଦୋଳନକୁ ନେତୃତ୍ୱ ଦେଉଛନ୍ତି। ଛାତ୍ରୀଛାତ୍ର ହେଉଛନ୍ତି ଦେଶର ପରବର୍ତ୍ତୀ ନେତୃତ୍ୱ। ଦେଶକୁ ନୂତନ ରୂପରେଖ ଦେବା ଲାଗି ସେମାନଙ୍କ ପାଇଁ ସୁଯୋଗ ରହିଛି। କିଟ୍ ଛାତ୍ରୀଛାତ୍ର ସେମାନଙ୍କ ସର୍ଜନା ଓ ନୂତନ ଚିନ୍ତାଧାରା ବଳରେ ସମାଜ ଗଠନରେ ସହାୟକ ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। କିଟ୍ ଗତ ୨୫ବର୍ଷ ମଧ୍ୟରେ ଦେଶର ବୈଷୟିକ ଓ ବୃତ୍ତିଗତ ଶିକ୍ଷା ସହ କ୍ରୀଡ଼ା ଓ ସମାଜସେବା କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଅଳ୍ପ ସମୟରେ ଆମେରିକାର ଆବେଟ୍ ସ୍ୱୀକୃତି ସହ ବିଭିନ୍ନ ଅନ୍ତର୍ଜାତୀୟ ଓ ଜାତୀୟ ସ୍ୱୀକୃତି ଲାଭ କରିପାରିଛି ବୋଲି ସେ କହିଛନ୍ତି।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଫ୍‌କନ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚରର କାର୍ଯ୍ୟକାରୀ ଉପାଧ୍ୟକ୍ଷ କେ. ସୁବ୍ରମଣ୍ୟନ୍‌ଙ୍କୁ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରୁଛନ୍ତି।

ବିଶିଷ୍ଟ ସାମାଜିକ କର୍ମୀ ତଥା ଶାନ୍ତି ନୋବେଲ ବିଜୟିନୀ ଡ. ରିଗୋବେର୍ତ୍ତା ମେଞ୍ଚୁ ତୁମ୍ ଭର୍ଚୁଆଲରେ ଯୋଗଦେଇ କହିଲେ, ଛାତ୍ରୀଛାତ୍ର ବୈଷୟିକ ଜ୍ଞାନ ପ୍ରୟୋଗ କରି ମାନବିକତାର ସହ ବିଶ୍ୱକୁ ନେତୃତ୍ୱ ଦେଇପାରିବ। ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା କହିଲେ, ଦେଶ ସଶକ୍ତ ହେବା କ୍ଷେତ୍ରରେ ଶିକ୍ଷା ହେଉଛି ଏକ ମାଧ୍ୟମ। ଏହା ଜଣେ ବ୍ୟକ୍ତିର ଚରିତ୍ର ଗଠନରେ ସହାୟକ ହୋଇଥାଏ।

ଏହି ଅବସରରେ ବ୍ରିଟିଶ ପାର୍ଲାମେଣ୍ଟ ସାଂସଦ ଜନ୍ ଦେଶମଣ୍ଡ ଫୋକ୍ସ ଆଣ୍ଡେରସନ, ୟୁରୋପିଆନ ୟୁନିୟନ ସାଂସଦ ହିମାଂଶୁ ଗୁଲାଟି, ଜର୍ମାନର ବରିଷ୍ଠ ବୈଦେଶିକ ନୀତି ପରାମର୍ଶଦାତା ଆଣ୍ଡେରେସ ଜନ୍, ପାରାଅଲିମ୍ପିକ କମିଟି ଅଫ୍ ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଡ. ଦୀପା ମଲ୍ଲିକ, ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ପ୍ରତିନିଧି ତଥା ଭାରତରେ ଅବସ୍ଥାପିତ ଏହାର ନିର୍ଦ୍ଦେଶକ ବିଶୋ ପାରାଜୁଲି, ମୁମ୍ବାଇସ୍ଥିତ ଆଫ୍‌କନ୍ ଇନ୍‌ଫ୍ରାଷ୍ଟ୍ରକଚରର କାର୍ଯ୍ୟକାରୀ ଉପାଧ୍ୟକ୍ଷ କେ. ସୁବ୍ରମଣ୍ୟନ୍ ଏବଂ ଏସ୍. ଏନ୍. ମହାନ୍ତି ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରବୋଧ ମହାନ୍ତିଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା। ୧୬୩ ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ସମେତ ବିଭିନ୍ନ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ମୋଟ ୮,୧୨୩ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରମାଣପତ୍ର ଦିଆଯାଇଥିବାବେଳେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୩ଜଣଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ, ୩୪ ଜଣଙ୍କୁ କୁଳାଧିପତି ସ୍ୱର୍ଣ୍ଣପଦକ, ନନୀବାଳା ସ୍ୱର୍ଣ୍ଣପଦକ, ଶ୍ରୀକୃଷ୍ଣ ଚନ୍ଦ୍ର ପଣ୍ଡା ସ୍ମାରକୀ ସ୍ୱର୍ଣ୍ଣପଦକ, ପି.କେ. ବଳ ସ୍ମାରକୀ ସ୍ୱର୍ଣ୍ଣପଦକ, ପିପିଏଲ୍ ସ୍ୱର୍ଣ୍ଣପଦକ ଓ ୩୦ ଜଣଙ୍କୁ କୁଳପତି ରୌପ୍ୟପଦକ ପ୍ରଦାନ କରାଯାଇଥିଲା। ୫-ଟି ସଚିବ ଭି.କେ. ପାଣ୍ଡିଆନ, ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ସୁବ୍ରତ ଆଚାର୍ଯ୍ୟ, କୁଳପତି ପ୍ରଫେସର ସସ୍ମିତା ସାମନ୍ତ, କୁଳସଚିବ ଜ୍ଞାନରଞ୍ଜନ ମହାନ୍ତିଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# ୩ ମାସ ବଢ଼ିଲା ମାଗଣା ଚାଉଳ ଅବଧି

ଭୁବନେଶ୍ୱର, ୧।୧୦(ବ୍ୟୁରୋ)

ନିକଟରେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ)ରେ ଆସନ୍ତା ୩ ମାସ ପାଇଁ ଅତିରିକ୍ତ ୫ କେଜି ଲେଖାଏ ଖାଦ୍ୟଶସ୍ୟ ଯୋଗାଇବା ପାଇଁ ଘୋଷଣା କରିଛନ୍ତି। ଏହାକୁ ଅନୁସରଣ କରି ରାଜ୍ୟ ସରକାର ହିତାଧିକାରୀଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା(ଏସ୍‌ଏଫ୍‌ଏସ୍‌ଏସ୍)ରେ ଆଉ ୩ ମାସ ପାଇଁ ମାଗଣା ଚାଉଳ ପ୍ରଦାନ କରିବେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀମାନଙ୍କୁ ଆଉ ୩ ମାସ ପାଇଁ ଅତିରିକ୍ତ ୫ କେଜି ଚାଉଳ ମାଗଣାରେ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ଏହି ତିନି ମାସ ପାଇଁ ହିତାଧିକାରୀମାନେ ଏନ୍‌ଏଫ୍‌ଏସ୍‌ଏ ହିତାଧିକାରୀମାନଙ୍କ ପରି ମୁଣ୍ଡପିଛା ମାସକୁ ୫ କେଜି ଲେଖାଏ ଅତିରିକ୍ତ ଚାଉଳ ମାଗଣାରେ ପାଇପାରିବେ। ଏଥିପାଇଁ ରାଜ୍ୟ ସରକାର ୪୯ କୋଟି ଟଙ୍କା ବ୍ୟୟରେ ୧୩,୫୭୫ ମେଟ୍ରିକ ଟନ୍ ଚାଉଳ ହିତାଧିକାରୀଙ୍କୁ ଯୋଗାଇ ଦେବେ। ଏହାଦ୍ୱାରା ୨.୯୨ ଲକ୍ଷ ପରିବାରର ୯.୦୫ ଲକ୍ଷ ହିତାଧିକାରୀ ଉପକୃତ ହେବେ। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟ ସରକାର ୨୦୨୧ ଡିସେମ୍ବରରୁ ୨୦୨୨ ମାର୍ଚ୍ଚ ଏବଂ ପରେ ଆଉ ୬ ମାସ ଏପ୍ରିଲରୁ ସେପ୍ଟେମ୍ବର ମାସ ଯାଏ ବୃଦ୍ଧି କରିଥିଲେ। ଏହି ଘୋଷଣା ପରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀମାନେ ଏନ୍‌ଏଫ୍‌ଏସ୍‌ଏ ହିତାଧିକାରୀଙ୍କ ଭଳି ଉପକୃତ ହେବେ।

# ଭଉଣୀ ଟ୍ୟୁଶନ ଟଙ୍କା ମାଗିବାରୁ ଭାଇଙ୍କୁ ଏସିଡ୍ ମାଡ଼

## ଅଭିଯୁକ୍ତ ଦମ୍ପତି ଗିରଫ

ଭଞ୍ଜନଗର, ୧।୧୦(ଡି.ଏନ.ଏ)



ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ବଡକୋଦଣ୍ଡାରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଭଉଣୀ ଟ୍ୟୁଶନ ଫି ମାଗିବାରୁ ତାଙ୍କ ଭାଇଙ୍କୁ ଏସିଡ୍ ମାଡ଼ କରାଯାଇଥିବା ଅଭିଯୋଗ ହୋଇଛି। ଏସିଡ୍ ମାଡ଼ରେ ତାରେଣୀ ସ୍ୱାଇଁ ଗୁରୁତର ହୋଇଛନ୍ତି। ପୋଲିସ ଅଭିଯୁକ୍ତ ଦମ୍ପତିଙ୍କୁ ଗିରଫ କରି ଭଞ୍ଜନଗର କୋର୍ଟକୁ ଚାଲାଣ କରିଛି। ସେମାନେ ହେଲେ ସୁଶାନ୍ତ ଆଚାରୀ ଓ ତାଙ୍କ ସ୍ତ୍ରୀ କାମେଶ୍ୱରୀ।

ପ୍ରକାଶ ଯେ, ଗ୍ରାମର ସୁନିତା ସ୍ୱାଇଁ ସୁଶାନ୍ତଙ୍କ ଦୁଇ ପୁଅକୁ ଟ୍ୟୁଶନ କରୁଥିଲେ। ତେଣୁ ସୁନିତା ସୁଶାନ୍ତଙ୍କୁ ଟ୍ୟୁଶନ ଫି ମାଗିଥିଲେ। ଏଥିରେ ସୁଶାନ୍ତ ଏବଂ ତାଙ୍କ ସ୍ତ୍ରୀ କାମେଶ୍ୱରୀ ରାଗିଯାଇ ସୁନିତାକୁ ଗାଳିଗୁଲଜ କରିଥିଲେ। ଏ ନେଇ ସୁନିତା ଭାଇ ତାରେଣୀଙ୍କୁ ଜାଣାଇବା ପରେ ଭଉଣୀଙ୍କୁ କାହିଁକି ଅସଦ୍ ବ୍ୟବହାର କରିଲ ବୋଲି ସେ ସୁଶାନ୍ତଙ୍କୁ ପଚାରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସୁଶାନ୍ତ ଏବଂ ତାଙ୍କ ସ୍ତ୍ରୀ ଘରେ ସୁନା ସଫା କରିବା ପାଇଁ ରଖିଥିବା ଏସିଡ୍ ତାରେଣୀ ଉପରେ ପକାଇ ଦେଇଥିଲେ।

# ଭାଇ ମୃତ୍ୟୁର ୩ ଦିନ ପରେ ବଡ଼ ଭଉଣୀଙ୍କ ଆତ୍ମହତ୍ୟା

ଜୟପୁର, ୧।୧୦(ନି.ପ୍ର.)

୩ ଦିନ ତଳେ ଜୟପୁର ପାରାବେଡା ଶ୍ରୀରାମନଗରର ଗଦାଧର ନାୟକଙ୍କ ପୁଅ ଶିବାଶିଷଙ୍କ ମୃତଦେହ ଘର ଛାତ ଉପରୁ ଉଦ୍ଧାର ହୋଇଥିଲା। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଶନିବାର ଗଦାଧରଙ୍କ ବଡ଼ଝିଅ ରଶ୍ମିତା (୨୪)ଙ୍କ ମୃତଦେହ ଛାତରୁ ଉଦ୍ଧାର ହୋଇଛି। ସେ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ କୁହାଯାଇଛି।


ରଶ୍ମିତା ନାୟକ

ସପ୍ତମ ଶ୍ରେଣୀରେ ପଢୁଥିବା ଶିବାଶିଷଙ୍କ ମୃତଦେହ ଗତ ୨୯ରେ ଛାତ ଉପରୁ ମିଳିଥିଲା। ଶିବାଶିଷଙ୍କୁ ଦଶହରା ପଡିଆରେ ରହୁଥିବା କେତେଜଣ ଅସାମାଜିକ ଯୁବକ ୧ହଜାର ଟଙ୍କା ମାଗି ଧମକ ଦେଉଥିବାରୁ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ତେବେ ଶିବାଶିଷଙ୍କ ମୃତ୍ୟୁର ୩ ଦିନ ପରେ ରଶ୍ମିତା ଆତ୍ମହତ୍ୟା କରିବା ଘଟଣାକୁ ପୋଲିସ ଗମ୍ଭୀରତା ସହ ନେଇଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ସଂସ୍ଥାରେ କାମ କରୁଥିବା ରଶ୍ମିତା ସାନଭାଇ ଶିବାଶିଷଙ୍କୁ ବହୁତ ଭଲ ପାଉଥିଲେ। ଦଶହରାରେ ଘରକୁ ଆସିବା ସମୟରେ ନୂଆ ପୋଷାକ ଆଣି ଦେବାକୁ ସାନଭାଇ ରଶ୍ମିତାଙ୍କୁ କହିଥିଲେ। ସାନଭାଇଙ୍କ ମୃତ୍ୟୁ ଖବର ପାଇ ରଶ୍ମିତା ଘରକୁ ଆସିଥିବାବେଳେ ଶିବାଶିଷ ଆତ୍ମହତ୍ୟା କରିଥିବା ସ୍ଥାନରେ ନିଜ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏକ ଇଞ୍ଜିନିୟରିଂ କଲେଜରେ ଚାକିରି କରୁଥିବା ଗଦାଧର ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ଛାତ ଉପରେ ରଶି ଲଗାଇ ଆତ୍ମହତ୍ୟା କରିବା ପାଇଁ ସେମିତି କିଛି ସୁଯୋଗ ନାହିଁ ବୋଲି ପୋଲିସ କହିଛି। ଦୁହେଁ ଯେପରି ଆତ୍ମହତ୍ୟା କଲେ ଏହା ନ କରିବାକୁ ଗଦାଧର ମଝିଆ ଝିଅକୁ କହୁଥିବାରୁ କାଳେ ଏହାର ପୁନରାବୃତ୍ତି ହେବ ସେହି ଆଶଙ୍କାରେ ପରିବାର ଲୋକଙ୍କୁ କାଉନସେଲିଂ ପାଇଁ କୋରାପୁଟ ଡିସିପିଓଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ଜୟପୁର ଏସ୍‌ଡିପିଓ କହିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଚମାଖଣ୍ଡି ଥାନାରେ ଅଟକଙ୍କ ସନ୍ଦେହଜନକ ମୃତ୍ୟୁ

ଛତ୍ରପୁର, ୧।୧୦(ଡି.ଏନ.ଏ.)

ଗଞ୍ଜାମ ଜିଲା ଚମାଖଣ୍ଡି ଥାନା ହାଜତରେ ଅଟକ ଥିବା ଜଣେ ଯୁବକଙ୍କର ଶନିବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ଚମାଖଣ୍ଡି ଥାନା ଚମାଖଣ୍ଡି ଗାଁର ସିଏଚ୍.ତ୍ରିଲୋଚନ ରେଡ୍ଡୀ (୩୨)। ପୋଲିସ କହିବାନୁସାରେ ତ୍ରିଲୋଚନ ହାଜତ ମଧ୍ୟରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ଏପରିକି ମୃତ ତ୍ରିଲୋଚନଙ୍କ ପରିବାର ବର୍ଗ ମଧ୍ୟ ପୋଲିସ ବିରୋଧରେ କୌଣସି ଅଭିଯୋଗ ଖବରଦାତା କିମ୍ବା ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ କରିନାହାନ୍ତି।

ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏଙ୍କୁ ଯୋଗାଯୋଗ କରିବାରୁ ତ୍ରିଲୋଚନ ଆତ୍ମହତ୍ୟା କରିଥିବା ସେ କହିଛନ୍ତି। ସେ ଆହୁରି କହଛନ୍ତି, ଏନ୍‌ଏଚ୍‌ଆରପି (ଜାତୀୟ ମାନବ ଅଧିକାର ସୁରକ୍ଷା) ନିୟମ ଅନୁସାରେ ଏହାର ତଦନ୍ତ ଚାଲିଛି। ଏସ୍‌ପି ଅଫିସର ହେଡ୍‌କ୍ୱାର୍ଟର ଡିଏସ୍‌ପିଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ଅତିରିକ୍ତ ଏସ୍‌ପି ଏହାର ମନିଟରିଂ କରୁଥିବା ଖବରଦାତାମାନଙ୍କୁ ଏସ୍‌ପି ସୂଚନା ଦେଇଛନ୍ତି। ବ୍ରହ୍ମପୁର ବଡମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ବେଳେ ଏହାର ଭିଡିଓ ରେକର୍ଡିଂ କରାଯାଇଛି।

ସୂଚନା ଅନୁସାରେ, ତ୍ରିଲୋଚନ ନିଶାସକ୍ତ ଅବସ୍ଥାରେ ସର୍ବଦା ଗଣ୍ଡଗୋଳ କରୁଥିବାରୁ ତାଙ୍କ ସ୍ତ୍ରୀ ସିଏଚ୍. ମହାଲକ୍ଷ୍ମୀ ଗତ ୨ ବର୍ଷ ହେଲା କରାପଲ୍ଲୀରେ ଥିବା ତାଙ୍କ ବାପାଙ୍କ ଘରେ ରହି ଆସୁଛନ୍ତି। ତାଙ୍କର ୨ଟି ଝିଅ ଅଛନ୍ତି। ସେ ବାରମ୍ବାର ନିଶାସକ୍ତ ଅବସ୍ଥାରେ ଗଣ୍ଡଗୋଳ କରୁଥିବାରୁ ତାଙ୍କ ବାପା ସିଏଚ୍. ରାଜା ରାଓ ରେଡ୍ଡୀ ଏ ସମ୍ପର୍କରେ ଚମାଖଣ୍ଡି ଥାନାରେ ସେପ୍ଟେମ୍ବର ୧୫ରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଚମାଖଣ୍ଡି ପୋଲିସ ମାମଲା (ନଂ-୧୬୬/୨୨) ରୁଜୁ କରିବା ସହ ତ୍ରିଲୋଚନଙ୍କୁ ତାଗିଦ୍ କରି ୪୧ ନୋଟିସ୍‌ରେ ଛାଡି ଦେଇଥିଲେ। ସେଠାରୁ ଯାଇ ଘରେ ସେ ଗଣ୍ଡଗୋଳ କରିବାରୁ ତାଙ୍କ ବାପା ଶୁକ୍ରବାର ପୁଣି ଚମାଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଷ୍ଟେଶନ ଡାଏରୀ କରିବା ସହ ସନ୍ଧ୍ୟାରେ ତ୍ରିଲୋଚନଙ୍କୁ ଥାନାକୁ ଆଣି ହାଜତରେ ଅଟକ ରଖିଥିଲେ। ଶନିବାର ସକାଳୁ ହାଜତ ଭିତର ଝରକା ରେଲିଂରେ ଲୁଙ୍ଗି ସାହାଯ୍ୟରେ ସେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସକାଳ ୮ଟାରେ ତାଙ୍କୁ ଗୁରୁତର ଅବସ୍ଥାରେ ପୋଲିସ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।













# ସରିଲା ମା'ଙ୍କ ବିଲ୍ୱାଧିବାସ, ଆଜି ସପ୍ତମୀ

ଭୁବନେଶ୍ୱର,୧।୧୦(ବ୍ୟୁରୋ)

ଆରମ୍ଭ ହୋଇଛି ପାର୍ବଣ ପୂଜା। ସୁନ୍ଦର ତୋରଣ ସାଙ୍ଗକୁ ରଙ୍ଗାରଙ୍ଗ ଆଲୋକମାଳାରେ ମଣ୍ଡପ ଝଲସୁଥିବାବେଳେ ମା' ଦୁର୍ଗାଙ୍କ ଧରାବତରଣ ପୂରା ପରିବେଶକୁ ଭକ୍ତିମୟ କରିଦେଇଛି। ପରମ୍ପରା ଅନୁଯାୟୀ ଶନିବାର ପୀଠେ ସପ୍ତମୀ ପୂଜା ସମ୍ପନ୍ନ ହୋଇଥିବାବେଳେ ମଣ୍ଡପରେ ଷଷ୍ଠୀପୂଜା ବିଳମ୍ବିତ ରାତିଯାଏ ଚାଲିଥିଲା। ମା'ଙ୍କର ବିଲ୍ୱାଧିବାସ ସରିଥିବାବେଳେ ଆଜି ରବିବାର ସପ୍ତମୀରେ ଘଟପୂଜା, ଗଙ୍ଗା ପୂଜନ, ଘଟ ସ୍ଥାପନ, ନବ ପତ୍ରିକା ସ୍ଥାପନ ଓ ପ୍ରାଣ ପ୍ରତିଷ୍ଠା ବିଶେଷ କରି ମା'ଙ୍କୁ ଚକ୍ଷୁଦାନ କରାଯିବ।

ରାଜଧାନୀ ଭୁବନେଶ୍ୱରରେ ୧୦୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ବିରାଜିଛନ୍ତି ଜଗତ୍‌ଜନନୀ ମା' ଦୁର୍ଗା। କେଉଁଠି ବଡ଼ ବଡ଼ ପ୍ୟାଲେସରେ ମା'ଙ୍କ ପୂଜା ଆରମ୍ଭ ହୋଇଛି ତ ପୁଣି ଆଉ କେଉଁଠି କେଉଁଠି ବିଭିନ୍ନ ମନ୍ଦିର, ମ୍ୟୁଜିୟମ୍, ରାଷ୍ଟ୍ରପତି ଭବନ, କମିଶନରେଟ ପୋଲିସ ମୁଖ୍ୟାଳୟ ଆକୃତିର ତୋରଣ ଶୋଭାପାଉଛି। ଅନେକ ତୋରଣରେ ସାମାଜିକ ବାର୍ତ୍ତା ଦେଖିବାକୁ ମିଳୁଛି। ରସୁଲଗଡ଼, ଶହୀଦନଗର, ବମିଖାଲ, ଓଲ୍ଡ ଷ୍ଟେଶନ ବଜାର, ରାଜମହଲ, କଳ୍ପନା, ବରମୁଣ୍ଡା, ନୟାପଲ୍ଲୀ, ଚନ୍ଦ୍ରଶେଖରପୁର, ପଟିଆ, ପଳାଶୁଣୀ ଆଦି ପ୍ରମୁଖ ମଣ୍ଡପ ବିଶେଷ ଆକର୍ଷଣ ସାଜିଛି। କୋଭିଡ୍ ପାଇଁ ୨ବର୍ଷ ମା'ଙ୍କ ପୂଜା କଟକଣାରେ ପାଳିତ ହୋଇଥିବାବେଳେ ଚଳିତ ବର୍ଷ ଭକ୍ତଙ୍କ ଗହଣରେ ମା' ପୂଜା ପାଇବେ। ତେଣୁ ପୂଜା ଆୟୋଜକ ଧୁମ୍‌ଧାମ୍‌ରେ ପୂଜା ପାଳନ ପାଇଁ ଆରମ୍ଭରୁ ପ୍ରତିଯୋଗିତାମୂଳକ ଭାବେ ପ୍ରସ୍ତୁତି କରିଥିଲେ। ବିଭିନ୍ନ ସ୍ଥାନରେ ମେଲୋଡି, ମିନାବଜାର, ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଦର୍ଶକଙ୍କ ମନୋରଞ୍ଜନର ବ୍ୟବସ୍ଥା ହୋଇଥିବାବେଳେ ରାବଣପୋଡ଼ି ଓ ଭସାଣି ଉତ୍ସବ ମଧ୍ୟ ଆକର୍ଷଣୀୟ ହେବ। ମା'ଙ୍କ ପ୍ରତ୍ୟକ୍ଷ ଦର୍ଶନ ପାଇଁ ଦୁଇବର୍ଷ ପରେ ସୁଯୋଗ ମିଳୁଥିବାରୁ ଚଳିତ ବର୍ଷ ମଣ୍ଡପରେ ପ୍ରବଳ ଭିଡ଼ ହେବ। ତେବେ ଷଷ୍ଠୀରୁ ହିଁ ଭକ୍ତଙ୍କ ଗହଳି ଆରମ୍ଭ ହୋଇଥିବାବେଳେ ସପ୍ତମୀରୁ ଦଶମୀ ପର୍ଯ୍ୟନ୍ତ ପ୍ରବଳ ଗହଳି ହେବ ବୋଲି ବିଭିନ୍ନ ପୂଜା ମଣ୍ଡପର କର୍ମକର୍ତ୍ତା କହିଛନ୍ତି।

## ଦୁର୍ଗାପୂଜା ପାଇଁ ଉତ୍ସବମୁଖର ରାଜଧାନୀ


ଝାରପଡ଼ା ଦୁର୍ଗା ପୂଜା ସମିତି ପକ୍ଷରୁ ପୂଜା ପାଉଥିବା ମା' ଦୁର୍ଗା।


ଏସ୍‌ପ୍ଲାନେଡ୍ ମଲ୍ ସମ୍ମୁଖରୁ ରସୁଲଗଡ ଛକ ପର୍ଯ୍ୟନ୍ତ ରାସ୍ତାରେ ଶନିବାର ସନ୍ଧ୍ୟାରେ ହୋଇଥିବା ଟ୍ରାଫିକ୍ ଜାମ୍।

# ପ୍ରଥମ ଦିନରେ ଅସମ୍ଭାଳ ଭିଡ଼


ଟ୍ରାଫିକ୍ ଜାମ୍‌ରେ ଆମ୍ବୁଲାନ୍ସ ଅଟକି ରହିଛି।

ଭୁବନେଶ୍ୱର,୧।୧୦(ବ୍ୟୁରୋ)

**ଟ୍ରାଫିକ୍ ପରିଚାଳନା ବିଫଳ**
- ୧୦ ମିନିଟ୍ ରାସ୍ତାକୁ ଲାଗିଲା ଘଣ୍ଟାଏ
- ଭିଡ଼ରେ ଫସିଲା ଆମ୍ବୁଲାନ୍ସ

ଦୁଇବର୍ଷ ପରେ ଚଳିତବର୍ଷ ରାଜଧାନୀରେ ଜାକଜମକରେ ଦୁର୍ଗାପୂଜା ହେଉଛି। ଶନିବାର ଷଷ୍ଠୀରେ ମଣ୍ଡପଗୁଡ଼ିକରେ ମା'ଙ୍କୁ ଅଧିଷ୍ଠିତ କରାଯାଇଥିବାବେଳେ ଲୋକଙ୍କ ଗହଳି ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ନାହିଁ ନ ଥିବା ଗହଳି ରାଜଧାନୀର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥିଲା। ବିଶେଷକରି ଅପରାହ୍ନ ୫ଟାରୁ ଟ୍ରାଫିକ୍ ଜାମ୍ ଆରମ୍ଭ ହୋଇଯାଇଥିଲା। ଚାରିଚକିଆ ଯାନଠୁ ଆରମ୍ଭକରି ୨ଚକିଆ ସହର ମଧ୍ୟକୁ ପ୍ରବଳ ମାତ୍ରାରେ ଆସୁଥିବାରୁ କଟକ-ପୁରୀ ରୋଡ୍, ରସୁଲଗଡ଼ରୁ ବାଣୀବିହାର, ବାଣୀବିହାରରୁ ଶହୀଦନଗର ତଥା ଜନପଥ ରୋଡ୍‌ରେ ଭିଡ଼ ଦେଖିବାକୁ ମିଳିଥିଲା। ସେହିପରି ବାଣୀବିହାରରୁ ରସୁଲଗଡ଼କୁ ଆସୁଥିବା ସମୟରେ ସତ୍‌ସଙ୍ଗ ବିହାର ନିକଟରେ ଦୀର୍ଘ ସମୟ ଧରି ଆମ୍ବୁଲାନ୍ସ ଫସି ରହିଥିବା ଦେଖିବାକୁ ମିଳିଛି। ଫଳରେ ଅଧ କି.ମି. ବାଟ ଯିବାକୁ ଏକ ଘଣ୍ଟାରୁ ଅଧିକ ସମୟ ଲାଗିଯାଉଛି। ସେହିପରି ରସୁଲଗଡ଼ ଏସ୍‌ପ୍ଲାନେଡ ମଲ୍‌କୁ ଅଧିକ ମାତ୍ରାରେ ଯାନବାହନ ପ୍ରବେଶ ଏବଂ ପ୍ରସ୍ଥାନ କରୁଥିବା କାରଣରୁ ରସୁଲଗଡ଼ ଶିଳ୍ପାଞ୍ଚଳ ରାସ୍ତାରେ ଗାଡ଼ିଗୁଡ଼ିକ ଦୀର୍ଘସମୟ ଧରି ଫସି ରହିଥିଲା। ପୋଲିସ ପ୍ରଶାସନ ପକ୍ଷରୁ ପୂଜାରେ ଟ୍ରାଫିକ ସମସ୍ୟାକୁ ନେଇ ବୈଠକ ହୋଇଥିବା ସତ୍ତ୍ୱେ ଭିଡ଼କୁ ନିୟନ୍ତ୍ରଣ କରିବା ଅସମ୍ଭବ ହୋଇପଡ଼ିଛି। ରବିବାର ସପ୍ତମୀ ପୂଜା ସାଙ୍ଗକୁ ଛୁଟି ଥିବାରୁ ଅଧିକ ଭିଡ଼ ଆଶଙ୍କା ରହିଛି। ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତ କରା ନ ଗଲେ ଟ୍ରାଫିକ ସମସ୍ୟା ଅଧିକ ଜଟିଳ ହେବ ବୋଲି ଜନସାଧାରଣ କହୁଛନ୍ତି। ଅପରପକ୍ଷରେ ଭିଡ଼କୁ ନିୟନ୍ତ୍ରଣ କରାଯିବା ସହ ବ୍ୟବସ୍ଥିତ ଢଙ୍ଗରେ ଯାନବାହନ ଚଳାଚଳ କିପରି କରାଯିବ ସେଥିପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଟ୍ରାଫିକ୍ ପୋଲିସ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ସୋସିଆଲ ମିଡିଆରେ ଫେକ୍ ଆକାଉଣ୍ଟ ଖୋଲିବା ଅପରାଧ
#### ସତର୍କ କରାଇଲା ଓଡ଼ିଶା ପୋଲିସ

ଭୁବନେଶ୍ୱର,୧।୧୦ (ବ୍ୟୁରୋ): ଅନେକ ବ୍ୟକ୍ତି ଅଜଣା ଲୋକଙ୍କ ଫଟୋ ଓ ତଥ୍ୟକୁ ବ୍ୟବହାର କରି ସୋସିଆଲ ମିଡିଆରେ ଫେକ ଆକାଉଣ୍ଟ ତିଆରି କରି ବ୍ୟବହାର କରୁଛନ୍ତି। ଏହାଦ୍ୱାରା ସାଇବର ଅପରାଧ ବୃଦ୍ଧିପାଉଛି। ଏପରି କରୁଥିବା ବ୍ୟକ୍ତିଙ୍କୁ ଆଇନ ଅନୁସାରେ ଦଣ୍ଡିତ କରାଯିବ ବୋଲି ଓଡିଶା ପୋଲିସ ସତର୍କ କରିବା ସହ ଏଥିରୁ ନିବୃତ ରହିବାକୁ ପରାମର୍ଶ ଦେଇଛି। ତେଣୁ ସୋସିଆଲ ମିଡିଆରେ ଅନ୍ୟ ବ୍ୟକ୍ତିଙ୍କ ନାମରେ ଫେକ୍ ଆକାଉଣ୍ଟ ନ ଖୋଲିବାକୁ ପୋଲିସ ସତର୍କ କରାଇଛି। ନଚେତ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ପୋଲିସ ସତର୍କ କରାଇଛି। ଟୁଇଟର, ଫେସବୁକ ଓ ଇନଷ୍ଟାଗ୍ରାମ ପରି ସୋସିଆଲ ମିଡିଆରେ ଫେକ ଅକାଉଣ୍ଟ ଖୋଲିବାକୁ ବାରଣ କରାଯାଇଛି।

### କାର୍ ଜବତ, ଡ୍ରାଇଭର ଗିରଫ

ଭୁବନେଶ୍ୱର,୧।୧୦ (ବ୍ୟୁରୋ): ଏକ କାର ଚୋରି ମାମଲାରେ ଖାରବେଳ ନଗର ଥାନା ପୋଲିସ ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରିଛି। ସେ ହେଲେ କୋରାପୁଟ ଜିଲା ସେମିଳିଗୁଡାର ପ୍ରଶାନ୍ତ କୁମାର ସ୍ୱାଇଁ। ପୋଲିସ ତାଙ୍କଠାରୁ କାର ଜବତ କରିଛି। ସୂଚନାନୁସାରେ, ସେପ୍ଟେମ୍ବର ୨୨ ସନ୍ଧ୍ୟାରେ ଅଭିଯୋଗକାରୀ ଏବଂ ତାଙ୍କ ମା' ଖାରବେଳ ନଗର ଥାନା ଅନ୍ତର୍ଗତ ଜନପଥ ରୋଡ଼ରେ ଥିବା ଏକ ସୁନା ଦୋକାନକୁ ଏକ କାରରେ ଯାଇଥିଲେ। କାରଚାଳକ ପ୍ରଶାନ୍ତ ସେମାନଙ୍କୁ ଓହ୍ଲାଇଦେଇ ପାର୍କିଂରେ ଗାଡ଼ି ରଖିବାକୁ ଯାଉଛି ବୋଲି କହିଥିଲେ। ଦୋକାନରୁ ଫେରିବା ପରେ ଗାଡ଼ି ପାର୍କିଂରେ ନଥିଲା କି ପ୍ରଶାନ୍ତଙ୍କୁ ପାଇନଥିଲେ। ବହୁ ଯୋଗାଯୋଗ ପାଇଁ ଚେଷ୍ଟା କରିଥିଲେ ମଧ୍ୟ ପ୍ରଶାନ୍ତଙ୍କ ସହ ଯୋଗାଯୋଗ ହୋଇପାରିନଥିଲା। ପରେ ଏ ନେଇ ସେମାନେ ଖାରବେଳନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଶନିବାର ପ୍ରଶାନ୍ତଙ୍କୁ ଗିରଫ କରିଛି।

### ୯ ଦିନରେ ୧୬୮ ଗିରଫ
#### ଅବକାରୀ ବିଭାଗର ସ୍ୱତନ୍ତ୍ର ଚଢ଼ାଉ,

ଭୁବନେଶ୍ୱର,୧।୧୦(ବ୍ୟୁରୋ): ପାର୍ବଣ ଋତୁ ଚାଲିଥିବା ବେଳେ ନିଶାବେପାରୀମାନେ ବେଶ୍ ସକ୍ରିୟ ହୋଇ କାରବାର ଜୋରଦାର ଚଳାଇଛନ୍ତି। ଫଳରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜୁଛି। ଏଥିରେ ରୋକ ଲଗାଇବାକୁ ଅବକାରୀ ବିଭାଗ ପକ୍ଷରୁ ଗତ ୨୧ରୁ ୩୦ ତାରିଖ ମଧ୍ୟରେ ସ୍ୱତନ୍ତ୍ର ଚଢ଼ାଉ କରାଯାଇ ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ କରାଯାଇଛି। ଏହି ୯ ଦିନ ମଧ୍ୟରେ ଅବକାରୀ ଅଧିକାରୀମାନେ ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ାଉ କରି ୧୫୪ଟି ନାର୍କୋଟିକ୍ସ ଏବଂ ନକଲି ବିଦେଶୀ ମଦ ମାମଲା ରୁଜୁ କରିଛନ୍ତି। ଏହି ଘଟଣାରେ ସଂପୃକ୍ତ ଥିବା ୧୬୮ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୨୪୮୪ ଗ୍ରାମ ହେରୋଇନ୍, ୧୧୦୩ କେଜି ଗଞ୍ଜେଇ, ୫୨.୭ ଲିଟର କଫ ସିରପ, ୧୪୧୮.୪ ଲିଟର ନକଲି ବିଦେଶୀ ମଦ, ୯୦୫ ଲିଟର ସ୍ପିରିଟ୍ ଓ ୧୪୭ଟି ଗାଡ଼ି ଜବତ କରାଯାଇଛି। ଜବତ ସାମଗ୍ରୀର ମୂଲ୍ୟ ୮କୋଟି ୨୭ ଲକ୍ଷ ହେବ। ଏନ୍‌ଡିପିଏସ୍ ଆକ୍ଟରେ ୯୯ ଜଣ, ବିଦେଶୀ ମଦ ନକଲ ପାଇଁ ୬୪ ଜଣ ଓ ଅନ୍ୟ ମାମଲାରେ ୫ଜଣଙ୍କୁ ଅବକାରୀ ଆକ୍ଟ ଅନୁଯାୟୀ ଗିରଫ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ସମସ୍ତ ଅଧୀକ୍ଷକଙ୍କୁ ଦୁର୍ଗାପୂଜା ଓ ପରବର୍ତ୍ତୀ ପର୍ବପର୍ବାଣିରେ ବ୍ୟାପକ ଚଢାଉ କରିବା ସହ ବେଆଇନ କାରବାରକୁ ରୋକିବା ତଥା ଲୋକଙ୍କଠାରୁ ସୂଚନା ପାଇବା ପାଇଁ ସେମାନଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ନିୟନ୍ତ୍ରଣ କକ୍ଷ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଭୁବନେଶ୍ୱରରେ ଯୁବତୀଙ୍କ ମୃତ୍ୟୁ, ଆତ୍ମହତ୍ୟା ସନ୍ଦେହ

ଭୁବନେଶ୍ୱର,୧।୧୦ (ବ୍ୟୁରୋ)

- ଝୁଲନ୍ତା ଅବସ୍ଥାରେ ମିଳିଲା ମୃତଦେହ
- ଘଟଣାସ୍ଥଳରୁ ହାତଲେଖା ଚିଠି ଜବତ

ରାଜଧାନୀ ଭୁବନେଶ୍ୱରରେ ଜଣେ ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଫ୍ୟାନ୍‌ରେ ଓଢଣି ଦ୍ୱାରା ଝୁଲୁଥିବା ଅବସ୍ଥାରେ ତାଙ୍କ ମୃତଦେହ ପୋଲିସ ଜବତ କରିଛି। ନୟାପଲ୍ଲୀ ଥାନା ଅନ୍ତର୍ଗତ ନୂଆସାହିରେ ଶୁକ୍ରବାର ବିଳମ୍ବିତ ରାତିରେ ଏଭଳି ଅଭାବନୀୟ ଘଟଣା ଘଟିଛି।

ମୃତା ଯୁବତୀ ହେଲେ ଢେଙ୍କାନାଳ ଜିଲାର କବିତା ବାରିକ। ଖବର ପାଇ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ମୃତଦେହ ନିକଟରୁ ଏକ ଚିଠି ମିଳିଛି। ପାରିପାର୍ଶ୍ୱିକ ସ୍ଥିତି ଓ ଉକ୍ତ ଚିଠିରୁ ସେ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରିଛି। ତେବେ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଯୁବତୀଙ୍କ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲେ ମଧ୍ୟ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୮୬/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

କବିତା ଭୁବନେଶ୍ୱରର ଏକ ସେବା ପ୍ରଦାନକାରୀ ସଂସ୍ଥାରେ ଚାକିରି କରିଥିଲେ। ଗତ ୨ ମାସ ହେବ ନୟାପଲ୍ଲୀ ଅଞ୍ଚଳର ଜଣେ ୯୩ ବର୍ଷୀୟା ବୃଦ୍ଧାଙ୍କ ପାଖରେ କେୟାରଟେକର ଭାବେ ରହି ତାଙ୍କ ସେବା କରୁଥିଲେ। ଗୋଟିଏ ଘରେ ଉଭୟ ରହୁଥିଲେ। ଶନିବାର ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ କବାଟ ବନ୍ଦ ଥିବାରୁ ପରିବାରର ଅନ୍ୟ ସଦସ୍ୟମାନେ ତାଙ୍କୁ ବାରମ୍ବାର ଡାକିଥିଲେ ମଧ୍ୟ ସେ ଜବାବ ଦେଇ ନ ଥିଲେ କି କବାଟ ଖୋଲି ନ ଥିଲେ। ଏହାପରେ ଉକ୍ତ ରୁମ୍‌ରେ ଶୋଇଥିବା ବୃଦ୍ଧା କବାଟ ଖୋଲିବା ପରେ ଯୁବତୀ ଜଣକ ଓଢଣି ସାହାଯ୍ୟରେ ଫ୍ୟାନରେ ଝୁଲି ପଡିଥିବା ଦେଖିବାକୁ ମିଳିଥିଲା। ଏହାପରେ ପରିବାର ଲୋକେ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଜଣାଇବାରୁ ପିସିଆର୍ ଭ୍ୟାନ ପହଞ୍ଚିଥିଲା।

ସୂଚନାଯୋଗ୍ୟ, ସରସ ସୁନ୍ଦର ଜୀବନଯାପନ ସହ ବିଭିନ୍ନ ଆଶା ନେଇ ରାଜଧାନୀ ଭୁବନେଶ୍ୱରକୁ ଆସୁଛନ୍ତି ଲୋକେ। ହେଲେ ଏଠାକୁ ଆସିବା ପରେ ଜୀବନ ସଂଘର୍ଷମୟ ହୋଇପଡୁଛି। କିଏ ଏହି ସଂଘର୍ଷ ଭିତରେ ପ୍ରତିଷ୍ଠିତ ହେଉଛି ତ ପୁଣି କିଏ ହାରିଯାଉଛି। ସହରର ଗହଳି ଭିତରେ ଆଜି ଅନେକ ମଣିଷ ମଧ୍ୟ ଅସହାୟ ମଣୁଛନ୍ତି। ଶେଷରେ ଜୀବନ ସେମାନଙ୍କ ପାଇଁ ମୂଲ୍ୟହୀନ ହୋଇପଡୁଛି। ଯେଉଁଥିପାଇଁ ଭୁବନେଶ୍ୱର କ୍ରମଶଃ ଆତ୍ମହତ୍ୟା ପ୍ରବଣ ରାଜଧାନୀରେ ପରିଣତ ହେବାରେ ଲାଗିଛି। ପାରିବାରିକ ବିବାଦ, ଆର୍ଥିକ ଅନଟନ, କ୍ୟାରିଅରରେ ବିଫଳତା, ପ୍ରେମ ବିଚ୍ଛେଦ ଆଦି ବିଭିନ୍ନ କାରଣ ପାଇଁ ଜଣକ ପରେ ଜଣେ ଜୀବନ ହାରୁଛନ୍ତି। ଚଳିତ ବର୍ଷ ଅଗଷ୍ଟ ପର୍ଯ୍ୟନ୍ତ ଭୁବନେଶ୍ୱରରେ ୨୨୬ଟି ଆତ୍ମହତ୍ୟା ମାମଲା ରୁଜୁ ହୋଇଥିବାବେଳେ ଏଥିରେ ବୃଦ୍ଧି ପାଇବାରେ ଲାଗିଛି।

# ଗାନ୍ଧୀ ସଫ୍ଟବଲ କ୍ରୀଡ଼ା: ପୁରୀରୁ ୩ ଅମ୍ପାୟର ମନୋନୀତ

ପୁରୀ ଅଫିସ, ୧।୧୦

ଗୁଜରାଟର ଗାନ୍ଧୀନଗରରେ ଅକ୍ଟୋବର ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ଗାନ୍ଧୀ ସଫ୍ଟ ବଲ କ୍ରୀଡ଼ା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ୪ଜଣ ଅମ୍ପାୟର ଯୋଗଦେବା ପାଇଁ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପୁରୀ ଜିଲାରୁ ୩ଜଣ ଯଥା ରାଜକିଶୋର ପଟ୍ଟନାୟକ, ସୌମିତ୍ର ରଞ୍ଜନ ହରିଚନ୍ଦନ ଏବଂ ଅମିୟ ନାଗ ରହିଛନ୍ତି। ଭାରତୀୟ ସଫ୍ଟବଲ ସଂଘ ପକ୍ଷରୁ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅମ୍ପାୟରିଂ କରିବା ଲାଗି ଏମାନଙ୍କୁ ନିଯୁକ୍ତି ଦିଆଯାଇଛି। ପୂର୍ବରୁ ମଧ୍ୟ ରାଜକିଶୋର ଓ ସୌମିତ୍ର ରଞ୍ଜନ ଅନ୍ତର୍ଜାତୀୟ ସ୍ତରରେ ଏସିଆନ ଚାମ୍ପିୟନଶିପ୍‌ରେ ଅମ୍ପାୟରିଂ କରି ଅନେକ ସଫଳତା ପାଇଛନ୍ତି। ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅମ୍ପାୟର ଭାବେ ନିଯୁକ୍ତି ପାଇବା ପରେ ପୁରୀ ଜିଲା ସଫ୍ଟବଲ ସଂଘ ପକ୍ଷରୁ ତିନିଜଣଙ୍କୁ ସ୍ୱାଗତ କରାଯାଇଛି। ପୁରୀ ଜିଲା ସଂଘ କାର୍ଯ୍ୟକାରୀ ସଭାପତି ମୃତ୍ୟୁଞ୍ଜୟ ମହାନ୍ତି, ସମ୍ପାଦକ ରଞ୍ଜନ ରଥ, ସୌଭାଗ୍ୟ ରଞ୍ଜନ ସାହୁ, ସୌମ୍ୟ ରଞ୍ଜନ ସାହୁ, ମନୋଜ ପ୍ରଧାନ, ବିଭୁ ପଶୁପାଳକ, ଶୁଭକାନ୍ତ ମହାନ୍ତି, ଅରବିନ୍ଦ ଦାଶ ପ୍ରମୁଖ ଏହି ୩ ଅମ୍ପାୟରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ରାଜ୍ୟରେ ମାଗଣା ବୁଷ୍ଟର ଡୋଜ୍ ଟିକାକରଣ ଜାରି ରହିବ

ଭୁବନେଶ୍ୱର, ୧।୧୦(ବ୍ୟୁରୋ)

କରୋନାକୁ ପ୍ରତିହତ କରିବା ପାଇଁ ରାଜ୍ୟରେ ଚାଲିଥିବା ମାଗଣା ବୁଷ୍ଟର ଡୋଜ୍ ଟିକାକରଣ ବା ପ୍ରିକଶନ ଡୋଜ୍ ଆଗକୁ ମଧ୍ୟ ଜାରି ରହିବ। ଏ ନେଇ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ ସୂଚନା ଦେଇ କହିଛନ୍ତି, ଅମୃତ ମହୋତ୍ସବ ପାଇଁ ଗତ ଜୁଲାଇ ୧୫ରୁ ମାଗଣା ଟିକାକରଣ ଆରମ୍ଭ ହୋଇଥିଲା। ୧୮ରୁ ୫୯ବର୍ଷ ବୟସର ଲୋକଙ୍କୁ ମାଗଣାରେ ବୁଷ୍ଟର ଡୋଜ୍ ଟିକା ଦିଆଯାଉଥିଲା। ଏହା ସେପ୍ଟେମ୍ବର ୩୦ ଶୁକ୍ରବାର ଶେଷ ହୋଇଛି। ଏହି ଅବଧି ମଧ୍ୟରେ ରାଜ୍ୟର ୧କୋଟି ୨୧ ଲକ୍ଷ ୫୦ହଜାର ୨୪୩ଜଣ ବୁଷ୍ଟର ଡୋଜ୍ ଟିକା ନେଇଛନ୍ତି। ତେବେ ଏହା ପୂର୍ବରୁ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କୁ ମାଗଣାରେ ଏହି ଟିକା ପ୍ରଦାନ କରାଯାଉଥିଲା। ମୋଟ ୩୮ ପ୍ରତିଶତ ଲୋକ ବୁଷ୍ଟର ଡୋଜ୍ ନେଇଥିବାବେଳେ ବରିଷ୍ଠ ନାଗରିକଙ୍କ ମଧ୍ୟରୁ ୪୫ ପ୍ରତିଶତ ଏହି ଟିକା ନେଇସାରିଛନ୍ତି। ସେପ୍ଟେମ୍ବର ୩୦ରେ ମାଗଣା ଟିକାକରଣ ଅବଧି ସରିଥିଲେ ମଧ୍ୟ ଏଯାଏ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହାକୁ ବନ୍ଦ କରିବା ପାଇଁ କୌଣସି ନିର୍ଦ୍ଦେଶ ଆସିନାହିଁ। ତେଣୁ ରାଜ୍ୟରେ ଯେତିକି ଟିକା ମହଜୁଦ ଅଛି ସେଗୁଡ଼ିକ ନ ସରିବା ପର୍ଯ୍ୟନ୍ତ ମାଗଣା ଟିକାକରଣ ଚାଲିବ। ସାଢ଼େ ୩ ଲକ୍ଷ ଟିକା ରାଜ୍ୟରେ ଏବେ ମହଜୁଦ ରହିଛି। ଆସନ୍ତା ଦୁଇଦିନ ଭିତରେ ଆଉକିଛି ଟିକା ମଧ୍ୟ ଆସିବାର ଅଛି। ପ୍ରଥମ ଡୋଜ୍ ୯୭ ପ୍ରତିଶତ ଲୋକ ନେଇଥିବାବେଳେ ଦ୍ୱିତୀୟ ଡୋଜ୍ ୯୧ ପ୍ରତିଶତ ଲୋକ ନେଇଛନ୍ତି। ବୁଷ୍ଟର ଡୋଜ୍ ନେବାରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ବହୁ ଆଗରେ ରହିଛି। ରାଜ୍ୟର ୧,୧୫୦ ଟିକା କେନ୍ଦ୍ରରେ ଟିକାକରଣ ଚାଲୁଛି। ପାର୍ବଣ ଋତୁରେ ଗହଳି ହେବ। ଯେଉଁମାନେ ଦୁଇଟି ଡୋଜ୍ ନେଇସାରିଛନ୍ତି ସେମାନେ ତୁରନ୍ତ ବୁଷ୍ଟର ଡୋଜ୍ ଟିକା ନେଇଯିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଥାନାରେ ହାଜର ହେବାକୁ ଖବରଦାତାଙ୍କୁ ନୋଟିସ୍

ଭୁବନେଶ୍ୱର,୧।୧୦ (ବ୍ୟୁରୋ)

**ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ମାମଲା**

ବିଜେଡି ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟଣାକୁ ଇତିମଧ୍ୟରେ ସପ୍ତାହ ବିତିଲାଣି। ହେଲେ ଏହାର କାରଣ ଜଣାପଡୁ ନ ଥିବାରୁ ଘଟଣାର ରହସ୍ୟ ବଢିବାରେ ଲାଗିଛି। ତେବେ ମୃତ୍ୟୁ ପୂର୍ବରୁ ଖବରଦାତା ଅକ୍ଷୟ ନାୟକଙ୍କ ସହିତ ହୋଇଥିବା ବାର୍ତ୍ତାଳାପର ଅଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଘଟଣା ଆହୁରି ରହସ୍ୟାବୃତ୍ତ ହୋଇଯାଇଛି। 'ଯଦି ମୋର ମୃତ୍ୟୁ ହୁଏ ତା' ହେଲେ ୪ଜଣ ଦାୟୀ ରହିବେ' ଏବଂ ସେହି ୪ଜଣଙ୍କ ନାମ ସେ ଅକ୍ଷୟଙ୍କୁ କହୁଥିବା ଅଡ଼ିଓ ଭାଇରାଲ ହୋଇଥିଲା। ସେହି ଅଡିଓକୁ କ୍ଲିପକୁ ନେଇ କମିଶନରେଟ ପୋଲିସ ତଦନ୍ତ ଆରମ୍ଭ କରିଛି। ତେଣୁ ଏହାର ଖୋଳତାଡ଼ ପାଇଁ ଶନିବାର ନିମାପଡ଼ା ସ୍ଥିତ ଅକ୍ଷୟଙ୍କ ଘରେ ପହଞ୍ଚି ପଚରାଉଚରା କରିବା ସହିତ ରବିବାର ଧଉଳି ଥାନାରେ ଦିନ ୧୧ ଟାରେ ହାଜର ହୋଇ ପକ୍ଷ ରଖିବାକୁ କମିଶନରେଟ ପୋଲିସ ନୋଟିସ କରିଥିବା ଜଣାପଡିଛି।


ଭୁବନେଶ୍ୱରଠାରେ ଆୟୋଜିତ ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟର ଚତୁର୍ଥ ବାର୍ଷିକ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ଅନ୍ୟମାନେ।

# ବରିଷ୍ଠ ନାଗରିକଙ୍କ ପାଇଁ ସବୁ ଜିଲାରେ ହେବ ଫିଜିଓଥେରାପି ସେଣ୍ଟର

ଭୁବନେଶ୍ୱର, ୧।୧୦(ବ୍ୟୁରୋ)

- ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ୟୁନିଟ୍ କାର୍ଯ୍ୟ କରିବ
- ଖୁବ୍‌ଶୀଘ୍ର ଖୋଲିବ ତାଲିମ୍ ପ୍ରତିଷ୍ଠାନ

ବରିଷ୍ଠ ନାଗରିକଙ୍କ ପାଇଁ ରାଜ୍ୟର ସବୁ ଜିଲାରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ୟୁନିଟ୍ କାର୍ଯ୍ୟ କରିବ। ଏଥିସହ ସବୁ ଜିଲାରେ ଫିଜିଓଥେରାପି ସେଣ୍ଟର କରାଯିବ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ଶନିବାର ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଅବସରରେ ବିଭାଗ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମନ୍ତ୍ରୀ ଯୋଗଦେଇ କହିଲେ, ରାଜ୍ୟରେ ସାମାଜିକ ସୁରକ୍ଷା ଭତ୍ତା ହିତାଧିକାରୀଙ୍କ ମଧ୍ୟରେ ପ୍ରାୟ ୩୦ଲକ୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ରହିଛନ୍ତି। ବରିଷ୍ଠ ନାଗରିକଙ୍କ ସେବାଯତ୍ନ ପାଇଁ ଅଧିକ ତାଲିମପ୍ରାପ୍ତ ମାନବସମ୍ବଳ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇ ଖୁବ୍‌ଶୀଘ୍ର ସେବାକାରୀଙ୍କ ପାଇଁ ଏକ ତାଲିମ ପ୍ରତିଷ୍ଠାନ ଆରମ୍ଭ ହେବ। ବରିଷ୍ଠ ନାଗରିକଙ୍କ ମଧ୍ୟରେ ଡିଜିଟାଲ ସାକ୍ଷରତା ବ୍ୟାପକ କରିବା ନିମନ୍ତେ ବିଭାଗ ପକ୍ଷରୁ ଉଦ୍ୟମ କରାଯାଉଛି। ରାଜ୍ୟ ସରକାର ପ୍ରତି ଜିଲାରେ ଆରମ୍ଭ କରୁଥିବା ସମନ୍ୱିତ ଭିତ୍ତିଭୂମି କେନ୍ଦ୍ରଗୁଡ଼ିକରେ ବରିଷ୍ଠ ନାଗରିକଙ୍କ ପାଇଁ ବିଶେଷ ସୁବିଧା ସୁଯୋଗ ରହିବ। ଚିକିତ୍ସା, ରଚନାତ୍ମକ କାର୍ଯ୍ୟ, ଅବସର ବିନୋଦନ ନିମନ୍ତେ ସେଠାରେ ବିବିଧ ବ୍ୟବସ୍ଥା ରହିବ। ପ୍ରଥମ ପର୍ଯ୍ୟାୟରେ ୧୦ ଜିଲାରେ ଏହି କାର୍ଯ୍ୟ ଆଗେଇ ଚାଲିଥିବାବେଳେ ଜଟଣୀ ଓ ସମ୍ବଲପୁର କେନ୍ଦ୍ରରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ବୋଲି ମନ୍ତ୍ରୀ କହିଥିଲେ। ବିଭାଗୀୟ ଶାସନ ସଚିବ ଭାସ୍କର ଶର୍ମା ବରିଷ୍ଠ ନାଗରିକ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ବରିଷ୍ଠ ନାଗରିକଙ୍କ ମାନସିକ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଯତ୍ନ ଦିଆଯିବା ଉଚିତ ବୋଲି କହିଥିଲେ। ବିଭାଗୀୟ ନିର୍ଦ୍ଦେଶକ ବ୍ରତତୀ ହରିଚନ୍ଦନ ବରିଷ୍ଠ ନାଗରିକଙ୍କ ସୁରକ୍ଷା ତଥା କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ ରାଜ୍ୟ ସରକାରଙ୍କ ପ୍ରବର୍ତ୍ତିତ 'ଅବଦାନ' ଯୋଜନା ଉପରେ ସୂଚନା ଦେଇଥିଲେ। ଭର୍ଚୁଆଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାର ବରିଷ୍ଠ ନାଗରିକ ସଙ୍ଗଠନର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ।


କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ।

# ବିରୋଧୀ ଦଳ ନେତା ପଦ ଛାଡ଼ିଲେ ଖାର୍ଗେ

## କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ
### କେ.ଏନ୍. ତ୍ରିପାଠୀଙ୍କ ନାମାଙ୍କନପତ୍ର ଖାରଜ

ନୂଆଦିଲ୍ଲୀ,୧।୧୦

କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଲାଗି ଝାଡ଼ଖଣ୍ଡର ପୂର୍ବତନ ମନ୍ତ୍ରୀ କେ.ଏନ୍. ତ୍ରିପାଠୀ ଦାଖଲ କରିଥିବା ନାମାଙ୍କନପତ୍ର ଖାରଜ ହୋଇଯାଇଛି। ଫଳରେ ନିର୍ବାଚନ ମଇଦାନରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଶଶୀ ଥରୁର ରହିଛନ୍ତି। ଶୁକ୍ରବାର ନାମାଙ୍କନପତ୍ର ଦାଖଲ ଶେଷ ଦିନରେ ୩ ଜଣ ଯାକ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଖାର୍ଗେ ୧୪ ସେଟ୍, ଥରୁର ୫ ସେଟ୍ ଏବଂ ତ୍ରିପାଠୀ ଗୋଟିଏ ସେଟ୍ ନାମାଙ୍କନପତ୍ର ଦାଖଲ କରିଥିଲେ। ତ୍ରିପାଠୀଙ୍କ ପ୍ରସ୍ତାବକଙ୍କ ମଧ୍ୟରୁ ଜଣକ ଦସ୍ତଖତ ମେଳ ଖାଇ ନ ଥିବାବେଳେ ଅନ୍ୟ ଜଣେ ଏକାଧିକ ଥର ଦସ୍ତଖତ କରିଥିବା ଜଣାପଡ଼ିବାରୁ ତାଙ୍କ ନାମାଙ୍କନପତ୍ରକୁ ଖାରଜ କରିଦିଆଯାଇଥିବା ଏଆଇସିସି କେନ୍ଦ୍ରୀୟ ନିର୍ବାଚନ କର୍ତ୍ତୃପକ୍ଷ ଅଧ୍ୟକ୍ଷ ମଧୁସୂଦନ ମିସ୍ତ୍ରି କହିଛନ୍ତି।

ଆସନ୍ତା ୧୭ ତାରିଖରେ ହେବାକୁ ଥିବା କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଲାଗି ମଲ୍ଲିକାର୍ଜୁନ ଖାର୍ଗେ ନାମାଙ୍କନପତ୍ର ଦାଖଲ କରିବା ପରେ ଦଳର ଜଣେ ବ୍ୟକ୍ତି ଗୋଟିଏ ପଦବୀ ନୀତିକୁ ସମ୍ମାନ ଦେଇ ସେ ରାଜ୍ୟ ସଭାର ବିରୋଧୀ ଦଳ ନେତା ପଦରୁ ଇସ୍ତଫା ଦେଇଛନ୍ତି। ଏନେଇ ସେ ଶୁକ୍ରବାର ରାତିରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ପତ୍ର ଲେଖି ଜଣାଇଥିଲେ। କଂଗ୍ରେସ ସଂସଦୀୟ ଦଳ ନେତା ସୋନିଆ ନୂଆ ନେତା ନିଯୁକ୍ତି କରିବା ସହ ଏ ସମ୍ପର୍କରେ ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ଜଣାଇଦେବେ।

୨୫ ବର୍ଷରେ ପ୍ରଥମ ଥର ଲାଗି ଗାନ୍ଧୀ ପରିବାର ବାହାରୁ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ହେବାକୁ ଯାଉଛନ୍ତି। ଉକ୍ତ ପରିବାରର ସମର୍ଥନ ଥିବା ୮୦ ବର୍ଷୀୟ ଖାର୍ଗେ ଅଧ୍ୟକ୍ଷ ନିର୍ବାଚିତ ହେବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି।


ମଲ୍ଲିକାର୍ଜୁନ ଖାର୍ଗେ


କେ.ଏନ୍. ତ୍ରିପାଠୀ

### ବିରୋଧୀ ଦଳ ନେତା ଦୌଡ଼ରେ ଦିଗ୍‌ବିଜୟ, ଚିଦାମ୍ବରମ

ନୂଆଦିଲ୍ଲୀ,୧।୧୦ : କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ନାମାଙ୍କନପତ୍ର ଦାଖଲ କରିଥିବା ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖାର୍ଗେ ରାଜ୍ୟ ସଭା ବିରୋଧୀ ଦଳ ନେତା ପଦରୁ ଇସ୍ତଫା ଦେଇଛନ୍ତି। ଏବେ ଏହି ପଦବୀ ଲାଗି ବରିଷ୍ଠ ନେତା ପି. ଚିଦାମ୍ବରମ ଏବଂ ଦିଗ୍‌ବିଜୟ ସିଂ ଦୌଡ଼ରେ ଥିବା ଚର୍ଚ୍ଚା ହେଉଛି। ତେବେ କଂଗ୍ରେସ ଅଧ୍ୟକ୍ଷା ତଥା ସଂସଦୀୟ ଦଳ ନେତା ସୋନିଆ ଗାନ୍ଧୀ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ।

# ଦେବୀ ଦୁର୍ଗାଙ୍କ ହାତରେ ଟିଏମ୍‌ସି ପତାକା

## ନିନ୍ଦା କଲା ଭାଜପା

କୋଲକାତା,୧।୧୦



ଦେବୀ ଦୁର୍ଗାଙ୍କ ମହାଷଷ୍ଠୀ ପୂଜା ପଶ୍ଚିମବଙ୍ଗରେ ଆରମ୍ଭ ହୋଇଛି। ତେବେ ଏକ ପୂଜା ପେଣ୍ଡାଲରେ ଦେବୀଙ୍କ ହାତରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ପତାକା ରହିଛି। ଏହାକୁ ନେଇ ରାଜନୈତିକ ବିତର୍କ ଆରମ୍ଭ ହୋଇଛି। ଭାଜପା ଏହାକୁ କଡ଼ା ଭାଷାରେ ନିନ୍ଦା କରିଛି।

ସୂଚନାନୁସାରେ, ହୁଗୁଳିଜିଲା ଗୁଡାପ ପଞ୍ଚାୟତର ଏକ ପୂଜା ପେଣ୍ଡାଲରେ ଏଭଳି ଭାବେ ଦେବୀଙ୍କୁ ପ୍ରତିଷ୍ଠା କରାଯାଇଛି। ଭାଜପାର ଅଭିଯୋଗ ପରେ ପଞ୍ଚାୟତ ସଦସ୍ୟମାନେ କହିଛନ୍ତି, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦୁଷ୍ଟ ଶକ୍ତିଗୁଡ଼ିକୁ ନଷ୍ଟ କରି ରାଜ୍ୟର ବିକାଶ କରୁଛନ୍ତି। ଆମେ ତାଙ୍କ ଦ୍ୱାରା ଅନୁପ୍ରାଣିତ। ଦେବୀ ଦୁର୍ଗା ଦୁଷ୍ଟ ଶକ୍ତିଙ୍କୁ ଧ୍ୱଂସ କରିଥାନ୍ତି। ଏହି ରାଜ୍ୟରେ ଭାଜପା ନାମକ ଏକ ଦୁଷ୍ଟ ଶକ୍ତି ଅଛି। ସେଥିପାଇଁ ଏଥର ଦୁର୍ଗା ମୂର୍ତ୍ତିରେ ମହିଷାସୁରକୁ ତ୍ରିଶୂଳ ବଦଳରେ ଟିଏମ୍‌ସି ପତାକା ଦ୍ୱାରା ବଧ କରାଯାଇଥିବା ଦର୍ଶାଯାଇଛି। ଏନେଇ ଭାଜପା ନେତା ତୁଷାର ମଜୁମଦାର କହିଛନ୍ତି ଏହା ଦ୍ୱାରା ପଶ୍ଚିମବଙ୍ଗର ସଂସ୍କୃତି ଓ ଧାର୍ମିକ ପରମ୍ପରା ନଷ୍ଟ ହୋଇଛି। ମୁଖ୍ୟମନ୍ତ୍ରୀ ରାଜ୍ୟରେ ହିନ୍ଦୁ ଧର୍ମକୁ ନଷ୍ଟ କରୁଛନ୍ତି। ବର୍ତ୍ତମାନ ତ୍ରିଶୂଳ ସ୍ଥାନରେ ତୃଣମୂଳ ପତାକା ଦେବୀ ଦୁର୍ଗାଙ୍କ ହାତରେ ଧରାଇ ଦିଆଯାଇଛି। ଆମେ ଏଭଳି କାର୍ଯ୍ୟର ଦୃଢ଼ ନିନ୍ଦା କରୁଛୁ ବୋଲି ସେ କହିଛନ୍ତି।


## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.eTenderCPMGSU BBS2022003, ତା.22.09.2022ରିଖ

**କାର୍ଯ୍ୟର ନାମ:** ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ଠାରୁ ଲିଙ୍ଗରାଜ ଟେମ୍ପଲ ରୋଡ଼ ପିଏଚ୍ ପର୍ଯ୍ୟନ୍ତ ପ୍ରସ୍ତାବିତ ନୂଆ ଲାଇନ୍ ଫ୍ଲାଇ ଓଭର (3 କି.ମି.) ବ୍ୟତୀତ ଏବଂ ଫ୍ଲାଇ ଓଭର (7 କି.ମି.) କି.ମି. ନିମନ୍ତେ ଅନ୍ତିମ ସ୍ଥାନ ସର୍ବେକ୍ଷଣ (FLS) କାର୍ଯ୍ୟ ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 21.02 ଲକ୍ଷ, EMD(ଟଙ୍କାରେ): 42,100/-, କାର୍ଯ୍ୟ ଶେଷ ହେବା ଅବଧି: 02 (ଦୁଇ)ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.17.10.2022 ରିଖ 1200 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଟର୍ଡ୍ ଆକାଉଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପୁର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ଯନ୍ତ୍ରୀ/GSU
PR-119/CF/22-23 ଅନୁଗୁଳ


# ମନ୍ତ୍ରୀଙ୍କ ଭାଷଣକୁ ବିରୋଧ

ଭୁବନେଶ୍ୱର,୧।୧୦(ବ୍ୟୁରୋ)

ଭୁବନେଶ୍ୱର ବରମୁଣ୍ଡାଠାରେ ଶୁକ୍ରବାର ବିଜେଡି ସାଙ୍ଗଠନିକ ସଭା ଓ ପଦଯାତ୍ରା ପ୍ରସ୍ତୁତି ଶିବିର ଅବସରରେ ମନ୍ତ୍ରୀ ପ୍ରତାପ ଦେବ ଦେଇଥିବା ଭାଷଣକୁ ଭାଜପା କଡ଼ା ବିରୋଧ କରିଛି। ପ୍ରତାପ କହିଥିଲେ, ସାଢ଼େ ୪ କୋଟି ଓଡ଼ିଆଙ୍କର ଗୋଟିଏ ପରିଚୟ ଥିଲା ପ୍ରଭୁ ଜଗନ୍ନାଥ। ଏବେ ଆପଣମାନେ ଭାରତ ବର୍ଷର ଯେ କୌଣସି ଜାଗାକୁ ଯିବେ ଏବଂ ଓଡ଼ିଶାରୁ ବୋଲି ପରିଚୟ ଦେବେ, ସମ୍ମୁଖରେ ଥିବା ବ୍ୟକ୍ତିଙ୍କ ମୁହଁରୁ ପ୍ରଥମେ ନବୀନ ପଟ୍ଟନାୟକଙ୍କ ନାଁ ବାହାରିବ। ଶିଳ୍ପମନ୍ତ୍ରୀ ପ୍ରତାପଙ୍କ ଏପରି ମନ୍ତବ୍ୟକୁ ଭାଜପା ନେତା ସମ୍ବିତ୍ ପାତ୍ର ନିନ୍ଦା କରିଛନ୍ତି। ଶନିବାର ଏନେଇ ସେ ଟୁଇଟ୍ କରି କହିଛନ୍ତି, ଏହା ଅହଂକାରର ଚରମ ପରିଚୟ। ମନ୍ତ୍ରୀ ସାଢ଼େ ୪ କୋଟି ଓଡ଼ିଆଙ୍କ ସହ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ହିନ୍ଦୁଙ୍କ ଭାବନା ପ୍ରତି ହୀନମନ୍ୟତା ସୃଷ୍ଟି କରିଛନ୍ତି। ସେ ଯାହା କହିଛନ୍ତି କ'ଣ ମୁଖ୍ୟମନ୍ତ୍ରୀଙ୍କ ସହମତି ରହିଛି କି ବୋଲି ସମ୍ବିତ୍ ପ୍ରଶ୍ନ କରିଛନ୍ତି। ଯଦି ସହମତ ନାହାନ୍ତି ତା'ହାଲେ ସମ୍ପୃକ୍ତ ମନ୍ତ୍ରୀଙ୍କୁ ତିରସ୍କାର କରନ୍ତୁ। ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ ପ୍ରତାପଙ୍କ ଭାଷଣକୁ ନାପସନ୍ଦ କରିବା ସହ କହିଛନ୍ତି, ଏଭଳି ବକ୍ତବ୍ୟ ରଖି ଅହଂକାରର ଶୀର୍ଷରେ ବିଜେଡି ପହଞ୍ଚିଛି। ଜଗନ୍ନାଥଙ୍କ ବିକଳ୍ପ ଭାବେ ନିଜ ଦଳର ନେତାଙ୍କୁ ଦେଖିବା ଆରମ୍ଭ କରିଛନ୍ତି। ଏହାଠାରୁ କଦର୍ଯ୍ୟ ମାନସିକତା, ଚାଟୁକାରିତା ଆଉ କିଛି ବି ହୋଇ ନ ପାରେ। ଓଡ଼ିଶାବାସୀଙ୍କୁ ଏହାଠାରୁ ବଡ଼ ଅପମାନ ଆଉ କିଛି ହୋଇ ନ ପାରେ ବୋଲି ସେ କହିଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଜନତା ମଇଦାନ ସଭାକୁ କାଉଣ୍ଟର ଲାଗି ବରମୁଣ୍ଡାରେ ବିଜେଡି ସମାବେଶ କରିଥିଲା। ଏଥିରେ ଯୋଗଦେଇ ମନ୍ତ୍ରୀ ଦେବ ବିବାଦୀୟ ଭାଷଣ ରଖି ଆଲୋଚନାକୁ ଆସିଛନ୍ତି। ଗୋଟିଏପଟେ ବିଜେଡି ଏଭଳି କାଉଣ୍ଟର ସଭା କରିବା ପଛରେ ଭାଜପା ମୁଖିଆଙ୍କ ଗସ୍ତ ଭୟ ଲୁଚି ରହିଥିବା ନେଇ ଆଲୋଚନା ହେଉଥିବା ବେଳେ ଅନ୍ୟପଟେ ବିବାଦୀୟ ମନ୍ତବ୍ୟ ଏହାକୁ ତେଜିବାରେ ସହାୟକ ହୋଇଛି। ଅନ୍ୟ ପକ୍ଷରେ ମନ୍ତ୍ରୀ ପ୍ରତାପ ଦେବ ଟୁଇଟ କରି କହିଛନ୍ତି ଯେ ବିରୋଧୀ ଅଯଥା ରାଜନୀତି କରୁଛନ୍ତି। ମୋର ଭାଷଣକୁ କଦର୍ଥ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନ ବିଷୟରେ ସୂଚନା ଦେଇଥିଲି।


ଭାଜପା ନେତୃବୃନ୍ଦ ଶନିବାର ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କୁ ଭେଟି ଦାବିପତ୍ର ଦେଉଛନ୍ତି।


## ସାମ୍ବଲପୁରୀ ବସ୍ତ୍ରାଳୟ

gg-15

ମହାଳୟା, ଦଶହରା ଓ କୁମାରପୂର୍ଣ୍ଣିମା ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦%+୨୦%
ତା୨୩।୦୯।୨୦୨୨ରୁ ତା୦୯।୧୦।୨୦୨୨ ପର୍ଯ୍ୟନ୍ତ

ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି

ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।
For online purchase visit
www.sambalpuribastralaya.com

Scan the QR code to visit our website.

OIPR-31032/11/0021/2223


## ରାଜରାସ୍ତାକୁ ଓହ୍ଲାଇବାକୁ ଭାଜପାର ଚେତାବନୀ

### ବିଜେଡି ନେତା ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟଣା

**ଭୁବନେଶ୍ୱର,୧।୧୦(ବ୍ୟୁରୋ):** ପୁରୀ ଜିଲା ଗୋପ ବ୍ଲକ ୧୧ ନଂ. ଜିଲା ପରିଷଦ ଜୋନ ସଭ୍ୟ ତଥା ବିଜୁ ଜନତା ଦଳ ନେତା ଧର୍ମେନ୍ଦ୍ର ସାହୁ ମୃତ୍ୟୁ ପୂର୍ବରୁ ସୋସିଆଲ ମିଡିଆରେ ମୃତ୍ୟୁର କାରଣ ସମ୍ପର୍କରେ ସ୍ପଷ୍ଟ କରିଥିଲେ । ସାହୁ ନିଜର ମୃତ୍ୟୁ ପାଇଁ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶଙ୍କୁ ଦାୟୀ କରିଛନ୍ତି। କିନ୍ତୁ ପୋଲିସ ପାଖରେ ସବୁ ତଥ୍ୟ ଓ ପ୍ରମାଣ ଥାଇ ବି କାହିଁକି ଗଣଶିକ୍ଷା ମନ୍ତ୍ରୀଙ୍କୁ ଗିରଫ କରାଯାଉନାହିଁ ବୋଲି ରାଜ୍ୟ ଭାଜପା ଉପସଭାନେତ୍ରୀ ପ୍ରଭାତୀ ପରିଡା ପ୍ରଶ୍ନ କରିଛନ୍ତି। ମୃତ୍ୟୁର କିଛି ଘଣ୍ଟା ପୂର୍ବରୁ ସ୍ୱର୍ଗତ ସାହୁ ତାଙ୍କ ଘନିଷ୍ଠ ବନ୍ଧୁଙ୍କ ସହ ଫୋନରେ କଥାବାର୍ତ୍ତା ହୋଇଥିଲେ। ଏହାର ଭିଡିଓ ରେକର୍ଡ ସେ ଗଣମାଧ୍ୟମ ନିକଟରେ ଉପସ୍ଥାପନ କରିଛନ୍ତି । ସାହୁଙ୍କ ମୃତ୍ୟୁକୁ ୭ଦିନ ବିତିଯାଇଥିଲେ ମଧ୍ୟ ପୋଲିସ କାହିଁକି ପଦକ୍ଷେପ ନେଉନାହିଁ ବୋଲି ପ୍ରଭାତୀ କହିଛନ୍ତି। ଯଦି ପୋଲିସ ଅଧିକାରୀ ଏହି ଘଟଣାର ସମ୍ବେଦନଶୀଳ ତଦନ୍ତ ନ କରନ୍ତି ତେବେ ଭାରତୀୟ ଜନତା ପାର୍ଟି ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ପରିଡ଼ା ଚେତାବନୀ ଦେଇଛନ୍ତି। ଶନିବାର ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ମୃତ ସାହୁଙ୍କ ସହିତ ମନ୍ତ୍ରୀ ଦାଶଙ୍କ ସୁସମ୍ପର୍କ ଥିଲା । ମନ୍ତ୍ରୀ ନିଜେ ପ୍ରଭାବ ପକାଇ ଗତ ପଞ୍ଚାୟତ ନିର୍ବାଚନରେ ଶାସକ ବିଜେଡି ତରଫରୁ ଜିଲା ପରିଷଦ ସଦସ୍ୟ ଭାବେ ତାଙ୍କୁ ନିର୍ବାଚିତ କରାଇଥିଲେ। ମାତ୍ର ୫ ମାସ ହେବ ନିର୍ବାଚିତ ହୋଇଥିବା ସାହୁ ମୃତ୍ୟୁ ପୂର୍ବରୁ ଏକ ଭିଡିଓ ବାର୍ତ୍ତା ଜରିଆରେ ରାଜନୈତିକ ବିବାଦ ହିଁ ପାରିବାରିକ କଳହର ମୁଖ୍ୟ କାରଣ ବୋଲି କହିଥିଲେ। ଭାଇରାଲ ଅଡିଓ କ୍ଲିପ୍‌ରେ ମଧ୍ୟ ସ୍ୱର୍ଗତ ସାହୁ ନିଜ ମୃତ୍ୟୁର କାରଣ ପାଇଁ ମନ୍ତ୍ରୀଙ୍କ ସମେତ ୭ ଜଣଙ୍କ ନାମ ଉଲ୍ଲେଖ କରିଛନ୍ତି । ଏହି ଘଟଣାର ନିରପେକ୍ଷ ତଦନ୍ତ କରାଗଲେ ଅନେକ ତଥ୍ୟ ସାମ୍ନାକୁ ଆସିବା ସହିତ ଜଣେ ନବନିର୍ବାଚତ ଜନପ୍ରତିନିଧିଙ୍କୁ ପ୍ରକୃତ ନ୍ୟାୟ ମିଳିପାରିବ ବୋଲି ପ୍ରଭାତୀ କହିଛନ୍ତି। ଏହି ଅବସରରେ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଦିଲୀପ ନାୟକ, ଆଶ୍ରିତ ପଟ୍ଟନାୟକ, ପ୍ରଭଞ୍ଜନ ମହାପାତ୍ର, ଉମାକାନ୍ତ ନାୟକ, ଦିଗ୍‌ଦର୍ଶନ ପଟ୍ଟନାୟକ, ବାଇଧର ମଲ୍ଲିକ, ଜ୍ୟୋତି ମହାପାତ୍ର, ଜୟନ୍ତ ଦାସ, ପୁର୍ଣ୍ଣଚନ୍ଦ୍ର ଓଝା, ସୁଶାନ୍ତ ସ୍ୱାଇଁ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟ ଓ ମହିଳା ମୋର୍ଚ୍ଚା ରାଜ୍ୟ ସଭାପତି ସ୍ମୃତି ପଟ୍ଟନାୟକ, ଜିଲା ସଭାପତି ବାବୁ ସିଂ, ଜିଲା ଉପସଭାପତି ଜଗନ୍ନାଥ ପ୍ରଧାନ, ଦିଲୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


## ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ / Union Bank of India

यूनियन बैंक ऑफ इंडिया — A Government of India Undertaking — आन्ध्रा Andhra — कार्पोरेशन Corporation

**କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର**
୩/୧ଏ ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍ ନଂ.: ୦୬୭୪-୨୫୪୧୯୩୬ / ୨୫୩୮୫୦୨/୨୬
ଇମେଲ୍: crld.robhubaneshwar@unionbankofindia.com

### ସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ବନ୍ଧକଦାତାମାନଙ୍କୁ ଜଣାଇଦିଆଯାଉଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତିଗୁଡିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ ଗଠନମୂଳକ/ଭୌତିକ/ସାଙ୍କେତିକ ଦଖଲ ନେଇ "ଯାହାବି ସେଠାରେ ଅଛି", "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି" ଭିତ୍ତିରେ ତା.୨୦.୧୦.୨୦୨୨ରିଖରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଜାମିନ୍‌ଦାରମାନେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

**ଅସ୍ତରଙ୍ଗ ଶାଖା, ମେନ୍ ରୋଡ୍, ପୋ.: ଅସ୍ତରଙ୍ଗ, ଜିଲ୍ଲା: ପୁରୀ, ଓଡ଼ିଶା, ପିନ୍- ୭୫୨୧୦୯, ଫୋନ୍ ନଂ.: ୮୩୨୭୭୯୯୭୨୭**

| ଋଣଗ୍ରହୀତା/ସହ-ଋଣଗ୍ରହୀତା/ଜାମିନ୍‌ଦାର/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| (୧) ଶ୍ରୀ ଯଶୋବନ୍ତ ସ୍ୱାଇଁ, ପିତା: ବାବାଜୀ ସ୍ୱାଇଁ, (୨) ଶ୍ରୀ ବାବାଜୀ ସ୍ୱାଇଁ, ପିତା: ସ୍ୱ ଦୁର୍ଯ୍ୟୋଧନ ସ୍ୱାଇଁ, ସମସ୍ତଙ୍କ ବାସସ୍ଥାନ ଠିକଣା- ଗ୍ରାମ: ଜିଉନ୍ତି, ପୋ.: କାହାଳ, ଥାନା: କାକଟପୁର, ଜିଲ୍ଲା: ପୁରୀ, ଓଡ଼ିଶା, ପିନ୍-୭୫୨୧୦୯ | ୩୦.୦୬.୨୦୨୨ ସୁଦ୍ଧା ଟ.୧୫,୭୭,୪୯୫.୫୨ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତିର ବିବରଣୀ-୧:** ଶ୍ରୀ ବାବାଜୀ ସ୍ୱାଇଁ, ପିତା: ସ୍ୱ ଦୁର୍ଯ୍ୟୋଧନ ସ୍ୱାଇଁଙ୍କ ନାମରେ ଥିବା ସମ୍ପତ୍ତି (ଜମି ଏବଂ ଗୃହ)ର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୪୧, ପ୍ଲଟ୍ ନଂ.: ୭୮୭, କ୍ଷେତ୍ର: ଏକର୦.୦୫ଡିସିମିଲି, ପ୍ଲଟ୍ ନଂ.: ୭୯୮, କ୍ଷେତ୍ର: ଏକର୦.୦୨ଡିସିମିଲି, ପ୍ଲଟ୍ ନଂ.: ୭୯୭, କ୍ଷେତ୍ର: ଏକର୦.୦୬ଡିସିମିଲି, ପ୍ଲଟ୍ ନଂ.: ୭୯୯, କ୍ଷେତ୍ର: ଏକର୦.୦୧ଡିସିମିଲି, ଗ୍ରାମ/ମୌଜା: ଜିଉନ୍ତି, ଥାନା: କାକଟପୁର, ଜିଲ୍ଲା: ପୁରୀ, ରାଜ୍ୟ: ଓଡ଼ିଶା, ପିନ୍-୭୫୨୧୦୯, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ପୂର୍ଣ୍ଣ ଚନ୍ଦ୍ର ନାୟକଙ୍କ ଘର, ଦକ୍ଷିଣ: ରାସ୍ତା, ପୂର୍ବ: ଉଦୟନାଥ ସ୍ୱାଇଁଙ୍କ ଘର, ପଶ୍ଚିମ: ଈଶ୍ୱର ସ୍ୱାଇଁଙ୍କ ଘର
ସଂରକ୍ଷିତ ମୂଲ୍ୟ: ଟ.୧୨,୬୨,୮୦୦/- / ଅମାନତ ଜମା: ଟ.୧,୩୦,୦୦୦/-

**ପୁରୀ-୨ ଶାଖା, କଚେରୀ ରୋଡ୍, ଟାଉନ ହଲ ନିକଟ, ପୁରୀ, ପିନ୍-୭୫୨୦୦୧, ଫୋନ୍ ନଂ.: ୯୪୭୯୨୪୫୨୧୨**

| ଋଣଗ୍ରହୀତା/ଜାମିନ୍‌ଦାର/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| (୧) ଶ୍ରୀମତୀ ଜୟଶ୍ରୀ ମହାପାତ୍ର, ସ୍ୱାମୀ: ଅଜିତ କିଶୋର ମହାପାତ୍ର, ସୁରଙ୍ଗୀ ମଠ ଲେନ୍, ହରଚଣ୍ଡି ସାହି, ପୁରୀ, ଓଡ଼ିଶା-୭୫୨୦୦୧, (୨) ଶ୍ରୀ ଅଜିତ କିଶୋର ମହାପାତ୍ର, ପିତା: ସ୍ୱ ଯୁଗଳ କିଶୋର ମହାପାତ୍ର, ହଜୁରୀ ଲେନ୍, ହରଚଣ୍ଡି ସାହି, ପୁରୀ, ଓଡ଼ିଶା-୭୫୨୦୦୧, (୩) ଶ୍ରୀ ବିଶ୍ୱଜିତ ମହାପାତ୍ର, ପିତା: ଅଜିତ କିଶୋର ମହାପାତ୍ର, ମଣିକର୍ଣ୍ଣୀକା ସାହି, ହଜୁରୀ ଲେନ୍, ବାନାୟର ମନ୍ଦିର, ପୁରୀ, ଓଡ଼ିଶା, ପିନ୍-୭୫୨୦୦୧ | ୩୦.୦୬.୨୦୨୨ ସୁଦ୍ଧା ଟ.୮,୨୫,୬୬୦.୬୪ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତିର ବିବରଣୀ-୨:** ଶ୍ରୀମତୀ ଜୟଶ୍ରୀ ମହାପାତ୍ର, ସ୍ୱାମୀ: ଅଜିତ କିଶୋର ମହାପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୧, ଖାତା ନଂ.: ୧୪୯, କ୍ଷେତ୍ର: ଏକର୦.୦୧୮ଡିସିମିଲି, ମଣିକର୍ଣ୍ଣୀକା ସାହି, ହରଚଣ୍ଡି ସାହି, ସୁରଙ୍ଗୀ ମଠ ଲେନ୍, ପୁରୀ, ଓଡ଼ିଶା, ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ଜଗନ୍ନାଥ ରଣା, ଉତ୍ତର: ରାସ୍ତା, ଦକ୍ଷିଣ: ବାନା ଖୁଣ୍ଟିଆ
ସଂରକ୍ଷିତ ମୂଲ୍ୟ: ଟ.୧୯,୧୫,୬୦୦/- / ଅମାନତ ଜମା: ଟ.୧,୯୨,୦୦୦/-

**ପୁବାଶାସନ ଶାଖା, କୃପାଜଳ ଇଞ୍ଜିନିୟରିଂ କଲେଜ ନିକଟ, କୌଶଲ୍ୟାଗଙ୍ଗ, ଜିଲ୍ଲା: ପୁରୀ, ଓଡ଼ିଶା, ପିନ୍-୭୫୨୧୦୪ ଫୋନ୍ ନଂ.: ୮୬୮୧୮୮୭୯୯୭**

| ଋଣଗ୍ରହୀତା/ଜାମିନ୍‌ଦାର/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| (୧) ମେସର୍ସ ଓମ ସାଇ ରାମ ଏଜେନ୍ସି, ଏହାକୁ ପ୍ରତିନିଧିତ୍ୱ କରୁଥିବା ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଶରତ କୁମାର ଦାଶ, ଟିଚର୍ସ କଲୋନୀ, ମଢିଆଳି, ପୋ/ ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା, ପିନ୍-୭୫୨୧୦୪, (୨) ଶ୍ରୀ ଶରତ କୁମାର ଦାଶ, ପିତା: ଦିନବନ୍ଧୁ ଦାଶ, ପୋ.: ତ୍ରିଲୋଚନପୁର, ଥାନା: କଣାସ, ଜିଲ୍ଲା: ପୁରୀ, ଓଡ଼ିଶା, ପିନ୍-୭୫୨୦୧୫, (୩) ଶ୍ରୀମତୀ ଶ୍ୱେତପର୍ଣ୍ଣା ମିଶ୍ର, ସ୍ୱାମୀ: ଶରତ କୁମାର ଦାଶ, ପୋ.: ତ୍ରିଲୋଚନପୁର, ଥାନା: କଣାସ, ଜିଲ୍ଲା: ପୁରୀ, ଓଡ଼ିଶା, ପିନ୍-୭୫୨୦୧୫ | ୩୧.୦୩.୨୦୨୨ ସୁଦ୍ଧା ଟ.୯,୭୮,୨୬୨.୬୧ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତିର ବିବରଣୀ-୩:** ଶ୍ରୀ ଶରତ କୁମାର ଦାଶ ଏବଂ ଶ୍ରୀମତୀ ଶ୍ୱେତପର୍ଣ୍ଣା ମିଶ୍ରଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୨୨, ପ୍ଲଟ୍ ନଂ.: ୭୩୪, କ୍ଷେତ୍ର: ଏକର୦.୦୪୪ଡିସିମିଲି, ଗ୍ରାମ/ମୌଜା: କଣ୍ଟପଡା, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା, ପିନ୍-୭୫୨୧୦୪, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ଗଣେଶ ପ୍ରଧାନ, ଦକ୍ଷିଣ: ଦିଲ୍ଲୀପ ପରିଡା, ପୂର୍ବ: ନାରାୟଣ ଆଚାର୍ଯ୍ୟ, ପଶ୍ଚିମ: ଡେଲାଙ୍ଗ କଣାସ ରାସ୍ତା
ସଂରକ୍ଷିତ ମୂଲ୍ୟ: ଟ.୪୨,୯୬,୩୦୦/- / ଅମାନତ ଜମା: ଟ.୪,୩୦,୦୦୦/-

ବିଡ୍ ବୃଦ୍ଧି ରାଶି: ଟ.୨୦,୦୦୦/- (ସମ୍ପତ୍ତି ନଂ. ୧ ଏବଂ ୨ ନିମନ୍ତେ) ଏବଂ ଟ.୫୦,୦୦୦/- (ସମ୍ପତ୍ତି ନଂ. ୩ ନିମନ୍ତେ)

ଇ-ନିଲାମ ତାରିଖ ଏବଂ ସମୟ: ୨୦.୧୦.୨୦୨୨ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବସାଇଟ୍: www.mstcecommerce.com

ଅମାନତ ରାଶି ଦାଖଲର ଅନ୍ତିମ ତାରିଖ: ଇ-ନିଲାମ ଆରମ୍ଭ ପୂର୍ବରୁ

ପଞ୍ଜିକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବସାଇଟ୍: https://www.mstcecommerce.com/auctionhome/ibapi/index.jsp ଦେଖନ୍ତୁ

ବିକ୍ରୟ ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଲିଙ୍କ୍ https://www.unionbankofindia.co.in/english/tendelViewAllAuction.aspx କୁ ଅନୁଧ୍ୟାନ କରନ୍ତୁ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୧.୧୦.୨୦୨୨ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



## DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA
Nayapalli, Bhubaneswar - 751012
**Re-advertisement Reference No. 3814, Dated: 30.09.22**
**TRAINING OF GOVERNMENT DOCTORS**

No.E-507:- In continuation of classified advertisement vide caption No. E- 453 dated 09.09.2022. It is informed that the last date for apply for **training of Government doctors for the course of 1 Year Training of Post Graduate Diploma in Public Health Management (PGDPHM),** Which was published in Times of India, Prameya & Dharitri Daily on 09.09.2022 has been extended to 20.10.2022. Those doctors who have already applied need not apply again. All other terms and conditions remain unchanged.

**Sd./- Director, SIH&FW (Odisha), Bhubaneswar**
OIPR-10003/11/0091/2223



## LINGARAJ LAW COLLEGE
ESTD. 1969
**(CONSTITUENT COLLEGE OF BERHAMPUR UNIVERSITY)**
ENGINEERING SCHOOL ROAD, BERHAMPUR
GANJAM, ODISHA, PIN - 760010
**Admission Notice No. 584/LLC/BU/2022 Dtd.30.09.2022**
**LL.B. (3 YEAR, CBCS, SEMESTER PATTERN) ADMISSION NOTICE: 2022-23**
**(SCHEDULED TRIBE ONLY)**

In continuation to Admission Notification No. 242/LLC/BU/2022 Dtd.05.07.2022 Online Applications are invited from Scheduled Tribe candidates only for admission into Three Year LL.B. Course (CBCS: Semester Pattern) for the Academic Session 2022-23. Interested applicants are advised to visit the College website: **https://llcbam.edu.in** for more Information, Prospecuts and Online Application Form.

**Important Dates:**

| | | |
|---|---|---|
| i) | Availability of Online Application Form & Prospectus | 02.10.2022 |
| ii) | Last date for submission of Online Application form | 10.10.2022 |

**Sd./- Principal**



Annexure - II
## OFFICE OF DISTRICT MANAGER ODISHA STATE CIVIL SUPPLIES CORPORATION LIMITED (OSCSC), NABARANGPUR
**Phone: 9438200053, District Website: nabarangpur.nic.in**
**Tender No. 1419** **Dt.30.09.2022**

No. CAD-2033: District Manager, Odisha State Civil Supplies Corporation Ltd., Nabarangpur invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Transport Contractor for Transportation of Paddy from Mandi to Mill Point for the KMS 2022-23 (Considering Block as a Unit). |
| 2 | Availability of bid document in the portal | From 03.10.2022 |
| 3 | Last date/time for receipt of bids in the portal | Dt.17.10.2022 upto 05.30 P.M. |
| 4 | Date/time of opening of Technical Bid | Dt.18.10.2022 upto 10.00 A.M. |
| 5 | Name and addess of the Officer Inviting Tender | District Manager, O.S.C.S.C. Ltd., Nabarangpur |

Tender documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments/corrigendum/cancellation/retenders etc. if any shall be published only in above websites.

**Sd./- District Manager**
**O.S.C.S.C. Ltd., Nabarangpur**
**OIPR-07045/11/0005/2223**



**No. CAD-2031**
obcc
## ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
## ODISHA BRIDGE & CONSTRUCTION CORPORATION LIMITED
**(A Government of Odisha Undertaking under Works Department)**
**No. 6743** **Date: 30.09.2022**
**File: SMT-1831** **NOTICE INVITING TENDER**

| | | | |
|---|---|---|---|
| 1 | Name of work | : | Selection of Agency for Facility Management Services for Utkalamani Pandit Gopabandhu Das Birth place and Memorial Museum at Suando, Odisha |
| 2 | Bid Identification No. of the Tender Document | : | 31/Tender/OBCC/2022-23 |
| 3 | Date of availability of the tender document in e-procurement portal | : | 11.10.2022 to 04.11.2022 |
| 4 | Due date & time of receipt of proposals through Online mode | : | 04.11.2022 till 5.00 P.M. |
| 5 | Date and time of opening of Technical Proposals | : | 05.11.2022 at 11.30 A.M. |
| 6 | Date and VC link of Pre-bid Meeting | : | 17.10.2022 at 11.30 A.M., **https://meet.google.com/dyr-odqx-gck** |
| 7 | Last date of receipt of pre-bid queries | : | 15.10.2022 till 5.00 P.M. |
| 8 | Date of issue of pre-bid clarifications | : | 20.10.2022 |
| 9 | Contract Duration | : | 36 (Thirty Six) Months |
| 10 | Eligible Bidders | : | Agencies who are empaneled with OBCC under Category-A of Facility Management Servcies are eligible to participate in the tender porcess. |

11. Further details can be seen from the e-Procurement portal **https://www.tendersodisha.gov.in**. For any queries please email at **md@obcc.in**. OBCC has the right to accept or reject the Notice/RFP/Proposal without assigning any reason thereof.

**OIPR-34106/11/0037/2223** **Sd./- EIC-cum-Managing Director**

**ଶୀତ ପାଇଁ ନନ୍ଦନକାନନ ସମୟ ପରିବର୍ତ୍ତନ**

ବାରଙ୍ଗ,(ଡି.ଏନ୍.ଏ.): ଶୀତ ଋତୁ ପାଇଁ ପ୍ରାଣୀ ଉଦ୍ୟାନ ନନ୍ଦନକାନନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନର ସମୟ ପରିବର୍ତ୍ତନ ହୋଇଛି। ଏଣିକି ପର୍ଯ୍ୟଟକଙ୍କ ଲାଗି ସକାଳ ୮ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲା ରହିବ ଉଭୟ ଉଦ୍ୟାନ। ଅକ୍ଟୋବର ପହିଲାଠାରୁ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ୬ମାସ ପାଇଁ ଉଭୟ ପାର୍କ ଖୋଲିବାର ସମୟସୀମା ପରିବର୍ତ୍ତନ ହୋଇଛି ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସଞ୍ଜିତ କୁମାର ସୂଚନା ଦେଇଛନ୍ତି। ତେବେ ଅନ୍ୟ ୬ମାସ ଖରାଦିନ ଯୋଗୁ ସକାଳ ସାଢ଼େ ୭ଟାରୁ ଅପରାହ୍ଣ ସାଢ଼େ ୫ପର୍ଯ୍ୟନ୍ତ ଉଭୟ ପାର୍କ ଖୋଲା ରହିଥାଏ।



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ପଳାଶୁଣୀ ଦୁର୍ଗାପୂଜା ସମିତି ପକ୍ଷରୁ ମା' ଦୁର୍ଗାଙ୍କ ପୂଜା ଉତ୍ସବ, ପଳାଶୁଣୀ, ସକାଳ ୫ଟା ୨୨।
- ଗାନ୍ଧୀ ଜୟନ୍ତୀ ଉପଲକ୍ଷେ 'ହର ଦିଲ୍ ମେ ଗାନ୍ଧୀ'ର ଉଦ୍‌ଘାଟନ ଓ ପଦଯାତ୍ରା, ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ, ଜନତା ମଇଦାନ, ସକାଳ ୭ଟା।
- ଗାନ୍ଧିଜୀଙ୍କ ୧୫୩ ତମ ଜନ୍ମୋତ୍ସବ ପାଳନ, ବିଜେଇଏମ୍ ସ୍କୁଲ ପରିସର, ବିଜେବି ନଗର, ସକାଳ ୭ଟା ୨୦।
- ୧୫୩ତମ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ସମାଜବାଦୀ ପାର୍ଟି ପକ୍ଷରୁ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ମହାତ୍ମା ଗାନ୍ଧୀ ପାର୍କ, ଜନତା ମଇଦାନ, ନାଲ୍‌କୋ ସମ୍ମୁଖ, ସକାଳ ୮ଟା ୩୦।
- ଶୈଳଶ୍ରୀ ବିହାର ଫେଜ୍- ୭ ତଥା ଆଖପାଖ ବାସିନ୍ଦାଙ୍କ ଆନୁକୂଲ୍ୟରେ ଶାରଦୀୟ ଦୁର୍ଗୋତ୍ସବ-୨୦୨୨, କଳସ ଯାତ୍ରା, ଶୈଳଶ୍ରୀ ବିହାର, ଫେଜ୍- ୭, ପୂର୍ବାହ୍ଣ ୯ଟା ୫।
- ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ପାଳନ, କୋର୍ଟ ପରିସର, ପୂର୍ବାହ୍ଣ ୯ଟା ୩୦।
- ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ଦୁର୍ଗାପୂଜା, ପୂଜାରମ୍ଭ, ଝାରପଡ଼ା, ପୂର୍ବାହ୍ଣ ୯ଟା ୩୭।
- ବକୁଳ ଫାଉଣ୍ଡେଶନ ପକ୍ଷରୁ ଦାନ ଉତ୍ସବ, ବକୁଳ ଲାଇବ୍ରେରି, ସତ୍ୟନଗର, ପୂର୍ବାହ୍ଣ ୧୧ଟା।
- ସମଦୃଷ୍ଟି ପବ୍ଲିକେଶନ ଦ୍ୱାରା ପ୍ରକାଶିତ ବୀରେନ୍ଦ୍ର ନାୟକଙ୍କ ପୁସ୍ତକ 'ଆଜି ଗାନ୍ଧୀ'ର ଲୋକାର୍ପଣ ଉତ୍ସବ, ଲୋହିଆ ଏକାଡେମୀ, ପୂର୍ବାହ୍ଣ ୧୧ଟା।
- ବୟନିକା ପକ୍ଷରୁ ୧୯ତମ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା-୨୦୨୨ ଅବସରରେ ୟଙ୍ଗ୍ ସିଙ୍ଗିଂ ଟ୍ୟାଲେଣ୍ଟ ଅଫ୍ ଓଡ଼ିଶା କାର୍ଯ୍ୟକ୍ରମ, ଏକାମ୍ର ହାଟ ଓ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ଣ ୧୧ଟା ୩୦।
- ଇନ୍ସପିରେଶନାଲ ପର୍ସନାଲିଟିଜ୍ ଅଫ୍ ଓଡ଼ିଶା ଆୱାର୍ଡ, ସ୍ୱସ୍ତି ପ୍ରିମିୟମ୍, ଚାଣକ୍ୟ ହଲ୍, ସନ୍ଧ୍ୟା ୬ଟା।
- ପ୍ରୟାସ ପକ୍ଷରୁ ନବରାତ୍ରି ଡାଣ୍ଡିଆ, ଇଡ୍‌କୋ ପ୍ରଦର୍ଶନୀ ପଡିଆ, ୟୁନିଟ୍- ୩, ସନ୍ଧ୍ୟା ୬ଟା।
- ସଂଘ ଶ୍ରୀ କ୍ଲବ ପକ୍ଷରୁ ଦୁର୍ଗାପୂଜା ମହୋତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ, ବେଙ୍ଗୋଲି କଲୋନୀ ଦୁର୍ଗାପୂଜା ମଣ୍ଡପ, ଲକ୍ଷ୍ମୀସାଗର, କଟକ ରୋଡ, ସନ୍ଧ୍ୟା ୭ଟା।
- ନେତାଜୀ ଯୁବ ସଂଘ ବଡ଼ଗଡ଼ ପକ୍ଷରୁ ହରପାର୍ବତୀ ପୂଜା, ମେଲୋଡି କାର୍ଯ୍ୟକ୍ରମ, ବଡ଼ଗଡ଼ ଗ୍ରାମ, ସନ୍ଧ୍ୟା ୭ଟା।
- ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ଦୁର୍ଗାପୂଜା ମହୋତ୍ସବ, ପୁରୁଣା ଷ୍ଟେଶନ ବଜାର, ଆଳତି, ସନ୍ଧ୍ୟା ୭ଟା।

କଟକ

- ରାମବିଳାସ ଶର୍ମା ସେବା ସ୍ମୃତି ସଂସଦ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଉତ୍ସବ, ରାଷ୍ଟ୍ରଭାଷା ଗାନ୍ଧୀ ଭବନ, କଳା ବିକାଶ କେନ୍ଦ୍ର ରୋଡ୍, ସକାଳ ୮ଟା ୩୦।
- ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ସର୍ବଧର୍ମ ପ୍ରାର୍ଥନା ଓ ନିଶା ସଚେତନତା କାର୍ଯ୍ୟକ୍ରମ, ଗାନ୍ଧୀ ମୂର୍ତ୍ତି, ପୁରୀଘାଟ, ସକାଳ ୮ଟା ୩୦।
- ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ, ଗାନ୍ଧୀ ସ୍ମୃତିପୀଠ, ତେଲେଙ୍ଗାପେଣ୍ଠ, ପୂର୍ବାହ୍ଣ ୯ଟା ।
- ଗାନ୍ଧୀ ଜୟନ୍ତୀ ପାଳନ, ହାଇକୋର୍ଟ ପରିସର, ପୂର୍ବାହ୍ଣ ୯ଟା ୩୦।
- ଦି ଲିଙ୍କ୍ ଆଇ ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠା ଦିବସ, ଇନ୍‌ଷ୍ଟିଚ୍ୟୁଟ୍ ପରିସର, ଲିଙ୍କ୍‌ରୋଡ, ପୂର୍ବାହ୍ଣ ୯ଟା ୩୦।
- ଉତ୍କଳ ଗାନ୍ଧୀ ସ୍ମାରକ ନିଧି ପକ୍ଷରୁ ସର୍ବଧର୍ମ ପ୍ରାର୍ଥନା ଓ ସାଧାରଣ ସଭା, ଗାନ୍ଧୀଭବନ, ବାଖରାବାଦ, ପୂର୍ବାହ୍ଣ ୧୦ଟା।
- ବିଜୟିନୀ ପବ୍ଲିକେଶନ ଓ ଜନସୁଧା ସାହିତ୍ୟ ପତ୍ରିକାର ସ୍ୱନକ୍ଷତ୍ର ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ପୂର୍ବାହ୍ଣ ୧୧ଟା।
- କେନ୍ଦ୍ରାଞ୍ଚଳ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୩ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ସ୍ୱରାଜ ଆଶ୍ରମ, ସାହେବଜାଦା ବଜାର, ପୂର୍ବାହ୍ଣ ୧୧ଟା।
- ମହାତ୍ମା ଗାନ୍ଧୀଙ୍କ ୧୫୦ ଲାଇଭ ପୋଟ୍ରେଟ୍ କାର୍ଯ୍ୟକ୍ରମର ଉଦ୍‌ଯାପନୀ, ଶହୀଦ ଭବନ, ସନ୍ଧ୍ୟା ୬ଟା।

ତିଗିରିଆ

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ବିନ୍ଧାଣିମା ଗ୍ରାମ ପଞ୍ଚାୟତ, ପୂର୍ବାହ୍ଣ ୧୦ଟା ।
- ବିଜେଡିର ଜନସମ୍ପର୍କ ପଦଯାତ୍ରା, ବାଲିପୁଟ ଗ୍ରାମ ପଞ୍ଚାୟତ, ପୂର୍ବାହ୍ଣ ୧୧ଟା ।
- ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ନିଜିଗ ପଞ୍ଚାୟତ ଗାନ୍ଧୀ ସ୍ମୃତି ପଡ଼ିଆ, ଅପରାହ୍ଣ ୪ଟା।

# ବିଏମ୍‌ସିକୁ 'ବେଷ୍ଟ ସିଟିଜେନ୍ ଫିଡ୍‌ବ୍ୟାକ୍' ଆୱାର୍ଡ

**ସ୍ୱଚ୍ଛ ସର୍ବେକ୍ଷଣ -୨୦୨୨**

## ସ୍ୱଚ୍ଛ ସହରରେ ୮୦ତମ ସ୍ଥାନରେ ଭୁବନେଶ୍ୱର



ନୂଆଦିଲ୍ଲୀର ତାଲ୍‌କୋଟ୍ରା ଷ୍ଟାଡିୟମ୍‌ଠାରେ ଶନିବାର ଆୟୋଜିତ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୨ କାର୍ଯ୍ୟକ୍ରମରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ 'ବେଷ୍ଟ ସିଟିଜେନ୍ ଫିଡ୍‌ବ୍ୟାକ୍' ଆୱାର୍ଡ ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୧।୧୦(ବ୍ୟୁରୋ)

କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ହୋଇଥିବା ସ୍ୱଚ୍ଛ ସର୍ବେକ୍ଷଣ-୨୦୨୨ ଘୋଷଣା ହୋଇଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)କୁ ସିଟିଜେନ୍ ଫିଡ୍‌ବ୍ୟାକ୍ କାଟେଗୋରିରେ 'ବେଷ୍ଟ ସିଟିଜେନ୍ ଫିଡ୍‌ବ୍ୟାକ୍' ଆୱାର୍ଡ ପ୍ରଦାନ କରାଯାଇଛି। ଏହି କାଟେଗୋରିରେ ମୋଟ ୨,୨୫୦ ନମ୍ବରରୁ ବିଏମ୍‌ସିକୁ ୧,୭୪୩ ନମ୍ବର ମିଳିଛି। ଶନିବାର ନୂଆଦିଲ୍ଲୀର ତାଲ୍‌କୋଟ୍ରା ଷ୍ଟାଡିୟମ୍‌ଠାରେ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ପୁରସ୍କାର ପାଇବା ପରେ ରାଜଧାନୀବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଏହା ସମସ୍ତଙ୍କ ସହଯୋଗରୁ ସମ୍ଭବ ହୋଇପାରିଛି ବୋଲି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ସେହିପରି ସର୍ବଭାରତୀୟସ୍ତରରେ ସ୍ୱଚ୍ଛତା କ୍ଷେତ୍ରରେ ଭୁବନେଶ୍ୱର ମହାନଗର ନିଗମ ଏଥର ମଧ୍ୟ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ ମଧ୍ୟ ପୂର୍ବବର୍ଷ ଅପେକ୍ଷା ଭଲ ସ୍ଥିତିରେ ରହିଛି। କ୍ରମାଗତ ଭାବେ ମଧ୍ୟପ୍ରଦେଶ ଇନ୍ଦୋର ୬ଷ୍ଠ ଥର ପାଇଁ ତାଲିକାର ପ୍ରଥମ ସ୍ଥାନରେ ରହିଥିବାବେଳେ ଭୁବନେଶ୍ୱର ୮୦ତମ ସ୍ଥାନରେ ରହିଛି। ରାଜ୍ୟରେ ଏହା ତୃତୀୟ ସ୍ଥାନରେ ରହିଛି। ସ୍ୱଚ୍ଛ ସର୍ବେକ୍ଷଣରେ ମୋଟ୍ ୬ହଜାର ମାର୍କରୁ ବିଏମ୍‌ସିକୁ ୪,୩୬୩.୩୭ ମାର୍କ ମିଳିଛି। ସେବା ପ୍ରଦାନ ବାବଦରେ ୪ଟି କ୍ୱାର୍ଟରରେ ମୋଟ ୩ହଜାର ମାର୍କ ଥିବାବେଳେ ସେଥିରୁ ବିଏମ୍‌ସି ୨୦୧୯.୬୪ ମାର୍କ ହାସଲ କରିଛି। ବାହ୍ୟ ମଳମୁକ୍ତ ସହର ଭାବେ ବିଏମ୍‌ସିକୁ ୭ଶହରୁ ୬ଶହ ନମ୍ବର ମିଳିଥିବାବେଳେ ଆବର୍ଜନା ମୁକ୍ତ ସହର(ଜିଏଫ୍‌ସି)ରେ ବିଏମ୍‌ସିକୁ କୌଣସି ନମ୍ବର ମିଳି ନାହିଁ।

ଅପରପକ୍ଷେ ରାଉରକେଲା ରାଜ୍ୟରେ ପ୍ରଥମ ସ୍ୱଚ୍ଛ ସହର ଭାବେ ସ୍ଥାନ ଅଧିକାର କରିଛି। ଜାତୀୟସ୍ତରରେ ଏହି ସହର ୪୫ତମ ର୍‍ୟାଙ୍କ ପାଇଛି। ଏହାପଛକୁ ପୁରୀ ଜାତୀୟସ୍ତରରେ ୫୮ ଏବଂ ରାଜ୍ୟରେ ୨ୟ ସ୍ଥାନ ହାସଲ କରିଛି। ତେବେ ଗତଥର ବ୍ରହ୍ମପୁର ରାଜ୍ୟର ସବୁଠାରୁ ସ୍ୱଚ୍ଛ ସହର ପାଲଟିଥିବାବେଳେ ଏଥର ଏହା ୪ନମ୍ବରକୁ ଖସି ଆସିଛି। ଜାତୀୟ ସ୍ତରରେ ୯୦ ତମ ସ୍ଥାନରେ ରହିଛି। ବାଲେଶ୍ୱର ଜାତୀୟସ୍ତରରେ ୧୨୬ ଏବଂ ରାଜ୍ୟରେ ୫ମ, କଟକ ଜାତୀୟସ୍ତରରେ ୨୦୨ ଏବଂ ରାଜ୍ୟରେ ୭ମ ସ୍ଥାନରେ ରହିଛି। ସ୍ୱଚ୍ଛ ସର୍ବେକ୍ଷଣ କାର୍ଯ୍ୟକ୍ରମରେ ଓଡ଼ିଶାର ୧୧ଟି ସହରକୁ ବିଭିନ୍ନ କ୍ଷେତ୍ରରେ ପୁରସ୍କୃତ କରାଯାଇଛି। ଭୁବନେଶ୍ୱରକୁ ସ୍ୱଚ୍ଛ ରଖିବା ପାଇଁ ବର୍ଷକୁ ପ୍ରାୟ ୭୦କୋଟି ଟଙ୍କା ଖର୍ଚ୍ଚ ହେଉଛି। ସବୁଠୁ ଅଧିକ ସଫେଇ କର୍ମଚାରୀ ଏଠାରେ କାମ କରୁଛନ୍ତି, ମେଶିନ ଦ୍ୱାରା ସଫେଇ ମଧ୍ୟ ହେଉଛି। ମାତ୍ର ଏହା ସତ୍ତ୍ୱେ ସ୍ୱଚ୍ଛତା କ୍ଷେତ୍ରରେ ବିଏମ୍‌ସି ପଛରେ ପଡ଼ିଯାଇଛି। ସୂଚନା ଅନୁଯାୟୀ, ସ୍ୱଚ୍ଛତା ସର୍ବେକ୍ଷଣରେ ୨୦୧୭ରେ ଭୁବନେଶ୍ୱରକୁ ୯୪ତମ ର୍‍ୟାଙ୍କ୍ ମିଳିଥିବାବେଳେ ୨୦୧୮ରେ ୨୪୩ତମ, ୨୦୧୯ରେ ୨୮୮ତମ, ୨୦୨୦ରେ ୨୩୩ତମ ଏବଂ ୨୦୨୧ରେ ୧୪୪ତମ ର୍‍ୟାଙ୍କ ମିଳିଥିଲା। ଚଳିତବର୍ଷ ର୍‍ୟାଙ୍କ ସାମାନ୍ୟ ବୃଦ୍ଧି ପାଇଥିଲେ ହେଁ ରାଜ୍ୟର ଅନ୍ୟ ସହର ତୁଳନାରେ ପଛରେ ପଡ଼ିଛି।

### ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧।୧୦(ବ୍ୟୁରୋ)

ସ୍ୱଚ୍ଛ ସର୍ବେକ୍ଷଣ-୨୦୨୨ ଏବଂ ଇଣ୍ଡିଆନ ସ୍ୱଚ୍ଛତା ଲିଗ୍‌ରେ ଓଡ଼ିଶାର ୧୧ ସହରକୁ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି। ସର୍ବେକ୍ଷଣରେ ଚିତ୍ତାକର୍ଷକ ପ୍ରଦର୍ଶନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କାର ପାଇଥିବା ସହର ତଥା ଗୃହ ଓ ନଗର ଉନ୍ନୟନ ବିଭାଗକୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ସ୍ୱଚ୍ଛ ଓଡ଼ିଶା ନିର୍ମାଣ ଲକ୍ଷ୍ୟ ହାସଲ କରିବାରେ ସହରଗୁଡ଼ିକର ଉଦ୍ୟମକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି। ଓଡ଼ିଶାର ୧୧ ଅର୍ବାନ ଲୋକାଲ୍ ବଡି ଯଥା ଭୁବନେଶ୍ୱର ମହାନଗର ନିଗମ, ବ୍ରହ୍ମପୁର ମହାନଗର ନିଗମ, ପୁରୀ ମ୍ୟୁନିସିପାଲିଟି, ପାରାଦୀପ ପୌରପାଳିକା, ବରଗଡ଼ ପୌରପାଳିକା, ବାସୁଦେବପୁର ପୌରପାଳିକା, ବେଲତ୍‌ଗୁଣ୍ଠା ଏନଏସି, ବିଜେପୁର ଏନ୍‌ଏସି, ବିନିକା ଏନ୍‌ଏସି, ଚିକିଟି ଏନ୍‌ଏସି, ଜୁନାଗଡ଼ ଏନ୍‌ଏସି ପୁରସ୍କାର ପାଇଛନ୍ତି। ଏଥିସହ କଟକ ସହର ଏବଂ ପିପିଲି ୟୁଏଲ୍‌ବିକୁ 'ଇଣ୍ଡିଆନ ସ୍ୱଚ୍ଛତା ଲିଗ୍' ୨୦୨୨ରେ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି।

# 'କାଳିନ୍ଦୀ ଚରଣଙ୍କୁ କାଳଜୟୀ କରିଛି ଶାଶ୍ୱତ ମୂଲ୍ୟବୋଧ'

**କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ସ୍ମୃତିସନ୍ଧ୍ୟା**

କଟକ ଅଫିସ,୧।୧୦


ସମାରୋହରେ ଲେଖକ ମନୋରଞ୍ଜନ ପାଣିଗ୍ରାହୀଙ୍କୁ କାଳିନ୍ଦୀ ଚରଣ ସମ୍ମାନ ପ୍ରଦାନ କରାଯାଉଛି।

## ମନୋରଞ୍ଜନ ପାଣିଗ୍ରାହୀ ପାଇଲେ କାଳିନ୍ଦୀ ଚରଣ ସମ୍ମାନ

ସମାଜର ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସାମ୍ପ୍ରତିକ କାଳର ଚିତ୍ରକୁ ସଫଳତାର ସହ କାଳିନ୍ଦୀ ଚରଣ ପାଣିଗ୍ରାହୀ ତାଙ୍କ ସୃଷ୍ଟିରେ ସ୍ଥାନ ଦେଇଛନ୍ତି। ତାଙ୍କ ସାହିତ୍ୟର ଶାଶ୍ୱତ ମୂଲ୍ୟବୋଧ ତାଙ୍କୁ କାଳଜୟୀ କରିଛି। ପ୍ରଖ୍ୟାତ ସାରସ୍ୱତ ସ୍ରଷ୍ଟା ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ସ୍ମୃତି ସନ୍ଧ୍ୟା ଓ ସମ୍ମାନ ପ୍ରଦାନ ସମାରୋହକୁ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟନ କରି ହାଇକୋର୍ଟର ପୂର୍ବତନ ବିଚାରପତି ମଦନ ମୋହନ ଦାସ ଏହି ମତବ୍ୟକ୍ତ କରିଛନ୍ତି। ସାରଳା ସାହିତ୍ୟ ସଂସଦ ପକ୍ଷରୁ ସଂସଦର ପ୍ରଥମ ସଭାପତି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ସ୍ମୃତିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ।

ଏଥିରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ହରପ୍ରସାଦ ଦାସ ଯୋଗଦେଇ କହିଥିଲେ, କାଳିନ୍ଦୀ ଚରଣ ଓଡ଼ିଆ ସାହିତ୍ୟରେ ଜଣେ ଚର୍ଚ୍ଚିତ ବ୍ୟକ୍ତିତ୍ୱ। ରବୀନ୍ଦ୍ରନାଥ ଏବଂ ଗାନ୍ଧୀଙ୍କ ବିଚାରଧାରା କାଳିନ୍ଦୀଙ୍କ ସୃଷ୍ଟିରେ ସଫଳ ରୂପାୟନ ଘଟିଛି। ତାଙ୍କର 'ମାଟିର ମଣିଷ' ଉପନ୍ୟାସରେ ଗାନ୍ଧୀବାଦ ଓ ମାନବବାଦର ଚିତ୍ର ପ୍ରତିଫଳିତ ହୋଇଛି। ସମ୍ମାନିତ ଅତିଥି କଥାଶିଳ୍ପୀ ରୁମ୍‌ଝୁମ୍ ନାୟକ କହିଥିଲେ, କାଳିନ୍ଦୀ ଚରଣଙ୍କ ସୃଷ୍ଟି ସମାଜର ସବୁବର୍ଗର ପାଠକଙ୍କ ଆଦୃତି ଲାଭ କରିଛି। ନୂତନ ଓଡ଼ିଆ ଲେଖିକାଲେଖକ ସୃଷ୍ଟି କରିବାରେ କାଳିନ୍ଦୀ ଚରଣଙ୍କ ସ୍ଥାନ ସ୍ୱତନ୍ତ୍ର। ମୁଖ୍ୟବକ୍ତା ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପିକା ଡ. ବିଜୟଲକ୍ଷ୍ମୀ ଦାଶ ଯୋଗଦେଇ କହିଥିଲେ, ବ୍ୟକ୍ତି ସତ୍ତାଠାରୁ ଉର୍ଦ୍ଧ୍ୱରେ ଥିଲେ କାଳିନ୍ଦୀ ଚରଣ। ତାଙ୍କ ସାହିତ୍ୟରେ ରୋମାଣ୍ଟିକ ଚିନ୍ତା ଓ ବୈପ୍ଳବିକ ଚେତନାର ଅପୂର୍ବ ସମନ୍ୱୟ ଘଟିଛି। ସଭାପତି ଡ. ସ୍ୱାଇଁ କହିଥିଲେ, ଶିଶୁ ସାହିତ୍ୟରୁ କାଳିନ୍ଦୀ ଚରଣ ତାଙ୍କ ଲେଖନୀ ଚାଳନା କରି ପରବର୍ତ୍ତୀ ସମୟରେ କ୍ରାନ୍ତିକାରୀ ଉପନ୍ୟାସ ଓ କାଳଜୟୀ ଗଳ୍ପ ଲେଖିଥିଲେ। ତାଙ୍କର 'ମାଂସର ବିଳାପ' ଗଳ୍ପ ସମଗ୍ର ଭାରତୀୟ ସାହିତ୍ୟର ଏକ ଅନବଦ୍ୟ କୃତି। ଏହି ଅବସରରେ ବିଶିଷ୍ଟ ଲେଖକ ତଥା ମୁମ୍ବାଇସ୍ଥିତ ଆୟକର ବିଭାଗର ମୁଖ୍ୟ ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀଙ୍କୁ କାଳିନ୍ଦୀ ଚରଣ ସମ୍ମାନ ପ୍ରଦାନ କରାଯାଇଥିଲା। ସଂସଦର ସମ୍ପାଦକ ଡା. ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ, ଗୋପା ଦାସ ମାନପତ୍ର ପାଠ ଓ ପ୍ରସନ୍ନ କୁମାର ଜେନା ଧନ୍ୟବାଦ ଦେଇଥିଲେ। ଗୋପୀନାଥ ପଣ୍ଡା, ଲକ୍ଷ୍ମୀ ପ୍ରକାଶ ମହାପାତ୍ର, ବିଭୂତି ସାମଲ, ହେମନ୍ତ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com


@ ଗୁରୁ


@ ସୌମ୍ୟଜିତ୍


@ ଅମିୟ


@ ପଙ୍କଜ


@ କସ୍ତୁରୀ


@ ବିଶ୍ୱରଞ୍ଜନ

ପାର୍ବଣ ଋତୁ ଚାଲିଛି। ଏଣୁ ପୂଜା ଆସର ମଧ୍ୟରେ ଅଧିକରୁ ଅଧିକ ସେଲ୍‌ଫି ଉଠାଇ ପଠାନ୍ତୁ। ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଦିଅନ୍ତୁ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ମୂର୍ତ୍ତି ସମ୍ମୁଖରେ ସେଲ୍‌ଫି ଉଠାଇବା ଅନୁଚିତ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।


ଦୁର୍ଗାପୂଜା ଉପଲକ୍ଷେ ଶନିବାର ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପୁରୀ ବେଳାଭୂମିରେ ବିଭିନ୍ନ ଫଳ ଓ ବାଲିରେ ପ୍ରସ୍ତୁତ ବାଲୁକା କଳା।


ଏନ୍‌ସିସି ଡିଜି ଲ୍ୟୁଟ୍‌ନାଣ୍ଟ ଜେନେରାଲ ଗୁର୍‌ବୀର୍‌ପାଲ ସିଂ ଶନିବାର ରାଜଭବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।


ଗାନ୍ଧୀ ଜୟନ୍ତୀ ପରିପ୍ରେକ୍ଷୀରେ ଶନିବାର ବାଲୁକା ଶିଳ୍ପୀ ସୁଦାମ ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ସ୍ୟାଣ୍ଡ ଆନିମେଶନ।

## ସଂକ୍ଷେପରେ

### ରତ୍ନଭଣ୍ଡାର ପ୍ରସଙ୍ଗକୁ ରାଜନୀତୀକରଣ କରା ନ ଯାଉ: ଦାମୋଦର

**ଖୋର୍ଦ୍ଧା ଅଫିସ,୧।୧୦:** ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବାକୁ ନେଇ ବିଭିନ୍ନ ମହଲରେ କଳ୍ପନାଜଳ୍ପନା ଚାଲିଥିବା ବେଳେ ଏହି ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ। ଏହାକୁ ନେଇ ଅଯଥା ରାଜନୀତୀକରଣ, ଚର୍ଚ୍ଚା, ଆଲୋଚନା ନ କରାଯିବ ଉଚିତ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ମତାମତ ଦେବା ସମୟରେ ସାବଧାନପୂର୍ବକ ମନ୍ତବ୍ୟ ଦେବା ଉଚିତ। ତତ୍କାଳୀନ ରାଜ୍ୟପାଳ ବି.ଡି. ଜତ୍ତି ରତ୍ନଭଣ୍ଡାର ଖୋଲିବା ପାଇଁ ମୁମ୍ବାଇର ଜଣେ ଜୁରି ଆଣିଥିଲେ। ସେ ପ୍ରଥମ ଦିନ ଗଲେ। ସେଠାରେ କ'ଣ ଦେଖିଲେ ଯେ ଭୟଭୀତ ହୋଇ ଫେରିଗଲେ। ତେବେ କ'ଣ ଘଟିଲା, ସେ ସମ୍ପର୍କରେ କିଛି କହିଲେ ନାହିଁ। ଶ୍ରୀଜଗନ୍ନାଥ ସଂସ୍କୃତି ସହ ଲୋକଙ୍କ ଧାର୍ମିକ ଭାବନା ଜଡ଼ିତ ରହିଛି। ମାଦଳା ପାଞ୍ଜିକୁ ଅନୁଧ୍ୟାନ କରି ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକମାନେ ଏ ସମ୍ପର୍କରେ ନିଜର ସୁଚିନ୍ତିତ ମତାମତ ଦେବା ଉଚିତ ବୋଲି ରାଉତ ନିଉସ୍ ଅଫ ଦି ଟାଇମସ୍ ପକ୍ଷରୁ ସଂସ୍କୃତି ଭବନ ପରିସରରେ ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ସମ୍ପର୍କିତ ଏକ ଆଲୋଚନାଚକ୍ରରେ ଯୋଗଦାନ ଦେବା ଅବସରରେ ଗଣମାଧ୍ୟମକୁ କହିଛନ୍ତି।

### ୬ରୁ ଗୁରୁଦକ୍ଷିଣା ଉତ୍ସବ

**ଭୁବନେଶ୍ୱର,୧।୧୦(ବ୍ୟୁରୋ):** ସାଂସ୍କୃତିକ ଅନୁଷ୍ଠାନ କଳାଶ୍ରମ ପକ୍ଷରୁ ଆସନ୍ତା ୬ରୁ ୮ ତାରିଖ ପର୍ଯ୍ୟନ୍ତ ରବୀନ୍ଦ୍ର ମଣ୍ଡପରେ ଗୁରୁଦକ୍ଷିଣା ଉତ୍ସବ ଅନୁଷ୍ଠିତ ହେବ। ଏ ନେଇ କଳାଶ୍ରମର ସମ୍ପାଦକ ଗୁରୁ ନିତ୍ୟାନନ୍ଦ ଦାସ ଶନିବାର ଉତ୍କଳ ସାମ୍ବାଦିକ ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି। ଅନୁଷ୍ଠାନ ସମ୍ପାଦକ ଗୁରୁ ନିତ୍ୟାନନ୍ଦ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୭ ବର୍ଷ ଧରି ଗୁରୁଦକ୍ଷିଣା ଉତ୍ସବ ଅନୁଷ୍ଠିତ ହୋଇଆସୁଛି। ଓଡ଼ିଶାରେ ଗୁରୁ-ଶିଷ୍ୟର ପରମ୍ପରାକୁ ଉଜ୍ଜୀବିତ ରଖିବା ସହିତ ଦିବ୍ୟାଙ୍ଗ କଳାକାରଙ୍କୁ ମୁଖ୍ୟସ୍ରୋତରେ ସାମିଲ କରି କଳା-ସଂସ୍କୃତି-ପରମ୍ପରାର ମହାନତାକୁ ଅତୁଟ ରଖିବା, ସାଧାରଣ କଳାକାର ଓ ଦିବ୍ୟାଙ୍ଗ କଳାକାରଙ୍କୁ ଗୋଟିଏ ମଞ୍ଚରେ ଏକତ୍ରିତ କରି ଓ ଓଡ଼ିଶାର କଳା ସଂସ୍କୃତିକୁ ବିଶ୍ୱ ଦରବାରରେ ଅଧିକ ପରିଚିତ କରିବା ଏହି ଉତ୍ସବର ମୁଖ୍ୟ ଲକ୍ଷ୍ୟ ବୋଲି ଗୁରୁ ଦାସ କହିଛନ୍ତି। ଏହି ଅବସରର ଚଳିତବର୍ଷ କଳା, ସଂସ୍କୃତି ଓ ପରମ୍ପରା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୁରୁ ପ୍ରଫେସର ମୋହିନୀ ମୋହନ ପଟ୍ଟନାୟକ (ବଂଶୀବାଦକ), ଗୁରୁ ଦିବାକର ମହାନ୍ତି (ବିଶିଷ୍ଟ ସଙ୍ଗୀତଜ୍ଞ) ଏବଂ ଗୁରୁ ସ୍ନେହପ୍ରଭା ସାମନ୍ତରାୟ (ଓଡ଼ିଶୀ ନୃତ୍ୟଗୁରୁ) ୩ଜଣ ଗୁରୁଙ୍କୁ 'ଗୁରୁ ଦକ୍ଷିଣା-୨୦୨୨' ସମ୍ମାନରେ ସମ୍ମାନିତ କରଯିବ। ଏଥିସହିତ ବିଶିଷ୍ଟ ତବଲା ବାଦିକା ରିମ୍ପାଶିବା (କୋଲକତା), ଗୁରୁ ଭୀମସେନ ମହାରଣା (ଦିବ୍ୟାଙ୍ଗ ସିତାର ବାଦକ), ଗୁରୁ ଧୀରଜ୍ କୁମାର ମହାପାତ୍ର (ଓଡ଼ିଶୀ ଭୋକାଲିଷ୍ଟ)ଙ୍କୁ ସୃଜନଶୀଳ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯିବ। ଏହି ସମ୍ମିଳନୀରେ ନିତ୍ୟାନନ୍ଦ ଦାସଙ୍କ ସମେତ ଗୁରୁ ବିମ୍ବାଧର ଦାସ, ଗୁରୁ ବିଜୟ କୁମାର ଦାସ ଉପସ୍ଥିତ ଥିଲେ।

### ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ, ୪ ଆହତ

**ସିସିଟିଭିରେ କଏଦ ହେଲା ସମସ୍ତ ଦୃଶ୍ୟ**

**ଭୁବନେଶ୍ୱର,୧।୧୦ (ବ୍ୟୁରୋ):** ଭରତପୁର ଥାନା ଅନ୍ତର୍ଗତ ମହାଲକ୍ଷ୍ମୀ ବିହାରରେ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି । ଖଣ୍ଡା ଏବଂ ଠେଙ୍ଗାରେ ପରସ୍ପରଙ୍କୁ ଆକ୍ରମଣ ପ୍ରତି ଆକ୍ରମଣ କରିଛନ୍ତି। ଉଭୟ ପରିବାରର ୪ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ କୃଷ୍ଣ ସାହୁ, ମନୋଜ ସାହୁ, ଶଙ୍କର ମାଝି ଓ ନିବାସୀ ମାଝି। ଭରତପୁର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏ ସମସ୍ତ ଦୃଶ୍ୟ ସିସିଟିଭିରେ କଏଦ ହୋଇଛି । ସୂଚନା ଅନୁସାରେ, ରାଜେନ୍ଦ୍ର ସାହୁ ଓ ବନମାଳୀ ମାଝିଙ୍କ ପରିବାର ପାଖାପାଖି ରୁହନ୍ତି। ରାଜେନ୍ଦ୍ର ସାହୁଙ୍କ ପୁଅ କୃଷ୍ଣ ବନମାଳୀ ମାଝିଙ୍କ ଝିଅକୁ ବିବାହ କରିଛନ୍ତି। ଏହାକୁ ନେଇ ୨ ପରିବାର ମଧ୍ୟରେ ତିକ୍ତତା ଲାଗିରହିଥିଲା। ଶୁକ୍ରବାର ରାତିରେ କୃଷ୍ଣ ତାଙ୍କ ଘର ଆଗରେ ଠିଆ ହୋଇଥିଲା ବେଳେ ବନମାଳୀ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। କୃଷ୍ଣ ବିରୋଧ କରିବାରୁ ବଚସା ବଢ଼ିବା ସହ ହାତାହାତି ହୋଇଥିଲେ। ଏତିକିବେଳେ ବନମାଳୀଙ୍କ ସ୍ତ୍ରୀ ନିବାସୀ, ପୁଅ ଶଙ୍କର ଖଣ୍ଡା ଓ କାଠଫାଳିଆରେ କୃଷ୍ଣଙ୍କୁ ଆକ୍ରମଣ କରିଥିଲେ। କୃଷ୍ଣଙ୍କ ମୁଣ୍ଡ, ପିଠି, ହାତ ଓ ଗୋଡ଼କୁ ଖଣ୍ଡାରେ ଚୋଟ ପକାଇଥିଲେ ଶଙ୍କର। ଫଳରେ ସେ ଆହତ ହୋଇଥିଲେ। କୃଷ୍ଣଙ୍କ ଭାଇ ମନୋଜ ଏକ ଠେଙ୍ଗା ଧରି ଦୌଡ଼ି ଆସି ନିବାସୀ ଓ ଶଙ୍କରଙ୍କୁ ଆକ୍ରମଣ କରିଥିଲେ। ପୋଲିସ ଉଭୟ ପକ୍ଷରୁ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି।

# ନିଷିଦ୍ଧାଞ୍ଚଳରେ ପ୍ରାଚୀର ନିର୍ମାଣ

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ**

- ପୁଣି ମୁଣ୍ଡ ଟେକିଲା ବିବାଦ
- ଅନୁମତି ଦ୍ୱନ୍ଦ୍ୱରେ ଏଏସ୍ଆଇ

**ପୁରୀ ଅଫିସ,୧।୧୦:**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ପୁଣି ବିବାଦ ମୁଣ୍ଡ ଟେକିଛି। ପ୍ରକଳ୍ପର ନିଷିଦ୍ଧାଞ୍ଚଳରେ କ୍ଲକ୍ ରୁମ୍, ମିନି କ୍ଲକ୍ ରୁମ୍, ଜନତା ଓ ସେବାୟତଙ୍କ ଶୌଚାଳୟ ସମେତ ଅନ୍ୟ ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ଏହି ନିଷିଦ୍ଧାଞ୍ଚଳ ପରିସରରେ ନିର୍ମାଣାଧୀନ ପ୍ରାଚୀରକୁ ନେଇ ସାନି ବିବାଦ ଦେଖାଦେଇଛି। ପ୍ରକଳ୍ପ ବିରୋଧୀମାନେ ଏହାକୁ ବେଆଇନ ବୋଲି ଦର୍ଶାଇବା ସହ ଏନେଇ ରାଜ୍ୟ ସରକାର ଅନୁମତି ପାଇ ନ ଥିବା ଅଭିଯୋଗ କରୁଛନ୍ତି।

ସୂଚନା ଅଧିକାର କର୍ମୀ ଦିଲୀପ ବରାଳ କହିଛନ୍ତି, ପ୍ରକଳ୍ପ କାର୍ଯ୍ୟ ପାଇଁ ଅନୁମତି ରହିଥିବାବେଳେ କ'ଣ ସବୁ ନିର୍ମାଣ କରାଯିବ ତାହା ଜାତୀୟ ସ୍ମାରକୀ ପ୍ରାଧିକରଣ (ଏନ୍ଏମ୍ଏ) ସ୍ପଷ୍ଟ ଭାବେ ଉଲ୍ଲେଖ କରିଛି। ସମ୍ପୃକ୍ତ ତାଲିକାରେ ପ୍ରାଚୀର ନିର୍ମାଣ କରିବା ନେଇ ଉଲ୍ଲେଖ ନାହିଁ। ପ୍ରଶାସନ ମନଇଚ୍ଛା ବେଆଇନ ଭାବେ ପ୍ରାଚୀର ନିର୍ମାଣ କରୁଛି। ପ୍ରଶାସନ ପ୍ରଥମେ ଏଥିଲାଗି ଅନୁମତି ଆଣିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ବରାଳ ଆହୁରି କହିଛନ୍ତି, ପ୍ରଶାସନ ପ୍ରାଚୀରକୁ ଲୋକଙ୍କ ଆଢୁଆଳରେ ରଖିବାକୁ ଚାହୁଁଛି। ଏଥିପାଇଁ ଯେତିକି ପ୍ରାଚୀର ନିର୍ମାଣ ହେଉଛି ତାହାକୁ



ପୋତି ଦିଆଯାଉଛି। ତଳୁ ବର୍ତ୍ତମାନ ସୁଦ୍ଧା ୫ ଫୁଟର ପ୍ରାଚୀର ନିର୍ମାଣ ହୋଇସାରିଲାଣି। କିଛି ସ୍ଥାନରେ ନିର୍ମାଣ ସରିଯାଇଥିବା ବେଳେ ପରିକ୍ରମା ପ୍ରକଳ୍ପ ଚାରି ପାଖରେ ଏହି ପ୍ରାଚୀର ବୁଲାଯାଉଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ) ପୁରୀ ସର୍କଲ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ଅନୁମତି ଥିବା ପ୍ରକଳ୍ପ କାର୍ଯ୍ୟ ସଂଲଗ୍ନ ଏକ ପ୍ରାଚୀର ନିର୍ମାଣ ହେଉଛି। ମାତ୍ର ଏନେଇ ଅନୁମତି ରହିଛି କି ନାହିଁ ତାହା ଯାଞ୍ଚ ଚାଲିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ପ୍ରକଳ୍ପ କାର୍ଯ୍ୟକୁ ସୁରୁଖୁରୁରେ ଚଳାଇବା ଲାଗି କୁହାଯାଇଛି। ତେବେ ପ୍ରାଚୀର ନିର୍ମାଣରେ ଆଇନ ଉଲ୍ଲଂଘନ ହୋଇଛି କି ନାହିଁ ଏବଂ ଏଭଳି ନିର୍ମାଣ ହୋଇପାରିବ କି ନାହିଁ ତାହାର ବୈଷୟିକ ଦିଗ ଉପରେ ଆଲୋଚନା କରାଯିବ। ଘଟଣାସ୍ଥଳକୁ ଯାଇ ଯାଞ୍ଚ ଶେଷ କରିବା ସହ ଉପରିସ୍ଥ ଅଧିକାରୀଙ୍କୁ ଏ ସଂକ୍ରାନ୍ତରେ ସୂଚନା ଦେଇ ପରାମର୍ଶ ମାଗିଛୁ ବୋଲି ସେ ପ୍ରକାଶ କରିଛନ୍ତି। ସେହିଭଳି ପ୍ରକଳ୍ପ କାର୍ଯ୍ୟ ଦାୟିତ୍ୱରେ ଥିବା ଓଡ଼ିଶା ସେତୁ ନିର୍ମାଣ ନିଗମ (ଓବିସିସି)ର ଅଧିକାରୀ ପ୍ରଭାତ ପାଣିଗ୍ରାହୀ କହିଛନ୍ତି, ପରିକ୍ରମା ପ୍ରକଳ୍ପରେ ନିର୍ମାଣ କରାଯାଉଥିବା କୋଠା ଓ ବାହାର ରାସ୍ତାକୁ ବିଭକ୍ତ କରିବା ସହ ଗମନାଗମନ ଏବଂ ଯୋଗାଯୋଗର ସୁବିଧା ନିମନ୍ତେ ଏହି ପ୍ରାଚୀର ତିଆରି ହେଉଛି। ମୁଖ୍ୟତଃ ପ୍ରାଚୀର ସେପଟେ ଯାନବାହନ ଚଳାଚଳ ସହ ଲୋକେ ଯାତାୟାତ କରିବେ। ପାର୍କିଂ ଓ ଯାନବାହନ ଚଳାଚଳ ପ୍ରାଚୀର ସେପଟେ ହେବ। ଫଳରେ ଟ୍ରାଫିକ ଜାମ୍ ଭଳି ସ୍ଥିତି ଉପୁଜିବ ନାହିଁ। ଯାତ୍ରୀଙ୍କ ମୌଳିକ ସୁବିଧା ପାଇଁ ହୋଇଥିବା ଶୌଚାଳୟ ଓ କ୍ଲକ ରୁମ୍ ଇତ୍ୟାଦିକୁ ଅନାୟାସରେ ଯାଇଆସି ହେବ। ପ୍ରାଚୀର ବାହାରେ ପାର୍କିଂ ସୁବିଧା ରହିବ। ତେବେ ଗୋଟିଏ ପଟେ ପ୍ରଶାସନ ଏଭଳି ନିର୍ମାଣକୁ ଆଇନ ଦୃଷ୍ଟିକୋଣରୁ ଠିକ୍ ଦର୍ଶାଉଥିବାବେଳେ ଅନ୍ୟପଟେ ପ୍ରକଳ୍ପ ବିରୋଧୀମାନେ କାର୍ଯ୍ୟକୁ ବେଆଇନ ବୋଲି କହିଛନ୍ତି। ପ୍ରକଳ୍ପ କାର୍ଯ୍ୟ ପାଇଁ ମିଳିଥିବା ନୋ ଅବ୍ଜେକ୍ସନ ସାର୍ଟିଫିକେଟ୍ (ଏନ୍ଓସି)ରେ ପ୍ରାଚୀର ସମ୍ପର୍କରେ ଉଲ୍ଲେଖ ନ ଥିବାରୁ ବିରୋଧୀମାନେ ପ୍ରଶାସନକୁ ଟାର୍ଗେଟ କରିଛନ୍ତି।

## ଖୋର୍ଦ୍ଧାରୁ କୋଟିଏ ଟଙ୍କାର ବ୍ରାଉନସୁଗାର ଜବତ

**ଜଣଙ୍କୁ ଧରିଲା ଏସ୍‌ଟିଏଫ୍, ୨ ଫେରାର**

**ଭୁବନେଶ୍ୱର,୧।୧୦ (ବ୍ୟୁରୋ)**

ପାର୍ବଣରେ ସହରଠାରୁ ଗାଁ ଚଳଚଞ୍ଚଳ ଥିବାବେଳେ ଏହି ସମୟରେ ନିଶା କାରବାର ଜୋର ଧରିଛି। ଖୋର୍ଦ୍ଧାରୁ କୋଟିଏରୁ ଅଧିକ ଟଙ୍କାର ବ୍ରାଉନ୍‌ସୁଗାର ଜବତ ହୋଇଛି। ହାବେଳି ପଡ଼ିଆରେ ବ୍ରାଉନ୍‌ସୁଗାର ବେପାର ପାଇଁ ଗ୍ରାହକ ଅପେକ୍ଷାରେ ୩ ଯୁବକ ଛିଡା ହୋଇଥିବା ଖବର ପାଇ କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରିଥିଲା। ଏହି ସମୟରେ ସେଠାରେ ଉପସ୍ଥିତ ୩ ଯୁବକ ସନ୍ଦେହଜନକ ଭାବେ ବୁଲୁଥିବା ଦେଖିବାକୁ ପାଇଥିଲେ।

ଏସ୍‌ଟିଏଫ୍ ଟିମ୍ ସେମାନଙ୍କ ନିକଟକୁ ଯାଉଥିବାବେଳେ ୩ଯୁବକ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ ଖସି ପଳାଇ ଯାଇଥିବାବେଳେ ଜଣଙ୍କୁ ଏସ୍‌ଟିଏଫ୍ ଟିମ୍ କାବୁ କରିଥିଲା। ଯାଞ୍ଚ ବେଳେ ତାଙ୍କ ନିକଟରୁ ୧୧୫୦ ଗ୍ରାମର ବ୍ରାଉନସୁଗାର ଜବତ କରିଥିଲା ଏସଟିଏଫ୍। ଏହାର କୌଣସି ବୈଧ ପ୍ରମାଣ ନ ଦେଖାଇପାରିବାରୁ ଏସ୍‌ଟିଏଫ୍ ଟିମ୍ ନିଶାକାରବାରରେ ବ୍ୟବହୃତ ହେଉଥିବା ଏକ ଗାଡ଼ିକୁ ମଧ୍ୟ ଜବତ କରିଛି। ଅଭିଯୁକ୍ତ ଯୁବକ ଜଣକ ହେଲେ ଖୋର୍ଦ୍ଧା ଜିଲାର ସିଦ୍ଧାର୍ଥ ନାୟକ ଓରଫ ସିଦ୍ଧୁ (୨୩)। ଏସଂକ୍ରାନ୍ତରେ ଏସ୍‌ଟିଏଫ୍ ଏକ ମାମଲା (ନଂ.୨୧/୨୦୨୨) ରୁଜୁ କରି ଅଭିଯୁକ୍ତ



ସିଦ୍ଧାର୍ଥ ଓରଫ ସିଦ୍ଧୁ।

ସିଦ୍ଧାର୍ଥଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଫେରାର ଥିବା ୨ଜଣ ଅଭିଯୁକ୍ତକୁ ଧରିବା ଲାଗି ଏସ୍‌ଟିଏଫ୍ ଟିମ୍ ଉଦ୍ୟମ ଚଳାଇଛି। ଗତ କିଛିଦିନ ତଳେ ଏସ୍‌ଟିଏଫ୍ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା-ଜଟଣୀ ରୋଡ଼ସ୍ଥିତ ହାଇଟେକ୍ ପ୍ଲାଜା ନିକଟରେ ଚଢ଼ାଉ କରି ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ତଥା ୧କେଜି ୫୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିଥିଲା।




ନଫରତ୍ ଛାଡ଼ ସମ୍ବିଧାନ ବଞ୍ଚାଅ ଅଭିଯାନ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଅକ୍ଟୋବର ୨ରୁ ଜାନୁୟାରୀ ୩୦ ପର୍ଯ୍ୟନ୍ତ ହେବାକୁଥିବା ଜନ ଆନ୍ଦୋଳନକୁ ନେଇ ଭୁବନେଶ୍ୱର ଲୋହିଆ ଏକାଡେମୀଠାରେ ଶନିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ପୋଷ୍ଟର ଉନ୍ମୋଚନ କରୁଛନ୍ତି।

## ସ୍ମୃତିସାନ୍ତ୍ୱନାର ସାହିତ୍ୟୋତ୍ସବ

**ଭୁବନେଶ୍ୱର,୧।୧୦ (ବ୍ୟୁରୋ)**

ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ଓ ପ୍ରଚାରପ୍ରସାର ଲାଗି ସାହିତ୍ୟିକମାନଙ୍କର ସୃଷ୍ଟି ସମ୍ଭାର ବିଭିନ୍ନ ଭାଷାରେ ଅନୁଦିତ ହେବା ଉଚିତ। ଯଦ୍ୱାରା ଏହା ବିଶ୍ୱବ୍ୟାପୀ ପହଞ୍ଚିପାରିବ। ଅଧିକରୁ ଅଧିକ ପାଠକାଦୃତ ହୋଇପାରିବ ବୋଲି ସ୍ମୃତିସାନ୍ତ୍ୱନାର ସାହିତ୍ୟ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କବି ଅଧ୍ୟାପିକା ଗୀତାଶ୍ରୀ ପ୍ରିୟମ୍ବଦାଙ୍କ ସଂଯୋଜନା ଏବଂ ସାହିତ୍ୟିକା ପ୍ରଫେସର ଡ. ଶକୁନ୍ତଳା ବଳିୟାର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ବର୍ଷୀୟାନ କବି ଶୈଳରାଣୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟପାଳଙ୍କର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା କବି ରକ୍ଷକ ନାୟକ, ସମ୍ମାନିତ ଅତିଥି ଚଲାପଥର ସମ୍ପାଦକ ହଳଧର ଧୀର, ପ୍ରଶାସକ ତଥା ସାହିତ୍ୟିକ ଡ. ନୃପରାଜ ସାହୁ, ସାହିତ୍ୟିକ ଯଶୋଧାରା ଦାଶ, ଡ. ସୁଷମା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସ୍ମୃତି ସାନ୍ତ୍ୱନାର ସମ୍ପାଦିକା ସବିତାରାଣୀ ବେହେରା ସାହିତ୍ୟଉତ୍ସବ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଡ. ପ୍ରତିମା ରାଣୀ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ କବିତା ପାଠୋତ୍ସବରେ ଅତିଥି କବି ଭାବେ ଚମକ ଚାନ୍ଦିନୀ ଦାଶ, ଅନିମା ପଟ୍ଟନାୟକ, ମନିକା ମହାପାତ୍ର, ଯୋଗଶ୍ରୀ ସାମଲ ପ୍ରମୁଖ ଯୋଗଦେଇଥିବା ବେଳେ ଏଥିରେ ଶତାଧିକ କବି ଯୋଗଦେଇ ସେମାନଙ୍କର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଏହି ଉତ୍ସବରେ ବର୍ଷୀୟାନ କବି ଶୈଳରାଣୀ ମିଶ୍ର, ମାଧୁରୀ ପଟ୍ଟନାୟକ, ମନୋରମା ମିଶ୍ର, ବିଜୟ ବହଳି, ଡ. ଦୁର୍ବାଦଳ ମେହେର ଓ କମଳିନୀ ଦେବୀଙ୍କୁ ସ୍ମୃତିସାନ୍ତ୍ୱନା ସମ୍ମାନ ପ୍ରଦାନ କରାଯାଇଥିଲା।

## ବିଜେବି କଲେଜରେ ୨ ନୂଆ ସେଲ୍ଫ ଫାଇନାନ୍ସ ପାଠ୍ୟକ୍ରମ

**ମିଳିଲା ଅନୁମତି, ଚଳିତବର୍ଷରୁ ଆରମ୍ଭ ହେବ**

**ଭୁବନେଶ୍ୱର, ୧।୧୦ (ବ୍ୟୁରୋ)**

ଚଳିତ ଶିକ୍ଷାବର୍ଷରୁ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦୁଇଟି ନୂଆ ସେଲ୍ଫ ଫାଇନାନ୍ସ ପାଠ୍ୟକ୍ରମ ଆରମ୍ଭ ହେବ। ଏ ନେଇ ଉଚ୍ଚ ଶିକ୍ଷା ବିଭାଗ ଅନୁମତି ଦେବା ସହ ବିଜେବି କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଦେଇଛି। ପିପିପି ମୋଡ୍‌ରେ ଆରମ୍ଭ ହେବାକୁ ଥିବା ଏହି ଦୁଇ ପାଠ୍ୟକ୍ରମ ହେଲା ଏମ୍ଏସ୍‌ସି କମ୍ପ୍ୟୁଟର ସାଇନ୍ସ ଏବଂ ଆଇଏମ୍‌ସିଏ। ୨ବର୍ଷିଆ ଏମ୍ଏସ୍‌ସି କମ୍ପ୍ୟୁଟର ସାଇନ୍ସ ପାଠ୍ୟକ୍ରମ ପାଇଁ ୫୦ହଜାର ଟଙ୍କା ଫି' ରହିଥିବାବେଳେ ୬୦ ସିଟ୍ ରହିବ। ସେହିଭଳି ୫ ବର୍ଷିଆ ଆଇଏମ୍‌ସିଏରେ ତିନିବର୍ଷ ବିସିଏ ଓ ୨ବର୍ଷ ଏମ୍‌ସିଏ ପାଠ୍ୟକ୍ରମ ପଢ଼ାଯିବ। ତେବେ ଆଇଏମ୍‌ସିଏ ପାଇଁ ପ୍ରଥମ ତିନିବର୍ଷ ୩୦ହଜାର ଏବଂ ପରବର୍ତ୍ତୀ ଦୁଇବର୍ଷ ପାଇଁ ୫୦ହଜାର ଫି' ରହିଛି। ଏହିପାଠ୍ୟକ୍ରମ ପାଇଁ ୯୦ ସିଟ୍ ରହିଛି। ପ୍ରତିଭା ଏଜୁକେଶନାଲ ଟ୍ରଷ୍ଟ ପକ୍ଷରୁ ଏହି ପାଠ୍ୟକ୍ରମ ଆରମ୍ଭ ହେବ। ଏଥିପାଇଁ ୟୁଜିସିର ନିୟମାବଳୀ ପାଳନ ହେବ। କଲେଜ କର୍ତ୍ତୃପକ୍ଷ ଶିକ୍ଷାଦାନ ପାଇଁ କେବଳ ଜାଗା ଦେବେ ଓ ଷ୍ଟାଫ୍ ଦରମା ସହ ଅନ୍ୟ ସମସ୍ତ ଖର୍ଚ୍ଚ ଟ୍ରଷ୍ଟ ବହନ କରିବ। ଏଥିରୁ ଯାହା ରାଜସ୍ୱ ଆସିବ ସେଥିରୁ କଲେଜ ୩୦ପ୍ରତିଶତ ଏବଂ ଟ୍ରଷ୍ଟ ୭୦ପ୍ରତିଶତ ନେବ। ତେବେ ସରକାରଙ୍କ ପକ୍ଷରୁ କିଛି ଟଙ୍କା ଦିଆଯିବ ନାହିଁ। ଏହି ପାଠ୍ୟକ୍ରମ ଆରମ୍ଭ ହେବା ଦ୍ୱାରା ଯେପରି ସାଧାରଣ ପାଠପଢ଼ାରେ କୌଣସି ବ୍ୟାଘାତ ନ ଘଟେ ସେଥିପ୍ରତି ଧ୍ୟାନ ଦେବା ପାଇଁ କଲେଜ ଅଧ୍ୟକ୍ଷଙ୍କୁ କୁହାଯାଇଛି।

## ପ୍ରୟାସର ଦାଣ୍ଡିଆ ମହୋତ୍ସବ ଆରମ୍ଭ

- ପ୍ରତିଦିନ ଶ୍ରେଷ୍ଠ ନୃତ୍ୟଶିଳ୍ପୀ, କପଲ୍, କଷ୍ଟ୍ୟୁମ ଓ ଶିଶୁ ନୃତ୍ୟଶିଳ୍ପୀଙ୍କୁ ପୁରସ୍କୃତ
- ସାମାଜିକ କର୍ମୀଙ୍କୁ ମିଳିବ ପ୍ରୟାସ ସମ୍ମାନ-୨୦୨୨

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**

ଧରାବତରଣଙ୍କୁ ବିରାଜିଛନ୍ତି ମା' ଦୁର୍ଗତି ନାଶିନୀ। ରାଜଧାନୀର ବିଭିନ୍ନ ପୂଜା ମଣ୍ଡପରେ ବେଶ୍ ଯାକଯମକରେ ମା' ଦୁର୍ଗାଙ୍କୁ ସଜାଯାଇ ପୂଜା କରାଯାଇଛି। ଦୀର୍ଘ ଦୁଇବର୍ଷ ପରେ ମହାଆଡ଼ମ୍ବରରେ ପୂଜା ହେଉଥିବାରୁ ଆକର୍ଷଣୀୟ ତୋରଣ କରିବା ସହ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି। ଦୁର୍ଗାପୂଜାରେ ଦାଣ୍ଡିଆ ଏକ ପ୍ରମୁଖ ଉତ୍ସବ ହୋଇଥିବାରୁ ରାଜଧାନୀବାସୀଙ୍କ ପାଇଁ ପ୍ରୟାସ ଫାଉଣ୍ଡେଶନ ପକ୍ଷରୁ ଦାଣ୍ଡିଆ ମହୋତ୍ସବ ଆରମ୍ଭ କରାଯାଇଛି। ଶନିବାରଠାରୁ ପ୍ରୟାସ ଫାଉଣ୍ଡେଶନ ପକ୍ଷରୁ ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆ ଓ ଏକାମ୍ର ହାଟ ପରିସରରେ ଥିବା ମୁକ୍ତାକାଶ ରଙ୍ଗମଞ୍ଚରେ ଆରମ୍ଭ ହୋଇଛି ଦାଣ୍ଡିଆ ମହୋତ୍ସବ। ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ବୟନିକାର ପରିଚାଳନା ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ବୟନିକା ସହଭାଗିତାରେ ନବରାତ୍ର ଦାଣ୍ଡିଆ ସାଂସ୍କୃତିକ କାର୍ଯ୍ୟକ୍ରମ ଆସନ୍ତ ୫ ତାରିଖ ପର୍ଯ୍ୟନ୍ତ ଚାଲିବ।

ଏହି ୫ ଦିବସୀୟ ମହୋତ୍ସବରେ ଅଭିଜ୍ଞ ନୃତ୍ୟଶିଳ୍ପୀଙ୍କ ତତ୍ତ୍ୱାବଧାନରେ ଦାଣ୍ଡିଆ ନୃତ୍ୟ, ଏଲ୍ଇଡି ଆଲୋକସଜ୍ଜା, ଲାଇଭ୍ ବ୍ୟାଣ୍ଡ ସହ ନୃତ୍ୟାଙ୍ଗନାଙ୍କ ପାଇଁ ସ୍ୱତନ୍ତ୍ର ଷ୍ଟେଜ୍, ବିଭିନ୍ନ ଖାଦ୍ୟ ଷ୍ଟଲ୍, ବିୟୁଟିସିଆନଙ୍କ ଦ୍ୱାରା ବିନା ମୂଲ୍ୟରେ ମେକ୍‌ଅପ୍, ସୁରକ୍ଷିତ ଫ୍ଲୋରବୋର୍ଡ ଷ୍ଟେଜ୍, ସୁରକ୍ଷିତ ଦୃଷ୍ଟିକୁ ନେଇ ଡ୍ରୋନ୍ କ୍ୟାମେରା ରେକର୍ଡିଂ ସେବା ଯୋଗାଇବାକୁ ବ୍ୟବସ୍ଥା କରାଯାଇଛି। ମହୋତ୍ସବର ପ୍ରତ୍ୟେକ ଦିନର ଶ୍ରେଷ୍ଠ ନୃତ୍ୟଶିଳ୍ପୀ, ଶ୍ରେଷ୍ଠ କପଲ୍, ଶ୍ରେଷ୍ଠ କଷ୍ଟ୍ୟୁମ ଓ ଶିଶୁ ନୃତ୍ୟଶିଳ୍ପୀଙ୍କୁ ପୁରସ୍କୃତ କରାଯିବ। ପ୍ରଥମଦିନରେ ପ୍ରାୟ ୧୦୦୦ରୁ ଉର୍ଦ୍ଧ୍ୱ ଲୋକ ଏକତ୍ରିତ ହୋଇ ନାଚିଥିଲେ। ଏହି ଅବସରରେ ସମାଜରେ ଉତ୍କୃଷ୍ଟ ସେବା କରିଥିବା ସାମାଜିକ କର୍ମୀମାନଙ୍କୁ ଚଳିତବର୍ଷର ପ୍ରୟାସ ସମ୍ମାନ-୨୦୨୨ ଦିଆଯିବ। ଉତ୍ସବରେ ପ୍ରୟାସର ଅଧ୍ୟକ୍ଷ ବନ ମହାନ୍ତି, ଡ. ବଦ୍ରି ପଟ୍ଟନାୟକ, କୌସ୍ତୁଭ ଦାସ, କମଳ ମହାନ୍ତି, ଜସ୍ମିନ୍ ମହାନ୍ତି, ଜୟନ୍ତ ମହାନ୍ତି, ସୋନାଲି ପ୍ରିୟଦର୍ଶିନୀ, ମହାମାୟୀ ତେଜାନୀ, ସୁରେଶ ପତ୍ରୀ, ବୃନ୍ଦାବନ ପଡିହାରୀ, ପପୁ ରିଶି, ସଂଗ୍ରାମ ମହାରଣା, ଶିଶିର ମହାପାତ୍ର ଏବଂ ଉମାକାନ୍ତ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ରାଜଧାନୀରେ ପ୍ରିକସନ୍ ଡୋଜ୍ ଭାବେ ମିଳିବ କୋର୍ବେଭାକ୍ସ

**ବନ୍ଦ ହେଲା ୧୩ ଟିକାକେନ୍ଦ୍ର**

**ଭୁବନେଶ୍ୱର, ୧।୧୦ (ବ୍ୟୁରୋ)**

ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ ଏଣିକି 'କୋର୍ବେଭାକ୍ସ' ପ୍ରିକସନ୍ ଡୋଜ୍ ଭାବେ ଉପଲବ୍ଧ ହେବ। ୧୮ ବର୍ଷ ବା ତଦୁର୍ଦ୍ଧ୍ୱ ବ୍ୟକ୍ତି ଯେଉଁମାନେ କି ଦ୍ୱିତୀୟ ଡୋଜ୍ ନେଇ ସାରିଛନ୍ତି, ସେମାନେ ଚାହିଁଲେ ପ୍ରିକସନ୍ ଡୋଜ୍ ଭାବେ କୋର୍ବେଭାକ୍ସ ନେଇପାରିବେ। ଏଥିପାଇଁ ସେମାନଙ୍କୁ ସିଧାସଳଖ ଟିକାକେନ୍ଦ୍ରକୁ ଯିବାକୁ ପଡିବ। ଭୁବନେଶ୍ୱରର ୭ଟି କେନ୍ଦ୍ରରେ କୋର୍ବେଭାକ୍ସ ଏବଂ ଗୋଟିଏ କେନ୍ଦ୍ରରେ କୋଭିସିଲ୍ଡ ଟିକା ଦେବାର ବ୍ୟବସ୍ଥା କରାଯାଇଛି। ଅପରପକ୍ଷେ ସହରରେ ମଲ୍‌ଗୁଡିକୁ ମିଶାଇ ଚାଲୁଥିବା ୧୩ ଟିକାକେନ୍ଦ୍ରକୁ ବନ୍ଦ କରାଯାଇଛି। ହିତାଧିକାରୀମାନେ କୋର୍ବେଭାକ୍ସ ଟିକା ନେବାକୁ ଚାହୁଁଥିଲେ ୟୁନିଟ-୮ ୟୁପିଏଚ୍‌ସି, ସାମନ୍ତରାପୁର ୟୁପିଏଚ୍‌ସି, ନହରକଣ୍ଟା ୟୁପିଏଚ୍‌ସି, ନିଳାଦ୍ରିବିହାର ୟୁପିଏଚ୍‌ସି, ବ୍ରହ୍ମେଶ୍ୱରପାଟଣା ୟୁପିଏଚ୍‌ସି, ପୋଖରୀପୁଟ ୟୁପିଏଚ୍‌ସି ଏବଂ ୟୁନିଟ୍-୩ ୟୁପିଏଚ୍‌ସିକୁ ଯାଇପାରିବେ। ସେହିପରି କୋଭିସିଲ୍ଡ ଟିକା ନେବା ପାଇଁ ୟୁନିଟ୍-୯ ୟୁପିଏଚ୍‌ସିକୁ ଯିବେ। ପୂର୍ବାହ୍ନ ୯ଟାରୁ ଅପରାହ୍ନ ୧ଟା ଏବଂ ଅପରାହ୍ନ ୩ଟାରୁ ସନ୍ଧ୍ୟା ୫.୩୦ ମଧ୍ୟରେ ଟିକାକରଣ କରାଯିବା ନେଇ ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

## ଦେଶର ୫୦ ସ୍ୱତନ୍ତ୍ର ଐତିହ୍ୟ ବୟନକଳା ସାମଗ୍ରୀ ମଧ୍ୟରେ ଓଡ଼ିଶାର ୫

**ୟୁନେସ୍କୋ ରିପୋର୍ଟ**

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**

ଓଡ଼ିଶାର ହସ୍ତତନ୍ତ ଓ ବୟନ ସାମଗ୍ରୀ ନିଜର ସ୍ୱତନ୍ତ୍ରତା ପାଇଁ ସବୁବେଳେ ଜାତୀୟ ତଥା ଅନ୍ତର୍ଜାତୀୟ ଚାହିଦା ବଜାୟ ରଖି ଆସିଛି। ଶନିବାର ୟୁନେସ୍କୋ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଦେଶର ୫୦ଟି ସ୍ୱତନ୍ତ୍ର ତଥା ଆଇକନିକ୍ ଐତିହ୍ୟ ବୟନକଳା ସାମଗ୍ରୀ ମଧ୍ୟରେ ଓଡ଼ିଶାର ୫ ଉତ୍ପାଦ ସ୍ଥାନ ପାଇଛି। 'ହ୍ୟାଣ୍ଡମେଡ୍ ଅଫ୍ ଦି ଟ୍ୱେଣ୍ଟିଫାଷ୍ଟ ସେଞ୍ଚୁରୀ: ସେଫ୍‌ଗାର୍ଡିଂ ଟ୍ରାଡିଶନାଲ ଇଣ୍ଡିଆନ ଟେକ୍ସଟାଇଲ୍' ନାମକ ଏହି ରିପୋର୍ଟରେ ଉତ୍ତର, ଦକ୍ଷିଣ ଓ ପଶ୍ଚିମ ଭାରତରୁ ୧୧ଟି ଲେଖାଏ, ପୂର୍ବ ଭାରତରୁ ୧୦ଟି ଓ ଉତ୍ତର ପୂର୍ବ ରାଜ୍ୟରୁ ୪ଟି ଉତ୍ପାଦ ତାଲିକାଭୁକ୍ତ ହୋଇଛି। ପୂର୍ବାଞ୍ଚଳ ବୟନକଳା ଉତ୍ପାଦ ମଧ୍ୟରେ ଓଡିଶାର ୫ଟି ପ୍ରସିଦ୍ଧ ହସ୍ତତନ୍ତ ବସ୍ତ୍ର ସ୍ଥାନ ପାଇଛି। ସେଗୁଡ଼ିକ ହେଉଛି ସମ୍ବଲପୁରର 'ବାନ୍ଧ କଳା କାର୍ଯ୍ୟ', ବ୍ରହ୍ମପୁରର 'ପାଟ' (ଫୋଡା କୁମ୍ଭ), ଖୋର୍ଦ୍ଧାର 'ଧଳାପଥର ସ୍କ୍ରିନ୍', କନ୍ଧମାଳର ଡଙ୍ଗରିଆ ହସ୍ତତନ୍ତ ବସ୍ତ୍ର ଏବଂ କେନ୍ଦୁଲିର କାଲିଗ୍ରାଫିକ୍ (ହସ୍ତଲିପି) ବୁଣା ପାଟ।



# ବିଏମ୍‌ସି ପକ୍ଷରୁ 'ଅହିଂସା ରଥ'କୁ ସ୍ୱାଗତ

**ଭୁବନେଶ୍ୱର, ୧।୧୦ (ବ୍ୟୁରୋ)**

ମହାତ୍ମା ଗାନ୍ଧୀଙ୍କ ଅହିଂସା ବାର୍ତ୍ତାର ପ୍ରଚାର ପ୍ରସାର ନିମନ୍ତେ ସ୍ୱାଧୀନତା ଦିବସଠାରୁ ୪ଟି ରଥ ରାଜ୍ୟବ୍ୟାପୀ ପରିଭ୍ରମଣ କରୁଛି। ଏହି ପରିପ୍ରେକ୍ଷୀରେ ଶନିବାର ଗୋଟିଏ ରଥ ଭୁବନେଶ୍ୱରରେ ପହଞ୍ଚିଥିବା ବେଳେ ବିଏମ୍‌ସି ପକ୍ଷରୁ ସ୍ୱାଗତ କରାଯାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟଠାରୁ ଏହି ରଥ ବାହାରି ପ୍ରଥମେ ଗୋପବନ୍ଧୁ ଛକଠାରେ ପହଞ୍ଚିଥିଲା। ସେଠାରେ ବିଏମ୍‌ସି ଡେପୁଟି କମିଶନର, ସ୍ଥାନୀୟ କର୍ପୋରେଟର, ନିଗମର କର୍ମକର୍ତ୍ତା ଓ ଜୟ ଓଡ଼ିଶା ଅନୁଷ୍ଠାନ ଏବଂ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ସୂର୍ଯ୍ୟନଗର ଛକଠାରେ ନନ୍ଦିନୀ ଶତପଥୀ, ଏଜି ଛକଠାରେ ବାବାସାହେବ ଆମ୍ବେଡକର, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, କଳ୍ପନା ଛକଠାରେ ଚାଖି ଖୁଣ୍ଟିଆ, ରାଜ୍ୟ ସଂଗ୍ରହାଳୟ ଛକରେ ବକ୍ସି ଜଗବନ୍ଧୁଙ୍କ




ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ରଥ ବିଏମ୍‌ସି କାର୍ଯ୍ୟାଳୟରେ ପହଞ୍ଚିଥିଲା। ଡେପୁଟି ମେୟର ମଞ୍ଜୁଲତା କହଁର, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ, ବିନୟ କୁମାର ଦାସ, ସମସ୍ତ କର୍ପୋରେଟର, ସ୍ୱଚ୍ଛ ଭାରତ ମିଶନ ବ୍ରାଣ୍ଡ ଆମ୍ବାସାଡର ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁ,

**ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ**

ଅଭିନେତା ସବ୍ୟସାଚୀ ମିଶ୍ର, ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ବିଭିନ୍ନ ବିଦ୍ୟାଳୟର ସ୍କାଉଟ୍ ଆଣ୍ଡ ଗାଇଡ୍ ଛାତ୍ରୀଛାତ୍ରମାନେ ରଥକୁ ସ୍ୱାଗତ ଜଣାଇଥିଲେ।

ଏହି ଅବସରରେ ଆୟୋଜିତ 'ସ୍ୱାଧୀନତାର ଉଲ୍ଲାସ' ସଭା ଆୟୋଜିତ ହୋଇଥିଲା। ଏଥିସହ ଭୁବନେଶ୍ୱରର ପର୍ଯ୍ୟଟନ, ଐତିହ୍ୟ, ସଂସ୍କୃତି ଉପରେ ପର୍ଯ୍ୟବସିତ 'କଫି ଟେବୁଲ' ବୁକ୍ ଉନ୍ମୋଚିତ ହୋଇଥିଲା। ଡେପୁଟି କମିଶନର ରମେଶ ଚନ୍ଦ୍ର ଜେନା ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ବିଏମ୍‌ସି ଲୋକ ସମ୍ପର୍କ ଅଧିକାରୀ ନୀହାର ରଞ୍ଜନ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**କମିଲା କମର୍ସିଆଲ ଗ୍ୟାସ୍ ମୂଲ୍ୟ**

**ଭୁବନେଶ୍ୱର,୧।୧୦:** ଗତ ମାସ ଭଳି ଅକ୍ଟୋବରରେ ମଧ ୧୯ କେ.ଜି. କମର୍ସିଆଲ ଏଲ୍‌ପିଜି ସିଲିଣ୍ଡର ଦର ୨୫.୫୦ ଟଙ୍କା ହ୍ରାସ ପାଇଛି। ପୂର୍ବ ମାସ ବା ସେପ୍ଟେମ୍ବର ୧ରେ ମଧ ତୈଳ ବିପଣନକାରୀ କମ୍ପାନୀଗୁଡ଼ିକ ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡର ଦର ୯୧.୫୦ ଟଙ୍କା କମାଇଥିଲେ। ହେଲେ କମର୍ସିଆଲ ଗ୍ୟାସ୍ ଦର ହ୍ରାସ ହୋଇଥିଲେ ମଧ ଘରୋଇ ଏଲ୍‌ପିଜି ଦର ପୂର୍ବ ପରି ସ୍ଥିର ରହିଛି। ଶନିବାର ଏ ନେଇ ମଧ ତୈଳ ବିପଣନ କମ୍ପାନୀଗୁଡ଼ିକ ନୂଆ ଦର ସୂଚୀ ଜାରି କରିଛନ୍ତି। ତୈଳ କମ୍ପାନୀର ସୂଚନା ଅନୁସାରେ ନୂଆଦିଲ୍ଲୀରେ ବ୍ୟବସାୟିକ (୧୯ କେ.ଜି) ଏଲ୍‌ପିଜି ସିଲିଣ୍ଡର ଦର ୧୮୫୯.୫ ଟଙ୍କା ରହିଛି।

# ୨୬% ବୃଦ୍ଧି ପାଇଛି ଜିଏସ୍‌ଟି ସଂଗ୍ରହ

**ନୂଆଦିଲ୍ଲୀ,୧।୧୦**




■ଚଳିତ ବର୍ଷ ସେପ୍ଟେମ୍ବରରେ ୧.୪୭ ଲକ୍ଷ କୋଟି ଆଦାୟ

■କ୍ରମାଗତ ୭ ମାସ ଲାଗି ୧.୪୦ ଲକ୍ଷ କୋଟିରୁ ଅଧିକ ଆଦାୟ

ଚଳିତ ବର୍ଷ ସେପ୍ଟେମ୍ବର ମାସରେ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ଆଦାୟ (୧.୪୭ ଲକ୍ଷ କୋଟି ଟଙ୍କା) ଏକ ରେକର୍ଡ ସ୍ତରରେ ପହଞ୍ଚିଛି। ଏପରିକି ଚଳିତ ବର୍ଷ ସେପ୍ଟେମ୍ବର ଜିଏସ୍‌ଟି ଆଦାୟରେ ୨୬% ବୃଦ୍ଧି ପାଇ ମୋଟ ୧,୪୭,୬୮୬ ଲକ୍ଷ କୋଟି ଟଙ୍କା ଆଦାୟ ହୋଇଥିବା ଶନିବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଆଦାୟ ଟିକସ ମଧ୍ୟରୁ କେନ୍ଦ୍ର ଟିକସ (ସିଜିଏସ୍‌ଟି) ୨୫,୨୭୧ କୋଟି ଥିବାବେଳେ ରାଜ୍ୟ ଟିକସ (ଏସ୍‌ଜିଏସ୍‌ଟି) ୩୧,୮୧୩ କୋଟି ରହିଛି। ସେହିଭଳି ଆଇଜିଏସ୍‌ଟି ୮୦,୪୬୪ ଲକ୍ଷ କୋଟି ଟଙ୍କା ହୋଇଛି। ଆଇଜିଏସ୍‌ଟି ଟିକସ ଆଦାୟରେ ସାମଗ୍ରୀ ଆମଦାନୀ କର ୪୧,୨୧୫ କୋଟି ଟଙ୍କା ଆଦାୟ ହୋଇଛି। ସେହିପରି ସେସ୍ ବାବଦକୁ ୧୦,୧୩୭ କୋଟି ଟଙ୍କା ଆଦାୟ ହୋଇଥିବା ବେଳେ ସେଥିରେ ୮୫୬ କୋଟି ଟଙ୍କାର ସାମଗ୍ରୀ ଆମଦାନୀ କର ସାମିଲ ରହିଛି। ଅପରପକ୍ଷରେ ସରକାର କେନ୍ଦ୍ର ଟିକସ (ସିଜିଏସ୍‌ଟି) ୩୧,୮୮୦ ଟଙ୍କା ଏବଂ ରାଜ୍ୟ ଟିକସ (ଏସ୍‌ଜିଏସଟି) ପାଇଁ ୨୭,୪୦୩ ଟଙ୍କା ରାଜ୍ୟଗୁଡ଼ିକୁ ଆଇଜିଏସ୍‌ଟି ସେଟେଲମେଣ୍ଟ ପାଇଁ ପ୍ରଦାନ କରିଛନ୍ତି। ତେବେ ରାଜ୍ୟଗୁଡ଼ିକୁ କ୍ଷତିପୂରଣ ପ୍ରଦାନ ପରେ କେନ୍ଦ୍ର ପାଖରେ ସେପ୍ଟେମ୍ବର ମାସରେ ୫୭,୧୫୧ ଟଙ୍କା ଏବଂ ରାଜ୍ୟଗୁଡ଼ିକ ପାଖରେ ୫୯,୨୧୬ ଟଙ୍କା ରହିଛି। ଗତ ବର୍ଷ ସେପ୍ଟେମ୍ବର ମାସ ଅପେକ୍ଷା ଚଳିତ ବର୍ଷ ଜିଏସ୍‌ଟି ସଂଗ୍ରହରେ ୨୬% ବୃଦ୍ଧି ହୋଇଛି। ଏପରିକି ଆମଦାନୀ ଦ୍ରବ୍ୟରେ ୩୯% ଏବଂ ଘରୋଇ ଦ୍ରବ୍ୟ ବିକ୍ରିରେ ୨୨% ଅଧିକ ଜିଏସ୍‌ଟି ଆଦାୟ ହୋଇଛି। ଚଳିତ ବର୍ଷ ଅଗଷ୍ଟ ମାସରେ ୭.୭ ଇ-ୱେବିଲ୍ ଜେନେରେଟ୍ ହୋଇଥିବା ବେଳେ ଜୁଲାଇ ମାସରେ ଏହା ୭.୫କୋଟି ରହିଥିଲା। ସେହିପରି ସେପ୍ଟେମ୍ବର ୨୦ ତାରିଖରେ ଗୋଟିଏ ଦିନରେ ସବୁଠାରୁ ଅଧିକ ଅର୍ଥାତ୍ ୪୯,୪୫୩ କୋଟି ଟଙ୍କା ଆଦାୟ ହୋଇଥିବା ବେଳେ ୮.୭୭ ଲକ୍ଷ ଚାଲାଣ କଟିଥିଲା।

ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ସେପ୍ଟେମ୍ବରର ଜିଏସ୍‌ଟି ସଂଗ୍ରହ ୧୩% ବୃଦ୍ଧି ପାଇ ୩୭୬୫ କୋଟି ଟଙ୍କାରେ ପହଞ୍ଚିଛି ବୋଲି ସୂଚନା ମିଳିଛି।

## ସେପ୍ଟେମ୍ବରରେ ୪୭,୬୫୪ ୟୁନିଟ୍ ପିଭି ବିକ୍ରି କରିଛି ଟାଟା ମୋଟର୍ସ

**ନୂଆଦିଲ୍ଲୀ,୧।୧୦**

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଟାଟା ମୋଟର୍ସ ପକ୍ଷରୁ ଶନିବାର ସେପ୍ଟେମ୍ବରର ଗାଡ଼ି ବିକ୍ରି (ଯାତ୍ରୀବାହୀ ଯାନ ବା ପିଭି) ସମ୍ପର୍କରେ ସୂଚନା ଦିଆଯାଇଛି। ଚଳିତ ବର୍ଷ ସେପ୍ଟେମ୍ବରରେ ପିଭିର ସର୍ବାଧିକ ଘରୋଇ ମାସିକ ବିକ୍ରି ୪୭,୬୫୪ ୟୁନିଟ୍ ହାସଲ କରିଛି। ଏପରିକି ଚଳିତ ବର୍ଷ ସେପ୍ଟେମ୍ବରରେ କମ୍ପାନୀର ପିଭି ବିକ୍ରି ୮୫% ବୃଦ୍ଧି ପାଇଛି। ଗତ ବର୍ଷ ସେପ୍ଟେମ୍ବରରେ କମ୍ପାନୀ ୨୫,୭୩୦ ୟୁନିଟ୍ ପିଭି ବିକ୍ରି କରିଥିଲା। ଏ ସମ୍ପର୍କରେ ଟାଟା ମୋଟର୍ସ ପାସେଞ୍ଜର ଭେହିକଲ୍ସର ପରିଚାଳନା ନିର୍ଦ୍ଦେଶକ ଶୈଳେଶ ଚନ୍ଦ୍ର କହିଛନ୍ତି, ଇଭି ସେଗ୍‌ମେଣ୍ଟରେ କମ୍ପାନୀ ୨୩୯% ଅଭିବୃଦ୍ଧି ଏବଂ ୨୦୨୨ ସେପ୍ଟେମ୍ବର ମଧ୍ୟରେ ଆଇସିଇ ଯାନ ବିଭାଗରେ ୭୮% ଅଭିବୃଦ୍ଧି ଘଟିଛି। ସେହିଭଳି ଚଳିତ ବର୍ଷ ସେପ୍ଟେମ୍ବରରେ ୩,୬୫୫ ୟୁନିଟ୍ ଇଭି ଏବଂ ୪୩,୯୯୯ ୟୁନିଟ୍ ଆଇସିଇ ଯାନ ବିକ୍ରି ସହ ପିଭି ବର୍ଗରେ ଇଭି ବିକ୍ରୟ ଅଂଶ ୭.୬୬% ରହିଛି।

## ସିଜିୟୁର ୩ୟ ସମାବର୍ତ୍ତନ ଉତ୍ସବ



**ଭୁବନେଶ୍ୱର,୧।୧୦**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ସି. ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି (ସିଜିୟୁ)ର ୩ୟ ସମାବର୍ତ୍ତନ ଉତ୍ସବ ଶୁକ୍ରବାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଉନ୍ନତ ଶିକ୍ଷା ସହ ମାନବ କଲ୍ୟାଣ ଏବଂ ସମାଜର ଉନ୍ନତି ଦିଗରେ ନିଜକୁ ବିନିଯୋଗ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ଏହି ପରିପ୍ରେକ୍ଷୀ ରାଜ୍ୟପାଳ ମୋଟ ୮୩୨ଜଣ କୃତୀ ବିଦ୍ୟାର୍ଥୀଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ। ସେହିଭଳି ବିଶ୍ୱବିଦ୍ୟାଳୟର ସଭାପତି ସଞ୍ଜୀବ କୁମାର ରାଉତ ଛାତ୍ରୀଛାତ୍ରଙ୍କ କୃତିତ୍ୱ, ୱାର୍ଲ୍ଡ ସ୍କିଲ୍ ଓ ସ୍ମାର୍ଟ ଇଣ୍ଡିଆ ହାକାଥନ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ବୋର୍ଡ ମେମ୍ବର ଶରତ ଚନ୍ଦ୍ର ଭଦ୍ରା, ଶୈଳଜା ରାଉତ, ପ୍ରଫେସର ସୁନୀଲ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଶ୍ୱବିଦ୍ୟାଳୟର କୁଳପତି ଡ. ବି.ଏସ୍. ସତ୍ୟନାରାୟଣ ବିଶ୍ୱବିଦ୍ୟାଳୟର ବାର୍ଷିକ ବିବରଣୀ ପ୍ରଦାନ କରିବା ସହ ସମାବର୍ତ୍ତନ ଉତ୍ସବ ସମ୍ପର୍କରେ ନିଜର ମତ ପ୍ରକାଶ କରିଥିଲେ। ଅପରପକ୍ଷରେ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଡ. ବିନୀତା ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରତରେ ୨୦୨୪ ମାର୍ଚ୍ଚ ସୁଦ୍ଧା ୫ଜି ସେବା: ସୁନୀଲ

**ନୂଆଦିଲ୍ଲୀ,୧।୧୦**

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ଏୟାରଟେଲ ଦେଶବ୍ୟାପୀ ୫ଜି ସେବା ଆରମ୍ଭ କରିବାକୁ ଶନିବାର ଘୋଷଣା କରିଛି। ଏପରିକି ଭାରତରେ ୨୦୨୪ ମାର୍ଚ୍ଚ ସୁଦ୍ଧା ପ୍ରତି କ୍ଷେତ୍ରରେ ୫ଜି ସେବା ଯୋଗାଇବାର ଲକ୍ଷ୍ୟ ରଖିଛି ବୋଲି ଭାରତୀ ଏୟାରଟେଲର ଅଧ୍ୟକ୍ଷ ସୁନୀଲ ମିତ୍ତଲ ୬ ଷ୍ଠ ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମ୍‌ସି) ରେ ଯୋଗଦେଇ ଏଭଳି କିଛି ମତ ଉପସ୍ଥାପନ କରିଛନ୍ତି। ସେହିଭଳି ୨୦୨୩ ମାର୍ଚ୍ଚ ସୁଦ୍ଧା ଦେଶର ପ୍ରମୁଖ ସହରକୁ ୫ଜି ସେବା ଯୋଗାଇବା ସହ ୨୦୨୪ ମାର୍ଚ୍ଚ ସୁଦ୍ଧା ସମଗ୍ର ଦେଶକୁ ୫ଜି ସେବା ଯୋଗାଇବା ପାଇଁ ଭାରତୀ ଏୟାରଟେଲ ଦ୍ରୁତ ଗତି ଏବଂ ସାହସର ସହ କାର୍ଯ୍ୟ କରୁଛି ବୋଲି ମିତ୍ତଲ ମତବ୍ୟକ୍ତ କରିଛନ୍ତି।

## ପାତ୍ର ଇଲେକ୍ଟ୍ରୋନିକ୍ସରେ ଫେଷ୍ଟିଭାଲ୍ ସେଲ୍

**ଭୁବନେଶ୍ୱର,୧।୧୦ (ବ୍ୟୁରୋ)**

PATRA ELECTRONICS

**ଆକର୍ଷଣୀୟ ପାର୍ବଣ ଅଫର**

ରାଜ୍ୟର ପ୍ରମୁଖ ଇଲେକ୍ଟ୍ରୋନିକ୍ସ, ହୋମ୍ ଆପ୍ଲାଏନ୍ସ ଡିଜିଟାଲ ଉତ୍ପାଦ ଏବଂ ଫର୍ନିଚର ଷ୍ଟୋର 'ପାତ୍ର ଇଲେକ୍ଟ୍ରୋନିକ୍ସ' ପକ୍ଷରୁ ବିଗ୍ ଫେଷ୍ଟିଭାଲ୍ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ସାରା ରାଜ୍ୟରେ ଥିବା ପାତ୍ର ଇଲେକ୍ଟ୍ରୋନିକ୍ସର ୨୭ଟି ଶାଖାରେ ଏହାର ଗ୍ରାହକମାନେ ବିଭିନ୍ନ ସୁବିଧା ସହ ଉପରୋକ୍ତ ଅଫରର ଫାଇଦା ମଧ ପାଇପାରିବେ। ବିଶେଷକରି ଗ୍ରାହକମାନେ ଜିରୋ ଡାଉନ୍ ପେମେଣ୍ଟ, ସହଜ କିସ୍ତି, ବିନା ସୁଧ ଏବଂ ସୁଲଭ ମୂଲ୍ୟରେ ସେମାନଙ୍କର ଆବଶ୍ୟକତା ସାମଗ୍ରୀ କିଣିପାରିବେ। ସେହିଭଳି ଡେବିଟ୍ ଓ କ୍ରେଡିଟ୍ କାର୍ଡ ଜରିଆରେ ମଧ ଅଧିକ ଚାର୍ଜ ନ ଦେଇ ସହଜ କିସ୍ତି ମାଧ୍ୟମରେ ମନ ପସନ୍ଦର ଜିନିଷ ମଧ କ୍ରୟ କରିପାରିବେ ଏବଂ କିସ୍ତିରେ ଗୋଟିଏ ମାସର ଇଏମ୍‌ଆଇ ଫେରସ୍ତ ସୁବିଧା ମଧ ରହିଛି। ସେହିପରି କେତେକ ସାମଗ୍ରୀ ଉପର ୫୦% ପର୍ଯ୍ୟନ୍ତ ରିହାତି ସାଙ୍ଗକୁ ଉପହାର ମଧ ରହିଛି। ଏହା ବ୍ୟତୀତ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍, ଗିଫ୍ଟ ଭାଉଚର ଏବଂ ପ୍ରତିଦିନ ଲକି ଡ୍ର' ଭଳି ଅଫର ମଧ ରହିଛି। ଅପରପକ୍ଷରେ ପୁରୁଣା ଜିନିଷ ବଦଳାଇ ନୂଆ ନେଲେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ ହୋଇପାରିବ ବୋଲି ପାତ୍ର ଇଲେକ୍ଟ୍ରୋନିକ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏହିସବୁ ଅଫର ଭିନ୍ନ ଭିନ୍ନ ମଡେଲ ଉପରେ ଉପଲବ୍ଧ ଓ ସର୍ତ୍ତାବଳୀ ଲାଗୁ ହେବ।

## ୨୦୨୩ ଡିସେମ୍ବର ସୁଦ୍ଧା ସାରା ଦେଶରେ ୫ଜି ସେବା: ମୁକେଶ

**ନୂଆଦିଲ୍ଲୀ,୧।୧୦**

ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ରିଲାଏନ୍ସ ଇଣ୍ଡଷ୍ଟ୍ରି ଲିମିଟେଡ୍ (ଆର୍‌ଆଇଏଲ୍) ର ଟେଲିକମ୍ ଫାର୍ମ ରିଲାଏନ୍ସ ଜିଓ ୨୦୨୩ ଡିସେମ୍ବର ସୁଦ୍ଧା ସାରା ଦେଶରେ ୫ଜି ସେବା ଆରମ୍ଭ କରିବ। ଏପରିକି ଚଳିତ ବର୍ଷ ଅକ୍ଟୋବର ଶେଷ ସୁଦ୍ଧା ଦେଶର ପ୍ରମୁଖ ସହରରେ ଜିଓ ୫ଜି ସେବା ଆରମ୍ଭ କରିବାକୁ ଦ୍ରୁତ ଗତିରେ ଅଗ୍ରଗତି କରୁଛି। ସେହିଭଳି ୬ଷ୍ଠ ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମସି)-୨୦୨୨ ରେ ଯୋଗଦେଇ ଅମ୍ବାନୀ କହିଛନ୍ତି, ଜିଓ ସୁଲଭ ମୂଲ୍ୟରେ ୫ଜି ସେବା ଆରମ୍ଭ କରିବ। ଏପରିକି ୨୦୨୩ ଡିସେମ୍ବର ସୁଦ୍ଧା ଦେଶର ପ୍ରତ୍ୟେକ କୋଣ ଅନୁକୋଣରେ ଜିଓ ୫ଜିର ସେବା ଉପଲବ୍ଧ ହେବ ବୋଲି ଅମ୍ବାନୀ ମତବ୍ୟକ୍ତ କରିଛନ୍ତି।

## ଆଜି ଷ୍ଟାର୍ କିରଣରେ 'ଆମ ଘର ଦଶହରା'

**ଭୁବନେଶ୍ୱର,୧।୧୦**




ରାଜ୍ୟର ପ୍ରମୁଖ ନୂତନ ଓଡ଼ିଆ ମନୋରଞ୍ଜନଭିତ୍ତିକ ଚ୍ୟାନେଲ ଷ୍ଟାର୍ କିରଣ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଆମ ଘର ଦଶହରା' ର ଆୟୋଜନ କରାଯାଇଛି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅରବିବାର ସନ୍ଧ୍ୟା ୬ ଘଟିକାରେ ଷ୍ଟାର୍ କିରଣରେ ପ୍ରସାରଣ ହେବ ବୋଲି ଚ୍ୟାନେଲ ପକ୍ଷରୁ କୁହାଯାଇଛି। ଏପରିକି ଉକ୍ତ ଚ୍ୟାନେଲ ଦର୍ଶକମାନଙ୍କୁ ବିଶେଷ ଉତ୍ସବ ମାଧ୍ୟମରେ ବାନ୍ଧି ରଖିବା ସହ ସାରା ପରିବାରକୁ ସନ୍ଧ୍ୟାରେ ଏକତ୍ରିତ କରିପାରୁଛି। ସେହିଭଳି ଏହା ହେଉଛି ପ୍ରଥମ ଷ୍ଟାର୍ କିରଣ ପରିବାର ମହାମିଳନ ଉତ୍ସବ, ଯେଉଁଠାରେ ଶୋ'ର ସମସ୍ତ କଳାକାର, ଓଡ଼ିଆ ଇଣ୍ଡଷ୍ଟ୍ରିର ଗାୟକ, ନୃତ୍ୟଶିଳ୍ପୀ ତଥା ଜଣାଶୁଣା ଆଙ୍କର୍ସ ଏବଂ ସେଲିବ୍ରିଟିମାନେ ଏକତ୍ର ଦଶହରାକୁ ପାଳନ କରିବା ପାଇଁ ଉକ୍ତ ଇଭେଣ୍ଟ (ଶୋ)ରେ ଅଭିନୟ ମଧ କରିଛନ୍ତି ଏବଂ କିଛି ହାଲୁକା ମଜାଳିଆ ମୁହୂର୍ତ୍ତ ମଧ ପାଇଛନ୍ତି। ସେହିପରି ଉକ୍ତ ଶୋ'କୁ ସୁଜିତ ପାଇକରାୟ ଓ ପ୍ରିୟଙ୍କା ମହାପାତ୍ର ଆୟୋଜନ କରିଛନ୍ତି। ଏହି ଶୋ'ରେ ସମସ୍ତ ଷ୍ଟାର୍ କିରଣ ନାୟକ ଓ ଅଭିନେତାଙ୍କ ସହ ସେଲିବ୍ରିଟି ଅତିଥି ସ୍ୱରାଜ ବାରିକ ଓ ଶୀତଲ ପାତ୍ର ମଧ ସାମିଲ ରହିଛନ୍ତି। ଅପରପକ୍ଷରେ ସଙ୍ଗୀତ ନିର୍ଦ୍ଦେଶକ ଓ ଗାୟକ ଅଭିଜିତ ମଜୁମଦାରଙ୍କ ସହ ଗାୟକ ତାରିକ୍ ଅଜିଜ୍, ସତ୍ୟଜିତ ପ୍ରଧାନ, ଅର୍ପିତା ଚୌଧୁରୀ, ଜ୍ୟୋତିର୍ମୟୀ ନାୟକ ଏବଂ ଲିପ୍ସା ମହାପାତ୍ର ପ୍ରମୁଖ ସେମାନଙ୍କର ପ୍ରିୟ ଗୀତ ଗାଇ ଉକ୍ତ ଶୋ'କୁ ଅଧିକ ମେଲୋଡିକ୍ କରିଛନ୍ତି।

## ନରାକାସର ୧୬ତମ ବୈଠକ ନାଲ୍‌କୋରେ ଆୟୋଜିତ

**ଭୁବନେଶ୍ୱର,୧।୧୦**



ରାଜଭାଷା ପ୍ରୟୋଗ ନିମନ୍ତେ ପୁରସ୍କାର ବିତରଣ ପରିପ୍ରେକ୍ଷୀରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଚଳିତ ଆର୍ଥିକ ବର୍ଷରେ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ନରାକାସ)ର ୨ୟ ଅର୍ଦ୍ଧବାର୍ଷିକୀ ବୈଠକ ସ୍ଥାନୀୟ ନାଲ୍‌କୋ ନିଗମ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନବରତ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ନୋଡାଲ କାର୍ଯ୍ୟାଳୟ ଭାବେ ଉକ୍ତ ବୈଠକର ଆୟୋଜନ କରିଥିଲା। ଏଥିରେ ଭାରତ ସରକାରଙ୍କ ଦ୍ୱାରା ସଞ୍ଚାଳିତ ଭୁବନେଶ୍ୱରର ବିଭିନ୍ନ ଉଦ୍ୟୋଗର ଅନ୍ୟ ସଦସ୍ୟମାନେ ମଧ ଅଂଶଗ୍ରହଣ କରିଥିଲେ। ନାଲ୍‌କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଏବଂ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି(ଉପକ୍ରମ)-ନରାକାସ(ଉ)ର ସଭାପତି ଶ୍ରୀଧର ପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଆୟୋଜିତ ହୋଇଥିଲା। ଏଥିରେ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନ ରାଜଭାଷା ବିଭାଗର ସହକାରୀ ନିର୍ଦ୍ଦେଶକ (କାର୍ଯ୍ୟାନ୍ୱୟନ) ନିର୍ମଳ କୁମାର ଦୁବେଙ୍କ ସମେତ ନାଲ୍‌କୋର ନିର୍ଦ୍ଦେଶକ (ମାନବ ସମ୍ବଳ) ରାଧାଶ୍ୟାମ ମହାପାତ୍ର ମଧ ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇଥିଲେ। ଅପରପକ୍ଷରେ ବୈଠକରେ ଉପସ୍ଥିତ ସଦସ୍ୟମାନଙ୍କୁ ଉଦ୍‌ବୋଧନ ଦେଇ ନାଲ୍‌କୋ ଅଧ୍ୟକ୍ଷ ପାତ୍ର ରାଜଭାଷା ହିନ୍ଦୀର ବ୍ୟବହାର ଏବଂ ପ୍ରସାର ଉପରେ ଗୁରୁତ୍ୱାରୋପ କରିଛନ୍ତି। ଭାରତ ସରକାରଙ୍କ ଏକ ଅନୁଷ୍ଠାନ ଭାବେ ଏହା ଆମର ସାମୂହିକ ଦାୟିତ୍ୱ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିଭଳି ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନ ରାଜଭାଷା ବିଭାଗର ସହକାରୀ ନିର୍ଦ୍ଦେଶକ (କାର୍ଯ୍ୟାନ୍ୱୟନ) ନିର୍ମଳ କୁମାର ଦୁବେ କହିଥିଲେ, ନରାକାସ(ଉ)ର ବୈଠକ ଆୟୋଜନରେ ନାଲ୍‌କୋର ଉଦ୍ୟମ ଏବଂ ହିନ୍ଦୀର ବହୁଳ ବ୍ୟବହାର କ୍ଷେତ୍ରରେ ସମସ୍ତ ସଦସ୍ୟ ଅନୁଷ୍ଠାନଙ୍କର ପ୍ରୟାସକୁ ସେ ଉଚ୍ଚ ପ୍ରଶଂସା କରିଥିଲେ। ପରିଶେଷରେ କାର୍ଯ୍ୟକ୍ଷେତ୍ରରେ ଶ୍ରେଷ୍ଠ ରାଜଭାଷା ପ୍ରୟୋଗକାରୀ କାର୍ଯ୍ୟାଳୟ ବର୍ଗରେ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ, ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ କର୍ପୋରେଶନ ଲିମିଟେଡ୍ ଏବଂ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍‌କୁ ଯଥାକ୍ରମେ ୧ମ, ୨ୟ ଏବଂ ୩ୟ ପୁରସ୍କାର ପ୍ରଦାନ କରାଯାଇଥିଲା।

## ରିଲାଏନ୍ସ ଜୁଏଲ୍ସର ସତ୍ୟନଗର ଷ୍ଟୋର ପୁନଃ ଉଦ୍‌ଘାଟିତ

**ଭୁବନେଶ୍ୱର,୧।୧୦:**



ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ରିଲାଏନ୍ସ ଜୁଏଲ୍ସର ଭୁବନେଶ୍ୱରର ଜନପଥସ୍ଥିତ ନବୀକୃତ ଫ୍ଲାଗ୍‌ଶିପ ଶୋ'ରୁମ୍‌ର ଶୁଭାରମ୍ଭ ହୋଇଯାଇଛି। ଏପରିକି ଶନିବାର ସ୍ଥାନୀୟ ସତ୍ୟନଗର(ଜନପଥ)ଠାରେ ଅବସ୍ଥିତ ଉକ୍ତ ବୃହତ୍ ଷ୍ଟୋରର ପୁନଃ ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ଓଲିଉଡ୍ ଅଭିନେତ୍ରୀ ଏଲିନା ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକଙ୍କ ସମେତ ସତ୍ୟନଗର ଷ୍ଟୋରର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷ କରି ୧୦,୦୦୦ ବର୍ଗଫୁଟ ପରିମିତ ଜମିରେ ଗଢ଼ି ଉଠିଥିବା ଏହି ନବୀକୃତ ଫ୍ଲାଗ୍‌ଶିପ ଶୋ'ରୁମ୍ ସମୋହିତ କଳାଭଳି ଇଣ୍ଟେରିୟର ଏବଂ ସମ୍ପୂର୍ଣ୍ଣ ଔଜ୍ଜଲ୍ୟମୟ ପରିବେଶ ସୃଷ୍ଟି ସାଙ୍ଗକୁ କେବଳ ସୁନା ଓ ହୀରା ଅଳଙ୍କାର ସମ୍ଭାରକୁ ପ୍ରଦର୍ଶିତ କରିବ ବୋଲି ଜଣାପଡ଼ିଛି। ସେହିଭଳି ଏହାର ଗ୍ରାହକମାନେ ସୁନା ଅଳଙ୍କାରର ଗଢ଼ା ମଜୁରି ଏବଂ ହୀରା ଅଳଙ୍କାର ଇନ୍‌ଭଏସ୍ ଉପରେ ୨୫% ପର୍ଯ୍ୟନ୍ତ ରିହାତି (ସର୍ତ୍ତାବଳୀ ଲାଗୁ) ପାଇପାରିବେ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ସେହିପରି ପବିତ୍ର ଦୀପାବଳି ପର୍ବ ପାଳନ କରିବାକୁ ରିଲାଏନ୍ସ ଜୁଏଲ୍ସ ଭୁବନେଶ୍ୱର ଜନପଥରେ ତା'ର ନୂତନ ନବୀକୃତ ଶୋ'ରୁମ୍‌ର ପ୍ରଥମ ୧୦୦ ଗ୍ରାହକଙ୍କୁ ମାଗଣା ସ୍ୱର୍ଣ୍ଣମୁଦ୍ରା ଏବଂ ପ୍ରଥମ ୫୦୦ଗ୍ରାହକଙ୍କୁ ମାଗଣା ରୌପ୍ୟମୁଦ୍ରା ପ୍ରଦାନ କରିବ ବୋଲି ଜଣାପଡ଼ିଛି। ଚଳିତ ବର୍ଷ ଦୀପାବଳି ଏବଂ ଏହି ନବୀକୃତ ଫ୍ଲାଗ୍‌ଶିପ ଶୋ'ରୁମ୍ ପୁନଃ ଉଦ୍‌ଘାଟନକୁ ସ୍ମରଣୀୟ ଏବଂ ଚମକଦାର କରିବା ସକାଶେ ରିଲାଏନ୍ସ ଜୁଏଲ୍ସ ନିଜର ଗ୍ରାହକଙ୍କ ପାଇଁ ନୂଆ 'ମହାଳୟା' ସମ୍ଭାର ମଧ ଆଣିଛି।

ଏ ସମ୍ପର୍କରେ ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ଭୁବନେଶ୍ୱର ଜନପଥରେ ଆମେ ଆମର ନବୀକୃତ ଶୋ'ରୁମ୍ ପୁନଃ ଉଦ୍‌ଘାଟନ କରି ଅତ୍ୟନ୍ତ ଆନନ୍ଦିତ। ଉଲ୍ଲେଖଯୋଗ୍ୟ ବ୍ରାଣ୍ଡର ୧୫୦ରୁ ଅଧିକ ସହରରେ ଉଭୟ ଫ୍ଲାଗ୍‌ଶିପ ଶୋ'ରୁମ୍ ଏବଂ ସପ୍-ଇନ୍-ସପ୍ ଫର୍ମାଟରେ ୩୦୦ରୁ ଅଧିକ ଷ୍ଟୋର ରହିଛି। ସେହିଭଳି ଓଡ଼ିଶାରେ ବ୍ରାଣ୍ଡର ୧୫ଟି ଷ୍ଟୋର ରହିଛି, ଯେଉଁଥିରେ ୧୧ଟି ଫ୍ଲାଗ୍‌ଶିପ ଶୋ'ରୁମ୍ ଏବଂ ଟ୍ରେଣ୍ଡସ ଷ୍ଟୋର ଭିତରେ ୪ଟି ସପ୍-ଇନ୍-ସପ୍ ଷ୍ଟୋର ରହିଛି। ଅଧିକ ନୂଆ ଷ୍ଟୋର ଖୋଲାଯିବା ନେଇ ମଧ ଯୋଜନା ଅଛି।

**ଫୁରସତ୍**

# ମଞ୍ଚରେ ସୁପର ମଡେଲଙ୍କୁ ପିନ୍ଧାଗଲା ଡ୍ରେସ୍



**ସ୍ୱତନ୍ତ୍ର ପ୍ରକାର ସ୍ପ୍ରେ ପେଣ୍ଟରୁ ତିଆରି ପୋଷାକ**



**ପ୍ୟାରିସ:** ପ୍ରତ୍ୟେକ ଫ୍ୟାଶନ୍ ଶୋ'ରେ ସୁନ୍ଦରୀ ତରୁଣୀମାନେ ଭିନ୍ନ ଡିଜାଇନ୍‌ର ଟ୍ରେଣ୍ଡି ପୋଷାକ ପିନ୍ଧି ରାମ୍ପ ୱାକ୍‌ର ସ୍ୱତନ୍ତ୍ର ଷ୍ଟେଜ୍‌ରେ କ୍ୟାଟ୍ ୱାକ୍ କରନ୍ତି । ଆଉ ଏହି ଷ୍ଟେଜ୍‌କୁ ଘେରି ବସିଥାନ୍ତି ଅନେକ ସେଲିବ୍ରିଟି ଡିଜାଇନର୍ ଏବଂ ଦର୍ଶକ। କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ମଡେଲମାନଙ୍କୁ ଡିଜାଇନର୍ ଡ୍ରେସ୍ ପିନ୍ଧାଯିବା ସାଙ୍ଗକୁ ମେକ୍‌ଅପ୍ କରାଯାଏ। ଅନେକ ସମୟରେ ମଡେଲମାନଙ୍କୁ ତାଙ୍କ ପୋଷାକ ପାଇଁ ପ୍ରଶଂସା କରାଯାଏ। ସେହିପରି ଆମେରିକାର ସୁପର ମଡେଲ ବୋଲାଉଥିବା ବେଲା ହାଡିଡ଼ି ନିଜ ପୋଷାକ ପାଇଁ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ପ୍ୟାରିସ୍‌ରେ ଅନୁଷ୍ଠିତ କୋପର୍ନି ଓମେନ୍ସ ୱେର୍ ସ୍ପ୍ରିଙ୍ଗ୍/ସମର୍ ୨୦୨୩ରେ ଫ୍ୟାଶନ୍ ଶୋ'ବେଲାଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରକାର ଡାଏ-ଡ୍ରେସ୍ ତିଆରି କରାଯାଇଥିଲା, ଯାହାକୁ ସେ ମଞ୍ଚ ଉପରକୁ ଆସି ପିନ୍ଧିଥିଲେ। ବେଲା ହାଇହିଲ୍ ପିନ୍ଧି ବକ୍ଷକୁ ହାତରେ ଘୋଡ଼ାଇ ଟପ୍‌ଲେସ୍ ହୋଇ ରନ୍‌ୱେକୁ ଆସିଥିଲେ। ଏହାପରେ ଦୁଇଜଣ ଆର୍ଟିଷ୍ଟ ତାଙ୍କ ଶରୀରରେ ଓପାକ୍ ହ୍ୱାଇଟ୍ ଲାଟେକ୍ସ ସ୍ପ୍ରେ ଛିଞ୍ଚି ଏକ ହ୍ୱାଇଟ୍ ସ୍ଲିପ୍ ଡ୍ରେସ୍ ତିଆରି କରିଥିଲେ। କିଛି କ୍ଷଣ ମଧ୍ୟରେ ଓପାକ୍ ହ୍ୱାଇଟ୍ ଲାଟେକ୍ସରୁ ଏକ ସଲିଡ୍, ମିଡ୍-ଲେଙ୍ଥ ଡ୍ରେସ୍‌ରେ ପରିଣତ ହୋଇଯାଇଥିଲା। ବେଲା ଡ୍ରେସ୍‌ରେ ନିଜକୁ ଆଡ୍‌ଜଷ୍ଟ କରୁଥିବା ଭିଡିଓରେ ଦେଖାଯାଇଥିଲା। ଉକ୍ତ ଡ୍ରେସ୍‌ରେ ବେଲା କ୍ୟାଟ୍‌ୱାକ୍ କରି ଅନ୍ୟ ମଡେଲଙ୍କ ପରି ମଞ୍ଚରୁ ବିଦାୟ ନେଇଥିଲେ। ତେବେ ବେଲାଙ୍କ ଏହି ଡାଏ ଡ୍ରେସ୍ ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି।

# ହିନ୍ଦୀ ଶିଖୁଛନ୍ତି ସାମନ୍ଥା



**ମୁମ୍ବାଇ**

ସାଉଥ୍ ଇଣ୍ଡିଆ ଫିଲ୍ମ ଇଣ୍ଡଷ୍ଟ୍ରିର ଚୁଲବୁଲି ନାୟିକା ସାମନ୍ଥା ରୁଥ୍ ପ୍ରଭୁ ଏବେ ହିନ୍ଦୀ ଶିଖିବା ଆରମ୍ଭ କରିଛନ୍ତି। ଏ ନେଇ ସେ ଜଣେ ଟ୍ୟୁଶନ୍ ଟିଚର୍ ହାୟର କରିଥିବା ନେଇ ମଧ ଖବର ପ୍ରକାଶ ପାଇଛି। ଦିନକୁ ଦିନ ନାୟିକା ଜଣକ ହିନ୍ଦୀ ଭାଷୀ ହେବାରେ ଲାଗିଛନ୍ତି। ଏବେ ତାଙ୍କ ସମ୍ପୂର୍ଣ୍ଣ ଫୋକସ୍ ହିନ୍ଦୀ ଶିଖିବାରେ ରହିଛି ବୋଲି ତାଙ୍କର ଜଣେ ବାନ୍ଧବୀ କହିଛନ୍ତି। ଏଥିସହ ସାମନ୍ଥା ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫଙ୍କଠୁ ଭଲ ହିନ୍ଦୀ କହିବା ଆରମ୍ଭ କରିଛନ୍ତି। ଖାଲି ହିନ୍ଦୀ ଶବ୍ଦ ଉଚ୍ଚାରଣରେ ଅସୁବିଧା ହେଉଥିବା କୁହାଯାଉଛି। ଖୁବ୍ ଶୀଘ୍ର ଏହି ନାୟିକା ଜଣକ ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି, ଯେଉଁଥିରେ ସେ ପ୍ରଯୋଜକ ଦିନେଶ ବିଜାନଙ୍କ ସହ କାମ କରିବାକୁ ଥିବା କୁହାଯାଉଛି। ଚଳିତବର୍ଷ କଫି ୱିଥ୍ କରଣରେ ସାମନ୍ଥା ଯୋଗ ଦେଇଥିଲେ। ସୁପରହିଟ୍ ଫିଲ୍ମ 'ପୁଷ୍ପା: ଦ ରାଇଜ୍'ରେ ଆଇଟମ୍ ଗର୍ଲ ଭାବେ ସାମନ୍ଥାଙ୍କୁ ଦେଖିବାକୁ ମିଳିଥିଲା।


ଶହୀଦନଗର


ଝାରପଡ଼ା


ରସୁଲଗଡ଼


ବରମୁଣ୍ଡା


ପୁରୁଣା ଷ୍ଟେଶନ ବଜାର

ଦୁର୍ଗାପୂଜା ପାଇଁ ସାରା ରାଜ୍ୟ ଉତ୍ସବମୁଖର। ମଣ୍ଡପ ଚଳଚଞ୍ଚଳ ହୋଇଉଠିଲାଣି। ଶନିବାର ରାତିରେ ମଣ୍ଡପରେ ମା'ଙ୍କ ଷଷ୍ଠୀ ପୂଜା ଆରମ୍ଭ ହେବା ସହ ମା' ଧରାବତରଣ କରିଛନ୍ତି। ରାଜଧାନୀ ଭୁବନେଶ୍ୱର, କଟକ, ରାଉରକେଲା ଆଦି ସହରରେ ବିଭିନ୍ନ ପୂଜା କମିଟି ପକ୍ଷରୁ ବଡ଼ ବଡ଼ ଆକର୍ଷଣୀୟ ତୋରଣ ଛିଡ଼ା ହୋଇଛି। କରୋନା ଯୋଗୁ ଗତ ୨ବର୍ଷ ଧରି ପୂଜା ଜାକଜମକରେ ହୋଇ ନ ଥିବାରୁ ଚଳିତବର୍ଷ ଲୋକମାନେ ପୂଜାକୁ ମନଭରି ଉପଭୋଗ କରିବାକୁ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି।


କଟକରୋଡ୍



ବମିଖାଲ


ନୟାପଲ୍ଲୀ


କଟକ ଚାନ୍ଦିନୀଚୌକ


ରାଉରକେଲା

# କାଉଣ୍ଟରରେ ଟିକେଟ ବିକ୍ରି ଆରମ୍ଭ

ଭୁବନେଶ୍ୱର, ୧।୧୦ (କ୍ରୀଡ଼ା ପ୍ରତିନିଧି)

ଭାରତରେ ପ୍ରଥମଥର ପାଇଁ ହେବାକୁ ଯାଉଥିବା ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍ ପାଇଁ ଉତ୍ସାହ ବଢ଼ିବାରେ ଲାଗିଛି। ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଆଉ ୧୦ ଦିନ ବାକି ରହିଥିବାବେଳେ ଶନିବାର ପ୍ରତିଯୋଗିତାର ୩ ଭେନ୍ୟୁ ଭୁବନେଶ୍ୱର, ଗୋଆ ଓ ନଭି ମୁମ୍ବାଇରେ କାଉଣ୍ଟରରେ ଟିକେଟ ବିକ୍ରି ଆରମ୍ଭ ହୋଇଛି। ଟିକେଟ ମୂଲ୍ୟ ମାତ୍ର ୧୦୦ ଓ ୨୦୦ (୧୧ ତାରିଖ ପର୍ଯ୍ୟନ୍ତ ରିହାତି ଦରରେ ଏହା ୯୦ ଓ ୧୮୦ ଟଙ୍କାରେ ଉପଲବ୍ଧ) ଟଙ୍କା ରଖାଯାଇଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଟିକେଟ ଗେଟ୍ ନମ୍ବର-୪ ନିକଟସ୍ଥ କାଉଣ୍ଟରରେ ଉପଲବ୍ଧ। ସେହିପରି ଗୋଆ ଫତୋର୍ଦା ସ୍ପୋର୍ଟ୍ସ କମ୍ପ୍ଲେକ୍ସ ସୁଇମିଂ ପୁଲ୍ ନିକଟରେ ଏବଂ ନଭି ମୁମ୍ବାଇର ଭୀମଶଙ୍କର ପାର୍କିଂ ଗ୍ରାଉଣ୍ଡ ନିକଟରେ ଟିକେଟ ଉପଲବ୍ଧ ହେଉଛି। ମ୍ୟାଚ ନ ଥିବା ଦିନ କାଉଣ୍ଟରରେ ଟିକେଟ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୬ଟା ଏବଂ ମ୍ୟାଚ୍ ଦିବସଗୁଡ଼ିକରେ ପୂର୍ବାହ୍ନ ୧୧ଟାରୁ ୨ୟ ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧ ଆରମ୍ଭ ହେବା ପର୍ଯ୍ୟନ୍ତ ମିଳି ପାରିବ। ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ରେ ପ୍ରତ୍ୟେକ ଦିନ ୨ଟି ଲେଖାଏ ମ୍ୟାଚ ଖେଳାଯିବ। ପ୍ରଥମ ଗେମ୍ ଅପରାହ୍ନ ୪.୩୦ ମିନିଟ୍‌ରେ ଏବଂ ୨ୟ ମ୍ୟାଚ୍ ରାତି ୮ଟାରେ ଆରମ୍ଭ ହେବ।

ପ୍ରକାଶଯୋଗ୍ୟ ଯେ, fifa.com/tickets.ରେ ଟିକେଟ୍‌ଗୁଡ଼ିକର ଅନ୍‌ଲାଇନ୍ ବିକ୍ରି ମଧ୍ୟ ଜାରି ରହିଛି। ଟିକେଟ୍ କିଣିବା ପାଇଁ ଫିଫାର ଅଫିସିଆଲ ପେମେଣ୍ଟ ସର୍ଭିସ ପାର୍ଟନର୍ ହେଉଛି ଭିସା। ତେବେ ପେମେଣ୍ଟ କାର୍ଡ, ନେଟ୍‌ବ୍ୟାଙ୍କିଙ୍ଗ୍, ୟୁପିଆଇ ଓ ନଗଦ (ବକ୍ସ-ଅଫିସ୍‌ରେ କେବଳ ଅଫ୍‌ଲାଇନ୍ କ୍ରୟ ପାଇଁ) ଗ୍ରହଣ କରାଯିବ। ପ୍ରତ୍ୟେକ ଟ୍ରାଞ୍ଜାକ୍ସନରେ ସର୍ବାଧିକ ୧୦ଟି ଟିକେଟ୍ କ୍ରୟ କରାଯାଇପାରିବ।

ଦର୍ଶକଙ୍କ ପାଇଁ ୩ଟି ଷ୍ଟାଡିୟମ (ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ, ଗୋଆର ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମ, ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମ)ରେ ଗେଟ୍‌ଗୁଡ଼ିକ ପ୍ରଥମ ମ୍ୟାଚ ଆରମ୍ଭ ହେବାର ୨ ଘଣ୍ଟା ପୂର୍ବରୁ ଅର୍ଥାତ୍ ଅପରାହ୍ନ ୨.୩୦ ମିନିଟ୍‌ରୁ ଖୋଲା ରହିବ। ଭେନ୍ୟୁରେ ଥିବା ସମୟରେ ୧୮ ବର୍ଷରୁ କମ୍ ବୟସର ପିଲାମାନଙ୍କ ସହ ଜଣେ ବୟସ୍କ ବ୍ୟକ୍ତି ରହିଥିବା ଜରୁରୀ ଏବଂ ୨ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ଷ୍ଟାଡିୟମରେ ପ୍ରବେଶ ଲାଗି ଟିକେଟ୍‌ର ଆବଶ୍ୟକତା ନାହିଁ। ଆକ୍‌ସେସିବିଲିଟି ଟିକେଟ୍‌ଗୁଡ଼ିକ ମଧ୍ୟ ସମସ୍ତ ୩ଟି ଷ୍ଟାଡିୟମରେ ଦୁଇଟି ବର୍ଗରେ ଉପଲବ୍ଧ ରହିଛି। ତାହା ହେଲା ହ୍ୱିଲ୍‌ଚେୟାର ବ୍ୟବହାରକାରୀ (ଏକ ହ୍ୱିଲ୍‌ଚେୟାର ଉପରେ ନିର୍ଭର କରୁଥିବା ପ୍ରଶଂସକଙ୍କ ପାଇଁ) ଏବଂ ଇଜି ଆକ୍‌ସେସ୍ ଷ୍ଟାଣ୍ଡାର୍ଡ (ହ୍ୱିଲ୍‌ଚେୟାର ଉପରେ ନିର୍ଭର କରୁ ନ ଥିବେ କିନ୍ତୁ ସର୍ବନିମ୍ନ ଷ୍ଟେପ୍ ଆକ୍‌ସେସ୍ ସହ ବସିବାର ଆବଶ୍ୟକ କରୁଥିବା ପ୍ରଶଂସକଙ୍କ ପାଇଁ)। ଆକ୍‌ସେସିବିଲିଟି ଟିକେଟ୍ ପାଇଁ +୯୧-୮୬୫୭୦ ୧୯୩୫୯ ରେ କଲ୍ କରି କିମ୍ବା ଇମେଲ୍ (contact@india2022wwc.com) ମାଧ୍ୟମରେ ଫାଷ୍ଟ କମ୍ ଫାଷ୍ଟ ସର୍ଭ ଆଧାରରେ ଅନୁରୋଧ କରାଯାଇପାରିବ ଏବଂ ଏଥିପାଇଁ ଯୋଗ୍ୟତା ପ୍ରମାଣପତ୍ରର ଆବଶ୍ୟକତା ରହିବ।

# ସୁଶାନ୍ତ ସାହୁଙ୍କୁ ବ୍ରୋଞ୍ଜ ପଦକ



ଭୁବନେଶ୍ୱର, ୧।୧୦ (କ୍ରୀଡ଼ା ପ୍ରତିନିଧି)

ଗୁଜରାଟର ୬ ସହର ଅହମଦାବାଦ, ଗାନ୍ଧୀନଗର, ସୁରଟ, ଭଦୋଦରା, ରାଜକୋଟ ଓ ଭାଭନଗରରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ଶନିବାର ଓଡ଼ିଶାକୁ ଆଉ ଏକ ବ୍ରୋଞ୍ଜ ପଦକ ମିଳିଛି। ପୁରୁଷ ଭାରୋତ୍ତୋଳନ ୬୭ କେଜି ବର୍ଗରେ ସୁଶାନ୍ତ ସାହୁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହାକୁ ମିଶାଇ ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୧ ସ୍ୱର୍ଣ୍ଣ ୩ ବ୍ରୋଞ୍ଜରେ ପହଞ୍ଚିଛି। ପୂର୍ବରୁ ମହିଳା ରଗ୍‌ବୀ ଦଳ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ମହିଳା ଭାରୋତ୍ତୋଳନରେ ସ୍ନେହା ସୋରେନ ଓ ପ୍ରମିଳା କିର୍ସାନୀ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ଓଡ଼ିଶାର ନିଲମ, ଅମିତ, ଦୀପସାନ ସାମିଲ

## ହକି ପ୍ରୋ-ଲିଗ୍ ପାଇଁ ସମ୍ଭାବ୍ୟ ଭାରତୀୟ ଦଳ ଘୋଷିତ

ଭୁବନେଶ୍ୱର, ୧।୧୦ (କ୍ରୀଡ଼ା ପ୍ରତିନିଧି)



ଅମିତ ରୋହିଦାସ



ଦୀପସାନ ତିର୍କୀ



ନିଲମ ସଞ୍ଜୀପ ଖେସ

ଚଳିତ ମାସ ୨୮ ତାରିଖରୁ ହକି ପ୍ରୋ-ଲିଗ୍ ୨୦୨୨-୨୩ ସିଜନ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ଭାରତୀୟ ଦଳ ନ୍ୟୁଜିଲାଣ୍ଡ ଓ ସ୍ପେନ୍‌କୁ ଡବଲ ହେଡର ମ୍ୟାଚରେ ଭେଟିବ। ଏହାକୁ ଦୃଷ୍ଟିରେ ରଖି ଶନିବାର ୩୩ ଜଣିଆ ସମ୍ଭାବ୍ୟ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ସ୍ଥାନ ପାଇଥିବା ଖେଳାଳିଙ୍କୁ ନେଇ ଚଳିତ ମାସ ୩ ତାରିଖରୁ ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ପରିସରରେ ଏକ ୩ ମାସିଆ କ୍ୟାମ୍ପ ଆରମ୍ଭ ହେବ। ସମ୍ଭାବ୍ୟ ଦଳରେ ଓଡ଼ିଶାର ୩ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ନିଲମ ସଞ୍ଜୀପ ଖେସ, ଅମିତ ରୋହିଦାସ ଓ ଦୀପସାନ ତିର୍କୀ। ସମ୍ଭାବ୍ୟ ଦଳରେ ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ସାମିଲ କରାଯାଇଛି।

କ୍ୟାମ୍ପ ସମ୍ପର୍କରେ ମତ ଦେବାକୁ ଯାଇ ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ କହିଛନ୍ତି ଯେ, ୨୦୨୩ ହକି ବିଶ୍ୱକପ ପୂର୍ବରୁ ଆମର ଯେଉଁ ବିଭାଗରେ ଦୁର୍ବଳ ଅଛି ତାହାକୁ ପ୍ରୋ-ଲିଗ୍ ଅବସରରେ ସୁଧାରିବାର ସୁଯୋଗ ମିଳିବ। ସ୍ପେନ୍ ଓ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଗାମୀ ମ୍ୟାଚଗୁଡ଼ିକ ଖେଳିବା ପାଇଁ ଖେଳାଳିମାନେ ବ୍ୟଗ୍ରତାର ସହ ଅପେକ୍ଷା କରିଛନ୍ତି। ପ୍ରତିଭା ପ୍ରଦର୍ଶନ କରିଥିବା କିଛି ନୂଆ ଖେଳାଳିଙ୍କୁ ଆମେ କୋର୍ ଗ୍ରୁପ୍‌ରେ ନେଇଛୁ। ସେମାନେ ସୁଯୋଗ ପାଇଲେ ଶ୍ରେଷ୍ଠ ପ୍ରଦର୍ଶନ କରିବେ ବୋଲି ଆଶା ରହିଛି।

ଭାରତ ଏହାର ପ୍ରଥମ ମ୍ୟାଚ ଅକ୍ଟୋବର ୨୮ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ। ଏହାପରେ ୩୦ ତାରିଖରେ ସ୍ପେନ୍ ବିପକ୍ଷରେ ଖେଳିବ। ଡବଲ ହେଡର ମ୍ୟାଚରେ ନ୍ୟୁଜିଲାଣ୍ଡକୁ ନଭେମ୍ବର ୪ ଓ ସ୍ପେନ୍‌କୁ ୬ ତାରିଖରେ ଭେଟିବ। ବେଙ୍ଗାଲୁରୁରେ ୩ ସପ୍ତାହ କ୍ୟାମ୍ପ ପରେ ଭାରତୀୟ ଦଳ ଅକ୍ଟୋବର ୨୧ରେ ଭୁବନେଶ୍ୱରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି।

**ଭାରତୀୟ ସମ୍ଭାବ୍ୟ ଦଳ**

ଗୋଲକିପର: ପି.ଆର. ଶ୍ରୀଜେଶ, କ୍ରିଷ୍ଣନ ବାହାଦୁର ପାଠକ, ପୱନ।

ଡିଫେଣ୍ଡର: ଜରମନପ୍ରୀତ ସିଂ, ସୁରେନ୍ଦର କୁମାର, ହରମନପ୍ରୀତ ସିଂ, ନିଲମ ସଞ୍ଜୀପ ଖେସ, ଅମିତ ରୋହିଦାସ, ଜୁଗରାଜ ସିଂ, ମନଦୀପ ମୋର, ୟଶଦୀପ ସିୱାଚ, ଦୀପସାନ ତିର୍କୀ, ସଞ୍ଜୟ, ମନଜିତ, ସୁମିତ।

ମିଡ୍‌ଫିଲ୍ଡର: ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ମୋଇରାଙ୍ଗଥେମ୍ ରବିଚନ୍ଦ୍ର ସିଂ, ଶମଶେର ସିଂ, ନୀଳକାନ୍ତ ଶର୍ମା, ରାଜକୁମାର ପାଲ୍, ପୱନ ରାଜଭାର।

ଫରୱାର୍ଡ: ଆକାଶଦୀପ ସିଂ, ଗୁରଜାନ୍ତ ସିଂ, ମନିନ୍ଦର ସିଂ, ମହମ୍ମଦ ରାହିଲ ମୌସିନ, ଏସ. କାର୍ଥୀ, ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଅଭିଷେକ, ଦିଲପ୍ରୀତ ସିଂ, ସୁଖଜିତ ସିଂ।

## ଜାତୀୟ କ୍ରୀଡ଼ା

# ଅମ୍ଲାନ, ଜ୍ୟୋତି ଦ୍ରୁତତମ





ଗାନ୍ଧୀନଗର, ୧।୧୦ (ପି.ଟି.)

ଏଠାରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ଆସାମର ଅମ୍ଲାନ ବର୍ଗୋହେନ ଓ ଆନ୍ଧ୍ରର ଜ୍ୟୋତି ୟାରାଜି ଯଥାକ୍ରମେ ଦ୍ରୁତତମ ପୁରୁଷ ଧାବକ ଓ ମହିଳା ଧାବିକାବିବେଚିତ ହୋଇଛନ୍ତି। ଉଭୟେ ୧୦୦ମିଟର ଦୌଡ଼ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ୧୦୦ ମିଟର ହର୍ଡଲ୍ସ ହେଉଛି ଜ୍ୟୋତିଙ୍କ ମନପସନ୍ଦ ଇଭେଣ୍ଟ। ଏଥିରେ ତାଙ୍କ ନାମରେ ଜାତୀୟ ରେକର୍ଡ ରହିଛି। ମାତ୍ର ୧୦୦ ମିଟର ଫାଇନାଲ ରେସ୍‌ରେ ସେ ଦୂତୀ ଚାନ୍ଦ (ଓଡ଼ିଶା) ଓ ହିମା ଦାସ (ଆସାମ)ଙ୍କ ଭଳି ଷ୍ଟାର ଆଥଲେଟ୍‌ଙ୍କୁ ପଛରେ ପକାଇ ଦେଇଥିଲେ। ସେ ୧୧.୫୧ ସେକେଣ୍ଡ ଟାଇମିଂରେ ସ୍ୱର୍ଣ୍ଣ ଜିତିଥିଲେ। ତାମିଲନାଡୁର ଅର୍ଚ୍ଚନା ସୁସିନ୍ଦ୍ରନ (୧୧.୫୫) ଓ ମହାରାଷ୍ଟ୍ରର ଡିଆଣ୍ଡ୍ରା ଭାଲାଡେୟାର୍ସ (୧୧.୬୨) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଜାତୀୟ ରେକର୍ଡ ଅଧିକାରିଣୀ ଦୂତୀ ୧୧.୬୯ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରି ୬ଷ୍ଠ ସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ ହାଇକ୍ୱାଲିଟି ଲଙ୍ଗ୍ ଜମ୍ପ ପ୍ରତିଯୋଗିତାରେ ତାମିଲନାଡୁର ଜେସ୍ୱିନ ଆଲଡ୍ରିନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ବିଜେତା କେରଳର ମୁରଲୀ ଶ୍ରୀଶଙ୍କରଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଆଲଡ୍ରିନ ୮.୨୬ ମିଟର ଜମ୍ପ କରିଥିଲେ।

# ବିଜୟ ସହ ଭାରତର ଅଭିଯାନ ଆରମ୍ଭ

## ମହିଳା ଏସିଆ କପ୍

ସିଲହଟ୍, ୧।୧୦ (ପି.ଟି.)

ବାଂଲାଦେଶରେ ଶନିବାରେ ଠାରୁ ମହିଳା ଏସିଆ କପ୍ ଟି ୨୦ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଅଭିଯାନ ଆରମ୍ଭ କରିଥିବା ଭାରତ ୪୧ ରନରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଜେମିମା ରୋଡ୍ରିଗ୍ସେଜ୍‌ଙ୍କ ୭୬ ରନ୍ ବଳରେ ଭାରତ ୬ ଉଇକେଟରେ ୧୫୦ ରନ କରିଥିବା ବେଳେ ଶ୍ରୀଲଙ୍କା ମାତ୍ର ୧୦୯ ରନରେ ଅଲଆଉଟ ହୋଇଥିଲା। ସିଲହଟରେ ଖେଳାଯାଇଥିବା ମ୍ୟାଚରେ ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଭାରତ ମାତ୍ର ୨୩ ରନରେ ଦୁଇ ଓପନର ଶେଫାଳି ବର୍ମା(୧୦) ଓ ସ୍ମୃତ ମନ୍ଧାନା(୬)ଙ୍କ ଉଇକେଟ ହରାଇଥିଲା। ଆହତ ସମସ୍ୟାରୁ ଫେରିଥିବା ଜେମିମା ଓ ଅଧିନାୟିକା ହରମନପ୍ରୀତ୍ ଭାରତକୁ ସଙ୍କଟରୁ ଉଦ୍ଧାର କରିଥିଲେ। ଉଭୟ ତୃତୀୟ ଉଇକେଟରେ ୯୨ ରନ ଯୋଡି ଭାରତକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ। ଜେମିମା ୫୩ ବଲ ଖେଳି ୧୧ଚୌକା ଓ ଗୋଟିଏ ଛକା ମାରିଥିଲେ। ଅନ୍ୟ ପକ୍ଷରେ ୩୦ ବଲ ଖେଳି ହରମନ୍‌ପ୍ରୀତ୍ ୨ ଚୌକା ଓ ୧ ଛକା ସହିତ ୩୩ ରନ୍ କରିଥିଲେ। ମ୍ୟାଚର ୧୮ ତମ ଓଭରରେ ଜେମିମା ପ୍ୟାଭିଲିୟନ ଫେରିବା ପରେ ଅନ୍ତିମ ୧୪ ବଲରୁ ମାତ୍ର ୧୬ ରନ୍ ସଂଗୃହୀତ ହୋଇଥିଲା। ଶେଷ ଆଡକୁ ଡି ହେମଲତା ୧୩ ଓ ରିଚା ଘୋଷ ୯ ରନ୍ କରିଥିଲେ। ନିର୍ଦ୍ଧାରିତ ଓଭରରେ ଭାରତ ୬ ଉଇକେଟରେ ୧୫୦ ରନ୍ କରିଥିଲା। ଶ୍ରୀଲଙ୍କା ପକ୍ଷରୁ ଓଶାଡି ରଣସିଂଘେ ୩୨ ରନରେ ୩ଟି ଉଇକେଟ ନେଇଥିବା ବେଳେ ସୁଗନ୍ଧିକା କୁମାରୀ ଓ ଚମାରୀ ଅଟ୍ଟାପଟ୍ଟୁ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

୧୫୧ ରନ ଲକ୍ଷ୍ୟର ପିଛା କରୁଥିବା ଶ୍ରୀଲଙ୍କା ଭାରତୀୟ ବୋଲିଂର ମୁକାବିଲାରେ ଅସମର୍ଥ ହେବା ସହିତ ୧୮.୨ ଓଭରରେ ମାତ୍ର ୧୦୯ ରନରେ ଅଲଆଉଟ ହୋଇଥିଲା। ରେଣୁକା ସିଂ ଉଇକେଟ ଶୂନ୍ୟ ରହିଥିବା ବେଳେ ଦୀପ୍ତି ଶର୍ମା ଓ ପୂଜା ବସ୍ତ୍ରକାର ପ୍ରତ୍ୟେକ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଉଭୟ ପ୍ରାରମ୍ଭିକ ବିପର୍ଯ୍ୟୟ ଘଟାଇଥିବା ବେଳେ ଦୟଲାନ ହେମଲତା ୩ଟି ଉଇକେଟ ନେଇ ନିମ୍ନକ୍ରମକୁ ସଫା କରି ଦେଇଥିଲେ। ଶ୍ରୀଲଙ୍କା ପକ୍ଷରୁ ହସିନୀ ପେରେରା ସର୍ବାଧିକ ୩୦ ରନ୍ କରିଥିବା ବେଳେ ହର୍ଷିତା ମଦାଭି ୨୬ ଓ ଓଶାଡି ରଣସିଂଘେ ୧୧ ରନ୍ କରିଥିଲେ। ଏହି ୩ ଖେଳାଳିଙ୍କ ବାଦ ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ଛୁଇଁପାରିନଥିଲେ। ଜେମିମା ରୋଡ୍ରିଗ୍ସେଜ୍‌ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଅକ୍ଟୋବର ୩ ତାରିଖରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚ୍ ମାଲେସିଆ ବିପକ୍ଷରେ ଖେଳିବ।



ପ୍ଲେୟର ଅଫ୍ ଦି ମ୍ୟାଚ ଜେମିମା ରୋଡ୍ରିଗ୍ସେଜ।

## ଇରାନୀ କପ୍

# ସର୍ଫରାଜଙ୍କ ଶତକରେ ଅବଶିଷ୍ଟ ଭାରତ ଦୃଢ଼

ରାଜକୋଟ, ୧।୧୦ (ପି.ଟି.)

ରଣଜୀ ଚାମ୍ପିୟନ ସୌରାଷ୍ଟ୍ର ବିପକ୍ଷ ଇରାନୀ କପ୍‌ର ପ୍ରଥମ ଦିନକୁ ନିଜ ନାମରେ କରିଛି ଅବଶିଷ୍ଟ ଭାରତ। ପ୍ରଥମେ ମୁକେଶ କୁମାର, କୁଲଦୀପ ସେନ୍ ଓ ଉମରାନ ମଲିକଙ୍କ ପେସ ଆକ୍ରମଣରେ ସୌରାଷ୍ଟ୍ର ୯୮ ରନରେ ଅଲଆଉଟ ହୋଇଥିଲା। ସର୍ଫରାଜ ଖାନ୍‌ଙ୍କ ଅପରାଜିତ ଶତକ ସହିତ ଅବଶିଷ୍ଟ ଭାରତ ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ସୁଦ୍ଧା ୩ ଉଇକେଟ ହରାଇ ୨୦୫ ରନ ସଂଗ୍ରହ କରିଛି। ଅବଶିଷ୍ଟ ଭାରତ ଅଧିନାୟକ ହନୁମା ବିହାରୀ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ଭାରତ'ଏ' ପାଇଁ ଖେଳୁଥିବା ମୁକେଶ କୁମାର(୨୩/୪), କୁଲଦୀପ ସେନ(୪୧/୩) ଓ ଉମରାନ ମଲିକ(୨୫/୩)ଙ୍କ ସୁଇଂ ଓ ପେସ ଆଗରେ ସୌରାଷ୍ଟ୍ର ବ୍ୟାଟର ହାର ମାନିଥିଲେ। ୨୪.୫ ଓଭରରେ ଦଳ ୯୮ ରନରେ ସମସ୍ତ ଉଇକେଟ ହରାଇଥିଲା। ଧର୍ମେନ୍ଦରସିଂ ଜାଡେଜା ସର୍ବାଧିକ ୨୮ ରନ୍ କରିଥିଲେ। ଷ୍ଟାର ବ୍ୟାଟର ଚେତେଶ୍ୱର ପୂଜାରା ମାତ୍ର ୧ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ।

ଅବଶିଷ୍ଟ ଭାରତର ଆରମ୍ଭ ମଧ୍ୟ ଏତେ ଭଲ ନ ଥିଲା। ମାତ୍ର ୧୮ ରନରେ ଦଳ ୩ ଉଇକେଟ ହରାଇଥିଲା। ଅଭିମନ୍ୟୁ ଇଶ୍ୱରନ୍(୦), ମୟଙ୍କ ଅଗ୍ରୱାଲ(୧୧) ଓ ୟଶ ଧୂଲ(୫) ପ୍ୟାଭିଲିୟନ ଫେରିଥିଲେ। ତେବେ ରଣଜୀ ଟ୍ରଫିର ସର୍ବାଧିକ ସ୍କୋରର ସର୍ଫରାଜ ଖାଁ (୧୨୫*) ଓ ହନୁମା ବିହାରୀ (୬୨*)ଙ୍କ ଶତକୀୟ ଭାଗୀଦାରି ବଳରେ ଦଳ ଡ୍ରାଇଭର ସିଟରେ ରହିଛି। ଉଭୟ ଅସମାପ୍ତ ୪ର୍ଥ ଉଇକେଟରେ ୧୮୭ ରନ୍ ଯୋଡିଥିବା ବେଳେ ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଅବଶିଷ୍ଟ ଭାରତ ୧୦୭ ରନରେ ଆଗୁଆ ରହିଛି।

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ



ଟ୍ରେନିଂ ଅବସରରେ ଭାରତର ସୂର୍ଯ୍ୟକୁମାର ଯାଦବ।

ଗୁଆହାଟୀ, ୧।୧୦ (ପି.ଟି.)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ଟି୨୦ ସିରିଜର ଦ୍ୱିତୀୟ ମ୍ୟାଚ ରବିବାର ଗୁଆହାଟୀରେ ଖେଳାଯିବ। ଭାରତ ଏହି ମ୍ୟାଚକୁ ଜିତିବା ସହିତ ପ୍ରଥମ ଥର ପାଇଁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏକ ଘରୋଇ ସିରିଜ ଜିତିବାକୁ ପ୍ରୟାସ କରିବ। ଏହା ପୂର୍ବରୁ ଦକ୍ଷିଣଆଫ୍ରିକା ବିପକ୍ଷରେ ଭାରତ ଆଦୌ ଟି୨୦ ସିରିଜ ଜିତିନାହିଁ। ଭାରତ ମାଟିରେ ଉଭୟ ଦଳଙ୍କ ମଧ୍ୟରେ ୯ ମ୍ୟାଚ ଖେଳାଯାଇଥିବା ବେଳେ ଭାରତ ମାତ୍ର ୩ଟିରେ ବିଜୟୀ ହୋଇଛି। ତେବେ ଯଶପ୍ରୀତ୍ ବୁମ୍ରା ଆହତ ହୋଇ ବାଦ୍ ପଡିବା ଭାରତୀୟ ଦଳ ପାଇଁ ଚିନ୍ତାର ବିଷୟ ପାଲଟିଛି। ବିଶ୍ୱକପ୍‌କୁ ୩ ସପ୍ତାହ ବାକି ଥିବା ବେଳେ ବୁମ୍ରା ଷ୍ଟ୍ରେସ୍ ଫାକ୍ଟର କାରଣରୁ ବାଦ୍ ପଡିଛନ୍ତି। ଚଳିତ ସିରିଜରେ ବୁମ୍ରାଙ୍କ ସ୍ଥାନରେ ମହମ୍ମଦ ସିରାଜ୍ ଓ ମହମ୍ମଦ ଶାମିଙ୍କ ସ୍ଥାନରେ ଉମେଶ ଯାଦବ ସ୍ଥାନ ପାଇଛନ୍ତି। ତେବେ ଦଳ ଚୟନ ବର୍ତ୍ତମାନ ଟିମ୍ ମ୍ୟାନେଜମେଣ୍ଟ ପାଇଁ ସବୁଠୁ କଷ୍ଟକର ବ୍ୟାପାର ହେବ। ମହମ୍ମଦ ଶାମି କୋଭିଡ୍ ମୁକ୍ତ ହୋଇଥିଲେ ହେଁ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ତାଙ୍କୁ ସ୍ଥାନ ମିଳିନାହିଁ। ଅଭିଜ୍ଞତା ଦୃଷ୍ଟିରୁ ବିଶ୍ୱକପ୍ ଦଳରେ ରିଜର୍ଭ ବୋଲର ରହିଥିବା ଶାମିଙ୍କୁ ବୁମ୍ରାଙ୍କ ବିକଳ୍ପ ଭାବରେ ବିବେଚନା ମଧ୍ୟ କରାଯାଉଛି। କେରଳରେ ଖେଳା ଯାଇଥିବା ପ୍ରଥମ ଟି୨୦ରେ ଦୀପକ ଚହର ଏବଂ ଅର୍ଶଦୀପ ସିଂ ବେଶ୍ ଘାତକ ବୋଲିଂ କରିଥିଲେ। ଏହି ଦୁଇ ବୋଲରଙ୍କ ଘାତକ ବୋଲିଂ କାରଣରୁ ଭ୍ରମଣକାରୀ ଦଳ ମାତ୍ର ୧୦୮ ରନରେ ସୀମିତ ରହିଥିଲା। ଉଭୟ ବୋଲର ବଢ଼ିଆ ସ୍ୱିଙ୍ଗ ବୋଲିଂ କରିଥିବା ବେଳେ ଅଷ୍ଟ୍ରେଲିଆରେ ପିଚ୍ ଭିନ୍ନ ରହିବ। ସେହିପରି ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ମହଙ୍ଗା ସାବ୍ୟସ୍ତ ହୋଇଥିବା ହର୍ଷଲ ପଟେଲଙ୍କଠାରୁ ଦଳ ଦୃଢ଼ ପ୍ରଦର୍ଶନ ଆଶା କରିବ।

ଆର. ଅଶ୍ୱିନଙ୍କ ସହିତ ଅକ୍ଷର ପଟେଲ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଉଭୟ ରନ୍ ରୋକିବାରେ ସଫଳ ହୋଇଥିବା ବେଳେ ବିଗତ ୪ ମ୍ୟାଚରେ ଅକ୍ଷର ଭାରତର ସର୍ବାଧିକ ଉଇକେଟ ନେଇଛନ୍ତି। ଜାଡେଜାଙ୍କ ବିକଳ୍ପ ଭାବରେ ଦଳରେ ସ୍ଥାନ ପାଇଥିବା ଅକ୍ଷରଙ୍କ ୭.୮୭ର ଇକୋନୋମୀରେ ୮ଉଇକେଟ ନେଇଛନ୍ତି।

**ଆଜି ଦ୍ୱିତୀୟ ଟି୨୦**

ମ୍ୟାଚ ସମୟ: ସନ୍ଧ୍ୟା ୭.୦୦
ସ୍ଥାନ : ଗୁଆହାଟୀ

# ଇଣ୍ଡିଆ ଲିଜେଣ୍ଡ୍ସ ଚାମ୍ପିୟନ

ରାୟପୁର, ୧।୧୦

ରୋଡ ସେଫ୍ଟି ୱାର୍ଲ୍ଡ ସିରିଜର ଚଳିତ ସଂସ୍କରଣକୁ ଜିତି ନେଇଛି ଇଣ୍ଡିଆ ଲିଜେଣ୍ଡ୍ସ। ନମନ ଓଝାଙ୍କ ଶତକ ବଳରେ ଇଣ୍ଡିଆ ଲିଜେଣ୍ଡ୍ସ ୬ ଉଇକେଟରେ ୧୯୫ ରନ୍ କରିଥିଲା। ଜବାବରେ ଶ୍ରୀଲଙ୍କା ଲିଜେଣ୍ଡ୍ସ ୧୬୨ ରନ୍‌ରେ ଅଲ୍‌ଆଉଟ ହୋଇ ୩୩ ରନ୍‌ରେ ହାରି ଯାଇଥିଲା। ନମନ ଓଝା ୭୧ ବଲ ଖେଳି ୧୦୮ ରନ୍‌ରେ ଅପରାଜିତ ରହିଥିଲେ। ଓଝାଙ୍କ ଇନିଂସରେ ୧୫ ଚୌକା ଓ ୨ ଛକା ସାମିଲ ଥିଲା। ତାଙ୍କ ବ୍ୟତୀତ ବିନୟ କୁମାର ୩୬ ଓ ଯୁବରାଜ ସିଂ ୧୯ ରନ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ନୁଆନ୍ କୁଲଶେକରା ୩ ଓ ଇସୁରୁ ଉଡାନା ୨ ଉଇକେଟ ନେଇଥିଲେ। ଜବାବରେ ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହିତ ଶ୍ରୀଲଙ୍କା୧୮.୫ ଓଭରରେ ୧୬୨ ରନ୍‌ରେ ସୀମିତ ରହିଥିଲା। ଇଶାନ ଜୟରତ୍ନେ ସର୍ବାଧିକ ୫୧ ରନ୍ କରିଥିଲେ। ୨୨ ବଲର ଏହି ଇନିଂସରେ ୪ଚୌକା ଓ ୪ ଛକା ସାମିଲ ଥିଲା। ମାହେଲା ଉଦାୱତେ ୨୫ ରନ୍ କରିଥିଲେ। ଇଣ୍ଡିଆ ଲିଜେଣ୍ଡ୍ସ ପକ୍ଷରୁ ବିନୟ କୁମାର ୩ ଉଇକେଟ, ଅଭିମନ୍ୟୁ ମିଥୁନ୍ ୨ ଉଇକେଟ ନେଇଥିଲେ।

# ବିଜୟ ସତ୍ତ୍ୱେ ଟାଇଗର୍ସ ପ୍ଲେ ଅଫ୍‌ରୁ ବଞ୍ଚିତ

ଯୋଧପୁର, ୧।୧୦

**ଲିଜେଣ୍ଡ୍ସ ଲିଗ୍ କ୍ରିକେଟ୍**

ରିକାର୍ଡୋ ପାୱେଲଙ୍କ ୯୬ ରନ୍ ସହାୟତାରେ ଲିଜେଣ୍ଡ୍ସ ଲିଗ୍ ଟି୨୦ କ୍ରିକେଟର ଅନ୍ତିମ ଲିଗ୍ ମ୍ୟାଚରେ ଇଣ୍ଡିଆ କ୍ୟାପିଟାଲ୍ସକୁ ୩ ଉଇକେଟରେ ହରାଇଛି ମଣିପାଲ ଟାଇଗର୍ସ। ବିଜୟୀ ହୋଇଥିଲେ ହେଁ ନେଟ ରନରେଟ୍ ଆଧାରରେ ପ୍ଲେ ଅଫ୍ ପ୍ରବେଶରେ ଦଳ ବିଫଳ ହୋଇଛି। ୩ ବ୍ୟାଟରଙ୍କ ଅର୍ଦ୍ଧଶତକ ସହିତ କ୍ୟାପିଟାଲ୍ସ ୨ ଉଇକେଟରେ ୧୮୩ ରନ କରିଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା କ୍ୟାପିଟାଲ୍ସ ପକ୍ଷରୁ ଦୀନେଶ ରାମଦିନ(୬୪), ହାମିଲଟନ୍ ମାସାକାଡ୍‌ଜା(୬୦) ଓ ରସ୍ ଟେଲର (୫୨*) ଅର୍ଦ୍ଧଶତକ ହାସଲ କରିଥିଲେ। ଜବାବରେ ମଣିପାଲ ଟାଇଗର୍ସ ପ୍ରଥମ ଓଭରରେ ଟାଟେଣ୍ଡା ଟାଇବୁ(୦)ଙ୍କ ଉଇକେଟ ହରାଇଥିଲା। ତେବେ ରିକାର୍ଡୋ ପାୱେଲ ଧୂଆଁଧାର କରି ଦଳର ସ୍ଥିତିରେ ସୁଧାର ଆଣିଥିଲେ। ଶେଷ ବଲରେ ୨ ରନ୍ ଆବଶ୍ୟକ ଥିବା ବେଳେ ରମେଶ କାଲୁୱିଥରାଣା ଚୌକା ମାରି ଜିତାଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଇଣ୍ଡିଆ କ୍ୟାପିଟାଲ୍ସ:** ୨୦ ଓଭରରେ ୧୮୩/୨ (ଦୀନେଶ ରାମ୍‌ଦିନ-୬୪, ହାମିଲଟନ ମାସ୍‌କାଡ୍‌ଜା-୬୦, ରସ୍ ଟେଲର-୫୧*; କୋରେ ଆଣ୍ଡରସନ-୧/୧୧)।

**ମଣିପାଲ ଟାଇଗର୍ସ:** ୨୦ ଓଭରରେ ୧୮୬/୭ (ରିକାର୍ଡୋ ପାୱେଲ-୯୬, କୋରେ ଆଣ୍ଡରସନ-୩୯, ମହମ୍ମଦ କୈଫ୍-୨୬; ପ୍ରବୀଣ ତାମ୍ବେ-୨/୨୦, ଜନ୍ ମୁନି-୨/୩୯)।

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶାସ୍ତ୍ରାଣି, ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ॥

ସ୍ୱ ବିଶ୍ୱଜିତ୍ ଷଡ଼ଙ୍ଗୀ (ଲୁଲୁ)
୭୭, ଗୌତମ ନଗର, ଭୁବନେଶ୍ୱର
ଆବିର୍ଭାବ : ୧୦.୦୭.୧୯୬୭
ତିରୋଧାନ : ୨୮.୦୯.୨୦୨୨
କାଳର କରାଳ ଗତିରେ ତୁମେ ଆମମାନଙ୍କୁ ଚିରଦିନ ପାଇଁ ଶୋକ ସାଗରରେ ଭସାଇଦେଇ ଅସମୟରେ ଚାଲିଗଲ। ତୁମ ସ୍ନେହ, ଶ୍ରଦ୍ଧା, ପରୋପକାରିତା ଆମ ମାନଙ୍କ ପାଇଁ ଚିରସ୍ମରଣୀୟ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୬୯୪

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱ ହୀରା ମଲ୍ଲିକ
କୁକିବର, ରସୁଲପୁର, ଯାଜପୁର
ଆବିର୍ଭାବ: ୧୪।୦୫।୧୯୩୮
ତିରୋଧାନ: ୨୨।୦୯।୨୦୨୨
ତୁମେ ଆମମାନଙ୍କୁ ଛାଡ଼ି ଅଫେରା ରାଇଜକୁ ଚାଲିଯାଇଛ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର: ନିର୍ମଳ ଚନ୍ଦ୍ର ମଲ୍ଲିକ, ରାମଚନ୍ଦ୍ର, ଗୋବିନ୍ଦ, ଦାଶରଥି, ପୁତ୍ରବଧୂ: କେଶନୀ, ସବିତା, ସୁଲୋଚନା, ମନ୍ଦାକିନୀ, ଝିଅ-ଜ୍ୱାଇଁ, ନାତୁଣୀ-ନାତୁଣୀଜ୍ୱାଇଁ, ନାତି-ନାତୁଣୀବୋହୂ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୧୬୮୯

ପ୍ରଥମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ହରିଶଙ୍କର ପ୍ରସାଦ ସିଂହ
ପୂର୍ବତନ କ୍ରୀଡ଼ାବିତ୍ ତଥା ରାଜସ୍ୱ ବୋର୍ଡର ଅବସରପ୍ରାପ୍ତ ସମୀକ୍ଷା ଅଧୀକ୍ଷକ, ଗୁଡ଼ିଆନାଳି, ସିଂହ ମାର୍କେଟ କମ୍ପ୍ଲେକ୍ସ, ଢେଙ୍କାନାଳ ଟାଉନ
ଧରାବତରଣ-୧୯।୧୧।୧୯୩୫
ସ୍ୱର୍ଗାରୋହଣ- ୧୨।୧୦।୨୦୨୧
ଚାହୁଁଚାହୁଁ ଏକ ବର୍ଷ ହୋଇଗଲା। ତଥାପି ଆପଣଙ୍କ ସ୍ୱାଭିମାନ, କର୍ତ୍ତବ୍ୟନିଷ୍ଠା, ନ୍ୟାୟବନ୍ତ, ବନ୍ଧୁବତ୍ସଳ, ଆଦର୍ଶ, ସ୍ନେହ ଓ ତ୍ୟାଗ ଆମମାନଙ୍କ ଜୀବନରେ ଚିରସ୍ମରଣୀୟ ହୋଇ ରହିବ ଏବଂ ରହିଥିବା ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରକମଳରେ ବିନମ୍ର ପ୍ରାର୍ଥନା। ଆପଣଙ୍କ ସ୍ମରଣେ- ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୭୪୦୧୮

୧୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ସ୍ୱ ଦୀପ୍ତିରଞ୍ଜନ ମହାପାତ୍ର (ବାବୁନା)
ନିଳାଦ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ : ୨୦/୦୮/୧୯୭୮
ତିରୋଧାନ : ୧୯/୧୦/୨୦୦୭ (ମହାଷ୍ଟମୀ)
ଧନରେ, ଚାହୁଁ ଚାହୁଁ ୧୫ ବର୍ଷ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ ତୁ ଆଉ ଆମପାଖକୁ ଫେରିବୁ ନାହିଁ। ପ୍ରତି ମୁହୂର୍ତ୍ତରେ ତୋର ଅନୁପସ୍ଥିତି ଆମେ ଅନୁଭବ କରୁଛୁ ଓ ତୋତେ ଝୁରି ହେଉଛୁ। ତୁ ଆମ ସମସ୍ତଙ୍କ ପାଇଁ ଅଭୁଲା ସ୍ମୃତି ହୋଇ ରହିଛୁ ଓ ସବୁଦିନ ପାଇଁ ରହିଥିବୁ। ତୋର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ନନା ଓ ବୋଉ, ବଡ଼ବାପା ଓ ଖୁଡ଼ିମାନେ, ନାନୀ ଓ ଭାଇନାମାନେ, ମାମୁଁ ଓ ମାଇଁ, ପିଉସା ଓ ପିଉସୀମାନେ, ଭାଉଜ ଓ ଭାଉଜମାନେ, ଭାଇ ଓ ଭଉଣୀମାନେ, ଭାଣିଜୀ-ମୁନ୍‌ମୁନ୍ ଓ ଭୂମି, ଭଣଜା-ଆଦି, ସାଙ୍ଗସାଥି ମାନେ।
ଧ-୭୧୫୩୯

୧୨ତମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ପ୍ରମୋଦ କୁମାର ଦେବତା
ମୀନାବଜାର, ଢେଙ୍କାନାଳ
ଆବିର୍ଭାବ: ୨୦।୧୨।୧୯୪୩
ତିରୋଧାନ: ୧୫।୧୦।୨୦୧୦
ଆଶ୍ୱିନ ଶୁକ୍ଲପକ୍ଷ ଅଷ୍ଟମୀ ତିଥି
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗ ଆମେ କେବେହେଲେ ଭୁଲିପାରିବୁ ନାହିଁ। ଆପଣଙ୍କ ଅମରାତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀବଳରାମଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ, ପୁଅ, ବୋହୂ, କନ୍ୟା, ଜାମାତା, ନାତିନାତୁଣୀ ଓ ପରିବାରବର୍ଗ।
ମେସର୍ସ ନଟବର ଦେବତା, ଶ୍ରୀବଳରାମ ଫେବ୍ରିକ୍ସ, ଓଁ ଟେକ୍ସଟାଇଲ୍ ମାଳତୀ ନିବାସ।
ଧ-୭୪୦୧୯

# ଅଭୁଲା ଦଶହରା

ଆସିଛି ପାର୍ବଣର ଋତୁ। ମା'ଙ୍କ ଆଗମନରେ ଗାଁଠୁ ସହର ଉତ୍ସବମୁଖର। ସଭିଙ୍କ ମନରେ ଖେଳିଯାଇଛି ଅପୂର୍ବ ଆନନ୍ଦ। ତେବେ ଏମିତିରେ କେବେକେବେ ମନେପଡ଼ିଯାଏ ପିଲାଦିନ ଦଶହରା କଥା । ଯାହାକି ଏବେବି ଅଭୁଲା ଅନୁଭୂତି ହୋଇ ରହିଛି ମନ ଭିତରେ...





### ଭସାଣିରେ ମିଳୁଥିଲା ଯାତ୍ରା ଖର୍ଚ୍ଚ

**ସଞ୍ଜୟ ନାୟକ** (ନିର୍ଦ୍ଦେଶକ)– ଦଶହରା ସମୟ ଆସିଲେ ମନ କେତେ ଖୁସି ହୋଇଯାଏ, ସେ କଥା ମୋ' ଭଳିଆ ଜଣେ କଟକିଆ ହିଁ ବେଶ୍ ଭଲରେ ବୁଝିପାରିବ। ଯଦିଓ ବର୍ତ୍ତମାନ ଓଡ଼ିଶାର ବିଭିନ୍ନ ସ୍ଥାନରେ ବେଶ୍ ଜାକଜମକରେ ମା' ଦୁର୍ଗାଙ୍କ ପୂଜା କରାଯାଉଛି, ହେଲେ କଟକରେ ଦଶହରା ଦେଖିବାର ମଜା ଅଲଗା। ମନେପଡୁଛି ପିଲାଦିନ। କଟକ ଦୁର୍ଗାପୂଜାର ମୁଖ୍ୟ ଆକର୍ଷଣ ହେଉଛି ଚାନ୍ଦିମେଢ଼ ଓ ସୁନା ମକୁଟରେ ସଜ୍ଜିତ ମା'ଙ୍କ ମୃଣ୍ମୟ ମୂର୍ତ୍ତି। ପୂଜା ଦେଖିବାକୁ ବାହାରୁ ଲୋକେ ଦିନରେ କିମ୍ବା ସଂଧ୍ୟାରେ ଆସନ୍ତି, ହେଲେ ଆମେ ବାହାରୁ ରାତିରେ। ରାତିସାରା କଟକ ସହରର ବିଭିନ୍ନ ସ୍ଥାନରେ ପୂଜାମଣ୍ଡପ ବୁଲିବା ସାଙ୍ଗକୁ ମେଲୋଡ଼ି ଦେଖାର ମଜା ଥିଲା ନିଆରା। ତେବେ ସବୁଠୁ ମଜା ଲାଗୁଥିଲା ଭସାଣି ଦିନ। କାହିଁକି ନା ସେଦିନ ନୂଆ ଡ୍ରେସ୍ ପିନ୍ଧା ହେଉଥିଲା ଆଉ ତା' ସାଙ୍ଗକୁ ଜେଜେମା' ଆଉ ପରିବାରର ଅନ୍ୟ ବଡ଼ ସଦସ୍ୟମାନଙ୍କଠାରୁ ଯାତ୍ରା ଖର୍ଚ୍ଚ ବି ମିଳୁଥିଲା। ସେ ଟଙ୍କାରେ ଅନ୍ୟ କିଛି କିଣୁ କି ନ କିଣୁ, ଖେଳନା ବନ୍ଧୁକ ଆଉ ରିଲ୍ ବାଣ ନିହାତି କିଣୁଥିଲୁ। ଘର ପାଖାପାଖି ଯେତେସବୁ ଘରେ ଛୋଟ ପିଲା ଥିଲେ ସମସ୍ତଙ୍କ ଘରୁ ଖାଲି ଠୋ ଠା ବାଣଶବ୍ଦ ହିଁ ଆସୁଥିଲା। ଆମ ଘର ବାଟ ଦେଇ ସହରର ସମସ୍ତ ମେଢ଼ ଦେବୀଗଡ଼ା ପର୍ଯ୍ୟନ୍ତ ଯାଉଥିଲା। ସବୁ ସାହି ମେଢ଼ ଏକାଠି ବକ୍ସିବଜାରରୁ ଚୌଧୁରୀ ବଜାର ପର୍ଯ୍ୟନ୍ତ ଯେତେବେଳେ ଏକାଠି ହେଉଥିଲେ ଦେଖିବାକୁ ଖୁବ୍ ମଜା ଲାଗୁଥିଲା। ମେଢ଼ ସାଙ୍ଗେ କମ୍ପିଟିଶନ୍‌ରେ ଅଲଗା ଅଲଗା ପ୍ରସେଶନ୍ ଆସୁଥିଲା ଓ ଆମେ ନିର୍ଧୂମ୍ ନାଚୁଥିଲୁ। ଭସାଣି ବେଳର ଘୋଡ଼ାନାଚ, ଶିଖରପୁର ମେଢ଼ ସହ ଆସିଥିବା ଶ୍ରୀକାକୁଲମ୍ ବାଜାର ମଜା ଆଜିକାଲିର ଡିଜେରେ କାହିଁ! ବର୍ଷ ପରେ ବର୍ଷ ବିତୁଛି ଏବଂ ଆହୁରି ନୂଆନୂଆ ଢଙ୍ଗରେ ପୂଜା କରାଯାଉଛି, ହେଲେ ସେତେବେଳର କଟକ ଦଶହରା ମଜା ସତରେ ନିଆରା ଆଉ ଅଭୁଲା।

### ସେଦିନର ମେଢ଼ ଦେଖିବାର ମଜା ଭୁଲିନି: ଡା. ସରୋଜିନୀ ଷଡ଼ଙ୍ଗୀ

(ସ୍ତ୍ରୀ ରୋଗ ବିଶେଷଜ୍ଞା, କଟକ)– ପାର୍ବଣର ଏ ପରମଲଗ୍ନରେ ସାରା ପୃଥିବୀ ଆଜି ପୁଲକିତ। ମା'ଦୁର୍ଗା ଏବଂ ଦେବୀ ମେଢ଼ର ସାଜସଜ୍ଜା, ଚଣ୍ଡୀପାଠର ବିରଳ ମନ୍ତ୍ରଧ୍ୱନି, ନବରାତ୍ରି ପୂଜା ସମସ୍ତଙ୍କ ହୃଦୟକୁ ଏକ ଦିବ୍ୟ ଆନନ୍ଦରେ ଭରିଦିଏ। ସବାଶେଷରେ ହୁଏ ମେଢ଼ବୁଲା ଓ ଦେବୀଦର୍ଶନ। ମନେପଡୁଛି ଅନେକ ଦିନ ତଳର କଥା। ମୁଁ ସ୍କୁଲ୍‌ରେ ପଢୁଥିଲି ଏବଂ ଆମେ ରହୁଥିଲୁ ବ୍ରହ୍ମପୁରରେ। ସେତେବେଳେ କଟକରେ ଦୁର୍ଗାପୂଜା ଭାରି ସୁନ୍ଦର ଭାବରେ ହେଉଥିଲା। ନନା (ମୋ ବାପା) ଛୁଟି ନେଇ ବୋଉ ଓ ଆମ ଭାଇଭଉଣୀଙ୍କୁ ନେଇ କଟକ ଦୁର୍ଗାପୂଜା ଦେଖିବାକୁ ଆସିଲେ। ଆମେ ଟ୍ରେନ୍‌ରେ ଆସି କଟକରେ ପିଉସୀଙ୍କ ଘରେ ରହି ସଂଧ୍ୟାବେଳେ ଦୁଇଟି ରିକ୍ସାରେ ବାହାରିଲୁ। ସେଦିନ ଥିଲା ଦୁର୍ଗାଷ୍ଟମୀ। ନନା ସବୁବେଳେ କୁହନ୍ତି, ସବୁବେଳେ ଦୁର୍ଗାଷ୍ଟମୀ ଦିନ ଦେବୀଙ୍କୁ ଦର୍ଶନ କରିବ, କାରଣ ସେଦିନ ଦେବୀଙ୍କ ମୁହଁରୁ ଏକ ଅଖଣ୍ଡ ତେଜ ବାହାରୁଥାଏ। ଆମେ ରିକ୍ସାରେ ଧକଡ଼ ଚକଡ଼ ହୋଇ ରାଣୀହାଟ ସହ କଲେଜଛକ ମେଢ଼ ଦେଖି ପହଞ୍ଚିଲୁ ଛତ୍ରବଜାର ଭିତରେ। କେଉଁଠି ମା'ଙ୍କର ମୃଣ୍ମୟ ମୂର୍ତ୍ତି ତ' ଆଉ କେଉଁଠି ଶିବ-ପାର୍ବତୀ ମୂର୍ତ୍ତି। ଛତ୍ରବଜାର ହେଉଛି ପରିବାର ପେଣ୍ଠସ୍ଥଳୀ। ତା' ଭିତରେ ଦେଖିଲୁ ଗୋଟିଏ ଜାଗାରେ ପ୍ରବଳ ଭିଡ଼ ହୋଇଛି। ଆମେ ରିକ୍ସାରୁ ଓହ୍ଲାଇ ସେଠିକି ଗଲାବେଳକୁ ବିଭିନ୍ନ ପ୍ରକାର ମୂର୍ତ୍ତି ଦେଖିଲୁ। ଉପରେ ଲେଖା ହୋଇଛି, ପରିବା କାଟ୍‌କାଟ୍, ମସଲା ବାଟ୍‌ବାଟ୍। ସ୍ତ୍ରୀଲୋକର ମୂର୍ତ୍ତିଟିଏ ପନିକି ଧରି ପରିବାଗୁଡ଼ିକ କାଟି ପକାଉଛି। ଆଉ ଗୋଟିଏ ଜାଗାରେ ଆଉ ଗୋଟିଏ ସ୍ତ୍ରୀଲୋକ ଶିଳ ଉପରେ ଶିଳପୁଆ ଧରି ମସଲାକୁ ବାଟି ପକାଉଛି। ସେଇଠି ଆଉ ଗୋଟିଏ ମୂର୍ତ୍ତି ଢିଙ୍କି ଉପରେ ପାଦ ରଖି କୁଟି ପକାଉଛି। ତା' ପାଖକୁ ଲାଗି ଜଣେ ସ୍ତ୍ରୀଲୋକ କୂଅରୁ ଗରା ଗରା ପାଣି କାଢ଼ି ପକାଉଛି। ଏସବୁ ମୂର୍ତ୍ତିଙ୍କର ସାଜସଜ୍ଜା ସହ କାମ ଓ ହାବଭାବ ଦେଖି ଆମେ ହସିହସି ଗଡ଼ିଗଲୁ, ଯାହା ମୁଁ ଆଜିଯାଏଁ ଭୁଲି ନାହିଁ। ତା' ପରେ ବକ୍ସିବଜାର ମେଢ଼ ଦେଖି ସମସ୍ତେ ଦହିବରା ଓ ଆଳୁଦମ୍ ଖାଇଲୁ, କିନ୍ତୁ ଚାନ୍ଦିନୀଚୌକ ମେଢ଼ ଦେଖିବାକୁ ଗଲାବେଳକୁ ଟ୍ରାଫିକ୍ ଜାମ୍ ହୋଇଗଲା। ସାରା ରାତି ବସିରହିଲୁ ରିକ୍ସା ଉପରେ। ଏବେ ମଧ୍ୟ ମେଢ଼ ଦେଖିବାର ମଜା ମୁଁ ଭୁଲିନି। ବର୍ତ୍ତମାନ ମେଢ଼ ଦେଖିବାର ସେ ଆନନ୍ଦ ଓ ପିଲାଳିଆମି ମୋ ଭିତରେ ବଞ୍ଚିଛି।

### ଆନମନା କରେ ପିଲାବେଳର ମଉଳା ସ୍ମୃତି: ଗୋପାଳକୃଷ୍ଣ ଦାସ

(ପ୍ରାକ୍ତନ ଓଡ଼ିଆ ବିଭାଗ ମୁଖ୍ୟ, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା)– ପିଲାବେଳେ ଦୁର୍ଗାପୂଜା ସମୟ ପାଖେଇ ଆସିଲେ ମନରେ ଏକ ଅପୂର୍ବ ଉତ୍କଣ୍ଠା ଭରିଯାଏ। ବିଶେଷକରି ଆମ କରଣ ଜାତିରେ ଏହା ଏକ ମୁଖ୍ୟ ପର୍ବ କୁହାଯାଇପାରେ। ଦୁର୍ଗାଷ୍ଟମୀ ବେଳେ ଭିନ୍ନଭିନ୍ନ ଜାତି ପାଟକଙ୍କ କୌଳିକ ବୃତ୍ତିରେ ବ୍ୟବହୃତ ସାଜସରଞ୍ଜାମ ପୂଜା ହୁଏ। ଯୁଦ୍ଧରେ ଗୁରୁଦାୟିତ୍ୱ ତୁଲାଉଥିବା କରଣମାନଙ୍କ ଘରେ ଖଣ୍ଡା, ପୋଥି ବସାଯାଏ। ଅସି ଓ ମସି ସହ ସଂଶ୍ଳିଷ୍ଟ କୁଳୀନ କରଣଙ୍କ ଘରେ ତାଳପତ୍ର ପୋଥି, ବିଭିନ୍ନ ଆକୃତିର ଲେଖନୀ, ତାଳପତ୍ରଚିରା ବେଣ୍ଟଲଗା ଛୋଟ ଛୁରି, କୁଟିକାମକରା ପିଢ଼ାରେ ସାଲୁକନା ଉପରେ ରଖାଯାଏ। ଖଣ୍ଡା, ଢାଲ, ବାଙ୍କଛୁରି, କଟାବାଡି ଆଦି ଅସ୍ତ୍ରଶସ୍ତ୍ରରେ ସିନ୍ଦୂର, ଭାଗବତ, ରାମାୟଣ ଆଦି ପୁରାଣ ପୋଥିମାନଙ୍କରେ ଚନ୍ଦନ ଟୋପା ଦିଆଯାଏ। ଉଖୁଡ଼ା, ପିଠାପଣା, ଭୋଗରାଗ, ଧୂପଦୀପ, ଝୁଣାଧୂଆଁରେ ଘର ମହକିଯାଏ। ସଞ୍ଜ ଗଡ଼ିଲେ କାଗଜରେ 'ଓଁ ଶୁଭମସ୍ତୁ' ଲେଖି ପୋଥି ଲେଖନି ଉଠାଯାଏ। ଖୋର୍ଦ୍ଧା ସନ୍ନିକଟ ହଳଦିଆ ଗଡ଼ରେ ଥିବା ବରୁଣେଇ ପୀଠରେ ଅଷ୍ଟଧାତୁର କନକଦୁର୍ଗା ପୂଜା ପାଆନ୍ତି। ବେଶ୍ ଧୁମ୍‌ଧାମରେ ପୂଜା ପାଳନ କରାଯାଏ। ଯଦିଓ ଏବେବି ପ୍ରତିବର୍ଷ ଦୁର୍ଗାପୂଜା ପାଳନ ହେଉଛି, ହେଲେ ଧୀରେ ଧୀରେ ଲିଭି ଲିଭି ଆସିଥିବା ବଉଳଫୁଲ ଭଳି ପିଲାବେଳର ସେ ମଉଳା ସ୍ମୃତି ଏବେବି ମନକୁ ଆନମନା କରେ।

### ଆମ୍ବପତ୍ର ମାଳରେ ମଣ୍ଡପ ସଜାହେଉଥିଲା: ବଙ୍କିମ ଚନ୍ଦ୍ର ନାୟକ

(ବିଶିଷ୍ଟ ଶିଶୁ ସାହିତ୍ୟିକ)– ପିଲାଦିନେ ସବୁ ପର୍ବ ପର୍ବାଣିରେ ଏକ ଭିନ୍ନ ମଜାଥିଲା। ବିଶେଷ କରି ଦଶହରା ସମୟରେ ବୁଲା ବୁଲି କରିବା ସତରେ ଖୁବ୍ ଆନନ୍ଦ ଲାଗୁଥିଲା। ମନେ ପଡୁଛି ସେ ସମୟରେ ଭୁବନେଶ୍ୱରରେ ଓଲ୍ଡ ଟାଉନ, ଷ୍ଟେସନ୍ ବଜାର, ବାପୁଜୀ ନଗର ଆଦି ମାତ୍ର ୪-୫ଟି ସ୍ଥାନରେ ଦୁର୍ଗାପୂଜା ହେଉଥିଲା। ୬ଷ୍ଠ ଶ୍ରେଣୀରେ ପଢିବା ବେଳେ ବାପାଙ୍କ ସାଙ୍ଗେ ସାଇକେଲ୍‌ରେ ପୂଜା ଦେଖିବାକୁ ଆସିଥିଲି। ରଙ୍ଗିନ କାଗଜ ପତାକା ଆଉ ଆମ୍ବପତ୍ର ମାଳରେ ମଣ୍ଡପ ସଜାଯାଇଥିଲା। ରାତିରେ ମଣ୍ଡପରେ ପେଟ୍ରୋମାକ୍ସ ଲାଇଟ୍ ଜଳୁଥିଲା। ପାଖରେ ଛୋଟ ଛୋଟ ଖେଳନା ଦୋକାନ ବସିଥିଲା। ସେଠାରୁ ପ୍ଲାଷ୍ଟିକ୍‌ର ଖଣ୍ଡା କିଣିଥିଲି ଗାଁରେ ଯାତ୍ରା କରିବୁ ବୋଲି। ପାଖରେ ହେଉଥିବା କଣ୍ଢେଇ ନାଚ ଦେଖିଲୁ। ଏବେ ଭଳି ସେତେବେଳେ ରାତିରେ ଗହଳି ନ ଥିଲା। ରାତି ପ୍ରାୟ ୯ଟା ହେବାରୁ ଘରକୁ ଫେରିଯିବାକୁ ବାହାରିଲୁ। ହେଲେ ହଠାତ୍ ଟାୟାର୍ ଲିକ୍ ହୋଇଗଲା କଳ୍ପନା ଛକଠାରେ। ବାଧ୍ୟ ହୋଇ ବାପପୁଅ ସାଇକେଲ୍ ଗଡାଇ ଗଡାଇ କିଛି ବାଟ ଚାଲିଲୁ। ଥକିଯିବାରୁ ସେଠାକାର ଜଣେ ବାସିନ୍ଦାଙ୍କୁ ସାହାଯ୍ୟ ମାଗିଲୁ। ସାଇକେଲ୍‌ଟି ଧରି ଚାଲିବା କଷ୍ଟ ହୋଉଥିବାରୁ ଗୋଟିଏ ରାତି ପାଇଁ ତାଙ୍କ ଘରେ ରଖି ପରଦିନ ଆସି ନେଇଯିବୁ ବୋଲି କହିଲୁ। ଏକଥା ଶୁଣିବା ପରେ ସେ ତୁରନ୍ତ ସାଇକେଲ୍‌କୁ ତାଙ୍କ ବାରଣ୍ଡାରେ ରଖିଲେ। ଏତେରାତିରେ ଚାଲି ନ ଯିବା ପାଇଁ କହି ଆମକୁ ନିଜ ସ୍କୁଟରେ ଆଣି ଘରେ ଛାଡିଥିଲେ। ଏବେବି ଦଶହରା ଆସିଲେ ସେଦିନର କଥା ଆଖିଆଗରେ ନାଚିଉଠେ ଆଉ ସେ ହୃଦୟବାନ୍ ବ୍ୟକ୍ତିଙ୍କ କଥା ମନେ ପଡିଯାଏ।



ବଙ୍କିମ ଚନ୍ଦ୍ର ନାୟକ



ସଞ୍ଜୟ ନାୟକ



ଡା. ସରୋଜିନୀ ଷଡ଼ଙ୍ଗୀ



ଗୋପାଳକୃଷ୍ଣ ଦାସ



## ଏ ସପ୍ତାହର ପ୍ରଶ୍ନ

୧– ଭାରତର ପ୍ରଥମ କଙ୍କି ଜୀବାଶ୍ମ (ଡ୍ରାଗନ୍ ଫ୍ଲାଏ ଫସିଲ୍) ......... ରାଜ୍ୟରେ ମିଳିଛି ?
୨– ନୀଳଗିରି ପର୍ବତମାଳାରୁ ମିଳିଥିବା ନିଆରା ପ୍ରଜାତି ପ୍ରଜାପତିର ନାମ ......... ?
୩– 'ଦି ମେକିଂ ଅଫ୍ ଆଧାର: ୱାର୍ଲ୍ଡସ୍ ଲାର୍ଜେଷ୍ଟ ଆଇଡେଣ୍ଟିଟି ପ୍ଲାଟ୍‌ଫର୍ମ' ପୁସ୍ତକର ଲେଖକ ............ ?
୪– 'ଇଣ୍ଟରନ୍ୟାଶନାଲ ସ୍ନୋ ଲିଓପାର୍ଡ ଡେ' ପ୍ରତିବର୍ଷ ............ ତାରିଖରେ ପାଳନ କରାଯାଏ ?
୫– ଲିଫ୍ଟର ଉଦ୍ଭାବକ ........... ?

## ଗତ ଥରର ଉତ୍ତର

୧ ନର୍ମାନ୍ ବୋର୍ଲଗ
୨ ଆମ୍ବ
୩ ଉତ୍କଳ କେଶରୀ ହରେକୃଷ୍ଣ ମହତାବ
୪ ନୀଳ ନଦୀ
୫ ହ୍ୱେଲ୍ ଶାର୍କ

## ଉତ୍ତରଦାତା



ଛବିଲାଲ୍ ଭାଟି, କଳାହାଣ୍ଡି



ଶେଖ୍ ୟାକୁବ୍, ଗୋପ



ସ୍ମୃତିରେଖା ପରିଡ଼ା, ବାଲେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

ୟୁଥ୍ ଫ୍ୟାଶନ

## ଡାଣ୍ଡିଆ ଆଉଟ୍‌ଫିଟ୍‌ରେ ଫ୍ୟୁଜନ୍

ଆରମ୍ଭ ହୋଇସାରିଛି ପାର୍ବଣର ଋତୁ। ବୁଲି ବୁଲି ମା'ଙ୍କ ମେଢ଼ ଦେଖିବା, ନୂଆ ନୂଆ ପୋଷାକ କିଣିବା, ଭଲିକି ଭଲି ଖାଦ୍ୟ ଖାଇବାରେ ଦଶହରାର ଭରପୂର ମଜା ନେଉଛନ୍ତି ଯୁବପିଢ଼ି। ଏହାସହିତ ବର୍ତ୍ତମାନ ସ୍ଥାନରେ ଆୟୋଜିତ ଡାଣ୍ଡିଆ ନାଇଟ୍ସ ପୂଜା ମାହୋଲ୍‌କୁ ଆହୁରି ଆନନ୍ଦମୟ କରୁଛି। ଯଦି ଆପଣବି ଏଥିରେ ଅଂଶ ଗ୍ରହଣ କରିବାକୁ ଚାହୁଁଛନ୍ତି, ହେଲେ ଏଥିପାଇଁ କ'ଣ ପିନ୍ଧିବେ ଚିନ୍ତା କରୁଛନ୍ତି, ତେବେ ଏହି ଫ୍ୟୁଜନ୍ ଆଉଟ୍‌ଫିଟ୍ ଆପଣଙ୍କୁ ଡାଣ୍ଡିଆ ନାଇଟ୍ସରେ ଆଟ୍ରାକ୍ଟିଭ୍ ଲୁକ୍ ଦେବାରେ ବେଶ୍ ସାହାଯ୍ୟ କରିବ...



■ କେବେକେବେ ଇଚ୍ଛା ଥିଲେ ବି ଡାଣ୍ଡିଆ ଡ୍ୟାନ୍ସ ପାଇଁ ଆବଶ୍ୟକ ଘାଗରା-ଚୋଲି ଭଳି ଟ୍ରାଡିସିନାଲ୍ ପୋଷାକ ନ ଥିବାରୁ ଅନେକେ ଏହି ମଜା ନେବାରୁ ବଞ୍ଚିତ ହୋଇଥା'ନ୍ତି। ହେଲେ ଏମିତିରେ ଆପଣ କିଛି ଆଉଟ୍‌ଫିଟ୍‌କୁ ଫ୍ୟୁଜନ୍ କରି ପିନ୍ଧିପାରିବେ। ଯେମିତିକି, ଏଥ୍‌ନିକ୍ ଲଙ୍ଗସ୍କର୍ଟ ସହିତ ସାଟିନ୍, ସିଲ୍କ ଭଳି ସାଇନିଂ ଶାର୍ଟ ଏବଂ ଦୁପଟା ଟିମ୍‌ଅପ୍ କରି ପିନ୍ଧିପାରିବେ। ଏହା ସହ ମ୍ୟାଚିଂ ଜୁଏଲେରି ବିଶେଷକରି ୱେଷ୍ଟ ବେଲ୍ଟ ପିନ୍ଧି ଆଇକ୍ୟାଚି ଲୁକ୍ ପାଇପାରିବେ। ମନେରଖନ୍ତୁ ଲାଲ୍, ପିଙ୍କ୍, ୟେଲୋ, ବ୍ଲୁ, ଗ୍ରିନ୍ ଭଳି କଲରର ଆଉଟ୍‌ଫିଟ୍ ଆପଣଙ୍କୁ ଆକର୍ଷଣୀୟ ଲୁକ୍ ଦେବ।

■ ଲେହେଙ୍ଗା ଲୁକ୍ ପାଇଁ ଲଙ୍ଗ ସ୍କର୍ଟ ସହିତ ହେଭି ଏମ୍ବ୍ରଡୋରି, ବିଡ୍ କିମ୍ବା ମିରର୍ ୱାର୍କ ଥିବା ବ୍ଲାଉଜ୍, ଦୁପଟା ଏବଂ ୱେଷ୍ଟ ବେଲ୍ଟ ଟ୍ରାଏ କରିପାରିବେ। ସେହିପରି ସରାରା ଭଳି ଲୁକ୍ ଚାହୁଁଥିଲେ ଲଙ୍ଗ୍ ସ୍କର୍ଟ ସହିତ ଡିଜାଇନର୍ କୁର୍ତ୍ତି ପିନ୍ଧନ୍ତୁ, ଡିଫରେଣ୍ଟ ଲାଗିବେ। ଏହାସହ ହ୍ୟାଙ୍ଗିଙ୍ଗ କିମ୍ବା ଚୋକର ନେକ୍‌ଲେସ୍ ଏବଂ ରେଶମୀ ଧାଗା ଥିବା ଚୁଡ଼ି ବେଶ ସୁନ୍ଦର ମାନିବ।

■ ଆଜିକାଲି ଏକାଧିକ ଲେୟାର ଥିବା ରଫଲ୍ ଡ୍ରେସ୍ ଖୁବ୍ ଡିମାଣ୍ଡରେ ରହିଛି। ଆପଣ ଚାହିଁଲେ ରଫଲ୍ ଗାଉନ୍ କିମ୍ବା ଷ୍ଟାଇଲିଶ୍ ରଫଲ୍ ମ୍ୟାକ୍ସି ଡ୍ରେସ୍ ପିନ୍ଧିପାରିବେ। ଏହା ସହ ମ୍ୟାଚିଂ ଦୁପଟା ଖୋଜିବାର ଟେନ୍‌ଶନ୍ ବି ନାହିଁ। ତେବେ ଏହାକୁ ଗର୍ଜିଅସ୍ ଲୁକ୍ ଦେବା ପାଇଁ ହ୍ୟାଙ୍ଗିଙ୍ଗ୍ ନେକ୍‌ଲେସ୍, ଇୟରରିଙ୍ଗ୍, ମ୍ୟାଚିଂ ଚୁଡି ପିନ୍ଧିପାରିବେ। ଏହାକୁ ସୁଟ୍ କରିବା ଭଳି ହେୟାର୍ ଷ୍ଟାଇଲ୍ ଏବଂ ମେକ୍‌ଅପ୍ ନେଲେ ଖୁବ୍ ସୁନ୍ଦର ଲାଗିବେ।

■ ୱେଷ୍ଟର୍ନ ବା ମଡର୍ନ ଆଉଟ୍‌ଫିଟ୍ ପିନ୍ଧୁଥିଲେ କିପରି ଡାଣ୍ଡିଆ ନାଇଟ୍ସ ଯିବେ ଭାବୁଛନ୍ତି କି ? ତେବେ ବ୍ଲୁ କଲର ଜିନ୍ସ ସହିତ ସ୍ଲିଟ୍ କୁର୍ତ୍ତି ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ। ଏହା ସହ ହେଭି ଜୁଏଲେରି ବଦଳରେ ଲାଇଟ୍ ଜୁଏଲେରି, ଡ୍ରପ୍ ଇୟରରିଂ, କୋହ୍ଲାପୁରି କିମ୍ବା ପଞ୍ଜାବି ଜୁତି ମିକ୍ସ ମ୍ୟାଚ୍ କରି ପିନ୍ଧିପାବେ।



ୟୁଥ୍ ଆଲର୍ଟ

## ଓଜନ ବଢୁଥିଲେ...

ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀ ଅନେକଙ୍କଠାରେ ମେଦ ବହୁଳତାର କାରଣ ସାଜୁଛି। ବ୍ୟାୟାମ ନ କରି ଅଳ୍ପ ପରିଶ୍ରମ କରିବା ସହ ଉଚ୍ଚ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇବା, ମୃଦୁ ପାନୀୟ ପିଇବା ଦ୍ୱାରା ମେଦ ବୃଦ୍ଧି ହେଉଛି। ଆଉ ଏହି ମେଦ ବୃଦ୍ଧି କେତେ କ୍ଷତିକାରକ, ତାହା ସହଜରେ ଜାଣିହୁଏ ନାହିଁ ଏବଂ କେବେକେବେ ଏହା ହୃଦ୍‌ରୋଗ ଭଳି ଜଟିଳ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ତେଣୁ ଏହାକୁ ନିୟନ୍ତ୍ରଣରେ ରଖିବା ଆବଶ୍ୟକ ...



– ଓଜନ ବଢ଼ିଲେ ଯଦି କୌଣସି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି, ତେବେ ଡାକ୍ତରଙ୍କ ପରାମର୍ଶ କ୍ରମେ ବୟସ, ଓଜନ ଓ ଉଚ୍ଚତାର ମାପକାଠି ଅର୍ଥାତ୍ ବଡିମାସ୍ ଇଣ୍ଡେକ୍ସ ଅନୁଯାୟୀ ରକ୍ତ ପରୀକ୍ଷା କରାଇ ନିଅନ୍ତୁ। ବ୍ଲଡ୍ ସୁଗାର, କୋଲେଷ୍ଟ୍ରଲ୍ ଆଦି ମାତ୍ରା ଠିକ୍ ଅଛି ନା ନାହିଁ ଚେକ୍ କରିନିଅନ୍ତୁ।

– ଫାଷ୍ଟଫୁଡ୍ ଓ ଜଙ୍କ୍‌ଫୁଡ୍, ବାହାରେ ମିଳୁଥିବା ଛଣାଛଣି, ସ୍ନାକ୍ସ, ଆଇସକ୍ରିମ୍ ଆଦି ହାଇ କ୍ୟାଲୋରିଯୁକ୍ତ ଖାଦ୍ୟ ଓଜନ ବୃଦ୍ଧି ସହ ବିଭିନ୍ନ ରୋଗର ମୁଖ୍ୟ କାରଣ। ଏହା ବଦଳରେ ଘରୋଇ ସନ୍ତୁଳିତ ଆହାର ଗ୍ରହଣ କରନ୍ତୁ।

– ବର୍ତ୍ତମାନ ଶାରୀରିକ ବ୍ୟାୟାମ କମ୍ ହେଉଥିବାରୁ କ୍ୟାଲୋରି ଖର୍ଚ୍ଚ ନ ହୋଇ ମେଦ ବୃଦ୍ଧି ହେଉଛି। କେବଳ ଏତିକି ନୁହେଁ; ମୋବାଇଲ୍, କମ୍ପ୍ୟୁଟର ଆଦିର ଦୀର୍ଘ ବ୍ୟବହାର ବି ଏଥିପାଇଁ ଦାୟୀ। ତେଣୁ ପ୍ରତିଦିନ ଅତିକମ୍‌ରେ ଅଧ ଘଣ୍ଟା ଏକ୍ସରସାଇଜ୍ କରନ୍ତୁ।

– ଅନେକେ ବିଭିନ୍ନ କାରଣରୁ ମାନସିକ ଚାପ ଭିତରେ ଥାଆନ୍ତି। ଏହାସହ ଭାବପ୍ରବଣତା ଓ ବିରକ୍ତି ଭାବକୁ ଏଡ଼ାଇବାକୁ ଯାଇ ଆବଶ୍ୟକତାଠାରୁ ଅଧିକ ଖାଇଦିଅନ୍ତି, ଯାହାକି ମେଦବୃଦ୍ଧି କରି ବିଭିନ୍ନ ରୋଗ ଉପୁଜାଇଥାଏ। ତେଣୁ ନିଜକୁ ମାନସିକସ୍ତରରେ ମଧ୍ୟ ଫିଟ୍ ରଖନ୍ତୁ। ଏଥିପାଇଁ ସ୍ଲୋ ମ୍ୟୁଜିକ୍ ଶୁଣିପାରିବେ।



– ସର୍ବୋପରି ପ୍ରତିଦିନ ପର୍ଯ୍ୟାପ୍ତ ମାତ୍ରାରେ ପାଣି ପିଇବା ସହ ଠିକ୍ ସମୟରେ ଖାଇବା ଏବଂ ଶୋଇବା ଅଭ୍ୟାସ ରଖନ୍ତୁ। ଏହା ମଧ୍ୟ ଶରୀରର ଓଜନ ନିୟନ୍ତ୍ରଣରେ ରଖିବାରେ ବେଶ୍ ସାହାଯ୍ୟ କରିଥାଏ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


Godrej 125 YEARS
Godrej interio
UP TO 30% OFF*
THE GREAT INDIAN FURNITURE FEST
ADDITIONAL VOUCHERS WORTH UPTO ₹50,000**
SOFA SETS (3+2) STARTING FROM ₹44,875*
MODULAR KITCHENS STARTING FROM ₹75,000*
QUEEN BEDS STARTING FROM ₹27,963*
**Not applicable on kitchens *Indicative starting prices for the category after discount. Not for products shown. T&C apply.
CALL 1-800-209-5511 TO FIND THE NEAREST OUTLET
SCAN TO GET YOUR E-CATALOGUE COPY
HOME FURNITURE & STORAGES | MODULAR KITCHENS | MATTRESSES
www.godrejinterio.com
THE EXCHANGE OFFER
EMI FINANCE
GODREJ INTERIO STORE: Bhubaneshwar: Sahid Nagar 9821101082 Lewis Road 0674-2433318 Patrapada 8280041182 FURNITURE DEALER: Bhubaneshwar: Chandrasekharpur 7873766075 Bapuji Nagar 0674-2597172 Angul 9040060801 Kaniha 9861351719 Balasore 9437264659, 9438062315 Barbil 9937733204 Baripada 9930428352 Berhampur 9437073545 Bhadrak 7381072649 Bhawanipatna 9337220039 Bolangir 7008924386 Cuttack 9040013191, 9583323370, 9337267036 Dhenkanal 8260022665 Jagatsinghpur 9937092786 Jajpur 9437245295, 9238320655 Jajpur Town 8328905795 Jharsuguda 9437058020 Brajrajnagar 9937522874 Kendrapara 9437088023 Keonjhar 8249419035 Koraput 6370626180 Malkangiri 9437030622 Nabarangpur 7008216327 Umerkote 9937387777 Nayagarh 9078685012 Paradeep 9437183494 Puri 9337740428 Rayagada 9437234691 Rourkela 9937040221 Sambalpur 7873078720, 9437050406, 9437017101 MATTRESS DEALER: Manjuri Road 8249674003 Rourkela 7008624298
FOR MODULAR KITCHEN ENQUIRY CONTACT: 9439445145


Divisa
www.divisastore.com
Made in India
Pride of India
ଯେଉଁମାନେ ସତ୍ ପଥରେ ଚାଲିଥାଆନ୍ତି,
ସେମାନଙ୍କର ପଦକ୍ଷେପ ସବୁବେଳେ ମଜଭୁତ ରହିଥାଏ
ବାପୁ କହୁଥିଲେ ''ଯେଉଁ ଶରୀର ଏଇ ଦେଶର ମାଟିରେ ଗଢ଼ା, ରୋଗ-ଶୋକରେ ତାହାର ଉପଚାର ମଧ୍ୟ ଏଇ ମାଟିରୁ ମିଳିବ''
ଏହି କ୍ରମରେ ଦିବିସା ପରିବାରର ଅତୁଟ ବିଶ୍ୱାସ ଯେ, ଆମେ ନିଜର ମୂଳ ସହିତ ଜଡ଼ିତ ରହିଲେ ହିଁ ପ୍ରକୃତ ଅର୍ଥରେ ସ୍ୱଦେଶୀ, ଆତ୍ମନିର୍ଭର ଏବଂ ସ୍ୱାବଲମ୍ବୀ ହୋଇପାରିବା । ଆସନ୍ତୁ, ଆମ ଭାରତ ଏବଂ ନିଜକୁ ଭାରତୀୟ ହୋଇଥିବାରୁ ଗର୍ବିତ ଅନୁଭବ କରିବା ଏବଂ ଏହା ସହିତ 'ଆତ୍ମନିର୍ଭର ଭାରତ'ର ମହତ ପ୍ରୟାସରେ ଭାଗୀଦାର ହେବା ।
ଆମେ ସ୍ୱଦେଶୀ ବସ୍ତୁ ଆପଣାଇ ଏହି ପ୍ରୟାସରେ ନିଜର ବହୁମୂଲ୍ୟ ଯୋଗଦାନର ଶୁଭାରମ୍ଭ କରିବା ।
ଦିବିସା ହର୍ବାଲ୍ସ ପ୍ରା. ଲିଃର ଚିକିତ୍ସକୀୟ ଉତ୍ପାଦ ଡା. ଅର୍ଥୋ, ରୂପ ମନ୍ତ୍ରା, ପେଟ ସଫା, ସଚ୍ଚୀ ସହେଲୀ, ଇଚ୍‌କୁ, ଆଇ ମନ୍ତ୍ରା ଏବଂ ଏକ୍ୟୁମାସ୍ ଇତ୍ୟାଦି ଏହି ପ୍ରତିବଦ୍ଧତା ସହିତ ପ୍ରସ୍ତୁତ କରାଯାଇଛି କି ଆମେ ନିଜର ପ୍ରତ୍ୟେକ ଉତ୍ପାଦକୁ ସତ୍ୟତାର ସହିତ ମଜଭୁତ କରିବା ଏବଂ ରାଷ୍ଟ୍ରୀୟ ଉନ୍ନତିରେ ଭାଗୀଦାର ହେବା ।
'ସ୍ୱଦେଶୀ ଆପଣାନ୍ତୁ, ରାଷ୍ଟ୍ରୀୟ ଉନ୍ନତିରେ ଭାଗୀଦାର ହୁଅନ୍ତୁ'
ଜାତିର ପିତା
ମହାତ୍ମା ଗାନ୍ଧୀ
ଙ୍କ ଜୟନ୍ତୀ ଅବସରରେ
ଶତ ଶତ ପ୍ରଣାମ
ଡା.ଅର୍ଥୋ
Ayurvedic Oil, Capsules, Spray & Ointment
8 ଗୁଣକାରୀ ଆୟୁର୍ବେଦିକ ଔଷଧିରେ ପ୍ରସ୍ତୁତ ଡା. ଅର୍ଥୋ ଆପଣଙ୍କ ଆଣ୍ଠୁ, କାନ୍ଧ, ଅଣ୍ଟା, ବେକ ଓ ମଣିବନ୍ଧ ବ୍ୟଥାରେ ସହାୟକ ଆୟୁର୍ବେଦିକ ଔଷଧି । ଯାହାର ପରିଣାମ ପ୍ରଥମ ଦିନରୁ ଦେଖାଯିବ ।
ପେଟ ସଫା
ପେଟ ସଫା ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ ଏବଂ ଟାବଲେଟ୍ସ କୋଷ୍ଠକାଠିନ୍ୟ, ଗ୍ୟାସ୍, ଏସିଡିଟି ଭଳି ସମସ୍ୟାକୁ ଦୂର କରିବାରେ ସହାୟକ । ଏହା ପ୍ରଥମ ଦିନରୁ ପ୍ରଭାବ ଦେଖାଏ, ମୁହଁରେ ଲାଖିରହେ ନାହିଁ ଓ ଏହା ଅଭ୍ୟାସରେ ମଧ୍ୟ ପରିଣତ ହୁଏନାହିଁ ।
ରୂପ ମନ୍ତ୍ରା
କେବଳ ହଳଦୀ ଚନ୍ଦନ ହିଁ ନୁହେଁ "ରୂପ ମନ୍ତ୍ରା ଆୟୁର୍ବେଦିକ କ୍ରିମ୍"ରେ ଅଛି ଏଲୋଭେରା, ଦ୍ରାକ୍ଷା, ତୁଳସୀ ଏବଂ ମୁଲେଠି ଭଳି ଅନ୍ୟ 12 ଜଡ଼ି-ବୁଟିର ଅଦ୍ୱିତୀୟ ସନ୍ତୁଳିତ ମିଶ୍ରଣ, ଯାହା ଆପଣଙ୍କ ଚେହେରାର ତ୍ୱଚାର ରଙ୍ଗକୁ ଭିତରୁ ଉଜ୍ଜ୍ୱଳ କରିବା ଓ କାନ୍ତିପୂର୍ଣ୍ଣ କରିବାରେ ଅତି ସହାୟକ ।
ସଚ୍ଚୀ ସହେଲୀ
67 ଦୁର୍ଲଭ ପ୍ରାକୃତିକ ଜଡ଼ି-ବୁଟିରେ ପ୍ରସ୍ତୁତ ସଚ୍ଚୀ ସହେଲୀ ଆୟୁର୍ବେଦିକ ଟନିକ୍ ଓ ଟାବ୍‌ଲେଟ୍ ନାରୀଙ୍କ ପାଇଁ ବିଶେଷ ଉପଯୋଗୀ । ଏହା ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବା ଓ ଅନ୍ୟ ସମସ୍ୟାରେ ସହାୟକ ଉପାୟ ଅଟେ ।
ଆଇ ମନ୍ତ୍ରା
EYE Drops
12 ଗୁଣକାରୀ ଆୟୁର୍ବେଦିକ ଔଷଧର ଯୋଗରେ ପ୍ରସ୍ତୁତ ଆୟୁର୍ବେଦିକ 'ଆଇ ମନ୍ତ୍ରା' ଆଇ ଡ୍ରପ୍ ଆଖିର ସମସ୍ୟା ଯେମିତି ଆଖିର କ୍ଲାନ୍ତି, ଜ୍ୱଳନ, ବ୍ୟଥା ହେବା ଆଦିକୁ କମ୍ କରିବାରେ ସହାୟତା କରିଥାଏ ।
ଇଚ୍‌କୁ
ଆୟୁର୍ବେଦିକ ମଲମ
ଶୁଦ୍ଧ ଗନ୍ଧକ, ସ୍ଫଟିକା ଭସ୍ମ, ଟଙ୍କଣ ଭସ୍ମ, ଝୁଣା ଆଦିରେ ପ୍ରସ୍ତୁତ 'ଇଚ୍‌କୁ' ଆୟୁର୍ବେଦିକ ମଲମର ଗୁଣକାରୀ ତତ୍ତ୍ୱ ଯାଦୁ, କାଛୁ କୁଣ୍ଡିଆ, ତ୍ୱଚା ବିକାର ଆଦିକୁ ଦୂର କରିବାରେ ସହାୟକ ଅଟେ ।
24x7 Helpline: 7876977777 | www.divisastore.com
ସଞ୍ଜୀବ ଜୁନେଜା

## ସଂକ୍ଷେପରେ

### ପୋଖରୀରୁ ମହିଳାଙ୍କ ମୃତଦେହ ମିଳିଲା

ଜଟଣୀ,୧।୧୦(ଡି.ଏନ୍.ଏ.): ଜଟଣୀ ଥାନା ଅଧୀନ ଛଣଘର କୁସୁମାଟି ଗ୍ରାମର ଏକ ପୋଖରୀରୁ ଶନିବାର ପୋଲିସ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ସେ ହେଲେ ଏହି ଗ୍ରାମର ଗୀତାଞ୍ଜଳି ନାୟକ(୫୫)। ଏନେଇ ମୃତାଙ୍କ ପୁଅ ରାକେଶ କୁମାର ନାୟକଙ୍କ ଏତଲା ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଗୋକୁଳ ମୋହନ ଥିଲେ ଜଣେ ଅନନ୍ୟ ବ୍ୟକ୍ତିତ୍ୱ

ଖୋର୍ଦ୍ଧା ଅଫିସ,୧।୧୦: ସାମ୍ୟବାଦୀ ନେତା ତଥା ସ୍ୱାଧୀନତା ସଂଗ୍ରାମୀ ଗୋକୁଳ ମୋହନ ରାୟଚୂଡ଼ାମଣିଙ୍କ ୧୬ତମ ଶ୍ରାଦ୍ଧବାର୍ଷିକୀ ସ୍ମୃତି ସଂସଦ ଆନୁକୂଲ୍ୟରେ ବିଡିଏ କଲୋନୀ ଛକ ସ୍ଥିତ ପ୍ରତିମୂର୍ତ୍ତି ନିକଟରେ ଆୟୋଜିତ ହୋଇଯାଇଛି। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁଷ୍ପମାଲ୍ୟାର୍ପଣ ସହ ଚୁଡାମଣୀଙ୍କ ସ୍ମୃତିଚାରଣ କରିଥିଲେ। ବିଭିନ୍ନ ଆନ୍ଦୋଳନ ସହ ଗୋକୁଳ ମୋହନ ଜଡିତ ରହି ସଂସ୍କାରମୂଳକ କାର୍ଯ୍ୟକ୍ରମ କରିଛନ୍ତି। ପୁରୀ ଜିଲାର ଜନ୍ମଗ୍ରହଣ ସତ୍ତ୍ୱେ ଖୋର୍ଦ୍ଧାକୁ ନିଜ କର୍ମଭୂମି ଭାବେ ସେ ବାଛିଥିଲେ। ସ୍ୱାଧୀନତା ପ୍ରାପ୍ତି ପରେ ସେ ପ୍ରଥମେ ଖୋର୍ଦ୍ଧାରେ ଜାତୀୟ ପତାକା ଉଡାଇଥିଲେ ବୋଲି ମତପ୍ରକାଶ ପାଇଥିଲା। ପୂର୍ବତନ କୁଳପତି ମେଜର କ୍ଷୀରୋଧ ପ୍ରସାଦ ମହାନ୍ତି, ନରେନ୍ଦ୍ର ପୃଷ୍ଟି, ପ୍ରମୋଦ ଦାଶ, ଆଇନଜୀବୀ ବିଜୟ ସାମନ୍ତସିଂହାର, ଡ.ବୃନ୍ଦାବନ ପଣ୍ଡା, ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂ, ବୈକୁଣ୍ଠନାଥ ରାଜଗୁରୁ, ପ୍ରାଧାପକ ଗୋପାଳକୃଷ୍ଣ ଦାସ, ଶିକ୍ଷକ ବୀରଞ୍ଚି ସାହୁ, ଇତିଶ୍ରୀ ସାହୁ, ସସ୍ମିତା ପଟ୍ଟନାୟକ, ପ୍ରଫୁଲ ସାମନ୍ତସିଂହାର, ଧରଣୀଧର ଛୋଟରାୟ, ପ୍ରାଣନାଥ କଲେଜରର ସ୍କାଉଟସ୍ ଓ ଗାଇଡ୍ ପକ୍ଷରୁ ରୋଭର୍ ରେଞ୍ଜର୍ ବାହିନୀ ଯୋଗଦେଇଥିଲେ।

### ୩୩ ଅନ୍ତେବାସୀଙ୍କ ହେଲା ସ୍ୱାସ୍ଥ୍ୟ ପରୀକ୍ଷା

କୃଷ୍ଣପ୍ରସାଦ,୧।୧୦(ଡି.ଏନ୍.ଏ.): ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ମାଲୁଦ ଆଶା ଜରା ନିବାସ କେନ୍ଦ୍ରରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଡା. ଶୁଭଶ୍ରୀ ରଣଜିତ୍ ୩୩ଜଣ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିଥିଲେ। ସେହିପରି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମାଲୁଦ ଶାଖାରୁ ବି.କେ ବାସନ୍ତୀ, ବି.କେ ରୁବି ଯୋଗ ଦେଇ ବରିଷ୍ଠ ନାଗରିକଙ୍କ ମନରେ ଈଶ୍ୱରୀୟ ଭାବନା ଜାଗ୍ରତ କରାଇଥିଲେ। ସୁବାସ ଚନ୍ଦ୍ର ଦେବତା, ସଞ୍ଜୟ କୁମାର ଦାସ, ପବିତ୍ର ସାହୁ, ପ୍ରଶାନ୍ତ କୁମାର ଭଞ୍ଜ, ବିଜୟ ରାଉତରାୟ, ରଞ୍ଜିତ ନାୟକ ପରିଚାଳନାରେ ସହଯୋଗ କରିଥିଲେ।

### ୪୦ ୟୁନିଟ ରକ୍ତ ସଂଗ୍ରହ

ବୋଲଗଡ଼,୧।୧୦(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜେଏମ୍ସି ପ୍ରୋଜେକ୍ଟ ଇଣ୍ଡିଆ ଲିମିଟେଡ୍ ମେଗା ଜଳଯୋଗାଣ ସଂସ୍ଥା ପକ୍ଷରୁ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏହି ସଂସ୍ଥାର ସମସ୍ତ କାର୍ଯ୍ୟରତ କର୍ମଚାରୀ ରକ୍ତଦାନ କରିଥିବା ବେଳେ ମୋଟ୍ ୪୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଖୋର୍ଦ୍ଧା ଜିଲା ରକ୍ତଭଣ୍ଡାରର ଡାକ୍ତର ଓ ଟେକ୍ନିସିଆନ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ। ଶଙ୍କର୍ଷଣ ପରିଡ଼ା, ଦୀପ୍ତିରଞ୍ଜନ ରାଉତ, ତରଣି ଗଡ଼ନାୟକ, ବିଶ୍ୱରଞ୍ଜନ ବିଶ୍ୱାଳ, ମିହିରକାନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ମନ୍ଥର କାର୍ଯ୍ୟ: ସରୁନି ଓଭରବ୍ରିଜ୍ ନିର୍ମାଣ

ଖୋର୍ଦ୍ଧା ଅଫିସ,୧।୧୦

ଖୋର୍ଦ୍ଧା ଜିଲା ଜଟଣୀ ସହରର ସୀତାରାମ ଛକ ଆନ୍ଧ୍ର ବ୍ୟାଙ୍କ ଠାରୁ କୁଦିଆରୀ ବଜାର ପର୍ଯ୍ୟନ୍ତ ଓଭରବ୍ରିଜ୍ କାର୍ଯ୍ୟ ୨୦୧୫ ମସିହାରେ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ଏହି ନିର୍ମାଣକୁ ପ୍ରାୟ ୭ ବର୍ଷ ପୂରିବାକୁ ବସିଥିବା ବେଳେ କାର୍ଯ୍ୟ ଶେଷ ହୋଇପାରିନାହିଁ। ଅନ୍ୟପଟେ ଭୁବନେଶ୍ୱର ଏମ୍ପି ଅପରାଜିତା ଷଡ଼ଙ୍ଗୀ ଏବଂ ବିଧାୟକ ସୁରେଶ କୁମାର ରାଉତରାୟ ସ୍ଥିତି ପରଖିବା ସହ ସେପ୍ଟେମ୍ବର ଶେଷ ସୁଦ୍ଧା କାର୍ଯ୍ୟ ସରି ଅକ୍ଟୋବର ପହିଲାରେ ଲୋକାର୍ପିତ ହେବା ନେଇ କହିଥିଲେ। ତେବେ ନିର୍ମାଣରେ ମନ୍ଥରତା ଯୋଗୁ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ସତ୍ତ୍ୱେ କାର୍ଯ୍ୟ ଶେଷ ହୋଇପାରୁନାହିଁ। ଫଳରେ ଲୋକେ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

୨୦୧୫ରେ ଏହି ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୧୮ରେ ନିର୍ମାଣ ଦାୟିତ୍ୱରେ ଥିବା ଠିକା ସଂସ୍ଥା ପଣ୍ଡା ଇନ୍ଫ୍ରା ବିରୋଧରେ ନିମ୍ନମାନର କାମ ଏବଂ ଦୁର୍ନୀତି

## ନିର୍ମାଣକୁ ୭ ବର୍ଷ, ସାଧାରଣରେ ବଢ଼ୁଛି ଅସନ୍ତୋଷ

ଅଭିଯୋଗ ଆସିଥିଲା। ଏନେଇ ବିବାଦ ଉଠିବା ପରେ ଅଭିଯୋଗକୁ ଭିତ୍ତିକରି ନିର୍ମାଣକାରୀ ସଂସ୍ଥାକୁ ସରକାର ବିଦା କରି ପୁନଃ ଟେଣ୍ଡର କରିଥିଲେ। ପରେ ବିଗଲା କନ୍ଷ୍ଟ୍ରକ୍ଶନ ଏହାର ନିର୍ମାଣ ଦାୟିତ୍ୱ ନେଇଥିଲା। ପରେ ଉକ୍ତ ସଂସ୍ଥା ବିରୋଧରେ ମଧ୍ୟ ଅନୁରୂପ ଅଭିଯୋଗ ଆସିଥିଲା। ପରେ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ ଲାଗି ରାଜ୍ୟ ସରକାର ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ୩୮ କୋଟି ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ବ୍ରିଜ୍ ୨୦୧୭ରେ ଶେଷ କରିବାକୁ ସମୟ ଧାର୍ଯ୍ୟ ହୋଇଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଠିକା ସଂସ୍ଥାକୁ ନେଇ ସମସ୍ୟା ସୃଷ୍ଟି ହେବା ପରେ ପୁଣି ଟେଣ୍ଡର କରାଯାଇ ନୂତନ ଠିକାଦାର ଚୟନ କରାଯାଇଥିଲା। ଏହାର ବ୍ୟୟ ଅଟକଳ ୫୦ କୋଟିକୁ ବୃଦ୍ଧି କରାଯାଇଥିଲା। ତେବେ ସେହି ସମୟରେ ସାଧାରଣ ନିର୍ବାଚନ ରହିଥିବାରୁ ଆଚରଣ ବିଧି



ଉଲ୍ଲଂଘନ ଆଶଙ୍କାରେ ବ୍ରିଜ୍ କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ପୁଣି ଥରେ ଟେଣ୍ଡର କରାଯାଇ ବ୍ୟୟ ଅଟକଳ ୧୦୫ କୋଟିକୁ ବୃଦ୍ଧି ପାଇଥିଲା। କରୋନା ମହାମାରୀ ଯୋଗୁ ୨୦୨୦ ମାର୍ଚ୍ଚ ୨୦ରୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। ସଂକ୍ରମଣ ହାର ହ୍ରାସ ପରେ ସରକାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ଜଣକ ପରେ ଜଣେ ଠିକାଦାର ବଦଳୁଥିବା ବେଳେ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ। ୨୦୨୨ ଏପ୍ରିଲ ପହିଲାରେ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ସରିବ ବୋଲି ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ ତତ୍କାଳୀନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ। ପରେ ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟ ମଧ୍ୟ ଏହା ତୁରନ୍ତ କାର୍ଯ୍ୟକ୍ଷମ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାର୍ଚ୍ଚ ୩୦ ସୁଦ୍ଧା କାର୍ଯ୍ୟ ସରିବା ଲାଗି ବିଭାଗ ଏବଂ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଥିଲା। ତେବେ ମନ୍ତ୍ରୀ ଏବଂ ବିଧାୟକଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଉଦ୍ଘାଟନ ହୋଇପାରିଲାନାହିଁ। ସୂଚନାଥାଉ କି, ତତ୍କାଳୀନ ଜିଲାପାଳ ସନତ୍ ମହାନ୍ତି, ବିଧାୟକ ରାଉତରାୟ, ଆର୍ ଆଣ୍ଡ ବି ମୁଖ୍ୟ କାର୍ଯ୍ୟନିର୍ବାହୀ, ଏକ୍ଜିକ୍ୟୁଟିଭ୍ ଇଞ୍ଜିନିୟରଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ନିର୍ମାଣ କାର୍ଯ୍ୟ ସମୀକ୍ଷା କରିଥିଲେ। ଲୋକେ ଆଶା କରିଥିଲେ କାମ ତ୍ୱରିତ ଗତିରେ କରାଯିବ। ହେଲେ ଲୋକଙ୍କ ଆଶା ଆଶାରେ ରହିଯାଇଥିଲା। ରେଳ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ବ୍ରିଜ୍ କାମରେ ମନ୍ଥରତା ନେଇ ବାରମ୍ବାର ପ୍ରଶ୍ନବାଚୀ ସୃଷ୍ଟି ହେବା ପରେ ଏମ୍ପି ଅପରାଜିତା ଷଡ଼ଙ୍ଗୀ ଜିଲା ପ୍ରଶାସନ ଏବଂ ରେଳ ବିଭାଗ ସହ ଆଲୋଚନା କରିଥିଲେ। ସମନ୍ୱୟରେ ନିର୍ମାଣ କାର୍ଯ୍ୟ ତ୍ୱରିତ କରିବାକୁ ପରାମର୍ଶ ଦେଇଥିଲେ। ସେପ୍ଟେମ୍ବର ଶେଷସୁଦ୍ଧା ନିର୍ମାଣ କାର୍ଯ୍ୟ ସରିବ। ଅକ୍ଟୋବର ପହିଲାରେ ଏହାର ବିଧିବଦ୍ଧ ଉଦ୍ଘାଟନ ହେବ ବୋଲି ସ୍ଥାନୀୟ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ରେଳ ବିଭାଗ ପକ୍ଷରୁ କାମ ମନ୍ଥର ଗତିରେ ଚାଲିଥିବା ଯୋଗୁ ଆସନ୍ତା ମାସ ଶେଷ ସୁଦ୍ଧା ସରିବା ନେଇ ଅନିଶ୍ଚିତତା ଦେଖାଦେଇଛି। ତେବେ ସ୍ଥାନୀୟ ଲୋକେ ଓଭରବ୍ରିଜ୍ ନିର୍ମାଣରେ ବିଳମ୍ବକୁ ନେଇ ରାଜନୈତିକ ଇଚ୍ଛାଶକ୍ତିର ଅଭାବ, ପ୍ରଶାସନ ଓ ରେଳ ବିଭାଗର ଅବହେଳାକୁ ଦାୟୀ କରିଛନ୍ତି।

## ବସ୍ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

ବୋଲଗଡ଼,୧।୧୦(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ ଥାନା ପଞ୍ଚୁକୋଟ ନିକଟ ୫୭ ନମ୍ବର ଜାତୀୟ ରାଜପଥରେ ଶନିବାର ଯାତ୍ରୀବାହୀ ବସ୍ ସହ ବାଇକ୍ ଧକ୍କା ହୋଇଥିଲା। ଏଥିରେ ୨ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଏହି ଥାନା ଅଧୀନ ମାଣିକାଗୋଡା ଗ୍ରାମର ମାନସ ପ୍ରଧାନ ଓ ବୁବୁନା ପ୍ରଧାନ। ଉଭୟଙ୍କୁ ଚିକିତ୍ସା ପାଇଁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ମାନସଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ମାନସ ଓ ବୁବୁନା ବାଇକରେ ବୋଲଗଡ ପଟୁ ଗ୍ରାମକୁ ଫେରୁଥିଲେ। ପଞ୍ଚୁକୋଟ ଗ୍ରାମ ନିକଟରେ ଏକ ଯାତ୍ରିବାହୀ ବସ୍ ସେମାନଙ୍କୁ ପଛରୁ ଅତିକ୍ରମ କରିବା ବେଳେ ଧକ୍କା ହୋଇଥିଲା। ଫଳରେ ଦୁଇ ବାଇକ୍ ଆରୋହୀ ରାସ୍ତାରେ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ଖବରପାଇ ବୋଲଗଡ ପୋଲିସ ପହଞ୍ଚି ବାଇକକୁ ଜବତ କରିଥିବା ବେଳେ ବସ୍‌ଟି ଘଟଣାସ୍ଥଳରୁ ପଳାଇଯାଇଥିଲା।

# କାତ୍ୟାୟନୀ ବେଶରେ ମା’ ଉଗ୍ରତାରା, ବନଦୁର୍ଗା





ନିରାକାରପୁର,୧।୧୦(ଡି.ଏନ୍.ଏ.)

ଶାରଦୀୟ ଷୋଡ଼ଶ ଦିନାତ୍ମକ ପୂଜାର ପଞ୍ଚଦଶ ଦିବସ ତଥା ନବରାତ୍ରର ଷଷ୍ଠ ଦିବସରେ ରାମେଶ୍ୱରସ୍ଥିତ ମା’ ବନଦୁର୍ଗା କାତ୍ୟାୟନୀ ବେଶରେ ମା’ ଦର୍ଶନ ଦେଇଛନ୍ତି। ବିଶ୍ୱର ମଙ୍ଗଳ କାମନା କରି ସ୍ତୁତିପାଠ ଦ୍ୱାରା ତ୍ରିଦିବସୀୟ ଯଜ୍ଞ ନିମନ୍ତେ ସକାଳେ ମା’ଙ୍କର ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ଦେବଦେବୀଙ୍କ ଆବାହନ ପରେ ପୂଜାର୍ଚ୍ଚନା ସହ ଯଜ୍ଞାରମ୍ଭ ହୋଇଛି। ପାୟସ ଭୋଗ, ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟା ବାଲଭୋଗ, ଆଳତି ପୁଷ୍ପାଞ୍ଜଳି, ଅଧରପଣା ଏବଂ ମହାପ୍ରସାଦ ଅର୍ପଣପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ମା’ ଉଗ୍ରତାରାଙ୍କ ପୀଠରେ ମଧ୍ୟ ମା’ କାତ୍ୟାୟନୀ ବେଶରେ ଦର୍ଶନ ନେଇଛନ୍ତି। ଏହି ଦୁର୍ଲଭ ବେଶ ଦର୍ଶନ ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

ଜଟଣୀ/ ବାଲୁଗାଁ,୧।୧୦(ଡି.ଏନ୍.ଏ.)

ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପରିପ୍ରେକ୍ଷୀରେ ଜଟଣୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସଭାପତି ପ୍ରହ୍ଲାଦ ସାହୁଙ୍କ ନେତୃତ୍ୱରେ ଶନିବାର ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ସ୍ଥାନୀୟ ଗାନ୍ଧୀ ପାର୍କ ଠାରୁ ଆରମ୍ଭ ହୋଇ ସହର ମୁଖ୍ୟ ରାସ୍ତା ଦେଇ ମା’ ଉତ୍ତରାୟଣୀ କ୍ଲବ ନିକଟରେ ପହଞ୍ଚିଥିଲା। ଏହି ଅବସରରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କୁମାର ସେଠୀ, ନୃସିଂହ ଚରଣ ସାହୁ, ବିଶ୍ୱନାଥ ବାରିକ ଏବଂ ଗୌର ଚନ୍ଦ୍ର ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୬ ଏବଂ ୨୩ କୁଦିଆରୀ ଅଞ୍ଚଳର ନବୀନଲତା ପଟ୍ଟନାୟକ ଏବଂ ବସନ୍ତ ଦେବୀ ସାହୁଙ୍କୁ ଜଟଣୀ ପୋରାଧକ୍ଷ ଅନନ୍ତ ବେହେରା, ପୌର ନିର୍ବାହୀ ଅଧିକାରୀ ଦିଲ୍ଲୀପ କୁମାର ମହାନ୍ତି ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌର କର୍ମଚାରୀଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

ବାଲୁଗାଁ ନିକଟ କୁମ୍ଭୀରପଡାସ୍ଥିତ ଜରାଶ୍ରମରେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବାଲୁଗାଁ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାସ, ସିଙ୍ଗେଶ୍ୱର ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଧାକର ପ୍ରଧାନ, ଜରାଶ୍ରମର ପ୍ରତିଷ୍ଠାତା ସୁକାନ୍ତ ବିଶ୍ୱାଳ ଯୋଗ ଦେଇଥିଲେ। ଏହି ଅବସରରେ ଆଇଆଇସି ଦାସ ବରିଷ୍ଠ ନାଗରିକଙ୍କ ପାଇଁ ଥିବା ନାୟିକ ବ୍ୟବସ୍ଥା ବିଷୟରେ ଅନ୍ତେବାସୀଙ୍କୁ ବୁଝାଇଥିଲେ। କୌଣସି ବରିଷ୍ଠ ନାଗରିକ ତାଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ସମସ୍ୟାର ସମ୍ମୁଖୀନ ହୁଅନ୍ତି ତୁରନ୍ତ ପୋଲିସକୁ ଜଣାନ୍ତୁ। ପରେ ପୋଲିସ କର୍ମଚାରୀ ଅନ୍ତେବାସୀଙ୍କୁ ମିଠା ଓ ବସ୍ତ୍ର ବଣ୍ଟନ କରିଥିଲେ। ଜରାଶ୍ରମ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ସମସ୍ତ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା।

## କୋର୍ଟ ପ୍ରତିଷ୍ଠା ପାଇଁ ପ୍ରଶାସନିକ ଅଧିକାରୀଙ୍କ ପରିଦର୍ଶନ

କୃଷ୍ଣପ୍ରସାଦ,୧।୧୦(ଡି.ଏନ୍.ଏ.)

ରାଜ୍ୟ ସରକାର ପ୍ରତି ବ୍ଲକରେ ସିଭିଲ କୋର୍ଟ ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ଏହି କ୍ରମରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଚିଲିକା ନୂଆପଡ଼ାଠାରେ ସିଭିଲ କୋର୍ଟ ପାଇଁ ସ୍ଥାନ ନିରୂପଣ ହୋଇଥିବା ବେଳେ ଖୁବ୍‌ଶୀଘ୍ର ଏକ ଭଡ଼ାଘରେ କୋର୍ଟ ଚଳାଇବା ପାଇଁ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ସ୍ଥାନୀୟ ବିଡିଓ ମନୋଜ କୁମାର ନାୟକ, ତହସିଲଦାର ଶରତ କୁମାର ଗିରିଙ୍କ ନେତୃତ୍ୱରେ ସିନିୟର ସିଭିଲ ଜଜ୍ ଜୀବନ ପଟ୍ଟନାୟକ, ପ୍ରବନ୍ଧକ ସିଭିଲ କୋର୍ଟ ପୁରୀ ନିଖିଳ ମହାନ୍ତି ପ୍ରମୁଖ ନୂଆପଡ଼ାସ୍ଥିତ କ୍ଷୁଦ୍ର ଜଳସେଚନ ବିଭାଗ ଡାକ ବଙ୍ଗଳା ଏବଂ ପାରିକୁଦଗଡ଼ ରାଜାଙ୍କ ନଅର ବୁଲି ଦେଖିଛନ୍ତି। ତେବେ ରାଜନଅରରେ କୋର୍ଟ ଚାଲିବା ପାଇଁ ସମସ୍ତ ସୁବିଧା ରହିଥିବା ଜଣାପଡ଼ିଛି। ଏନେଇ ପ୍ରଶାସନିକ ଅଧିକାରୀ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ସହିତ ଆଲୋଚନା କରିଛନ୍ତି। ଖୁବ୍‌ଶୀଘ୍ର କୃଷ୍ଣପ୍ରସାଦର ପାରିକୁଦ ଗଡ଼ରେ ଅସ୍ଥାୟୀ କୋର୍ଟ କାର୍ଯ୍ୟକ୍ଷମ ହେବ ବୋଲି ଲୋକଙ୍କ ମନରେ ଆନନ୍ଦର ଲହରି ଖେଳିଯାଇଛି। ଏହି ଗସ୍ତରେ ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ପରିଦର୍ଶକ ମଧୁସୂଦନ ସ୍ୱାଇଁ, କୃଷ୍ଣପ୍ରସାଦ ରାଜସ୍ୱ ନିରୀକ୍ଷକ ଜ୍ୟୋତିରଞ୍ଜନ ବେହେରା, ଚିଲିକା ନୂଆପଡ଼ା ଫାଣ୍ଡି ଅଧିକାରୀ ବଟକିଶୋର ସାହୁ, କୃଷ୍ଣପ୍ରସାଦ ଥାନା ଏଏସ୍ଆଇ ଗଫର ଶାହା, ହାବିଲ୍‌ଦାର ନିତ୍ୟାନନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ସିଭିଲ କୋର୍ଟ ପ୍ରତିଷ୍ଠା ପାଇଁ ପ୍ରଶାସନିକ ଅଧିକାରୀ ସ୍ଥାନ ନିରୂପଣ କରୁଛନ୍ତି।

# ରତ୍ନଭଣ୍ଡାର ପ୍ରସଙ୍ଗକୁ ରାଜନୀତୀକରଣ କରା ନ ଯାଉ: ଦାମୋଦର

ଖୋର୍ଦ୍ଧା ଅଫିସ,୧।୧୦

ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବାକୁ ନେଇ ବିଭିନ୍ନ ମହଲରେ କଳ୍ପନାଜଳ୍ପନା ଚାଲିଥିବା ବେଳେ ଏହି ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ। ଏହାକୁ ନେଇ ଅଯଥା ରାଜନୀତିକରଣ, ଚର୍ଚ୍ଚା, ଆଲୋଚନା ନ କରାଯିବ ଉଚିତ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ମତାମତ ଦେବା ସମୟରେ ସାବଧାନପୂର୍ବକ ମନ୍ତବ୍ୟ ଦେବା ଉଚିତ। ତତ୍କାଳୀନ ରାଜ୍ୟପାଳ ବି.ଡି. ଜତି ରତ୍ନଭଣ୍ଡାର ଖୋଲିବା ପାଇଁ ମୁମ୍ବାଇର ଜଣେ ଡୁରି ଆଣିଥିଲେ। ସେ ପ୍ରଥମ ଦିନ ଗଲେ। ସେଠାରେ କ’ଣ ଦେଖିଲେ ଯେ ଭୟଭୀତ ହୋଇ ଫେରିଗଲେ। ତେବେ କ’ଣ ଘଟିଲା, ସେ ସମ୍ପର୍କରେ କିଛି କହିଲେ ନାହିଁ। ଶ୍ରୀଜଗନ୍ନାଥ ସଂସ୍କୃତି ସହ ଲୋକଙ୍କ ଧାର୍ମିକ ଭାବନା ଜଡ଼ିତ ରହିଛି। ମାଦଳା ପାଞ୍ଜିକୁ ଅନୁଧ୍ୟାନ କରି ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକମାନେ ଏ ସମ୍ପର୍କରେ ନିଜର ସୁଚିନ୍ତିତ ମତାମତ ଦେବା ଉଚିତ ବୋଲି ରାଉତ ନିଉସ୍ ଅଫ ଦି ଟାଇମସ୍ ପକ୍ଷରୁ ସଂସ୍କୃତି ଭବନ ପରିସରରେ ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ସମ୍ପର୍କିତ ଏକ ଆଲୋଚନାଚକ୍ରରେ ଯୋଗଦାନ ଦେବା ଅବସରରେ ଗଣମାଧ୍ୟମକୁ କହିଛନ୍ତି।

## ବ୍ଲକ ପକ୍ଷରୁ କର୍ମନିଯୁକ୍ତି ମେଳା

ଜଟଣୀ,୧।୧୦(ଡି.ଏନ୍.ଏ.)

ଜଟଣୀ ବ୍ଲକ ପ୍ରଶାସନ ପକ୍ଷରୁ ଦୀନ୍ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ପରିପ୍ରେକ୍ଷୀରେ ଏକ କର୍ମନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାଗୃହରେ ଆୟୋଜିତ ମେଳାରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦିଗନ୍ତ ରାଉତରାୟ ଅଧ୍ୟକ୍ଷତା କରିଥିଲେ। ୧୫ ପଞ୍ଚାୟତର ୧୨୦ ଜଣ କାର୍ଯ୍ୟକ୍ରମରେ ଭାଗ ନେଇଥିବା ବେଳେ ୪୮ ଜଣ ବିଭିନ୍ନ ପିଆଇଏ ସହ ଜଡ଼ିତ ହୋଇ ନିଯୁକ୍ତି ପାଇଁ ଆବେଦନ କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ଗତ ୨୬ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଓଏଲ୍ଏମ୍ ଅଧିକାରୀଙ୍କ ଦ୍ୱାରା ପ୍ରି କାଉନ୍ସେଲିଙ୍ଗ ଶିବିର ଆୟୋଜିତ ହୋଇଥିଲା। ଏହି ନିଯୁକ୍ତି ମେଳାରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ବିଡିଓ ସରୋଜ କୁମାର ରାଉତ, ଉପ ମୁଖ୍ୟ ନିର୍ବାହୀ ଅଧିକାରୀ ଓର୍ମାସ ଗୁଣ୍ଡିଚା ବେହେରା, ବିପିଏମ, ଓଏଲଏମ୍ ପ୍ରମୁଖ ଉପସ୍ଥିତ ଥିଲେ।

# କବାଡ଼ି ଟୁର୍ନାମେଣ୍ଟ: ସହଜପୁର ବିଜୟୀ

ବୋଲଗଡ଼,୧।୧୦(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ବାଙ୍କୋଇ କଚେରିବର ଖେଳ ପଡିଆରେ ସ୍ଥାନୀୟ ମା’ ରାମଚଣ୍ଡୀ କବାଡ଼ି ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କବାଡି ଟୁର୍ନାମେଣ୍ଟର ତୃତୀୟ ଦିନରେ ପୁରୀ ଜିଲାର ପିପିଲି ଟିମ୍‌କୁ ହରାଇ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ସହଜପୁର କବାଡ଼ି ଟିମ୍ ବିଜୟୀ ହୋଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ସହଜପୁର ଟିମ୍ ୬ ପଏଣ୍ଟ ହାସଲ କରିଥିବା ବେଳେ ପିପିଲି ଟିମ୍ ୫ ପଏଣ୍ଟ ପାଇଥିଲା। ତେବେ ମ୍ୟାଚ୍ ଶେଷସୁଦ୍ଧା ଉଭୟ ଟିମ୍ ସମାନ ସଂଖ୍ୟକ ୧୨ ପଏଣ୍ଟ ଲେଖାଏ ପାଇଥିବାରୁ ମ୍ୟାଚ୍ ଅମୀମାଂସିତ ରହିଥିଲା। ଫଳରେ ନିୟମ ଅନୁଯାୟୀ ଉଭୟ ଟିମ୍‌କୁ ଅଧିକ ୫ଟି ଲେଖାଏ ରେଡ୍ ପାଇଁ ସୁଯୋଗ ଦିଆଯାଇଥିଲା। ଏଥିରେ ସହଜପୁର ଟିମ୍ ୯ ପଏଣ୍ଟ ପାଇ ବିଜୟୀ ହୋଇଥିବା ବେଳେ ପିପିଲି ଟିମ୍ ୩ ପଏଣ୍ଟ ପାଇଥିଲା। ନୀଳକଣ୍ଠ ବେହେରା, ଗୋପାଳ ମହାନ୍ତି, ଅଜୟ ବଳିୟାରସିଂହ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ଓଷ୍ଟାର ଖୋର୍ଦ୍ଧା ଜିଲା କାର୍ଯ୍ୟକାରୀ ସଭାପତି ଶିକ୍ଷକ ଯୋଗେଶ୍ ଚନ୍ଦ୍ର ସାମନ୍ତସିଂହାର, ଶିକ୍ଷାବିତ୍ କୁଳମଣି ହୋତା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସୁରେଶ କୁମାର ସାମନ୍ତରାୟ, ସୂର୍ଯ୍ୟନାରାୟଣ ଫତେସିଂହ, ଗୋପାଳ ପଟ୍ଟନାୟକ, ଗୋବିନ୍ଦ ପଟ୍ଟନାୟକ, ପ୍ରଭାତ ସାହୁଙ୍କ ସମେତ ଅନ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



କଚେରିବର ଖେଳ ପଡ଼ିଆରେ ଅନୁଷ୍ଠିତ କବାଡ଼ି ପ୍ରତିଯୋଗିତା।

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ

ଭୁବନେଶ୍ୱର (ବ୍ୟୁରୋ)/ଖୋର୍ଦ୍ଧା ଅଫିସ,୧।୧୦

## ଜଣଙ୍କୁ ଧରିଲା ଏସ୍‌ଟିଏଫ୍,୨ ଫେରାର

ପାର୍ବଣରେ ସହରଠାରୁ ଗାଁ ଚଳଚଞ୍ଚଳ ଥିବାବେଳେ ଏହି ସମୟରେ ନିଶା କାରବାର ଜୋର ଧରିଛି। ଖୋର୍ଦ୍ଧାରୁ କୋଟିଏରୁ ଅଧିକ ଟଙ୍କାର ବ୍ରାଉନ୍‌ସୁଗାର ଜବତ ହୋଇଛି। ହାବେଳି ପଡ଼ିଆରେ ବ୍ରାଉନ୍‌ସୁଗାର ବେପାର ପାଇଁ ଗ୍ରାହକ ଅପେକ୍ଷାରେ ୩ ଯୁବକ ଛିଡା ହୋଇଥିବା ଖବର ପାଇ କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରିଥିଲା। ଏହି ସମୟରେ ସେଠାରେ ଉପସ୍ଥିତ ୩ ଯୁବକ ସନ୍ଦେହଜନକ ଭାବେ ବୁଲୁଥିବା ଦେଖିବାକୁ ପାଇଥିଲେ। ଏସ୍‌ଟିଏଫ୍ ଟିମ୍ ସେମାନଙ୍କ ନିକଟକୁ ଯାଉଥିବାବେଳେ ୩ଯୁବକ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ ଖସି ପଳାଇ ଯାଇଥିବାବେଳେ ଜଣଙ୍କୁ ଏସ୍‌ଟିଏଫ୍ ଟିମ୍ କାବୁ କରିଥିଲା। ଯାଞ୍ଚ ବେଳେ ତାଙ୍କ



ଗିରଫ ଅଭିଯୁକ୍ତ।



ଜବତ ବ୍ରାଉନସୁଗାର।

ନିକଟରୁ ୧୧୫୦ ଗ୍ରାମର ବ୍ରାଉନସୁଗାର ଜବତ କରିଥିଲା ଏସଟିଏଫ୍। ଏହାର କୌଣସି ବୈଧ ପ୍ରମାଣ ନ ଦେଖାଇପାରିବାରୁ ଏସ୍‌ଟିଏଫ୍ ଟିମ୍ ନିଶାକାରବାରରେ ବ୍ୟବହୃତ ହେଉଥିବା ଏକ ଗାଡ଼ିକୁ ମଧ୍ୟ ଜବତ କରିଛି। ଅଭିଯୁକ୍ତ ଯୁବକ ଜଣକ ହେଲେ ଖୋର୍ଦ୍ଧା ଜିଲାର ସିଦ୍ଧାର୍ଥ ନାୟକ ଓରଫ ସିଦ୍ଧୁ (୨୩)। ଏସଂକ୍ରାନ୍ତରେ ଏସ୍‌ଟିଏଫ୍ ଏକ ମାମଲା (ନଂ.୨୧/୨୦୨୨) ରୁଜୁ କରି ଅଭିଯୁକ୍ତ ସିଦ୍ଧାର୍ଥଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଫେରାର ଥିବା ୨ଜଣ ଅଭିଯୁକ୍ତକୁ ଧରିବା ଲାଗି ଏସ୍‌ଟିଏଫ୍ ଟିମ୍ ଉଦ୍ୟମ ଚଳାଇଛି। ଗତ କିଛିଦିନ ତଳେ ଏସ୍‌ଟିଏଫ୍ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା-ଜଟଣୀ ରୋଡ୍‌ସ୍ଥିତ ହାଇଟେକ୍ ପ୍ଲାଜା ନିକଟରେ ଚଢ଼ାଉ କରି ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ତଥା ୧କେଜି ୫୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିଥିଲା।

ସୂଚନାନୁସାରେ ରାଜ୍ୟରେ ବେଆଇନ ନିଶାକାରବାର ଉପରେ ରୋକ ଲଗାଇବାକୁ ଯାଇ ଏସ୍‌ଟିଏଫ୍ ସ୍ୱତନ୍ତ୍ର ଡ୍ରାଇଭ କରି ୨୦୨୦ରୁ ବର୍ତ୍ତମାନ ସୁଦ୍ଧା ୫୯କେଜି ବ୍ରାଉନ୍‌ସୁଗାର, ୨୦୨ଗ୍ରାମ କୋକେନ, ୧୧୧ କୁଇଣ୍ଟାଲ, ୭୫୦ ଗ୍ରାମ୍ ଅଫିମ ଜବତ କରିଛି। ଏହାସହ ଏଥିରେ ସମ୍ପୃକ୍ତ ୧୬୦ ନିଶାବେପାରୀଙ୍କୁ ଗିରଫ ମଧ୍ୟ କରିସାରିଛି। ଏହାସତ୍ତ୍ୱେ ନିଶାବେପାରୀମାନେ ଗଳା ବାଟ ଦେଇ ଏହି କାରବାର ଚଳାଉଥିବା ଜଣାପଡ଼ିଛି।

## ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ବର୍ଦ୍ଧନା

**କଟକ ଅଫିସ:** କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ବିଭାଗ ମନ୍ତ୍ରଣାଳୟ ଅଧୀନ କଟକସ୍ଥିତ ଜନଶିକ୍ଷଣ ସଂସ୍ଥାନ ପକ୍ଷରୁ ବୟୋଜ୍ୟେଷ୍ଠ ସାମାଜିକ କର୍ମୀ ତଥା ସ୍ୱାଧୀନତା ସଂଗ୍ରାମୀ ଇନ୍ଦୁମତି ଦେବୀଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି । ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଇନ୍ଦୁମତିଙ୍କୁ ତାଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧନା ଦିଆଯାଇଛି। ଇନ୍ଦୁମତିଙ୍କୁ ତାଙ୍କ ଘରେ ସଂସ୍ଥାନର ନିର୍ଦ୍ଦେଶିକା ଅନିମା ଦାଶ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଖବରଦାତା ଡ. ସତ୍ୟ ରାୟ, ପରିବେଶବିତ୍ ଡ. ଆଶୁତୋଷ ଦେବତା, ଶିକ୍ଷାବିତ୍ ଡ. ମିତା ଦେବତା, ସଂସ୍ଥାନର କାର୍ଯ୍ୟକ୍ରମ ଅଧିକାରୀ ସମ୍ବିତ୍ ମହାନ୍ତି, ନରହରି ବେହେରା ଉପସ୍ଥିତ ଥିଲେ ।


ଷୋଳପୂଜା ଅବସରରେ ଶନିବାର ମା' କଟକ ଚଣ୍ଡୀଙ୍କ ବଗଳାମୁଖୀ ବେଶ।


ଗଡ଼ଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ।


ଝାଞ୍ଜିରୀମଙ୍ଗଳାଙ୍କ ମହାସରସ୍ୱତୀ ବେଶ।


ବାସନ୍ତୀ ଦୁର୍ଗାଙ୍କ ଜଗଧାତ୍ରୀ ବେଶ।


ପୀଠାପୁରସ୍ଥିତ ଧାକୁଲେଇଙ୍କ ମହାକାଳୀ ବେଶ।


ବାଙ୍କୀର ମା' ଚର୍ଚ୍ଚିକାଙ୍କ ମହାସପ୍ତମୀ ବେଶ।

## ସଂକ୍ଷେପରେ

### ୧୨ ମୋବାଇଲ, ଲାପ୍‌ଟପ୍ ଜବତ: ୨ ଗିରଫ

**କଟକ ଅଫିସ,୧।୧୦:** ଲୁଟ୍ ଅଭିଯୋଗରେ କଟକ ସଦର ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଶହୀଦନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲି ବସ୍ତିର ସୂର୍ଯ୍ୟପ୍ରକାଶ ସ୍ୱାଇଁ ଓ କବି ରେଡ୍ଡୀ। ସେମାନଙ୍କଠାରୁ ୧୨ଟି ମୋବାଇଲ, ଗୋଟିଏ ଲାପ୍‌ଟପ୍ ଓ ୬୩୦୦ ଟଙ୍କା ଜବତ କରାଯାଇଛି। ଅଭିଯୋଗ ଅନୁଯାୟୀ, ସଦର ଥାନା ଅନ୍ତର୍ଗତ ଜଗନ୍ନାଥ ବିହାର ଅଞ୍ଚଳର ପ୍ରଦୀପ୍ତ କୁମାର ପରିଜାଙ୍କ ଘରୁ ଗତ ୬ ତାରିଖ ରାତିରେ ମୋବାଇଲ ଫୋନ୍ ଲୁଟ୍ ହୋଇଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୪୩୩/୨୨) ରୁଜୁ କରିଥିଲା। ତଦନ୍ତବେଳେ ଉଭୟ ଅଭିଯୁକ୍ତ କଟକ ଓ ଭୁବନେଶ୍ୱରର ଅନେକ ଲୋକଙ୍କ ଘରୁ ମୋବାଇଲ ଲୁଟ୍ କରିଥିବା ପୋଲିସ ଜାଣିବାକୁ ପାଇଥିଲା।

### ସାପ କାମୁଡ଼ାରେ ବ୍ୟକ୍ତି ମୃତ

**କଣ୍ଟାପଡା, ୧।୧୦(ଡି.ଏନ୍.ଏ.):** ସାପ କାମୁଡାରେ କଣ୍ଟାପଡା ବ୍ଲକ ଅନ୍ତର୍ଗତ ନାହାଳପୁର ଗ୍ରାମର ବାବାଜୀ ମଲ୍ଲିକ(୫୫)ଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ସେ ନିଜ ଜମିରେ ଚାଷ କାମ କରୁଥିବାବେଳେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା। ଶନିବାର ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଦାବି ପୂରଣ ପାଇଁ ରେଳ ଷ୍ଟେଶନ ସମ୍ମୁଖରେ ବିକ୍ଷୋଭ

**କଟକ ଅଫିସ, ୧।୧୦:** ବିଶ୍ୱ ଟ୍ରେଡ୍ ୟୁନିୟନ୍ ଫେଡେରେସନର ଆହ୍ୱାନକ୍ରମେ କଟକ ରେଳ ଷ୍ଟେଶନ ସମ୍ମୁଖରେ ବିଶ୍ୱ ପେନସନର ଦିବସ ଉପଲକ୍ଷେ ଦୁଇ ଘଣ୍ଟିଆ ବିକ୍ଷୋଭ ସମାବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉନ୍ନତ ସ୍ୱାସ୍ଥ୍ୟସେବା, ବାସଗୃହ, ଶୁଦ୍ଧ ପାନୀୟଜଳ, ପୁରୁଣା ପେନ୍‌ସନ୍ ଲାଗୁ, ଇପିଏଫ୍ ପେନସନଧାରୀଙ୍କୁ ସର୍ବନିମ୍ନ ୯୦୦୦ ଟଙ୍କା ପେନସନ ପ୍ରଦାନ ଆଦି ଦାବି ପୂରଣ ପାଇଁ ଆନ୍ଦୋଳନକୁ ତୀବ୍ର କରିବାକୁ ଓଡ଼ିଶା ରାଜ୍ୟ ପେନସନର ଓ ଅବସରପ୍ରାପ୍ତ କର୍ମଚାରୀ ସଂଘ ସମନ୍ୱୟ ସମିତି ଆବାହକ ରବୀନ୍ଦ୍ର ନାଥ ଧଳ ଆହ୍ୱାନ ଦେଇଥିଲେ। ଏହି ବିକ୍ଷୋଭରେ ରବିନାରାୟଣ ମଲ୍ଲିକ, ନିର୍ମଳ ଦାସ, ଏ. କେ. ନାୟକ, ବିଷ୍ଣୁ ପ୍ରସାଦ ଦାଶ, ପ୍ରକାଶ ଚନ୍ଦ୍ର ରାୟ, ଭାଗ୍ୟଧର ବ୍ରହ୍ମା, ପ୍ରଦୀପ୍ତ ମହାନ୍ତି ଓ ଜେ. ଏନ୍. ମଲ୍ଲିକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏଥିରେ କେନ୍ଦ୍ର, ରାଜ୍ୟ ସରକାରୀ, ବ୍ୟାଙ୍କ, ଜୀବନ ବୀମା, ସାଧାରଣ ବୀମା, ପୋଷ୍ଟାଲ୍, ଆର୍‌ଏମ୍‌ଏସ୍, ବିଏସ୍‌ଏନ୍‌ଏଲ୍ ଏବଂ ଇପିଏଫ୍ ପେନସନଧାରୀ ସଙ୍ଗଠନ ପକ୍ଷରୁ ବହୁ ସଂଖ୍ୟକ ନେତୃବୃନ୍ଦ ଯୋଗ ଦେଇଥିଲେ ।

### ଯନ୍ତ୍ରାଂଶ ଚୋରି, ୩ ଗିରଫ

**ମଙ୍ଗୁଳି,୧।୧୦(ଡି.ଏନ୍.ଏ.):** ଜଗତପୁର ଥାନା ଅଞ୍ଚଳରେ ବନ୍ଦ ଥିବା ଏକ କାଗଜକଳ କମ୍ପାନୀରୁ ଚୋରି କରିବା ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ଗୋପପୁରର ଜାନକୀ ବଲ୍ଲଭ ସାହୁ, ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଗୋପାଳପୁରର ବିନାୟକ ସିଂ ଓ ଜଗତପୁର ଥାନା ଅନ୍ତର୍ଗତ ଗୁଜରପୁରର ଶେକ ମୁଜ୍ଜୁ ଜାନକୀ ଓ ବିନାୟକ ଦୁହେଁ କମ୍ପାନୀ ବନ୍ଦ ହେବା ପରଠାରୁ ଜଗୁଆଳି ଭାବେ କାମ କରୁଥିଲେ। ଗୁରୁବାର ଅପରାହ୍ନରେ କମ୍ପାନୀ ପରିସରରେ ଥିବା ଲୌହ ଯନ୍ତ୍ରାଂଶଗୁଡିକୁ ସେକ୍ ମୁଜ୍ଜୁଙ୍କ ସହଯୋଗରେ ଚୋରି କରି ନେଇଥିଲେ। ଏ ସମ୍ପର୍କରେ କମ୍ପାନୀ ମ୍ୟାନେଜର ସୁନୀଲ ତ୍ରିପାଠୀ ଜାଣି ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪୧୨/୨୨) ରୁଜୁ କରିଥିଲା।

# ଭସାଣିରେ ସାମିଲ ହେବେ ମହିଳା

**କଟକ ଅଫିସ, ୧।୧୦**






ଶାରଦୀୟ ପୂଜା ପାଇଁ ଚଳଚଞ୍ଚଳ ହୋଇଛି କଟକ ସହର। ବିଭିନ୍ନ ମଣ୍ଡପରେ ଶନିବାର ମା'ଦୁର୍ଗାଙ୍କ ଷଷ୍ଠୀପୂଜା ଆରମ୍ଭ ହୋଇଛି। ତେବେ ଏହି ପୂଜା ଦୌଡରେ ସାମିଲ ହୋଇଛି ଫିରିଙ୍ଗି ବଜାର ପୂଜା କମିଟି। ୧୯୬୪ରେ ଫିରିଙ୍ଗି ବଜାର ଅଞ୍ଚଳରେ ସାହିର କେତେଜଣ ମୁରବିଙ୍କ ପ୍ରଚେଷ୍ଟାରେ ପୂଜା ଆରମ୍ଭ ହୋଇଥିଲା। ଦୀର୍ଘବର୍ଷ ପରେ ହର ପାର୍ବତୀଙ୍କର ପ୍ରତିମା ପୂଜା କରାଗଲା। ୨୦୦୮ରୁ ଏଠାରେ ମା' ଦୁର୍ଗାଙ୍କର ପୂଜା ହୋଇଆସୁଛି। ପୂର୍ବରୁ ମା'ଙ୍କର ଜରିମେଢ ତିଆରି କରାଯାଉଥିବାବେଳେ ୨୦୧୩ରେ କମିଟି ପକ୍ଷରୁ ଚାନ୍ଦିମେଢ ନିର୍ମାଣ କରାଗଲା। ଏହି ମେଢର ଓଜନ ପ୍ରାୟ ୨ କୁଇଣ୍ଟାଲ ଥିବାବେଳେ ପ୍ରତିବର୍ଷ ଅଧିକ ଚାନ୍ଦି ଲାଗୁଥିବାରୁ ଓଜନ ବୃଦ୍ଧି ପାଉଛି। ଚଳିତବର୍ଷ ଚାନ୍ଦିମେଢକୁ ସମ୍ପୂର୍ଣ୍ଣ ନୂଆ ରୂପ ଦିଆଯାଇଛି। ଚଳିତବର୍ଷ ପାର୍ବଣରେ ସାଂସ୍କୃତିକ କାର୍ଯ୍ୟକ୍ରମ କିମ୍ବା ଲାଇଟ୍ ଗେଟ୍‌ର ବ୍ୟବସ୍ଥା କରାଯିବନାହିଁ। କେବଳ ମଣ୍ଡପଠାରୁ ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଘରଗୁଡିକ ଆଲୋକମାଳାରେ ସଜାଯିବ। ଦ୍ୱାଦଶୀ ଦିନ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଏଥର ଭସାଣିରେ ପ୍ରଥମଥର ପାଇଁ ସାହିର ମହିଳାମାନେ ସାମିଲ ହେବେ। ସେମାନେ ଦେବୀଗଡା ପର୍ଯ୍ୟନ୍ତ ଯାଇ ମା'ଙ୍କୁ ମେଲାଣି ଦେବେ। ଚଳିତବର୍ଷର ଏହା ମୁଖ୍ୟ ଆକର୍ଷଣ ହୋଇଥିବାବେଳେ ଅନ୍ୟ ପୂଜା କମିଟିର ଭସାଣି ଉତ୍ସବରେ ଏହା ଦେଖିବାକୁ ମିଳେନାହିଁ। ଏଥର ପୂଜା ବଜେଟ୍ ପ୍ରାୟ ୭ ଲକ୍ଷ ଟଙ୍କା ରହିଥିବା କମିଟି କର୍ମକର୍ତ୍ତାଙ୍କ ପକ୍ଷରୁ ଜଣାପଡିଛି।

> "ଶାନ୍ତିଶୃଙ୍ଖଳାରେ ପୂଜା ଆୟୋଜନ ପାଇଁ ଫିରିଙ୍ଗି ବଜାର ପୂଜା କମିଟିର ସୁନାମ ରହିଛି। ମେଲୋଡି କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ନାହିଁ କି ଭସାଣି ଶୋଭାଯାତ୍ରାରେ ବାଜା ବାଜିବ ନାହିଁ। ମା'ଙ୍କୁ ଯଥାରୀତି ମେଲାଣି ଦିଆଯିବ। ଯୁବତୀଯୁବକ ଓ ମହିଳାମାନେ ଭସାଣିରେ ସାମିଲ ହେବେ।


**ପୂର୍ଣ୍ଣଚନ୍ଦ୍ର ସିଂହ, ସଭାପତି**

> "ଦଶମୀରେ ଭକ୍ତମାନଙ୍କୁ ଦହି ପଖାଳ ଦିଆଯିବ। ଭସାଣିବେଳେ ମଦକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇଛି। ବିଭିନ୍ନ ପୂଜା କମିଟି ଏକାଦଶୀ ଦିନ ମା'ଙ୍କ ବିସର୍ଜନ କରୁଥିବାବେଳେ ଫିରିଙ୍ଗି ବଜାର ପୂଜା କମିଟି ଦ୍ୱାଦଶୀ ଦିନ ମା'ଙ୍କର ବିସର୍ଜନ କରିଥାଏ। ଏଥର ମହିଳାମାନେ ସାମିଲ ହେଉଥିବାରୁ ଭସାଣି ଉତ୍ସବ ଅଧିକ ଆକର୍ଷଣୀୟ ହେବ।


**ନରେଶ କୁମାର ସାହୁ, ସମ୍ପାଦକ**

# ସରିଲା ଷଷ୍ଠୀ, ଆଜି ମହାସପ୍ତମୀ ପୂଜା

**କଟକ ଅଫିସ, ୧।୧୦**

ଦଶହରା ପାଇଁ ଉତ୍ସବ ମୁଖର କଟକ ସହର। କରୋନା ଯୋଗୁ ଦୁଇବର୍ଷ ଧରି ପୂଜା ଫିକା ପଡିଥିଲା। ଚଳିତବର୍ଷ କରୋନା ହ୍ରାସ ପାଇଥିବାରୁ ଓ କଟକଣା ନ ଥିବାରୁ ଦୁର୍ଗାପୂଜାକୁ ଆଡମ୍ବରପୂର୍ଣ୍ଣ କରିବା ପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି କରାଯାଇଛି। ଶନିବାର ମା'ଙ୍କର ଷଷ୍ଠୀ ପୂଜା ଅନୁଷ୍ଠିତ ହୋଇଯାଇଛି। ରବିବାର ମହାସପ୍ତମୀରେ ମା'ଙ୍କର ଚକ୍ଷୁଦାନ କରାଯିବ। ସୋମବାର ମହାଷ୍ଟମୀରେ ସନ୍ଧିପୂଜା ସହ ବିଭିନ୍ନ ମଣ୍ଡପରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ରହିଛି। ସେହିପରି ମଙ୍ଗଳବାର ମହାନବମୀ ପୂଜା ଓ ବୁଧବାର ଦଶମୀ ପୂଜା ଅନୁଷ୍ଠିତ ହେବ। ସହରର ଅନେକ ପୂଜା କମିଟି ପକ୍ଷରୁ ଚାନ୍ଦିମେଢ ସହ ମା'ଙ୍କ ସୁନା ମୁକୁଟ ନିର୍ମାଣ କରାଯାଇଛି। ଏଥିସହ ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସୁଉଚ୍ଚ ତୋରଣ ସହ ରଙ୍ଗବେରଙ୍ଗର ଆଲୋକମାଳାରେ ମଣ୍ଡପକୁ ସଜ୍ଜିତ କରାଯାଇଛି।

# ବିଜୟା ଦଶମୀରେ ରାବଣ ପୋଡ଼ି

**କଟକ ଅଫିସ, ୧।୧୦**

ବିଜୟା ଦଶମୀ ଉପଲକ୍ଷେ ଆସନ୍ତା ୫ ତାରିଖରେ କଟକରେ ରାବଣ ପୋଡି ଉତ୍ସବ। ବାରବାଟୀ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଚଳିତବର୍ଷ ଏହାକୁ ଆଡମ୍ବରପୂର୍ଣ୍ଣ ଭାବେ ପାଳନ କରାଯିବ। ଏ ନେଇ କଟକସ୍ଥିତ ଓସିଏ ସମ୍ମିଳନୀ କକ୍ଷରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବାରବାଟୀ ସର୍ବଧର୍ମ ସାଂସ୍କୃତିକ ପରିଷଦର ଆବାହକ ଆଶୀର୍ବାଦ ବେହେରା କହିଛନ୍ତି। ରାବଣ ପୋଡି ଉତ୍ସବ ସହ, ଆତସବାଜି ପ୍ରଦର୍ଶନ, ବନାଟି ଖେଳ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଦୀର୍ଘ ୩୧ ବର୍ଷ ଧରି କଟକ ବାଲିଯାତ୍ରା ପଡିଆରେ ବାରବାଟୀ ସର୍ବଧର୍ମ ସାଂସ୍କୃତିକ ପରିଷଦ ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଆସୁଛି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଦଳମତ ନିର୍ବିଶେଷରେ ରାଜନୀତି, କଳା ଓ ସଂସ୍କୃତିରେ ରୁଚି ରଖୁଥିବା ବ୍ୟକ୍ତିମାନେ ଏହି ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ପରିଷଦର ଆବାହକ ବେହେରା କହିଛନ୍ତି।


କଟକ ସହୀଦ ଭବନରେ ଶନିବାର ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟର ବାର୍ଷିକ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ ମୁଖପତ୍ର 'କର୍ତ୍ତବ୍ୟର ସ୍ୱର' ଉନ୍ମୋଚନ କରୁଛନ୍ତି।

## ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟ ଶେଷ କର

**କଟକ ଅଫିସ, ୧।୧୦**

କଟକ ଜିଲା ନରଣପୁରଠାରେ ସିଡିଏ ପକ୍ଷରୁ ଗୃହ ନିର୍ମାଣ କରାଯାଉଛି। ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ, ଉପାଧ୍ୟକ୍ଷ ନିଖିଲ ପଓ୍ୱନ କଲ୍ୟାଣଙ୍କ ସମେତ ଅନ୍ୟ ଅଧିକାରୀମାନେ ଶନିବାର ସେଠାରେ ପହଞ୍ଚି କାର୍ଯ୍ୟର ତଦାରଖ କରିଥିଲେ। ଦାରିଦ୍ର୍ୟ ସୀମାରେଖା ତଳେ ଓ ସ୍ୱଳ୍ପ ରୋଜଗାରୀଙ୍କ ପାଇଁ ସୁଲଭ ମୂଲ୍ୟଲେ ଗୃହ ଲଟେରି ମାଧ୍ୟମରେ ଆବଣ୍ଟନ କରାଯିବ। ତେବେ ଏହି ନିର୍ମାଣ କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବାକୁ ସିଡିଏ ଅଧ୍ୟକ୍ଷ ସାମଲ କହିଥିଲେ।

# ପାଠକ-ଲେଖକ ମଧ୍ୟରେ ସମ୍ପର୍କ ସୃଷ୍ଟିକରେ ପତ୍ରିକା

**କଟକ ଅଫିସ,୧।୧୦**

**ସୃଜନର ପାହାଚ ପତ୍ରିକାର ପୂଜାସଂଖ୍ୟା ଉନ୍ମୋଚିତ**

ଖାନ୍‌ନଗରସ୍ଥିତ ପୁରୁଷୋତ୍ତମଜୀଉ ଜଗନ୍ନାଥ ମନ୍ଦିର ପରିସରରେ ସୃଜନର ପାହାଚ ପତ୍ରିକାର ଶାରଦୀୟ ପୂଜା ସଂଖ୍ୟା ଶନିବାର ଉନ୍ମୋଚିତ ହୋଇଯାଇଛି। ଏଥିରେ କବି ଅମରେଶ ପଟ୍ଟନାୟକ ଅଧ୍ୟକ୍ଷତା କରି ପତ୍ରିକାକୁ ବଞ୍ଚାଇ ରଖିବା ଅତ୍ୟନ୍ତ କଷ୍ଟକର ବୋଲି କହିଥିଲେ। ସେହିପରି ବକ୍ତା ମୁରଲୀଧର ସାମଲ କହିଥିଲେ, ପାଠକ-ଲେଖକ ମଧ୍ୟରେ ସମ୍ପର୍କ ଆଣେ ପତ୍ରିକା। ସେହିପରି ଅନ୍ୟତମ ବକ୍ତା ହିମାଂଶୁ ପରିଡ଼ା କହିଥିଲେ, ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧି ପାଇଁ ପ୍ରୟାସ ଜାରି ରହିବା ଉଚିତ୍। ପତ୍ରିକାର ସମ୍ପାଦକ କମଳ କୁମାର ମହାନ୍ତି ଶାରଦୀୟ ବିଶେଷାଙ୍କରେ ପ୍ରବୀଣ କବି ଓ ଲେଖକଙ୍କ ଲେଖାଗୁଡ଼ିକୁ ସାମିଲ କରାଇ ଏକ ସ୍ୱତନ୍ତ୍ରତା ସୃଷ୍ଟି କରିବାର ପ୍ରୟାସ କରାଯାଇଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରସନ୍ନ କୁମାର ସ୍ୱାଇଁ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ବ୍ରହ୍ମାନନ୍ଦ ବିଶ୍ୱାଳ, ଦିଲ୍ଲୀପ ଦାସ, ସୁବ୍ରତ ଦାସ, ଫ୍ରାନ୍‌ସିସ୍ ମହାପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ନରହରି ମିଶ୍ର ଧନ୍ୟବାଦ ଦେଇଥିଲେ।

# ନିରାମୟ କେନ୍ଦ୍ରରେ ସବୁ ଔଷଧ ମିଳୁ

**କଟକ ଅଫିସ,୧।୧୦**

ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ସରକାର ଉଦ୍ୟମ ଚଳାଇଛନ୍ତି। ନିକଟରେ ସ୍ୱାସ୍ଥ୍ୟମନ୍ତ୍ରୀ ମେଡିକାଲକୁ ଆସି ନୂତନ ବର୍ନ ଆଇସିୟୁ, ମେଡିସିନ ବିଭାଗରେ ନୂତନ କ୍ୟାବିନ ବ୍ଲକ ଓ ହେପାଟୋଲୋଜି ବିଭାଗର ଓପିଡି ଉଦ୍‌ଘାଟନ କରିଥିଲେ। ହେଲେ ସର୍ବନିମ୍ନ ସ୍ୱାସ୍ଥ୍ୟ ସେବା ପ୍ରତି ଏଠାରେ ଗୁରୁତ୍ୱ ଦିଆଯାଉନାହିଁ। ମେଡିକାଲକୁ ଦଲାଲମୁକ୍ତ କରାଯାଉ, ବାରମ୍ବାର ପିଲାଚୋରି ଘଟଣା ଘଟୁଥିବାରୁ ଏଥିପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ଡାକ୍ତର ଲେଖୁଥିବା ସମସ୍ତ ଔଷଧ ନିରାମୟ କେନ୍ଦ୍ରରେ ଉପଲବ୍ଧ କରାଯାଉ ବୋଲି ଦାବି କରାଯାଇଛି। କେତେକ ପରୀକ୍ଷାନିରୀକ୍ଷା ପାଇଁ ଦୀର୍ଘଦିନ ଅପେକ୍ଷା କରିବାକୁ ପଡୁଥିବାରୁ ରୋଗୀମାନେ ଉପଯୁକ୍ତ ସମୟରେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ତ୍ୱରିତ ପରୀକ୍ଷାନିରୀକ୍ଷା ନିମନ୍ତେ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଉ। ଏହି ମର୍ମରେ ଆମ କଟକ ସାମାଜିକ ସଙ୍ଗଠନ ପକ୍ଷରୁ ଏକ ଦାବିପତ୍ର ଏସ୍‌ସିବି ମେଡିକାଲର ଅଧୀକ୍ଷକଙ୍କୁ ଶନିବାର ପ୍ରଦାନ କରାଯାଇଛି।


କଟକ କନିକା ଛକରେ ଶାରଦୀୟ ପୂଜା ପାଇଁ ନିର୍ମାଣ ହୋଇଥିବା ବାଉଁଶ ତୋରଣ ଶନିବାର ବର୍ଷା, ପବନରେ ଭାଙ୍ଗି ପଡିଛି।

# ପୂଜା ପାଇଁ କଟକରେ ୫୫ ପ୍ଲାଟୁନ୍ ଫୋର୍ସ ମୁତୟନ

**କମିଶନରେଟ୍ ପୋଲିସର ଦୁର୍ଗାପୂଜା ପ୍ରସ୍ତୁତି ବୈଠକ**

- ଅଧିକ ସିସିଟିଭି କ୍ୟାମେରା ଲଗାଇବାକୁ ବ୍ୟବସ୍ଥା
- ନିଶା, ଡିଜେ ଓ ବାଣ ମୁକ୍ତ ଭସାଣି ପାଇଁ ପରାମର୍ଶ

**କଟକ ଅଫିସ, ୧।୧୦**


ବୈଠକରେ ଡିସିପି ପିନାକ ମିଶ୍ରଙ୍କ ସମେତ ଅନ୍ୟମାନେ।

ଚଳିତବର୍ଷ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରିବା ପାଇଁ କଟକ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏ ନେଇ କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ବୈଠକରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି, ସହରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ଉପରେ କଡ଼ା ନଜର ରଖାଯିବ। ପୂଜା ପାଇଁ ସହରରେ ୫୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ସୁରକ୍ଷା ଦାୟିତ୍ୱରେ ୬ ଜଣ ଅତିରିକ୍ତ ପୋଲିସ ଅଫିସର, ୪୦ ଜଣ ଡିଏସ୍‌ପି/ଏସିପି ରହିବେ । ସେହିପରି ୫୫ ଜଣ ଇନ୍ସପେକ୍ଟର, ୨୯୭ ଜଣ ସବ୍ ଇନ୍ସପେକ୍ଟର ଓ ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର, ୮୪ ଜଣ ହାବିଲଦାର, ୬୨୪ ଜଣ ଟ୍ରାଫିକ କନଷ୍ଟେବଲ, ୬୯୪ ଜଣ ହୋମ୍‌ଗାର୍ଡ ଓ ୭୦୬ ଜଣ ପୋଲିସ ଭଲ୍ୟୁଣ୍ଟିଅର ମୁତୟନ ବ୍ୟବସ୍ଥା ହୋଇଛି। ପୂଜା ସମୟରେ ରାତି ୧୨ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଓ ଭସାଣିବେଳେ ରାତି ୧୨ଟା ପର୍ଯ୍ୟନ୍ତ ଡାକବାଜି ଯନ୍ତ୍ର ବାଜିବ। ଚଳିତବର୍ଷ ଭସାଣିବେଳେ ମେଢ଼ରେ ଜିପିଏସ୍ ଲାଗିବାର ବ୍ୟବସ୍ଥା ହୋଇଥିଲା । ମାତ୍ର ସମସ୍ତ ମେଢ଼ରେ ଏହା ଲାଗିବା ପାଇଁ ସମ୍ଭବ ହୋଇପାରି ନାହିଁ। ତେଣୁ ଆସନ୍ତା ବର୍ଷଠାରୁ ଏହି ବ୍ୟବସ୍ଥା କରାଯିବ। ପୋଲିସ-ଜନସାଧାରଣ ସହଭାଗିତାରେ ସହରରେ ୨୦୦ରୁ ଅଧିକ ସିସିଟିଭି ଲାଗିଛି। ପୂଜାକୁ ଦୃଷ୍ଟିରେ ରଖି ଆହୁରି ଅଧିକ ସିସିଟିଭି ଲଗାଇବାକୁ ବ୍ୟବସ୍ଥା କରାଯାଉଛି। ପୂଜାରେ ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ। ନିଶା, ଡିଜେ ଓ ବାଣ ମୁକ୍ତ ଭସାଣି ଦିଗରେ ପୂଜା କମିଟିଗୁଡିକ ଯତ୍ନବାନ ହେବାରୁ କମିଶନର ପରାମର୍ଶ ଦେଇଛନ୍ତି। ଏଥିସହ ପୂଜାକୁ ଶୃଙ୍ଖଳାରେ ସମାପ୍ତ କରିବା ପାଇଁ ସହରବାସୀଙ୍କୁ ଅନୁରୋଧ କରିଛନ୍ତି । ଅପରପକ୍ଷେ ସହରରେ ଭାଇଚାରା ଅକ୍ଷୁଣ୍ଣ ରଖିବା ସହିତ ପରମ୍ପରା ବଜାୟ ରଖିବାକୁ ଶାନ୍ତି କମିଟି ପକ୍ଷରୁ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାଙ୍କୁ ଅନୁରୋଧ କରାଯାଇଛି। ଏହି ବୈଠକରେ କଟକ ଡିସିପି ପିନାକ ମିଶ୍ର, ଏସ୍‌କେ ସରିଫଉଦ୍ଦିନ, ଅନିଲ ମିଶ୍ରଙ୍କ ସମେତ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨ ଅକ୍ଟୋବର, ୨୦୨୨

**ପ୍ରତାପ ଦେବଙ୍କ ବିବାଦୀୟ ମନ୍ତବ୍ୟକୁ ବିରୋଧ**

ପୁରୀ ଅଫିସ: ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ ଦେଇଥିବା ବିବାଦୀୟ ମନ୍ତବ୍ୟକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶନିବାର ବିକ୍ଷୋଭ କରାଯାଇଛି। ଏଥିସହ ମନ୍ତ୍ରୀ କ୍ଷମା ମାଗିବାକୁ ଦାବି କରାଯାଇଛି। ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ମହାପ୍ରଭୁଙ୍କ ପ୍ରତି ମନ୍ତ୍ରୀ ଦେବ ଦେଇଥିବା ମନ୍ତବ୍ୟ କୋଟି କୋଟି ଜଗନ୍ନାଥପ୍ରେମୀଙ୍କୁ ଗଭୀର ଦୁଃଖ ଓ ଆଘାତ ଦେଇଛି। ତେଣୁ ମନ୍ତ୍ରୀ ଦେବ ତୁରନ୍ତ କ୍ଷମା ପ୍ରାର୍ଥନା କରନ୍ତୁ। ନଚେତ ତାଙ୍କ ନାମରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଲାଗି ପଦକ୍ଷେପ ନିଆଯିବ ବୋଲି ସେନା ଆବାହକ ପଟ୍ଟନାୟକ କହିଛନ୍ତି। ଅନ୍ୟପକ୍ଷରେ ମନ୍ତ୍ରୀ ଦେବ ଟୁଇଟରରେ ଏ ନେଇ ପ୍ରତିକ୍ରିୟା ରଖି ତାଙ୍କ କଥାକୁ କଦର୍ଥ କରାଯାଇଥିବା କହିଛନ୍ତି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧।୧୦।୨୦୨୨

| | |
|---|---|
| ୩,୯୬,୩୭୮ ଟଙ୍କା | |
| ସୁନା | ୨୫୦ ମିଲିଗ୍ରାମ |
| ରୁପା | ୩୨୧ ଗ୍ରାମ |

# ନିଷିଦ୍ଧାଞ୍ଚଳରେ ପ୍ରାଚୀର ନିର୍ମାଣ

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ**
- ପୁଣି ମୁଣ୍ଡ ଟେକିଲା ବିବାଦ
- ଅନୁମତି ଦ୍ୱନ୍ଦ୍ୱରେ ଏଏସ୍ଆଇ

**ପୁରୀ ଅଫିସ,୧।୧୦:**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ପୁଣି ବିବାଦ ମୁଣ୍ଡ ଟେକିଛି। ପ୍ରକଳ୍ପର ନିଷିଦ୍ଧାଞ୍ଚଳରେ କ୍ଲକ୍ ରୁମ୍, ମିନି କ୍ଲକ୍ ରୁମ୍, ଜନତା ଓ ସେବାୟତଙ୍କ ଶୌଚାଳୟ ସମେତ ଅନ୍ୟ ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ଏହି ନିଷିଦ୍ଧାଞ୍ଚଳ ପରିସରରେ ନିର୍ମାଣାଧୀନ ପ୍ରାଚୀରକୁ ନେଇ ସାନି ବିବାଦ ଦେଖାଦେଇଛି। ପ୍ରକଳ୍ପ ବିରୋଧୀମାନେ ଏହାକୁ ବେଆଇନ ବୋଲି ଦର୍ଶାଇବା ସହ ଏନେଇ ରାଜ୍ୟ ସରକାର ଅନୁମତି ପାଇ ନ ଥିବା ଅଭିଯୋଗ କରୁଛନ୍ତି।

ସୂଚନା ଅଧିକାର କର୍ମୀ ଦିଲୀପ ବରାଳ କହିଛନ୍ତି, ପ୍ରକଳ୍ପ କାର୍ଯ୍ୟ ପାଇଁ ଅନୁମତି ରହିଥିବାବେଳେ କ'ଣ ସବୁ ନିର୍ମାଣ କରାଯିବ ତାହା ଜାତୀୟ ସ୍ମାରକୀ ପ୍ରାଧିକରଣ (ଏନ୍ଏମ୍ଏ) ସ୍ପଷ୍ଟ ଭାବେ ଉଲ୍ଲେଖ କରିଛି। ସମ୍ପୃକ୍ତ ତାଲିକାରେ ପ୍ରାଚୀର ନିର୍ମାଣ କରିବା ନେଇ ଉଲ୍ଲେଖ ନାହିଁ। ପ୍ରଶାସନ ମନଇଚ୍ଛା ବେଆଇନ ଭାବେ ପ୍ରାଚୀର ନିର୍ମାଣ କରୁଛି। ପ୍ରଶାସନ ପ୍ରଥମେ ଏଥିଲାଗି ଅନୁମତି ଆଣିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ବରାଳ ଆହୁରି କହିଛନ୍ତି, ପ୍ରଶାସନ ପ୍ରାଚୀରକୁ ଲୋକଙ୍କ ଆଢୁଆଳରେ ରଖିବାକୁ ଚାହୁଁଛି। ଏଥିପାଇଁ ଯେତିକି ପ୍ରାଚୀର ନିର୍ମାଣ ହେଉଛି ତାହାକୁ



ପୋତି ଦିଆଯାଉଛି। ତଳୁ ବର୍ତ୍ତମାନ ସୁଦ୍ଧା ୫ ଫୁଟର ପ୍ରାଚୀର ନିର୍ମାଣ ହୋଇସାରିଲାଣି। କିଛି ସ୍ଥାନରେ ନିର୍ମାଣ ସରିଯାଇଥିବା ବେଳେ ପରିକ୍ରମା ପ୍ରକଳ୍ପ ଚାରି ପାଖରେ ଏହି ପ୍ରାଚୀର ବୁଲାଯାଉଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ) ପୁରୀ ସର୍କଲ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ଅନୁମତି ଥିବା ପ୍ରକଳ୍ପ କାର୍ଯ୍ୟ ସଂଲଗ୍ନ ଏକ ପ୍ରାଚୀର ନିର୍ମାଣ ହେଉଛି। ମାତ୍ର ଏନେଇ ଅନୁମତି ରହିଛି କି ନାହିଁ ତାହା ଯାଞ୍ଚ ଚାଲିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ପ୍ରକଳ୍ପ କାର୍ଯ୍ୟକୁ ସୁରୁଖୁରୁରେ ଚଳାଇବା ଲାଗି କୁହାଯାଇଛି। ତେବେ ପ୍ରାଚୀର ନିର୍ମାଣରେ ଆଇନ ଉଲ୍ଲଂଘନ ହୋଇଛି କି ନାହିଁ ଏବଂ ଏଭଳି ନିର୍ମାଣ ହୋଇପାରିବ କି ନାହିଁ ତାହାର ବୈଷୟିକ ଦିଗ ଉପରେ ଆଲୋଚନା କରାଯିବ। ଘଟଣାସ୍ଥଳକୁ ଯାଇ ଯାଞ୍ଚ ଶେଷ କରିବା ସହ ଉପରିସ୍ଥ ଅଧିକାରୀଙ୍କୁ ଏ ସଂକ୍ରାନ୍ତରେ ସୂଚନା ଦେଇ ପରାମର୍ଶ ମାଗିଛୁ ବୋଲି ସେ ପ୍ରକାଶ କରିଛନ୍ତି। ସେହିଭଳି ପ୍ରକଳ୍ପ କାର୍ଯ୍ୟ ଦାୟିତ୍ୱରେ ଥିବା ଓଡ଼ିଶା ସେତୁ ନିର୍ମାଣ ନିଗମ (ଓବିସିସି)ର ଅଧିକାରୀ ପ୍ରଭାତ ପାଣିଗ୍ରାହୀ କହିଛନ୍ତି, ପରିକ୍ରମା ପ୍ରକଳ୍ପରେ ନିର୍ମାଣ କରାଯାଉଥିବା କୋଠା ଓ ବାହାର ରାସ୍ତାକୁ ବିଭକ୍ତ କରିବା ସହ ଗମନାଗମନ ଏବଂ ଯୋଗାଯୋଗର ସୁବିଧା ନିମନ୍ତେ ଏହି ପ୍ରାଚୀର ତିଆରି ହେଉଛି। ମୁଖ୍ୟତଃ ପ୍ରାଚୀର ସେପଟେ ଯାନବାହନ ଚଳାଚଳ ସହ ଲୋକେ ଯାତାୟାତ କରିବେ। ପାର୍କିଂ ଓ ଯାନବାହନ ଚଳାଚଳ ପ୍ରାଚୀର ସେପଟେ ହେବ। ଫଳରେ ଟ୍ରାଫିକ ଜାମ୍ ଭଳି ସ୍ଥିତି ଉପୁଜିବ ନାହିଁ। ଯାତ୍ରୀଙ୍କ ମୌଳିକ ସୁବିଧା ପାଇଁ ହୋଇଥିବା ଶୌଚାଳୟ ଓ କ୍ଲକ ରୁମ୍ ଇତ୍ୟାଦିକୁ ଅନାୟାସରେ ଯାଇଆସି ହେବ। ପ୍ରାଚୀର ବାହାରେ ପାର୍କିଂ ସୁବିଧା ରହିବ। ତେବେ ଗୋଟିଏ ପଟେ ପ୍ରଶାସନ ଏଭଳି ନିର୍ମାଣକୁ ଆଇନ ଦୃଷ୍ଟିକୋଣରୁ ଠିକ୍ ଦର୍ଶାଉଥିବାବେଳେ ଅନ୍ୟପଟେ ପ୍ରକଳ୍ପ ବିରୋଧୀମାନେ କାର୍ଯ୍ୟକୁ ବେଆଇନ ବୋଲି କହିଛନ୍ତି। ପ୍ରକଳ୍ପ କାର୍ଯ୍ୟ ପାଇଁ ମିଳୁଥିବା ନୋ ଅବ୍ଜେକ୍ସନ ସାର୍ଟିଫିକେଟ୍ (ଏନ୍ଓସି)ରେ ପ୍ରାଚୀର ସମ୍ପର୍କରେ ଉଲ୍ଲେଖ ନ ଥିବାରୁ ବିରୋଧୀମାନେ ପ୍ରଶାସନକୁ ଟାର୍ଗେଟ କରିଛନ୍ତି।

# ଦେଶର ୫୦ ସ୍ୱତନ୍ତ୍ର ଐତିହ୍ୟ ବୟନକଳା ସାମଗ୍ରୀ ମଧ୍ୟରେ ଓଡ଼ିଶାର ୫

**ୟୁନେସ୍କୋ ରିପୋର୍ଟ**

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**

ଓଡ଼ିଶାର ହସ୍ତତନ୍ତ ଓ ବୟନ ସାମଗ୍ରୀ ନିଜର ସ୍ୱତନ୍ତ୍ରତା ପାଇଁ ସବୁବେଳେ ଜାତୀୟ ତଥା ଅନ୍ତର୍ଜାତୀୟ ଚାହିଦା ବଜାୟ ରଖି ଆସିଛି। ଶନିବାର ୟୁନେସ୍କୋ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଦେଶର ୫୦ଟି ସ୍ୱତନ୍ତ୍ର ତଥା ଆଇକନିକ୍ ଐତିହ୍ୟ ବୟନକଳା ସାମଗ୍ରୀ ମଧ୍ୟରେ ଓଡ଼ିଶାର ୫ ଉତ୍ପାଦ ସ୍ଥାନ ପାଇଛି। 'ହ୍ୟାଣ୍ଡମେଡ୍ ଅଫ୍ ଦି ଟ୍ୱେଣ୍ଟିଫାଷ୍ଟ ସେଞ୍ଚୁରୀ: ସେଫ୍‌ଗାର୍ଡିଂ ଟ୍ରାଡିଶନାଲ ଇଣ୍ଡିଆନ ଟେକ୍ସଟାଇଲ୍' ନାମକ ଏହି ରିପୋର୍ଟରେ ଉତ୍ତର, ଦକ୍ଷିଣ ଓ ପଶ୍ଚିମ ଭାରତରୁ ୧୧ଟି ଲେଖାଏ, ପୂର୍ବ ଭାରତରୁ ୧୦ଟି ଓ ଉତ୍ତର ପୂର୍ବ ରାଜ୍ୟରୁ ୪ଟି ଉତ୍ପାଦ ତାଲିକାଭୁକ୍ତ ହୋଇଛି। ପୂର୍ବାଞ୍ଚଳ ବୟନକଳା ଉତ୍ପାଦ ମଧ୍ୟରେ ଓଡ଼ିଶାର ୫ଟି ପ୍ରସିଦ୍ଧ ହସ୍ତତନ୍ତ ବସ୍ତ୍ର ସ୍ଥାନ ପାଇଛି। ସେଗୁଡ଼ିକ ହେଉଛି ସମ୍ବଲପୁରର 'ବାନ୍ଧ କଳା କାର୍ଯ୍ୟ', ବ୍ରହ୍ମପୁରର 'ପାଟ' (ଫୋଡା କୁମ୍ଭ), ଖୋର୍ଦ୍ଧାର 'ଧଳାପଥର ସ୍କ୍ରିନ୍', କନ୍ଧମାଳର ଡଙ୍ଗରିଆ ହସ୍ତତନ୍ତ ବସ୍ତ୍ର ଏବଂ କେନ୍ଦୁଲିର କାଲିଗ୍ରାଫିକ୍ (ହସ୍ତଲିପି) ବୁଣା ପାଟ।

# ବ୍ୟାଙ୍କ ମ୍ୟାନେଜର କହି ୪୦ ହଜାର ଟଙ୍କା ଠକେଇ

**ପେସାଦାର ଠକ ଗିରଫ**

**ସାକ୍ଷୀଗୋପାଳ, ୧।୧୦(ଡି.ଏନ୍.ଏ./ସ୍ୱ.ପ୍ର.)**



ନିଜକୁ ଷ୍ଟେଟବ୍ୟାଙ୍କ ମ୍ୟାନେଜର ପରିଚୟ ଦେଇ ବ୍ୟାଙ୍କ ଆକାଉଣ୍ଟରୁ ୪୦ ହଜାର ଟଙ୍କା ଠକେଇ ଅଭିଯୋଗରେ ସତ୍ୟବାଦୀ ପୋଲିସ ଜଣେ ପେସାଦାର ସାଇବର ଅପରାଧୀଙ୍କୁ ଗିରଫକରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସତ୍ୟବାଦୀ ଥାନା ହିରଣ୍ୟପଡା ଗ୍ରାମର ସୁପ୍ରଭାତ ମହାପାତ୍ର। ସୂଚନା ଅନୁଯାୟୀ, ଗତ ୧୯ ତାରିଖରେ ଖୋର୍ଦ୍ଧା ଜିଲା ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳ ଗାୟତ୍ରୀ ନଗରରେ ରହୁଥିବା ସୁରେନ୍ଦ୍ର କୁମାର ରାଉତଙ୍କ ପାଖକୁ ଏକ ଫୋନ କଲ୍ ଆସିଥିଲା। କଲ୍‌ରେ ଅଭିଯୁକ୍ତ ନିଜକୁ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ବୋଲି ପରିଚୟ ଦେଇ କହିଥିଲେ, ତୁମ ସାହାରା ପଲିସିର ଶେଷ ଦେୟ ୪୦ ହଜାର ଟଙ୍କା ଶୀଘ୍ର ଡିପୋଜିଟ୍ କର, ଯାହାଫଳରେ ତୁମେ ଏକ ଭଲ ଆମାଉଣ୍ଟର ଟଙ୍କା ଫେରିପାଇବ। ଏହି କଥାରେ ବିଶ୍ୱାସ କରି ସୁରେନ୍ଦ୍ର ଅଭିଯୁକ୍ତ ଦେଇଥିବା ଆକାଉଣ୍ଟ ନମ୍ବରରେ ୪୦ ହଜାର ଟଙ୍କା ଜମାକରି ଦେବା କ୍ଷଣି ଅଭିଯୁକ୍ତ ଟଙ୍କାକୁ ଗାଏବ କରି ନେଇଯାଇଥିଲା। ଟଙ୍କା ଠକେଇ ହୋଇଥିବା ଜାଣି ସୁରେନ୍ଦ୍ର ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୨୭୭/୨୨) ରୁଜୁ କରି ତଦନ୍ତ କରିଥିଲେ। ଅଭିଯୁକ୍ତଙ୍କ ଫୋନ ଟ୍ରାକିଂ କରି ପୋଲିସ ତାଙ୍କୁ ଗିରଫ କରିବା ସହ ନଗଦ ୧୬ ହଜାର ଟଙ୍କା, ଗୋଟିଏ ନୋକିଆ କିପ୍ୟାଡ୍ ମୋବାଇଲ ଫୋନ ଓ କିଛି କାଗଜପତ୍ର ଜବତ କରିଛି। ତାର ବ୍ୟାଙ୍କ ଆକାଉଣ୍ଟ କୁ ଅଚଳ କରାଯାଇଛି। ଅଭିଯୁକ୍ତ ଜଣକ ଆଇଟିଏମ୍ଏସ୍‌ସି ଯୋଗ୍ୟତା ହାସଲ କରି ମଧ୍ୟ ନାନା ଅପରାଧ କାର୍ଯ୍ୟରେ ଲିପ୍ତ ରହିଥିବା ତଦନ୍ତରୁ ଜଣାପଡିଛି। ଅଭିଯୁକ୍ତ ସତ୍ୟବାଦୀ ଥାନାରେ ୨୦୧୨ରୁ ୨୦୧୬ ମଧ୍ୟରେ ୧୧ଟି ପୃଥକ ମାମଲା ଜଡ଼ିତ ରହିଥିବା ବେଳେ କଟକ କମିଶନରେଟ ଓ ମାଲକାନଗିରି ପୋଲିସ ଦ୍ୱାରା ଗିରଫ ହୋଇ ଜେଲରେ ରହିଥିଲା। ଗତ ଅଗଷ୍ଟରେ ଜାମିନରେ ଆସି ସେ ଏହି କାଣ୍ଡ ଭିଆଇଥିଲା ବୋଲି ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା କହିଛନ୍ତି।

## ସଂକ୍ଷେପରେ

### ମୃତ୍ୟୁ ପରେ ଚକ୍ଷୁଦାନ କଲେ ଶିକ୍ଷାବିତ୍ ବୀରେନ୍ଦ୍ର ମହାନ୍ତି

ପୁରୀ ଅଫିସ, ୧।୧୦: ପୁରୀ ସହରସ୍ଥ ମାର୍କଣ୍ଡେଶ୍ୱର ସାହି ନିବାସୀ ତଥା ମଙ୍ଗଳାଘାଟ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବୀରେନ୍ଦ୍ର କୁମାର ମହାନ୍ତିଙ୍କ ହୃଦଘାତଜନିତ ମୃତ୍ୟୁ ଘଟିଛି। ଶୁକ୍ରବାର ତାଙ୍କୁ ହୃଦ୍‌ଘାତ ହେବାରୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଅମାୟିକ, ଛାତ୍ରବତ୍ସଳ, ପରୋପକାରୀ ଏବଂ ଆଦର୍ଶ ଶିକ୍ଷକ ରୂପେ ନିଜକୁ ପ୍ରତିଷ୍ଠିତ କରିଥିଲେ। ଶିକ୍ଷା ବ୍ୟତୀତ କ୍ରୀଡ଼ା କ୍ଷେତ୍ରରେ ମଧ ତାଙ୍କର ଅବଦାନ ରହିଥିଲା। ମୃତ୍ୟୁବେଳକୁ ତାଙ୍କୁ ୬୩ ବର୍ଷ ବୟସ ହୋଇଥିଲା। ଏଭଳି ଶୋକାକୁଳ ପରିବେଶରେ ମଧ ତାଙ୍କ ସହଧର୍ମିଣୀ ସୁପ୍ରଭା, ପୁଅ ଓ ଦୁଇଝିଅ ସ୍ୱର୍ଗତ ମହାନ୍ତିଙ୍କ ଚକ୍ଷୁଦାନ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଫଳରେ ତାଙ୍କର ଚକ୍ଷୁ ଦାନ କରାଯାଇଥିଲା। ପରେ ପରିବାର ଓ ବନ୍ଧୁବାନ୍ଧବଙ୍କ ଗହଣରେ ସ୍ୱର୍ଗଦ୍ୱାରରେ ମୃତଦେହ ସତ୍କାର କରାଯାଇଥିଲା।

### ସୂଚନା ଅଧିକାର ଅଭିଯାନର ଜିଲାସ୍ତରୀୟ ଆଲୋଚନା

ସାକ୍ଷୀଗୋପାଳ,୧।୧୦ (ଡି.ଏନ୍.ଏ./ସ୍ୱ.ପ୍ର.)- ସତ୍ୟବାଦୀ ବ୍ଲକର ସାକ୍ଷୀଗୋପାଳ ମନ୍ଦିର ପାନ୍ଥନିବାସରେ ଶୁକ୍ରବାର ଓଡ଼ିଶା ସୂଚନା ଅଧିକାର ଅଭିଯାନ ଆନୁକୂଲ୍ୟରେ ଜିଲାସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ସଙ୍ଗଠନର ରାଜ୍ୟ ଆବାହକ ପଦୀପ ପ୍ରଧାନ, ଜିଲା ଆବାହକ ପବିତ୍ର ଦଳେଇ, ବ୍ଲକ ଆବାହକ ସୁଶୀଲ କୁମାର ସାହୁ, ମାନବାଧିକାର କର୍ମୀ ସବିତା ପଣ୍ଡା, ହାପି ରଥ, ମାନବାଧିକାର କର୍ମୀ ପ୍ରଫୁଲ୍ଲ ପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ସ୍ୱାଇଁ ପ୍ରମୁଖଙ୍କ ସହିତ ପୁରୀ ଜିଲାର ଶତାଧିକ ସୂଚନା ଅଧିକାର କର୍ମୀ ଉପସ୍ଥିତ ଥିଲେ। ରାଜ୍ୟର ସୂଚନା କର୍ମୀମାନଙ୍କ ଉପରେ ହେଉଥିବା ମରଣାନ୍ତକ ଆକ୍ରମଣ ଓ ମିଛ ମାମଲାକୁ କିଭଳି ସାଙ୍ଗଠନିକ ଭାବେ ମୁକାବିଲା କରିବା ବିଗତ ଦିନରେ ସଙ୍ଗଠନକୁ ଜିଲାରୁ ପଞ୍ଚାୟତ ପର୍ଯ୍ୟନ୍ତ ସୁଦୂର ପ୍ରସାର କରି ସରକାରୀ ଯୋଜନାରେ ହେଉଥିବା ଦୁର୍ନୀତିକୁ ପଦାକୁ ଆଣି ସେଥିରେ ସମ୍ପୃକ୍ତ ସରକାରୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ସଙ୍ଗଠନ ଆଗକୁ ବ୍ୟାପକ ପ୍ରସ୍ତୁତି କରାଯିବା ପାଇଁ ସ୍ଥିର କରାଯାଇଛି। ଶେଷରେ ଉପସ୍ଥିତ କର୍ମୀମାନଙ୍କୁ ଆବାହକ ଧନ୍ୟବାଦ ଦେଇଥିଲେ।

### ଗାନ୍ଧୀ ସଫ୍ଟବଲ କ୍ରୀଡ଼ା: ପୁରୀରୁ ୩ ଅମ୍ପାୟର ମନୋନୀତ

**ସ୍ୱାଗତ ସହ ଶୁଭେଚ୍ଛା ଜଣାଇଲା ଜିଲା କ୍ରୀଡ଼ା ସଂଘ**

ପୁରୀ ଅଫିସ, ୧।୧୦: ଗୁଜରାଟର ଗାନ୍ଧୀନଗରରେ ଅକ୍ଟୋବର ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ଗାନ୍ଧୀ ସଫ୍ଟ ବଲ କ୍ରୀଡ଼ା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ୪ଜଣ ଅମ୍ପାୟର ଯୋଗଦେବା ପାଇଁ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପୁରୀ ଜିଲାରୁ ୩ଜଣ ଯଥା ରାଜକିଶୋର ପଟ୍ଟନାୟକ, ସୌମିତ୍ର ରଞ୍ଜନ ହରିଚନ୍ଦନ ଏବଂ ଅମିୟ ନାଗ ରହିଛନ୍ତି। ଭାରତୀୟ ସଫ୍ଟବଲ ସଂଘ ପକ୍ଷରୁ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅମ୍ପାୟରିଂ କରିବା ଲାଗି ଏମାନଙ୍କୁ ନିଯୁକ୍ତି ଦିଆଯାଇଛି। ପୂର୍ବରୁ ମଧ ରାଜକିଶୋର ଓ ସୌମିତ୍ର ରଞ୍ଜନ ଅନ୍ତର୍ଜାତୀୟ ସ୍ତରରେ ଏସିଆନ ଚାମ୍ପିୟନଶିପ୍‌ରେ ଅମ୍ପାୟରିଂ କରି ଅନେକ ସଫଳତା ପାଇଛନ୍ତି। ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅମ୍ପାୟର ଭାବେ ନିଯୁକ୍ତି ପାଇବା ପରେ ପୁରୀ ଜିଲା ସଫ୍ଟବଲ ସଂଘ ପକ୍ଷରୁ ତିନିଜଣଙ୍କୁ ସ୍ୱାଗତ କରାଯାଇଛି। ପୁରୀ ଜିଲା ସଂଘ କାର୍ଯ୍ୟକାରୀ ସଭାପତି ମୃତ୍ୟୁଞ୍ଜୟ ମହାନ୍ତି, ସମ୍ପାଦକ ରଞ୍ଜନ ରଥ, ସୌଭାଗ୍ୟ ରଞ୍ଜନ ସାହୁ, ସୌମ୍ୟ ରଞ୍ଜନ ସାହୁ, ମନୋଜ ପ୍ରଧାନ, ବିଭୁ ପଶୁପାଳକ, ଶୁଭକାନ୍ତ ମହାନ୍ତି, ରାକେଶ ମିଶ୍ର, ନିରଞ୍ଜନ ମିଶ୍ର, ଏଲୋରା କାନୁନଗୋ, ଜ୍ୟୋତିପ୍ରଭା ଦାଶ, ସୁଚିତ୍ରା ପଟ୍ଟନାୟକ ଏବଂ ଅରବିନ୍ଦ ଦାଶ ପ୍ରମୁଖ ଏହି ୩ ଅମ୍ପାୟରଙ୍କୁ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ପୁରୀସ୍ଥିତ ଲଳିତ କଳା ଏକାଡେମୀର ଆଞ୍ଚଳିକ ଆର୍ଟ ଗ୍ୟାଲେରିରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ।

# ଚିତ୍ରକଳାରେ 'ସ୍ୱାଧୀନତା ସଂଗ୍ରାମ'ର ଝଲକ

**ପୁରୀ ଅଫିସ, ୧।୧୦:**

'ଆଜାଦୀ କା ଅମୃତ ମହୋତ୍ସବ' ଅବସରରେ ଅଗଷ୍ଟ ୧୫ରୁ ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ୪୫ ଦିନକୁ 'ସ୍ୱାଧୀନତାର ଉଚ୍ଛ୍ୱାସ' ରୂପେ ରାଜ୍ୟ ସରକାର ପାଳନ କରୁଛନ୍ତି। ଏହି ଉପଲକ୍ଷେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଭୁବନେଶ୍ୱର ଚାରୁ ଓ ଚାରୁକଳା ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଏଥିରେ ସ୍ୱାଧୀନତା ସଂଗ୍ରାମର ବିଷୟବସ୍ତୁକୁ ନେଇ ଚିତ୍ର ଓ ଭାସ୍କର୍ଯ୍ୟ ପ୍ରଦର୍ଶନ କରାଯାଇଥିଲା। ଭୁବନେଶ୍ୱରସ୍ଥିତ ବୁଦ୍ଧ ଆର୍ଟ ଗ୍ୟାଲେରୀରେ ଏହା ପ୍ରଦର୍ଶିତ ହେବା ପରେ ପୁରୀସ୍ଥିତ ଲଳିତ କଳା ଏକାଡେମୀର ଆଞ୍ଚଳିକ ଆର୍ଟ ଗ୍ୟାଲେରୀରେ ଅକ୍ଟୋବର ୧ରୁ ୭ତାରିଖ ପର୍ଯ୍ୟନ୍ତ ପ୍ରଦର୍ଶନ ହେଉଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ ଯୋଗଦେଇଥିଲେ। ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମୀମାନେ ବଳିଦାନ ଦେଇ ଅମର ଗାଥା ସୃଷ୍ଟି କରିଯାଇଛନ୍ତି। ତାହା ଆଜିର ଯୁବପିଢିଙ୍କୁ ପ୍ରେରଣା ଦେବାରେ ସହାୟକ ହେବ ବୋଲି ଦାସ କହିଥିଲେ। କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ଅଧିକାରୀ, ଗ୍ୟାଲେରୀ ତତ୍ତ୍ୱାବଧାରକ ସତ୍ୟ ପାଢ଼ୀ ଏବଂ ବି.କେ. କଳା ମହାବିଦ୍ୟାଳୟର ଅଧକ୍ଷ ଗଜେନ୍ଦ୍ର କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ଥାନାରେ ହାଜର ହେବାକୁ ସାମ୍ବାଦିକଙ୍କୁ ନୋଟିସ

**ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ମାମଲା**

**ଭୁବନେଶ୍ୱର,୧।୧୦ (ବ୍ୟୁରୋ):**

ବିଜେଡି ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟଣାକୁ ଇତିମଧ୍ୟରେ ସପ୍ତାହ ବିତିଲାଣି । ହେଲେ ଏହାର କାରଣ ଜଣାପଡୁ ନ ଥିବାରୁ ଘଟଣାର ରହସ୍ୟ ବଢିବାରେ ଲାଗିଛି । ତେବେ ମୃତ୍ୟୁ ପୂର୍ବରୁ ସାମ୍ବାଦିକ ଅକ୍ଷୟ ନାୟକଙ୍କ ସହିତ ହୋଇଥିବା ବାର୍ତ୍ତାଳାପର ଅଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଘଟଣା ଆହୁରି ରହସ୍ୟାବୃତ୍ତ ହୋଇଯାଇଛି। 'ଯଦି ମୋର ମୃତ୍ୟୁ ହୁଏ ତା' ହେଲେ ୪ଜଣ ଦାୟୀ ରହିବେ' ଏବଂ ସେହି ୪ଜଣଙ୍କ ନାମ ସେ ଅକ୍ଷୟଙ୍କୁ କହୁଥିବା ଅଡ଼ିଓ ଭାଇରାଲ ହୋଇଛି। ସେହି ଅଡିଓକୁ କ୍ଲିପକୁ ନେଇ କମିଶନରେଟ ପୋଲିସ ତଦନ୍ତ ଆରମ୍ଭ କରିଛି। ତେଣୁ ଏହାର ଖୋଳତାଡ଼ ପାଇଁ ଶନିବାର ନିମାପଡ଼ା ସ୍ଥିତ ଅକ୍ଷୟଙ୍କ ଘରେ ପହଞ୍ଚି ପଚରାଉଚରା କରିବା ସହିତ ରବିବାର ଧଉଳି ଥାନାରେ ଦିନ ୧୧ ଟାରେ ହାଜର ହୋଇ ପକ୍ଷ ରଖିବାକୁ କମିଶନରେଟ ପୋଲିସ ନୋଟିସ କରିଥିବା ଜଣାପଡିଛି ।

### ବ୍ୟବସାୟୀ ସଂଘର ସ୍ୱଚ୍ଛତା ଅଭିଯାନ

**କଣାସ,୧।୧୦(ସ୍ୱ.ପ୍ର.)**

କଣାସ କୁଞ୍ଜେଶ୍ୱରୀ ବ୍ୟବସାୟୀ ସଂଘ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶ୍ରୀକାନ୍ତ କୁମାର ପଟ୍ଟଯୋଷୀଙ୍କ ତତ୍ତ୍ୱାବଧାନରେ ପି.ଏସ୍ କ୍ୟାରିୟର ଛାତ୍ରୀଛାତ୍ରମାନେ କୁଞ୍ଜେଶ୍ୱରୀ ବଜାର ଓ ମନ୍ଦିର ପରିସର ପରିଚ୍ଛନ୍ନ କରିଥିଲେ। ପ୍ରତ୍ୟେକ ଦୋକାନୀ ନିଜ ଦୋକାନ ଆଗରେ ଡଷ୍ଟବିନ୍ ରଖିବାକୁ ବ୍ୟବସାୟୀମାନଙ୍କୁ ଅନୁରୋଧ କରିଥିଲେ।

# କୃଷିରଥର ଶୁଭାରମ୍ଭ

**ପିପିଲି,୧।୧୦(ଡି.ଏନ୍.ଏ./ସ୍ୱ.ପ୍ର.)**

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସହଯୋଗରେ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର (ଆତ୍ମା) ଆନୁକୁଲ୍ୟରେ ଶନିବାର କୃଷି ରଥ ଓ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଯାଇଛି। ପିପିଲି ତରାକାଜସ୍ଥିତ ଆତ୍ମା କାର୍ଯ୍ୟାଳୟରେ ଆୟୋଜିତ କୃଷି ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିଥି ଭାବେ ଆତ୍ମା ଅଧ୍ୟକ୍ଷ ପ୍ରକାଶ ଧଳ, ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ ଓ ସୁଶାନ୍ତ ମଲ୍ଲିକ, ବିଧାୟକଙ୍କ ପ୍ରତିନିଧି ଆର୍ତ୍ତବନ୍ଧୁ ସାମନ୍ତରାୟ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା କୃଷି ରଥକୁ ସବୁଜ ପତକା ଦେଖା ଶୁଭାରମ୍ଭ କରାଯାଇଥିଲା। ଏହି କୃଷି ରଥ ପିପିଲି ବ୍ଲକର ପ୍ରତି ପଞ୍ଚାୟତ, ଗ୍ରାମକୁ ଯାଇ ୬ଦିନ ପାଇଁ ସରକାରଙ୍କ କୃଷି ଜନ ଯୋଜନା ବିଷୟ ସବୁ ଲୋକଲୋଚନକୁ ଆଣିବ ବୋଲି ବିଭାଗୀୟ ସହକାରୀ କୃଷି ଅଧିକାରିଣୀ ଜୟଲକ୍ଷ୍ମୀ ସାହୁ ପ୍ରକାଶ କରିଛନ୍ତି। ସେହିପରି ଯଶୁଆପୁର ପଞ୍ଚାୟତ ଅନ୍ତର୍ଗତ ସାତଶଙ୍ଖ ବଜାର ହାଟରେ ରାଜ୍ୟ ସରକାରଙ୍କ ପରାମର୍ଶ ଅନୁଯାୟୀ କୃଷି ଜନସଚେତନତା ଉପରେ ମା' କଳିଙ୍ଗେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରଥପାନ୍ତ ନାଟକ ପରିବେଷଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପିପିଲି ବ୍ଲକ କୃଷି ବୈଷୟିକ ପରିଚାଳକ ଉମାକାନ୍ତ ଦଳେଇ, ସହକାରୀ ବୈଷୟିକ ପରିଚାଳକ ଆଶୁତୋଷ ଶତପଥୀ, ପିତାମ୍ବର ବାରିକ, ଆକାଂକ୍ଷା ସାମନ୍ତରାୟଙ୍କ ସମେତ ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ କୃଷକ ସାଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ୮ ଶତାୟୁ ନିର୍ବାଚକଙ୍କୁ ସମ୍ବର୍ଦ୍ଧନା

**ବଳଙ୍ଗା,୧।୧୦(ଡି.ଏନ୍.ଏ.)**

ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଅବସରରେ ଶନିବାର ପ୍ରଶାସନ ପକ୍ଷରୁ ବଳଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ ବିଭିନ୍ନ ପଞ୍ଚାୟତର ୮ ଜଣ ଶତାୟୁ ନିର୍ବାଚକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ନିମାପଡ଼ା ବିଡିଓ ବସନ୍ତ ମଲ୍ଲିକ, ଅତିରିକ୍ତ ବିଡିଓ ପୂର୍ଣ୍ଣଚନ୍ଦ୍ର ସେଠୀ, ବ୍ଲକ ଉପାଧକ୍ଷା ଅନସୂୟା ମହାନ୍ତି, ବଳଙ୍ଗା ସରପଞ୍ଚ ଅଞ୍ଜଳି ପ୍ରଧାନ, ସମିତି ସଭ୍ୟ ପ୍ରକାଶ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଦେଶର ନିର୍ବାଚନ ପ୍ରକ୍ରିୟାରେ ଶତାୟୁ ବରିଷ୍ଠ ନାଗରିକଙ୍କ ନିରନ୍ତର ଯୋଗଦାନ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଭାଗନେଇ ଭାରତର ଗଣତନ୍ତ୍ରକୁ ସୁଦୃଢ କରିବା ପାଇଁ ବରିଷ୍ଠଙ୍କ ଉତ୍ସାହ ଓ ସମର୍ପଣ ଭାବ ଦେଶର ଯୁବବର୍ଗଙ୍କ ଲାଗି ଉଦାହରଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୋଠକୁସାଙ୍ଗ ପଞ୍ଚାୟତର ନବି ସାହୁ, ଫୁଲ ସାମନ୍ତରାୟ, ତପୋଇ ପରିଡ଼ା, ଧନୁଆ ପଞ୍ଚାୟତର କୁମୁଦଲତା ନାୟକ, ଗୋପୀନାଥପୁର ପଞ୍ଚାୟତର ପୂର୍ଣ୍ଣଚନ୍ଦ୍ର ନାୟକ, ସକର ମହମ୍ମଦ, ଉଚ୍ଛୁପୁର ପଞ୍ଚାୟତର ବାସୁଦେବ ପଣ୍ଡା ଓ ବଳଙ୍ଗା ପଞ୍ଚାୟତର ୧୦୭ ବର୍ଷୀୟା ବିଦୁଲତା ମିଶ୍ରଙ୍କୁ ଫୁଲ ଚନ୍ଦନ ସହ ନିର୍ବାଚନ କମିଶନ ପକ୍ଷରୁ ଆସିଥିବା ମାନପତ୍ର ପ୍ରଦାନ କରାଯିବା ସହିତ ସମ୍ବର୍ଦ୍ଧିତ କରାଯାଇଥିଲା।



ପ୍ରଶାସନ ପକ୍ଷରୁ ୮ ଜଣ ଶତାୟୁ ନିର୍ବାଚକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ଯାନ୍ତ୍ରିକ ଜ୍ଞାନକୌଶଳ ପଦ୍ଧତିରେ ଚାଷ କରିବାକୁ ପରାମର୍ଶ

**ଡେଲାଙ୍ଗ,୧।୧୦(ଡି.ଏନ୍.ଏ.)**

ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଆଇଆର୍ଆର୍ଆଇ), ଦକ୍ଷିଣ ଏସିଆ ଖାଦ୍ୟ ଶସ୍ୟ ଉତ୍ପାଦନ ପ୍ରୋତ୍ସାହନ (ସିସା), ବିହନ ଓ କୀଟନାଶକ ଉତ୍ପାଦକ ବେୟର, ଓଡ଼ିଶା ସରକାରଙ୍କ କୃଷି ବିଭାଗ ଓ ମହିଳା ମିଶନ ଶକ୍ତି ସଂସ୍ଥାର ମିଳିତ ଉଦ୍ୟମରେ ଚାଷୀମାନଙ୍କ ପାଇଁ ତାଲିମ ଶିବିର ଡେଲାଙ୍ଗ ବ୍ଲକର ବେନୁପଡା ଓ ଡଁପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଦିନକୁ ଦିନ ମୁଣ୍ଡପିଛା ଜମିର ଆୟତନ କମୁଛି, କୃଷି ଉପକରଣ ଓ ବିନିଯୋଗ ସାମଗ୍ରୀର ମୂଲ୍ୟ ବଢ଼ିଚାଲିଛି। ପାରମ୍ପରିକ ପଦ୍ଧତି ଚାଷରେ ଉତ୍ପାଦନ ହ୍ରାସ ପାଉଛି। ସେଥିପାଇଁ ନୂତନ ଜ୍ଞାନକୌଶଳ ଓ ଯନ୍ତ୍ରପାତି ମାଧ୍ୟମରେ ଚାଷ କରିବା ପାଇଁ ଡିଏସ୍ଆର ଓ ସିସା ଓଡ଼ିଶା କୋର୍ଡିନେଟର ଡ. ଅଶୋକ କୁମାର ଯାଦବଙ୍କ ସହିତ କୃଷି ବିଶେଷଜ୍ଞମାନେ ଚାଷୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସିସାର ଡ. ଯାଦବଙ୍କ ଅଧ୍ୟକ୍ଷତାରେ ଶିବିରରେ ଆଇଆରଆରଆଇର ବୈଜ୍ଞାନିକ ଡ. ୟୁ.ଏସ.ସିଂହ, ଡ.ବୀରେନ୍ଦ୍ର କୁମାର, ଓୟୁଏଟିର ଡିନ ପ୍ରଫେସର ପ୍ରସନ୍ନଜିତ ମିଶ୍ର, ବେୟର କ୍ରପସାଇନସ୍‌ର ଡ.ସୁଧାଂଶୁ ମିଶ୍ର, ଇକୋନୋମିଷ୍ଟ ଡ. ବିଧାନ ମହାପାତ୍ର, ଜେଣ୍ଡର ସ୍ପେଶାଲିଷ୍ଟ ସୁଗନ୍ଧା ମୁନ୍‌ସୀ, ବେୟରର ଡ. ବିମଳ ପାଣ୍ଡେ, କୃଷି ଗବେଷଣା କେନ୍ଦ୍ରର ସଞ୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ କରିଥିଲେ।




ବୈଜ୍ଞାନିକ, ବିଭାଗୀୟ ଅଧିକାରୀ ଏବଂ ଛାତ୍ରୀଛାତ୍ରମାନେ ଚାଷ କ୍ଷେତ୍ର ପରିଦର୍ଶନ କରୁଛନ୍ତି ।

କମ୍ ଖର୍ଚ୍ଚରେ ଚାଷୀମାନେ କ୍ଷେତରେ ଧାନବୁଣି ଅଧିକ ଅମଳ କ୍ଷମ ପାଇଁ ଯାନ୍ତ୍ରିକ ଓ ଜ୍ଞାନକୌଶଳ ପଦ୍ଧତିରେ ଚାଷ କରି ଅଧିକ ଲାଭବାନ ହୋଇପାରିବେ ସେନେଇ ବୈଜ୍ଞାନିକମାନେ ପ୍ରଶିକ୍ଷଣ ଦେଇଥିଲେ। ଭାରତ, ବାଂଲାଦେଶ ଓ ନେପାଳର ବିଭିନ୍ନ ସ୍ଥାନରେ ଚାଷୀମାନଙ୍କୁ ନୂତନ ଜ୍ଞାନକୌଶଳ ସମ୍ପର୍କରେ ସଚେତନା କରାଯାଉଛି। ଭାରତର ଓଡ଼ିଶା, ବିହାର ଓ ପୂର୍ବ ଉତ୍ତର ପ୍ରଦେଶରେ ଏହି ଜ୍ଞାନକୌଶଳରେ ଗତବର୍ଷ ଓ ଚଳିତବର୍ଷ ଚାଷୀମାନେ ଚାଷ କରିଥିବା ଉପସ୍ଥିତ ବୈଜ୍ଞାନିକମାନେ କହିଛନ୍ତି ।

**ଧାଡ଼ିବୁଣା ଧାନ ଚାଷ କ୍ଷେତ୍ର ପରିଦର୍ଶନ କଲେ ବୈଜ୍ଞାନିକ**

ଡେଲାଙ୍ଗ ବ୍ଲକରେ ଏହି ପଦ୍ଧତିରେ ୩୦ ଏକର ଚାଷ କରାଯାଇଛି। ଆନ୍ତର୍ଜାତୀୟ ଧାନ, ମକା, ଗହମ ଓ ଖାଦ୍ୟନିତି ଗବେଷଣା କେନ୍ଦ୍ରର ସିସା ହେଉଛି ଏକ ପ୍ରୋଜେକ୍ଟ। ଏହି ପ୍ରୋଜେକ୍ଟ ଦ୍ୱାରା ଉନ୍ନତ ଜ୍ଞାନକୌଶଳରେ ଚାଷୀମାନେ ଧାନବୁଣି ଚାଷ କଲେ ୪୦ ଶତକଡା କମ୍ ଶ୍ରମିକ ଲାଗିବା ସହିତ ୩୦ ଶତକଡା କମ୍ ପାଣିରେ ଧାନ ଅମଳ ହୋଇପାରିବ। ଚାଷୀମାନଙ୍କୁ ନେଇ ଚଳିତବର୍ଷ ଧାଡ଼ିବୁଣା ଧାନ ଚାଷର କ୍ଷେତ୍ର ପରିଦର୍ଶନ କରି ଆବଶ୍ୟକୀୟ ଯନ୍ତ୍ରପାତି ସଂପର୍କରେ ବୈଜ୍ଞାନିକମାନେ ଅବଗତ କରାଇଥିଲେ। ଏହି ପ୍ରଶିକ୍ଷଣ ଶିବିରେ କଣାସ ବ୍ଲକର ସଫଳ ଚାଷୀ ବିକ୍ରମ ପାଲଟାସିଂହ, ଡେଲାଙ୍ଗ ବ୍ଲକର ଚାଷୀ ବିକ୍ରମ ପରିଡା, ଅନନ୍ତ ଛାଟୋଇ, ଗୋପ ଆଳସରଙ୍ଗର ସୁଜାତା ଭୋଇଙ୍କ ସମେତ ଡେଲାଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ଶରତ ଚନ୍ଦ୍ର ବିଶ୍ୱାଳ, ମହାବିଦ୍ୟାଳୟର ଛାତ୍ରୀଛାତ୍ରୀ, ଶତାଧିକ ଚାଷୀ କ୍ଷେତ୍ର ପରିଦର୍ଶନ କରିବା ସହିତ ସ୍ଥାନୀୟ ବୈଷୟିକ ପରାମର୍ଶଦାତା ଅଶୋକ ପ୍ରଧାନ କାଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଥାନାରେ ହାଜର ହେବାକୁ ସାମ୍ବାଦିକଙ୍କୁ ନୋଟିସ

#### ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ମାମଲା

ଭୁବନେଶ୍ୱର,୧।୧୦ (ବ୍ୟୁରୋ): ବିଜେଡି ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟଣାକୁ ଇତିମଧ୍ୟରେ ସପ୍ତାହ ବିତିଲାଣି । ହେଲେ ଏହାର କାରଣ ଜଣାପଡୁ ନ ଥିବାରୁ ଘଟଣାର ରହସ୍ୟ ବଢିବାରେ ଲାଗିଛି । ତେବେ ମୃତ୍ୟୁ ପୂର୍ବରୁ ସାମ୍ବାଦିକ ଅକ୍ଷୟ ନାୟକଙ୍କ ସହିତ ହୋଇଥିବା ବାର୍ତ୍ତାଳାପର ଅଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଘଟଣା ଆହୁରି ରହସ୍ୟାବୃତ୍ତ ହୋଇଯାଇଛି। 'ଯଦି ମୋର ମୃତ୍ୟୁ ହୁଏ ତା' ହେଲେ ୪ଜଣ ଦାୟୀ ରହିବେ' ଏବଂ ସେହି ୪ଜଣଙ୍କ ନାମ ସେ ଅକ୍ଷୟଙ୍କୁ କହୁଥିବା ଅଡ଼ିଓ ଭାଇରାଲ ହୋଇଛି। ସେହି ଅଡିଓକୁ କ୍ଲିପକୁ ନେଇ କମିଶନରେଟ ପୋଲିସ ତଦନ୍ତ ଆରମ୍ଭ କରିଛି। ତେଣୁ ଏହାର ଖୋଳତାଡ଼ ପାଇଁ ଶନିବାର ନିମାପଡ଼ା ସ୍ଥିତ ଅକ୍ଷୟଙ୍କ ଘରେ ପହଞ୍ଚି ପଚରାଉଚରା କରିବା ସହିତ ରବିବାର ଧଉଳି ଥାନାରେ ଦିନ ୧୧ ଟାରେ ହାଜର ହୋଇ ପକ୍ଷ ରଖିବାକୁ କମିଶନରେଟ ପୋଲିସ ନୋଟିସ କରିଥିବା ଜଣାପଡିଛି ।

### 'ବରିଷ୍ଠ ନାଗରିକଙ୍କ ମାର୍ଗଦର୍ଶନ ପରିବର୍ତ୍ତନ ଆଣେ'

ଖୋର୍ଦ୍ଧା ଅଫିସ/ଜଟଣୀ,୧।୧୦ (ଡି.ଏନ.ଏ.)

ଖୋର୍ଦ୍ଧା ତାଲୁକା ଆଇନ ସେବା କମିଟି ଆନୁକୂଲ୍ୟରେ ଜବରଦସ୍ତପୁର ସ୍ଥିତ ଜିଡ୍ବ୍ଲ୍ୟୁସିଟି ସେବା କେନ୍ଦ୍ର ପରିସରରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଖୋର୍ଦ୍ଧା ବାର୍ ସଭାପତି ବିଜୟ କୁମାର ସମାନ୍ତସିଂହାର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, ପରିବାରରେ ବରିଷ୍ଠ ନାଗରିକ ମାର୍ଗଦର୍ଶନ ସମାଜରେ ପରିବର୍ତ୍ତନ ଆଣେ। ସେମାନଙ୍କୁ ହତାଦର ନୁହଁ ସେବା କରିବା ସମସ୍ତଙ୍କ ଦାୟିତ୍ୱ। ସେବା ସଂଘର ସଭାପତି ଇତିଶ୍ରୀ ଚମ୍ପତି ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଆଇନଜୀବୀ ଅଶୋକ ମହାପାତ୍ର ଓ ରିଟେନର ଓକିଲ ନବୀନ ମହାପାତ୍ର ବରିଷ୍ଠ ନାଗରିକଙ୍କ ପାଇଁ ରହିଥିବା ଆଇନ ସେବା ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ନୃସିଂହ ମିଶ୍ର, ପ୍ରଦୀପ ମିଶ୍ର, ଶିବ ତ୍ରିପାଠୀ, ସଂଘର ଉପଦେଷ୍ଟା କଳ୍ପନା ଶର୍ମା, ନୂରଯାହନ ବେଗମ୍ ପ୍ରମୁଖ ଉପସ୍ଥିତ ଥିଲେ। ତାଲୁକା ଆଇନସେବା କମିଟି ସମ୍ପାଦକ ବସନ୍ତ ଶତପଥୀ ସଂଯୋଜନା କରିଥିଲେ। ସଂଘ ସମ୍ପାଦକ ଚିତ୍ତରଞ୍ଜନ ପାଣିଗ୍ରାହୀ, ଶୁକ୍ରମ କେଶରୀ ଚମ୍ପତି, ଯୋଗଗୁରୁ ନଗେନ୍ଦ୍ର କୁମାର ଚମ୍ପତି ପ୍ରମୁଖ ସହଯୋଗ କରିଥିଲେ।

ଜଟଣୀ ବ୍ଲକ ପକ୍ଷରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ୧୧୯ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଭୁବନେଶ୍ୱର ଉପଜିଲାପାଳଙ୍କ ଅନୁମୋଦନ କ୍ରମେ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ, ସ୍ୱାମୀ ପରିତ୍ୟକ୍ତ ଆଦି ଭତ୍ତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଡିଓ ସରୋଜ କୁମାର ରାଉତ, ସାମାଜିକ ସୁରକ୍ଷା ଅଧିକାରୀ ଇତିଶ୍ରୀ ସାମଲଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟ ଉପସ୍ଥିତ ଥିଲେ।

# 'ବାହୁ, ଅର୍ଥବଳ ଗଣତନ୍ତ୍ରର କଣ୍ଠରୋଧ କରୁଛି'

ଖୋର୍ଦ୍ଧା ଅଫିସ,୧।୧୦



ଆଲୋଚନାଚକ୍ରରେ ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ଏବଂ ଅନ୍ୟମାନେ।

ଏକ ଗଠନମୂଳକ ସମାଜ ଲାଗି ନିର୍ବାଚନ ପ୍ରକ୍ରିୟାରେ କେତେଗୁଡିଏ ସଂସ୍କାର ଆଣିବା ଜରୁରୀ ହୋଇପଡିଛି ବୋଲି 'ନିଡସ୍ ଅଫ ଦି ଟାଇମ' ପକ୍ଷରୁ ଶନିବାର ସ୍ଥାନୀୟ ସଂସ୍କୃତି ଭବନରେ ନିର୍ବାଚନ ପଦ୍ଧତିରେ ସଂସ୍କାର ଓ ପରିବର୍ତ୍ତନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।

ଅନୁଷ୍ଠାନର ସଭାପତି ଡ.ଦିଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ବର୍ତ୍ତମାନର ବାହୁବଳ, ଅର୍ଥବଳ ଗଣତନ୍ତ୍ରର କଣ୍ଠରୋଧ କରୁଛି। ବିଧାନସଭା ଠାରୁ ସଂସଦ ଭବନ ପର୍ଯ୍ୟନ୍ତ ଏକାଧିକ ବିଧାୟକ, ଏମ୍‌ପିଙ୍କ ନାଁରେ ଅପରାଧିକ ମାମଲା ରହିଛି। ସଂସଦ ଭଳି ଏକ ପବିତ୍ର ମନ୍ଦିରରେ ଯଦି ଅପରାଧରେ ଜଡିତ ବ୍ୟକ୍ତିବିଶେଷ ନିର୍ବାଚିତ ହୋଇଯିବେ, ତେବେ ସେ ଦେଶର ବିକାଶ ହେବା ପରିବର୍ତ୍ତେ ଅରାଜଗତା, ଅଶାନ୍ତି ଲାଗି ରହିବ। ଆଗାମୀ ଦିନରେ ଦେଶ ପାଇଁ ଏକ ବଡ ସମସ୍ୟା ସୃଷ୍ଟି କରିବ। ଏଣୁ ଏଥିପ୍ରତି ସବୁସ୍ତରରେ ସ୍ୱର ଉଠିବା ଆବଶ୍ୟକ। ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ଏବଂ ପରିବର୍ତ୍ତନ ଆଣିବା ଜରୁରୀ ହୋଇପଡିଛି ବୋଲି ସେ କହିଥିଲେ। ମୁଖ୍ୟ ବକ୍ତାଭାବେ ଯୋଗଦେଇ ଜାତୀୟ ନିର୍ବାଚନ କମିଶନର ଓ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପୂର୍ବତନ ପରାମର୍ଶଦାତା ଓ ଜାତୀୟ ଯୁବ ବ୍ୟାପାର ବିଭାଗର ପରାମର୍ଶଦାତା ଡ.ଭଗବାନ ପ୍ରକାଶ ଯୋଗଦେଇ କହିଥିଲେ ନିର୍ବାଚନ ହିଂସାମୁକ୍ତ, ଅର୍ଥମୁକ୍ତ, ନିଶାମୁକ୍ତ ଓ ଅପରାଧପ୍ରବଣ ମୁକ୍ତ ନ ହେଲେ ସ୍ୱଚ୍ଛ ଓ ନିରପେକ୍ଷ ହୋଇପାରିବ ନାହିଁ । ଏହି ଦୃଷ୍ଟିକୋଣରୁ ବର୍ତ୍ତମାନର ଗଣତନ୍ତ୍ର ଦିନକୁ ଦିନ ଲକ୍ଷ୍ୟ ଠାରୁ ଦୂରେଇ ଯାଉଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

ସଭାପତିତ୍ୱ ଭାଷଣରେ ଶ୍ରୀଚନ୍ଦନ କହିଥିଲେ, ବିଶେଷଜ୍ଞମାନଙ୍କୁ ନେଇ ଏ ସମ୍ପର୍କରେ ଜାତୀୟସ୍ତରରେ କର୍ମଶାଳା, ଆଲୋଚନାଚକ୍ର, ଶୋଭାଯାତ୍ରା, ସାଧାରଣ ସଭା ଆସନ୍ତା ୨୦୨୩ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଜାରି ରହିବ। ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କୁ ଏହି ଅଭିଯାନରେ ସାମିଲ କରାଯିବ। ନିର୍ବାଚନରେ ସଂସ୍କାର ଆଣିବା ପାଇଁ ସେମାନଙ୍କ ମତାମତ ସଂଗ୍ରହ କରାଯିବ। ସଂଗୃହୀତ ତଥ୍ୟକୁ ଆଧାର କରି ଏକ ପୁସ୍ତକ ପ୍ରସ୍ତୁତ କରାଯାଇ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯିବ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ମୁଖ୍ୟ ସଂଯୋଜକ ବାଲାଜୀ ପାତ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟି ସ୍ୱାଗତ ଭାଷଣରେ ନିର୍ବାଚନ ସଂସ୍କାର ସମ୍ପର୍କରେ କହିଥିଲେ ଯେ, ଭୋଟଦାନ ବ୍ୟବସ୍ଥା ବାଧ୍ୟତାମୂଳକ, ପ୍ରାର୍ଥୀମାନେ ଅନ୍‌ଲାଇନ୍ ମାଧ୍ୟମରେ ପ୍ରାର୍ଥୀପତ୍ର ଦାଖଲ, ପ୍ରାର୍ଥୀ ନିଜ ଆଭିମୁଖ୍ୟ ସ୍ପଷ୍ଟ, ପ୍ରାର୍ଥୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତା ସ୍ଥିର କରାଯିବା ଆବଶ୍ୟକ। ଖୋର୍ଦ୍ଧାରୁ ଏହି ଅଭିଯାନ ଶୁଭାରମ୍ଭ ହୋଇଛି। ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ ଆଲୋଚନାଚକ୍ର ଆୟୋଜନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଓକିଲ ସଂଘର ସଭାପତି ବିଜୟ ସାମନ୍ତସିଂହାର, ଉପସଭାପତି ପ୍ରଭାତ ବେହେରା, ସାମାଜକ କର୍ମୀ ଇତିଶ୍ରୀ ସାହୁ, ସୁବାଷ ପାତ୍ର, ମୋହନ ନାୟକ, ଜିତୁ ସାମନ୍ତରାୟ, ଗିରିଜା ଦାସ, ଶିକ୍ଷାବିତ୍ ପ୍ରଫୁଲ୍ଲ ସାମନ୍ତରାୟ, ଅଧାପକ ଗୋପାଳ ଦାସଙ୍କ ସମେତ ବହୁ ସାମାଜିକକର୍ମୀ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ।

# ଦେଶର ୫୦ ସ୍ୱତନ୍ତ୍ର ଐତିହ୍ୟ ବୟନକଳା ସାମଗ୍ରୀ ମଧ୍ୟରେ ଓଡ଼ିଶାର ୫



ଭୁବନେଶ୍ୱର,୧।୧୦(ବ୍ୟୁରୋ)

## ୟୁନେସ୍କୋ ରିପୋର୍ଟ

ଓଡ଼ିଶାର ହସ୍ତତନ୍ତ ଓ ବୟନ ସାମଗ୍ରୀ ନିଜର ସ୍ୱତନ୍ତ୍ରତା ପାଇଁ ସବୁବେଳେ ଜାତୀୟ ତଥା ଅନ୍ତର୍ଜାତୀୟ ଚାହିଦା ବଜାୟ ରଖି ଆସିଛି। ଶନିବାର ୟୁନେସ୍କୋ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଦେଶର ୫୦ଟି ସ୍ୱତନ୍ତ୍ର ତଥା ଆଇକନିକ୍ ଐତିହ୍ୟ ବୟନକଳା ସାମଗ୍ରୀ ମଧ୍ୟରେ ଓଡ଼ିଶାର ୫ ଉତ୍ପାଦ ସ୍ଥାନ ପାଇଛି। 'ହ୍ୟାଣ୍ଡମେଡ୍ ଅଫ୍ ଦି ଟ୍ୱେଣ୍ଟିଫାଷ୍ଟ ସେଞ୍ଚୁରୀ: ସେଫ୍‌ଗାର୍ଡିଂ ଟ୍ରାଡିଶନାଲ ଇଣ୍ଡିଆନ ଟେକ୍ସଟାଇଲ୍' ନାମକ ଏହି ରିପୋର୍ଟରେ ଉତ୍ତର, ଦକ୍ଷିଣ ଓ ପଶ୍ଚିମ ଭାରତରୁ ୧୧ଟି ଲେଖାଏ, ପୂର୍ବ ଭାରତରୁ ୧୦ଟି ଓ ଉତ୍ତର ପୂର୍ବ ରାଜ୍ୟରୁ ୪ଟି ଉତ୍ପାଦ ତାଲିକାଭୁକ୍ତ ହୋଇଛି। ପୂର୍ବାଞ୍ଚଳ ବୟନକଳା ଉତ୍ପାଦ ମଧ୍ୟରେ ଓଡିଶାର ୫ଟି ପ୍ରସିଦ୍ଧ ହସ୍ତତନ୍ତ ବସ୍ତ୍ର ସ୍ଥାନ ପାଇଛି। ସେଗୁଡ଼ିକ ହେଉଛି ସମ୍ବଲପୁରର 'ବାନ୍ଧ କଳା କାର୍ଯ୍ୟ', ବ୍ରହ୍ମପୁରର 'ପାଟ' (ଫୋଡା କୁମ୍ଭ), ଖୋର୍ଦ୍ଧାର 'ଧଳାପଥର ସ୍କ୍ରିନ୍', କନ୍ଧମାଳର ଡଙ୍ଗରିଆ ହସ୍ତତନ୍ତ ବସ୍ତ୍ର ଏବଂ କେନ୍ଦୁଲିର କାଲିଗ୍ରାଫିକ୍ (ହସ୍ତଲିପି) ବୁଣା ପାଟ।

# ଶାନ୍ତି, ମୈତ୍ରୀର ବାର୍ତ୍ତା ଦେଲା ଅହିଂସା ରଥ


ଅହିଂସା ରଥକୁ ସ୍ୱାଗତ କରାଯାଉଛି।

ଖୋର୍ଦ୍ଧା ଅଫିସ,୧।୧୦

ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ତଥା ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଅଗଷ୍ଟ ୧୫ରୁ ଅହିଂସା ରଥ ରାଜ୍ୟବ୍ୟାପୀ ପରିକ୍ରମା କରୁଥିବା ବେଳେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ଭୁବନେଶ୍ୱରରେ ପହଞ୍ଚିବ। ଶନିବାର ଏହି ରଥ ଖୋର୍ଦ୍ଧା ବ୍ଲକରେ ପହଞ୍ଚିଥିଲା। ବ୍ଲକର ପୁରୁସାହି, ନିଜିଗଡ଼ ତାପଙ୍ଗ ଅଞ୍ଚଳ ପରିକ୍ରମା କରିଥିଲା। ସେଠାରେ ବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ, ଗ୍ରାମବାସୀ, ବୁଦ୍ଧିଜୀବୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପିଲାମାନେ ତ୍ରିରଙ୍ଗା ଧରିବା ସହ ବିଭିନ୍ନ ବେଶରେ ସଜ୍ଜିତ ହୋଇ ଦେଶପ୍ରେମ ଭାବନା ଜାଗ୍ରତ କରିଥିଲେ। ତାପଙ୍ଗ ଠାରେ ଶୋଭାଯାତ୍ରାରେ ପାଇକ ଆଖଡା, ସମର କଳା, ପାଇକ ବୀରବାଦ୍ୟର ତାଳେ ତାଳେ ତାପଙ୍ଗ ଦଳବେହେରାଙ୍କ ସ୍ମୃତିପୀଠ, ପ୍ରତିମୂର୍ତ୍ତି ନିକଟରେ ପହଞ୍ଚି ପୁଷ୍ପମାଲ୍ୟାର୍ପଣ ସହ ସଭା କରାଯାଇଥିଲା। ପରେ ଏହି ରଥ ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ବିଜେବି ହାଇସ୍କୁଲରେ ପହଞ୍ଚିଥିଲା। ପାଇକ ଆଖଡା, ଘୋଡ଼ାନାଚ, ପଶୁମୁଖା ନୃତ୍ୟ, ଓଡ଼ିଶୀ ନୃତ୍ୟ ସହ ଏକ ଶୋଭାଯାତ୍ରାରେ ସ୍କୁଲ ପରିସରକୁ ପାଛୋଟି ନେଇଥିଲେ। ଏଥିରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବିଡିଓ କ୍ଷୀରାବ୍ଧି ତନୟା ସାହୁ, ତହସିଲଦାର ଈପ୍‌ସିତ ସାହୁ, ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ପ୍ରଧାନ ଶିକ୍ଷକ ଏସ୍.ଗୋହର ଅଲ୍ଲୀ, ବ୍ଲକ ଅଧକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ବ୍ଲକ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ୪ ଦିନ ବ୍ୟାପୀ ଏହି ରଥ ଖୋର୍ଦ୍ଧା ଜିଲାରେ ଶାନ୍ତି, ମୈତ୍ରୀ, ସଦ୍‌ଭାବର ବାର୍ତ୍ତା ବାଣ୍ଟିଥିଲା।

# ୫୪ ୟୁନିଟ୍ ରକ୍ତ ସଂଗ୍ରହ

ନିରାକାରପୁର,୧।୧୦(ଡି.ଏନ୍.ଏ.):

ଖୋର୍ଦ୍ଧା ଜିଲା ଜଙ୍କିଆ ପଞ୍ଚାୟତ ବାଲିଗାଡ଼ିଆ ବାସନ୍ତୀ ପଡ଼ିଆରେ ଶୁକ୍ରବାର ଓଁ ଶ୍ରୀ ଗ୍ରୁପ୍ ୟୁବ ପରିଷଦ ଓ ଜଙ୍କିଆ ପଞ୍ଚାୟତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୫୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏଥିରେ ରାଜ୍ୟ ସଭା ସଦସ୍ୟ ମୁନ୍ନା ଖାଁ, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ବିଜୁ ମହିଳା ଜନତା ଦଳ ରାଜ୍ୟ ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ର, ବିଜୁ ଜନତା ଦଳ ଖୋର୍ଦ୍ଧା ଜିଲା ଉପସଭାପତି କାଳୁ ବଳିୟାରସିଂହ, ବିଜୁ ଜନତା ଦଳ ଖୋର୍ଦ୍ଧା ଜିଲା ସାଧାରଣ ସମ୍ପାଦକ ସୁକାନ୍ତ ମଙ୍ଗରାଜ, ସାଗର ବାରିକ, ପଞ୍ଚାୟତ ସଭାପତି ମହେଶ ଚନ୍ଦ୍ର ରାଉତରାୟ, ବିଜୁ ଜନତା ଦଳ ଖୋର୍ଦ୍ଧା ଜିଲା ସାଧାରଣ ସମ୍ପାଦକ ଇକ୍‌ବାଲ ଅହମ୍ମଦ, ଅକ୍ଷୟ ଉଦୟସିଂ, କୃଷ୍ଣଚନ୍ଦ୍ର ନରେନ୍ଦ୍ର, ସ୍ଥାନୀୟ ସରପଞ୍ଚ ପଙ୍କଜିନୀ ବଳବନ୍ତରାୟ, ସମିତିସଭ୍ୟ ଈଶ୍ୱର ଚନ୍ଦ୍ର ମାର୍ଥା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଓଁ ଶ୍ରୀ ୟୁବ ପରିଷଦର ସଦସ୍ୟମାନେ ଏହି ଶିବିରକୁ ପରିଚାଳନା କରିଥିଲେ।

# କମ୍ପୁଛି ପୀଠ, ମଣ୍ଡପ

## ଖୋର୍ଦ୍ଧାର ୯ ମଣ୍ଡପରେ ପୂଜା ପାଉଛନ୍ତି ଦୁର୍ଗା, ହରପାର୍ବତୀ

ଖୋର୍ଦ୍ଧା ଅଫିସ,୧।୧୦

ଧରାବତରଣ କରିଛନ୍ତି ଜଗତ୍‌ଜନନୀ ମା'ଦୁର୍ଗା। ସବୁଠି ରହିଛି ଆଧ୍ୟାତ୍ମିକ ବାତାବରଣ। ଖୋର୍ଦ୍ଧା ଜିଲାର ପ୍ରମୁଖ ପ୍ରସିଦ୍ଧ ଶକ୍ତିପୀଠରେ ମହାସପ୍ତମୀ ପାଳନ ହୋଇଛି। ବାଟ ଭୁଆଷୁଣୀ, ବରୁଣେଇ ପୀଠ, ଗଡମାଣ୍ଡିତ୍ରୀର ମା'ରାମଚଣ୍ଡୀ, ଉଗ୍ରତାରା ଏବଂ ବାଣପୁର ସ୍ଥିତ ଭଗବତୀ ପୀଠରେ ପରମ୍ପରା ଅନୁଯାୟୀ ମହାସପ୍ତମୀ ପାଳିତ ହୋଇଥିବା ବେଳେ ପୂଜାମଣ୍ଡପ ଗୁଡିକରେ ଷଷ୍ଠୀ ପୂଜା ଅନୁଷ୍ଠିତ ହୋଇଛି। ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଛି ଖୋର୍ଦ୍ଧା ସହର। ଚାରିଆଡେ ରହିଛି ଉତ୍ସାହର ମାହୋଲ। ପୂଜାମଣ୍ଡପରେ ଚାଲିଛି ମା'ଙ୍କ ପୂଜାର୍ଚ୍ଚନା। ଦୁଇ ବର୍ଷର କୋଭିଡ କଟକଣା ହଟିବା ପରେ ଭକ୍ତଙ୍କ ସମାଗମ ମଧ୍ୟରେ ଚାଲିଛି ପୂଜାର୍ଚ୍ଚନା। ବିଭିନ୍ନ ଅଳଙ୍କାରରେ ଝଟକୁଛନ୍ତି ମା'। ଆକର୍ଷଣୀୟ ସାଜସଜ୍ଜା, ତୋରଣ, ଲାଇଟ ଗେଟ, ବିଭିନ୍ନ ରଙ୍ଗିନ ଆଲୋକମାଳାରେ ପୂଜାର ମାହୋଲ ଅତି ଆକର୍ଷିତ କରିଛି। ଖୋର୍ଦ୍ଧା ସହରରେ ଇଗଲ କ୍ଲବ, ଖୋର୍ଦ୍ଧା କ୍ଲବ, ଗୁରୁଜଙ୍ଗ ମାଲିସାହି ପୂଜା କମିଟି, ପୁରୁଣା ଫାଏର ଷ୍ଟେସନ ଛକ ଏବଂ ପଲ୍ଲା ଛକରେ ମା'ଙ୍କ ମୂର୍ଣ୍ମୟୀ ମୂର୍ତ୍ତି ପୂଜା ପାଉଥିବା ବେଳେ ଜୟୀରାଜଗୁରୁ ଟାଉନ ହଲ ନିକଟରେ ଟ୍ରାଫିକ ଛକ ବ୍ୟବସାୟୀ ସଂଘ, ଦୁଲଣା ସାହି, ମାଛ ମାର୍କେଟ ଛକ, ୪୦୭ ଷ୍ଟାଣ୍ଡ ପୂଜାମଣ୍ଡପରେ ହର ପାର୍ବତୀ ପୂଜା ପାଉଛନ୍ତି। ଷଷ୍ଠୀରେ ବିଭିନ୍ନ ବେଲ ବୃକ୍ଷ ନିକଟରେ ଭକ୍ତଙ୍କ ଭିଡ଼ ଜମିଥିଲା। ମାଙ୍କୁ ବିଲ୍ୱ ବରଣ ପରେ ପୂଜାମଣ୍ଡମକୁ ପାଛୋଟି ନେଇଥିଲେ। ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ବିଭିନ୍ନ ପ୍ରକାର ଫୁଲ, ଫଳ ନୈବେଦ୍ୟ ଅର୍ପଣ କରିଥିଲେ।


ନିରାକାରପୁର: ଦୀର୍ଘ ବର୍ଷ ପରେ ଗ୍ରାମୀଣ ବିଜ୍ଞାନ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ପାଣି ଟାଙ୍କି ସଫା କରାଯାଉଛି।

# ବିଜେବି କଲେଜରେ ୨ ନୂଆ ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମ

ଭୁବନେଶ୍ୱର, ୧।୧୦(ବ୍ୟୁରୋ)

## ମିଳିଲା ଅନୁମତି, ଚଳିତବର୍ଷରୁ ଆରମ୍ଭ ହେବ

ଚଳିତ ଶିକ୍ଷାବର୍ଷରୁ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦୁଇଟି ନୂଆ ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମ ଆରମ୍ଭ ହେବ। ଏ ନେଇ ଉଚ୍ଚ ଶିକ୍ଷା ବିଭାଗ ଅନୁମତି ଦେବା ସହ ବିଜେବି କଲେଜ ଅଧକ୍ଷଙ୍କୁ ଚିଠି ଲେଖି ଜଣାଇଦେଇଛି। ପିପିପି ମୋଡ୍‌ରେ ଆରମ୍ଭ ହେବାକୁ ଥିବା ଏହି ଦୁଇ ପାଠ୍ୟକ୍ରମ ହେଲା ଏମ୍‌ଏସ୍‌ସି କମ୍ପ୍ୟୁଟର ସାଇନ୍ସ ଏବଂ ଆଇଏମ୍‌ସିଏ। ୨ବର୍ଷିଆ ଏମ୍‌ଏସ୍‌ସି କମ୍ପ୍ୟୁଟର ସାଇନ୍ସ ପାଠ୍ୟକ୍ରମ ପାଇଁ ୫୦ହଜାର ଟଙ୍କା ଫି' ରହିଥିବାବେଳେ ୬୦ ସିଟ୍ ରହିବ। ସେହିଭଳି ୫ ବର୍ଷିଆ ଆଇଏମ୍‌ସିଏରେ ତିନିବର୍ଷ ବିସିଏ ଓ ୨ବର୍ଷ ଏମ୍‌ସିଏ ପାଠ୍ୟକ୍ରମ ପଢ଼ାଯିବ। ତେବେ ଆଇଏମ୍‌ସିଏ ପାଇଁ ପ୍ରଥମ ତିନିବର୍ଷ ୩୦ହଜାର ଏବଂ ପରବର୍ତ୍ତୀ ଦୁଇବର୍ଷ ପାଇଁ ୫୦ହଜାର ଫି' ରହିଛି। ଏହି ପାଠ୍ୟକ୍ରମ ପାଇଁ ୯୦ ସିଟ୍ ରହିଛି। ପ୍ରତିଭା ଏଜୁକେଶନାଲ ଟ୍ରଷ୍ଟ ପକ୍ଷରୁ ଏହି ପାଠ୍ୟକ୍ରମ ଆରମ୍ଭ ହେବ। ଏଥିପାଇଁ ୟୁଜିସିର ନିୟମାବଳୀ ପାଳନ ହେବ। କଲେଜ କର୍ତ୍ତୃପକ୍ଷ ଶିକ୍ଷାଦାନ ପାଇଁ କେବଳ ଜାଗା ଦେବେ ଓ ଷ୍ଟାଫ୍ ଦରମା ସହ ଅନ୍ୟ ସମସ୍ତ ଖର୍ଚ୍ଚ ଟ୍ରଷ୍ଟ ବହନ କରିବ। ଏଥିରୁ ଯାହା ରାଜସ୍ୱ ଆସିବ ସେଥିରୁ କଲେଜ ୩୦ପ୍ରତିଶତ ଏବଂ ଟ୍ରଷ୍ଟ ୭୦ପ୍ରତିଶତ ନେବ। ତେବେ ସରକାରଙ୍କ ପକ୍ଷରୁ କିଛି ଟଙ୍କା ଦିଆଯିବ ନାହିଁ। ଏହି ପାଠ୍ୟକ୍ରମ ଆରମ୍ଭ ହେବା ଦ୍ୱାରା ଯେପରି ସାଧାରଣ ପାଠପଢ଼ାରେ କୌଣସି ବ୍ୟାଘାତ ନ ଘଟେ ସେଥିପ୍ରତି ଧ୍ୟାନ ଦେବା ପାଇଁ କଲେଜ ଅଧକ୍ଷଙ୍କୁ କୁହାଯାଇଛି।

# ଢେଙ୍କାନାଳ-ବ୍ଲୁ ରକ୍‌ଷ୍ଟାର ଫାଇନାଲ

ଯାଁଳା,୧।୧୦(ଡି.ଏନ୍.ଏ.)

## କେବଳାନନ୍ଦ କାର୍ନିଭାଲ କ୍ରିକେଟ ଟୁର୍ନାମେଣ୍ଟ

ଓଗାଳପଡ଼ା ବାଳିକା ବିଦ୍ୟାଳୟ ଖେଳପଡ଼ିଆରେ ଦ୍ୱିତୀୟ କେବଳାନନ୍ଦ କାର୍ନିଭାଲ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ କଟକର ସ୍ମାଇଲ୍ ଓ ଭୁବନେଶ୍ୱର ମଞ୍ଚେଶ୍ୱର ଟିମ୍ ମଧ୍ୟରେ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହୋଇଥିଲା। ସ୍ମାଇଲ୍ ଟିମ୍ ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ବିନିମୟରେ ୧୧୩ ରନ୍ ସଂଗ୍ରହ କରିଥିଲା। ଜବାବରେ ମଞ୍ଚେଶ୍ୱର ଟିମ୍ ୧ ଉଇକେଟ ହରାଇ ୧୧୪ ରନ୍ କରି ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଥିଲା। ସେହିପରି ବ୍ଲୁ ରକ୍‌ଷ୍ଟାର ଓ ଭୁବନେଶ୍ୱର ବାଙ୍କୁଆଲ ଟିମ୍ ମଧ୍ୟରେ ଅନ୍ୟ ଏକ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ଲୁ ରକ୍‌ଷ୍ଟାର ବ୍ୟାଟିଂ କରି ୭ ଉଇକେଟ ବିନିମୟରେ ୭୩ ରନ୍ ସଂଗ୍ରହ କରିଥିଲା। ଜବାବରେ ବାଙ୍କୁଆଲ ଟିମ୍ ୭ ଉଇକେଟ ହରାଇ ୬୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ସେମିଫାଇନାଲ ମ୍ୟାଚ୍ ବ୍ଲୁ ରକ୍‌ଷ୍ଟାର ଓ ମଞ୍ଚେଶ୍ୱର ଟିମ୍ ମଧ୍ୟରେ ହୋଇଥିଲା। ପ୍ରଥମେ ବ୍ଲୁ ରକ୍‌ଷ୍ଟାର ବ୍ୟାଟିଂ କରି ୩ ଉଇକେଟ ବିନିମୟରେ ୧୪୨ ରନ ସଂଗ୍ରହ କରିଥିଲା। ଜବାବରେ ମଞ୍ଚେଶ୍ୱର ଟିମ୍ ୬ ଉଇକେଟ ହରାଇ ୭୯ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବ୍ଲୁରକ୍‌ଷ୍ଟାର ଟିମ୍ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଯାମିନୀକାନ୍ତ ନାୟକ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ହୋଇଥିଲେ। ପ୍ରଦୋଷ ବଳିୟାରସିଂ, ପ୍ରକାଶ ପଟ୍ଟନାୟକ, ଛବିନାରାୟଣ ସାହୁ ଓ ରିୟାଜ୍ ଅଲ୍ଲୀ ଖାଁ ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରଦୋଷ ଜେନା, ବିଷ୍ଣୁ ପ୍ରସାଦ ଦଳେଇ ଓ ଅକ୍ଷୟ କୁମାର ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରବିବାର ଢେଙ୍କାନାଳ ଏବଂ ବ୍ଲୁ ରକ୍‌ଷ୍ଟାର ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।



କେବଳାନନ୍ଦ କାର୍ନିଭାଲ କ୍ରିକେଟ ଟୁର୍ନାମେଣ୍ଟରେ ଯୋଗ ଦେଇଥିବା ଅତିଥିବୃନ୍ଦ।

# ବରିଷ୍ଠ ନାଗରିକ ସମାଜର ପଥପ୍ରଦର୍ଶକ

ଖୋର୍ଦ୍ଧା ଅଫିସ,୧।୧୦



କାର୍ଯ୍ୟକ୍ରମରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ବିଧାୟକ ଏବଂ ଅନ୍ୟ ଅଧିକାରୀ।

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ସ୍ଥାନୀୟ ଜୟୀ ରାଜଗୁରୁ ଭବନ(ଟାଉନ ହଲ)ରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଖୋର୍ଦ୍ଧା ଅଞ୍ଚଳର ବରିଷ୍ଠ ନାଗରିକମାନେ ସ୍ୱାସ୍ଥ୍ୟ ପରୀକ୍ଷା ସହ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ଟାଉନ ହଲ ଠାରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ବରିଷ୍ଠ ନାଗରିକମାନେ ସମାଜର ପଥ ପ୍ରଦର୍ଶକ। ସେମାନଙ୍କ ମାର୍ଗଦର୍ଶନ ପରିବାର ଏବଂ ସମାଜ ପାଇଁ ଆବଶ୍ୟକତା ରହିଛି। ପରିବାରରେ ବରିଷ୍ଠ ନାଗରିକଙ୍କ ଉପଯୁକ୍ତ ସେବା କରିବା ସମସ୍ତଙ୍କ ଉତ୍ତରଦାୟିତ୍ୱ। ସଭାପତିତ୍ୱ ଭାଷଣରେ ଜିଲାପାଳ ଚକ୍ରବର୍ତ୍ତୀ କହିଥିଲେ, ବରିଷ୍ଠ ନାଗରିକ ମାନେ ସର୍ବଦା ନମସ୍ୟ। ଯୁବବୟସରେ ସେମାନଙ୍କ ତ୍ୟାଗ ପ୍ରତିଦାନ ସ୍ୱରୂପ ପରିଣତି ବୟସରେ ତାଙ୍କ ଉପଯୁକ୍ତ ସେବାର ଆବଶ୍ୟକତା ରହିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ ଖୋଲାଯିବା ପ୍ରସ୍ତାବ ରହିଛି। ବରିଷ୍ଠ ନାଗରିକଙ୍କ ନୀତିଶିକ୍ଷା, ଉପାଦେୟ ମୂଲ୍ୟବୋଧକ ଭିତ୍ତିକ ଶିକ୍ଷା, ଅନୁଭୂତି କଥନକୁ ଗ୍ରହଣ କରିବା ଉଚିତ। ଭବିଷ୍ୟତରେ ଏହା ହିଁ ଆଗକୁ ବଢିବାରେ ସହାୟକ ହୋଇଥାଏ। ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ କହିଥିଲେ, ବରିଷ୍ଠ ନାଗରିକଙ୍କ ସେବା ପାଇଁ ଜିଲା ପୋଲିସ ସର୍ବଦା ପ୍ରସ୍ତୁତ ରହିଛି। ଅତିରିକ୍ତ ଜିଲାପାଳ ମନୋଜ ପାଢୀ କହିଥିଲେ, ବରିଷ୍ଠ ନାଗରିକ ସମାଜ ପାଇଁ ମାର୍ଗଦର୍ଶକ। ସେମାନଙ୍କ ଉପଯୁକ୍ତ ଯତ୍ନନେବା ଏକ ପାରିବାରିକ ଦାୟିତ୍ୱ। ଖୋର୍ଦ୍ଧା ପୌରାଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଆର୍ତ୍ତବନ୍ଧୁ ନାୟକ ବରିଷ୍ଠ ନାଗରିକଙ୍କ ପାଇଁ ସମାଜରେ ରହିଥିବା ଉପଲବ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା କାର୍ଡ ପ୍ରଦାନ କରାଯାଇଥିଲା। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ପ୍ରସନ୍ନ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରି କହିଥିଲେ, ଜିଲାର ୧୭ଟି ବୃଦ୍ଧାଶ୍ରମରେ ୨୬୭୬ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଦିଆଯାଇଛି। ଏଥିସହିତ ୧୩୪ଜଣଙ୍କୁ ଚଷମା, ୧୮୩ଙ୍କୁ ନି-କ୍ୟାପ, ୧୩୫ଙ୍କୁ ୱାକିଙ୍ଗ ଷ୍ଟିକ ଏବଂ ୧୦୧ଜଣଙ୍କୁ ହଟ୍ ୱାଟର ବ୍ୟାଗ ଦିଆଯାଇଛି।

## ସଂକ୍ଷେପରେ

### ୨୨ କିଲୋରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୨ ଗିରଫ

ନିଶ୍ଚିନ୍ତକୋଇଲି/କଟକ ଅଫିସ, ୧।୧୦(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ବ୍ଲକ ଝାଡ଼େଶ୍ୱରପୁର ପଞ୍ଚାୟତ ବର୍ଗୀହାଟ ନିକଟରୁ ଅବକାରୀ ବିଭାଗ ଚଢାଉ କରି ଶୁକ୍ରବାର ଜଣେ ଚୋରା ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ତାଙ୍କ ନାମ ସୁକଦେବ ବେହେରା। ତାଙ୍କଠାରୁ ୨୧ କିଗ୍ରା ଗଞ୍ଜା ଜବତ କରାଯାଇଛି। ଏ ସମ୍ପର୍କରେ କେଶ ନଂ ୭୮/୨୨ରେ ଏକ ମାମଲା ରୁଜୁ ହୋଇଛି। ସେହିପରି ବେଆଇନ ଗଞ୍ଜେଇ କାରବାର ଘଟଣାରେ ମଙ୍ଗଳାବାଗ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଛି। ସେ ହେଲେ ମଙ୍ଗଳାବାଗ ଥାନା ଅଧୀନ ମାଛୁଆବଜାରର ଜଗନ୍ନାଥ ବେହେରା। ତାଙ୍କଠାରୁ ୧ କେଜି ୬୨୦ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି। ଏ ନେଇ ଥାନାରେ ମାମଲା(ନଂ.୨୫୨/୨୨) ରୁଜୁ ହୋଇଛି।

### ବିଶ୍ୱ ବରିଷ୍ଠ ନାଗରିକ ଦିବସ



ମାହାଙ୍ଗା: ୧।୧୦(ସ୍ୱପ୍ର): ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଣ୍ଡି ପଞ୍ଚାୟତସ୍ଥିତ ନନ୍ଦକିଶୋରପୁରଠାରେ ବରିଷ୍ଠ ନାଗରିକ ସେବା ସଂଘ ପକ୍ଷରୁ ୩୨ତମ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର ପତିଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ସଂଘର ସଂପାଦକ ଧନେଶ୍ୱର ପ୍ରଧାନ, କୋଷାଧକ୍ଷ ମଧୁସୂଦନ ଦାସ, ସହକାରୀ କୋଷାଧକ୍ଷ ପ୍ରଫୁଲ୍ଲ ଷଡଙ୍ଗୀ, ଗ୍ରନ୍ଥାଗାର ଅମୀୟ କୁମାର ସାମଲ, ସହ ଗ୍ରନ୍ଥାଗାର ରୂପାକର ସ୍ୱାଇଁ, ପଦ୍ମଲାଭ ପତି, ଦିବାକର ବେହେରା, ହରେକୃଷ୍ଣ ପତି, ସୁରେନ୍ଦ୍ର ପଣ୍ଡା, ପରମାନନ୍ଦ ମିଶ୍ର, ଯାଦବାନନ୍ଦ ମହାପାତ୍ର, ଏକାଦଶୀ ଜେନା, ଦିବାକର ବର୍ଦ୍ଧନ, ଅମରେନ୍ଦ୍ର ଦାସ, ସେକ ଅତଉଲ୍ଲା, ସେକ ମୁଜାଫର ହୁସେନ, ରଘୁନାଥ ଦାସ, ପ୍ରିୟନାଥ ପ୍ରହରାଜ, ଅକ୍ଷୟ ସାମଲ, ବଟକୃଷ୍ଣ ବର୍ଦ୍ଧନ, କୈଳାସ ଚନ୍ଦ୍ର ବିଶ୍ୱାଳ, ସୁଦର୍ଶନ ବେହେରା ପ୍ରମୁଖ ଯୋଗଦେଇ ବିଶ୍ୱ ବରିଷ୍ଠ ନାଗରିକ ଦିବସ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉପଦେଷ୍ଟା ମଣ୍ଡଳୀର ସଭାପତି ମନମୋହନ ବାଗଙ୍କୁ ଯୁବ ସଂଗଠକ ଜୟନ୍ତ ବିଶ୍ୱାଳ ସମ୍ବର୍ଦ୍ଧନା କରିଥିଲେ।

### ଭାଗୀରଥି ଡମପଡ଼ା ଯୁବ ବିଜେଡି ସଭାପତି

ବାଙ୍କୀ, ୧।୧୦-(ସ୍ୱ.ପ୍ର): ଡମପଡ଼ା ବ୍ଲକ ଯୁବ ବିଜେଡି ସଭାପତି ଭାବରେ ରଗ ପଞ୍ଚାୟତର ସମିତି ସଭ୍ୟ ଭାଗିରଥି ପାଣି ଦ୍ୱିତୀୟ ଥର ପାଇଁ ମନୋନୀତ ହୋଇଛନ୍ତି। ସେହିପରି ପଠାଣୀ ବେହେରା ବାଙ୍କୀ ନଗର ଯୁବ ବିଜେଡି ସଭାପତି ଏବଂ ବାଙ୍କୀ ବ୍ଲକ ଯୁବ ବିଜେଡି ସଭାପତି ଭାବେ ସୁବାସ ଚନ୍ଦ୍ର ସ୍ୱାଇଁ ମନୋନୀତ ହୋଇଛନ୍ତି । ସେମାନେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଆଗମୀ ଦିନରେ ବିଜୁ ଜନତାଦଳ ସଂଗଠନକୁ କିପରି ମଜବୁତ କରାଯିବ ତାହା ଉପରେ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି ।

### ବିଜୁ ଯୁବ ଜନତା ଦଳ କର୍ମକର୍ତ୍ତା ନିଯୁକ୍ତ

ମାହାଙ୍ଗା, ୧।୧୦(ସ୍ୱ.ପ୍ର): କଟକ ଜିଲା ବିଜୁ ଯୁବ ଜନତା ଦଳ ପକ୍ଷରୁ ନୂତନ କର୍ମକର୍ତ୍ତାମାନଙ୍କୁ ନିଯୁକ୍ତ କରାଯାଇଛି । ଜିଲା ସଭାପତି ଦେବାଶିଷ ସାମନ୍ତରାୟ ଓ ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ବ୍ୟୋମକେଶ ରାଏଙ୍କ ଅନୁମୋଦନ କ୍ରମେ ଏହି ନିଯୁକ୍ତି କରାଯାଇଛି। ସଭାପତି ଭାବେ ସ୍ମୃତିରଞ୍ଜନ ନାୟକ, ଉପସଭାପତି ଭାବେ ପ୍ରଦୀପ୍ତ ବିଶ୍ୱାଳ, ହେମନ୍ତ ପ୍ରଧାନ,ସ୍ୱାଧିନ ମହାନ୍ତି, ଜୟନ୍ତ ବିଶ୍ୱାଳ, ସାଧାରଣ ସମ୍ପାଦକ ଭାବେ ପ୍ରଦୀପ୍ତ ଚନ୍ଦ୍ର ବିଶ୍ୱାଳ ମନୋନୀତ ହୋଇଥିଲେ। ମାହାଙ୍ଗା ବିଜୁ ଜନତା ଦଳର ସଭାପତି ଭାବେ ଶରତ ମହାପାତ୍ରଙ୍କୁ ତୃତୀୟ ଥର ପାଇଁ ମନୋନୀତ କରାଯାଇଛି । ଏହି ଅବସରରେ ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା,ପୂର୍ବତନ ବ୍ଲକ ଅଧକ୍ଷ ଶରତ ନାୟକ, ମାହାଙ୍ଗା ବ୍ଲକ ଅଧକ୍ଷା ଦୀପା ମଲିକ, ଉପାଧକ୍ଷ ସତ୍ୟନାରାୟଣ ମହାନ୍ତି , କଟକ ଜିଲା ଉପସଭାପତି ପ୍ରଶାନ୍ତ ପଟ୍ଟନାୟକ, ଜୋନ ସଭାପତି ଦୀନବନ୍ଧୁ ସାହୁ, ନିରଞ୍ଜନ ବିଶ୍ୱାଳ, କମଳାକାନ୍ତ ଦାଶ, ନିରଞ୍ଜନ ପ୍ରଧାନ ମାହାଙ୍ଗା ପ୍ରମୁଖ ନୂତନ କର୍ମକର୍ତ୍ତାମାନଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ରାଜପଥ ସହ ସଂଯୋଗ ହେବ ଷ୍ଟେଶନର ପୂର୍ବ ପ୍ରବେଶ ପଥ

**ରେଳ ଷ୍ଟେଶନର ଉନ୍ନତୀକରଣ ସମ୍ପର୍କିତ ସମୀକ୍ଷା ବୈଠକ**

■ ଉନ୍ନତିକରଣ ପାଇଁ ୩୫୦ କୋଟି ଟଙ୍କା ମଞ୍ଜୁର

କଟକ ଅଫିସ,୧।୧୦:

କଟକ ରେଳ ଷ୍ଟେଶନର ଉନ୍ନତୀକରଣ ନିମନ୍ତେ ରେଳ ବିଭାଗ ପକ୍ଷରୁ ୩୫୦ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ଟଙ୍କା ବିନିଯୋଗ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ନିର୍ଦ୍ଦେଶ ଦେଇଛନ୍ତି। କଟକ ରେଳ ଷ୍ଟେଶନ ପରିସରରେ ଶନିବାର ଅପରାହ୍ଣରେ ଆୟୋଜିତ ସମୀକ୍ଷା ବୈଠକରେ ଏମ୍‌ପି ମହତାବ,ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ବିଧାୟକ ସୌଭିକ୍ ବିଶ୍ୱାଳ ଉପସ୍ଥିତ ଅଧିକାରୀମାନଙ୍କ ସହ ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ରେଳ ଷ୍ଟେଶନର ପୂର୍ବପାର୍ଶ୍ୱ ପ୍ରବେଶ ଦ୍ୱାରକୁ ସିଧାସଳଖ ଜାତୀୟ ରାଜପଥ ସହ ସଂଯୋଗ ନିମନ୍ତେ କାର୍ଯ୍ୟାରମ୍ଭ କରିବା, ରେଲୱେ ଗୁଡ୍ସ ସେଡ୍‌ରେ ଟ୍ରକ ରହଣି ସ୍ଥଳ ନିର୍ମାଣ, ଗୁଡ୍ସ ସେଡ୍ ପାର୍ଶ୍ୱ ରାସ୍ତାର ନବୀକରଣ, ଡ୍ରେନ୍ ମରାମତି, ପ୍ଲାଟ୍‌ଫର୍ମରେ ଯାତ୍ରୀଙ୍କ ସୁବିଧା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ପୂର୍ବପାର୍ଶ୍ୱ ପ୍ରବେଶ ଦ୍ୱାର ନିକଟରେ ଗୋଟିଏ ଏସ୍କାଲେଟର ରହିଥିବାବେଳେ ଆଉ ଗୋଟିଏ ସ୍ଥାପନା କରାଯିବ। ଏଥିସହ ରେଳ ଷ୍ଟେଶନକୁ ସର୍ବାଙ୍ଗସୁନ୍ଦର କରିବା ନିମନ୍ତେ ଆବଶ୍ୟକ କାର୍ଯ୍ୟଗୁଡ଼ିକ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ଏମ୍‌ପି ମହତାବ, ବିଧାୟକ ବିଶ୍ୱାଳ ଓ ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ପୂର୍ବ ପାର୍ଶ୍ୱ ରାସ୍ତା ସଂଯୋଗୀକରଣ ସମେତ ଅନ୍ୟାନ୍ୟ କାର୍ଯ୍ୟର ସମୀକ୍ଷା କରିଥିଲେ। ରେଲୱେ ଡିଭିଜନାଲ ମ୍ୟାନେଜର ରିଙ୍କେଶ ରାୟ, କଟକ ରେଳ ଷ୍ଟେଶନ ମ୍ୟାନେଜର ସୌରଭ ମୁଖୋପାଧ୍ୟାୟଙ୍କ ସମେତ ପଦାଧିକାରୀମାନେ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ଏମ୍‌ପି, ଜିଲାପାଳ ଓ ବିଧାୟକଙ୍କ ସହ ଅନ୍ୟମାନେ।

### ଜ୍ଞାନରଞ୍ଜନ ବ୍ଲକ ଯୁବ ବିଜେଡି ସଭାପତି

ନିଶ୍ଚିନ୍ତକୋଇଲି, ୧।୧୦(ସ୍ୱ.ପ୍ର):

କଟକ ଜିଲା ବିଜୁ ଛାତ୍ର ଜନତା ଦଳ ଉପସଭାପତି ଭାବେ ସତ୍ୟଜିତ୍ ମହାପାତ୍ର, ହୃଷିକେଶ ସାହୁ, ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ଭାବେ ଜ୍ଞାନରଞ୍ଜନ ରାଉତ, ଜିଲା ବିଜୁ ଛାତ୍ର ଜନତା ଦଳ ସାଧାରଣ ସମ୍ପାଦକ ଭାବେ ସୁବାଶିଷ ପାଣ୍ଡେ, ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଛାତ୍ର ଜନତା ଦଳ ସଭାପତି ଭାବେ ସୁଶାନ୍ତ କୁମାର ନାୟକଙ୍କୁ ମନୋନୀତ କରାଯାଇଛି । ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ବ୍ଲକ ବିଜେଡ଼ି ସଭାପତି ରମାକାନ୍ତ ମହାନ୍ତି, ବ୍ଲକ ଉପାଧକ୍ଷ ଅଶୋକ କୁମାର ଓଝା, ବିଧାୟକ ପ୍ରତାପ ଜେନାଙ୍କ ବ୍ୟକ୍ତିଗତ ସହାୟକ ଉମାଶଙ୍କର ବିଶ୍ୱାଳ, ପ୍ରାକ୍ତନ ଅଧକ୍ଷ ଗିରିଶରଞ୍ଜନ ମହାପାତ୍ର, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ମନୋଜ ସେଠୀ, ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ଅସିଫ ଖାନ୍, ଯୁବନେତା ପ୍ରମୋଦ ସ୍ୱାଇଁ, ସାମାଜିକ କର୍ମୀ ବ୍ରଜମୋହନ ପଣ୍ଡା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି ।

# ‘ଗାନ୍ଧୀଙ୍କ ଅହିଂସା ବାର୍ତ୍ତା ଥିଲା ଅମୃତର ବାର୍ତ୍ତା’

ବଡ଼ମ୍ବା/ବାଙ୍କି/କଟକ ଅଫିସ, ୧।୧୦(ଡ଼ି.ଏନ.ଏ/ସ୍ୱ.ପ୍ର.)

ବଡ଼ମ୍ବା ପଞ୍ଚାୟତ ସମିତି ଆନୁକୂଲ୍ୟରେ ଶନିବାର ଅହିଂସା ରଥ ପରିକ୍ରମା କରିଛି। ଉକ୍ତ ରଥ ରତାପାଟଠାରୁ ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରଥିଲା। ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଅହିଂସା ରଥକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ପ୍ରଧାନ ଯୋଗଦେଇଥିଲେ। ଗାନ୍ଧୀଙ୍କ ଅହିଂସା ବାର୍ତ୍ତା ଅମୃତର ବାର୍ତ୍ତା ଥିଲା ବୋଲି ମୁଖ୍ୟ ଅତିଥି ମିଶ୍ର କହିଥିଲେ। ପଞ୍ଚାୟତ ସମିତି ଅଧକ୍ଷ ରଘୁପତି ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ଆଠଗଡ଼ ହେମନ୍ତ ସ୍ୱାଇଁ, ତହସିଲଦାର ତପନ ପରିଡା, ଜିଲାପରିଷଦ ସଭ୍ୟା ନୟନା ସାହୁ, ବ୍ଲକ ଉପଧକ୍ଷା ସ୍ୱର୍ଣ୍ଣଲତା ବେହେରା, ରବୀନ୍ଦ୍ର ସାହୁ, ଅଲେଖ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ଥିଲେ। ସେହିପରି ବାଙ୍କୀ ନିର୍ବାଚନ ମଣ୍ଡଳୀରେ ଅହିଂସା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି। ଗୋବିନ୍ଦପୁର ଛକଠାରେ ରଥ ପହଞ୍ଚିବା ପରେ ବାଙ୍କୀ ଉପଜିଲାପଳ ରଞ୍ଜନ ଜେନାଙ୍କ ନେତୃତ୍ୱରେ ଡମପଡ଼ା ବ୍ଲକ ଅଧକ୍ଷ ପ୍ରଣବ ପଟେଲ, ବିଡିଓ ଶ୍ୟାମଳ ରାୟ, ତହସିଲଦାର କ୍ଷୀତିସ ବେହେରା,କାଳୀଚରଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। କଚେରୀ ପଡିଆରେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ନଗରପାଳିକା ମାଣିକ ସାହୁ, ତହସିଲଦାର ସତ୍ୟନାରାୟଣ ପଣ୍ଡା, ଉପନଗରପାଳ ସନ୍ତୋଷ ରଣା, କାଉନସିଲର ସନାତନ ବେହେରା ପ୍ରମୁଖ ରଥକୁ ସ୍ୱାଗତ କରିଥିଲେ। ଦୁଇଟି ଅହିଂସା ରଥ କଟକ ଜିଲାର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରି କଟକ ଫେରିଆସିଛି । ଗୋଟିଏ ରଥକୁ ବଡମ୍ବା ବିଧାୟକ ଦେବୀ ପ୍ରସାଦ, ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର ସମ୍ବର୍ଦ୍ଧନା ଦେଇଥିଲେ। ଅନ୍ୟ ରଥଟି କଟକ ମହାନଗର ନିଗମର ୨୫ଟି ସ୍ଥାନ ପରିଦର୍ଶନ କରିଥିଲା। ଏହି ପରିଦର୍ଶନ ସମୟରେ ସିଏମ୍‌ସି ମେୟର ସୁବାସ ସିଂ ସମ୍ବର୍ଦ୍ଧନା ଦେଇଥିଲେ । ପ୍ରଜାତନ୍ତ୍ର ପରିସରରେ ଏମ୍‌ପି ଭର୍ତ୍ତୃହରି ମହତାବ, ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧକ୍ଷ ଆଶିଷ ସାହୁ ପ୍ରମୁଖ ଅହିଂସା ରଥକୁ ସମ୍ବର୍ଦ୍ଧନା କରିଥିଲେ। ସେହିପରି ନେତାଜୀ ଜନ୍ମପୀଠ ସ୍ଥାନ, ବକ୍ସିବଜାର, ସମାଜ କାର୍ଯ୍ୟାଳୟ ଆଦି ସ୍ଥାନରେ ବିଧାୟକ ଇଂ. ମହମ୍ମଦ ମୋକିମ, ବିଜୁ ଭବନ ପରିସରରେ ସିଏମ୍‌ସି କମିଶନର ନିଖିଲ ପଣ୍ଡନ କଲ୍ୟାଣ ଏବଂ ହରିପୁର-ଦୋଳମୁଣ୍ଡାଇ ଅଞ୍ଚଳରେ ମୋ ପରିବାର ଜିଲା ସଂଯୋଜକ ରଞ୍ଜନ ବିଶ୍ୱାଳ ସମ୍ବର୍ଦ୍ଧନା ଜଣାଇଥିଲେ।



ବଡ଼ମ୍ବାଠାରେ ଅହିଂସା ରଥକୁ ସ୍ୱାଗତ କରାଯାଉଛି।



ବାଙ୍କୀରେ ଅହିଂସା ରଥକୁ ସ୍ୱାଗତ ଅବସରରେ ପ୍ରଶାସନିକ ଅଧିକାରୀ, ଅଞ୍ଚଳବାସୀ।

# ବିଜେବି କଲେଜରେ ୨ ନୂଆ ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମ

ଭୁବନେଶ୍ୱର, ୧।୧୦(ବ୍ୟୁରୋ)

ଚଳିତ ଶିକ୍ଷାବର୍ଷରୁ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦୁଇଟି ନୂଆ ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମ ଆରମ୍ଭ ହେବ। ଏ ନେଇ ଉଚ୍ଚ ଶିକ୍ଷା ବିଭାଗ ଅନୁମତି ଦେବା ସହ ବିଜେବି କଲେଜ ଅଧକ୍ଷଙ୍କୁ ଚିଠି ଲେଖି ଜଣାଇଦେଇଛି। ପିପିପି ମୋଡ୍‌ରେ ଆରମ୍ଭ ହେବାକୁ ଥିବା ଏହି ଦୁଇ ପାଠ୍ୟକ୍ରମ ହେଲା ଏମ୍‌ଏସ୍‌ସି କମ୍ପ୍ୟୁଟର ସାଇନ୍ସ ଏବଂ ଆଇଏମ୍‌ସିଏ। ୨ବର୍ଷିଆ ଏମ୍‌ଏସ୍‌ସି କମ୍ପ୍ୟୁଟର ସାଇନ୍ସ ପାଠ୍ୟକ୍ରମ ପାଇଁ ୫୦ହଜାର ଟଙ୍କା ଫି’ ରହିଥିବାବେଳେ ୬୦ ସିଟ୍ ରହିବ। ସେହିଭଳି ୫ ବର୍ଷିଆ ଆଇଏମ୍‌ସିଏରେ ତିନିବର୍ଷ ବିସିଏ ଓ ୨ବର୍ଷ ଏମ୍‌ସିଏ ପାଠ୍ୟକ୍ରମ ପଢ଼ାଯିବ। ତେବେ ଆଇଏମ୍‌ସିଏ ପାଇଁ ପ୍ରଥମ ତିନିବର୍ଷ ୩୦ହଜାର ଏବଂ ପରବର୍ତ୍ତୀ ଦୁଇବର୍ଷ ପାଇଁ ୫୦ହଜାର ଫି’ ରହିଛି। ଏହି ପାଠ୍ୟକ୍ରମ ପାଇଁ ୯୦ ସିଟ୍ ରହିଛି। ପ୍ରତିଭା ଏଜୁକେଶନାଲ ଟ୍ରଷ୍ଟ ପକ୍ଷରୁ ଏହି ପାଠ୍ୟକ୍ରମ ଆରମ୍ଭ ହେବ। କଲେଜ କର୍ତ୍ତୃପକ୍ଷ ଶିକ୍ଷାଦାନ ପାଇଁ କେବଳ ଜାଗା ଦେବେ ଓ ଷ୍ଟାଫ୍ ଦରମା ସହ ଅନ୍ୟ ସମସ୍ତ ଖର୍ଚ୍ଚ ଟ୍ରଷ୍ଟ ବହନ କରିବ। ଏଥିରୁ ଯାହା ରାଜସ୍ୱ ଆସିବ ସେଥିରୁ କଲେଜ ୩୦ପ୍ରତିଶତ ଏବଂ ଟ୍ରଷ୍ଟ ୭୦ପ୍ରତିଶତ ନେବ। ସରକାରଙ୍କ ପକ୍ଷରୁ କିଛି ଟଙ୍କା ଦିଆଯିବ ନାହିଁ। ଏହି ପାଠ୍ୟକ୍ରମ ଦ୍ୱାରା ଯେପରି ସାଧାରଣ କୌଣସି ବ୍ୟାଘାତ ନ ଘଟେ ସେଥିପ୍ରତି ଧ୍ୟାନ ଦେବା ପାଇଁ କଲେଜ ଅଧକ୍ଷଙ୍କୁ କୁହାଯାଇଛି।

# ଶିକ୍ଷଣ ପରିପୂରଣ କାର୍ଯ୍ୟକ୍ରମ

ମାହାଙ୍ଗା, ୧।୧୦(ସ୍ୱ.ପ୍ର)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ବାସୁଦେବପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୁଭଦ୍ରା ଚାରିଟେବୁଲ ଟ୍ରଷ୍ଟ ଭୁବନେଶ୍ୱର ପକ୍ଷରୁ ଶିକ୍ଷଣ ପରିପୂରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସାହୁ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚରଣ ସାହୁ ଯୋଗଦେଇ ଭୋଳିଦାସପୁର ଓ ବାସୁଦେବପୁର କ୍ଲଷ୍ଟରର ୪୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ଓ ଦ୍ୱିତୀୟ ପର୍ଯ୍ୟାୟରେ ୪୦ ଜଣଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ବାସୁଦେବପୁର କ୍ଲଷ୍ଟର ସିଆର୍‌ସିସି ଅଦ୍ୱୈତ ବଲ୍ଲଭ ରାଉତ ଓ ଭୋଳିଦାସପୁର କ୍ଲଷ୍ଟର ସିଆର୍‌ସିସି ବାସୁଦେବ ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଦେଶର ୫୦ ସ୍ୱତନ୍ତ୍ର ଐତିହ୍ୟ ବୟନକଳା ସାମଗ୍ରୀ ମଧ୍ୟରେ ଓଡ଼ିଶାର ୫

**ୟୁନେସ୍କୋ ରିପୋର୍ଟ**

ଭୁବନେଶ୍ୱର,୧।୧୦(ବ୍ୟୁରୋ)

ଓଡ଼ିଶାର ହସ୍ତତନ୍ତ ଓ ବୟନ ସାମଗ୍ରୀ ନିଜର ସ୍ୱତନ୍ତ୍ରତା ପାଇଁ ସବୁବେଳେ ଜାତୀୟ ତଥା ଅନ୍ତର୍ଜାତୀୟ ଚାହିଦା ବଜାୟ ରଖି ଆସିଛି। ଶନିବାର ୟୁନେସ୍କୋ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଦେଶର ୫୦ଟି ସ୍ୱତନ୍ତ୍ର ତଥା ଆଇକନିକ୍ ଐତିହ୍ୟ ବୟନକଳା ସାମଗ୍ରୀ ମଧ୍ୟରେ ଓଡ଼ିଶାର ୫ ଉତ୍ପାଦ ସ୍ଥାନ ପାଇଛି। ‘ହ୍ୟାଣ୍ଡମେଡ୍ ଅଫ୍ ଦି ଟ୍ୱେଣ୍ଟିଫାଷ୍ଟ ସେଞ୍ଚୁରୀ: ସେଫ୍‌ଗାର୍ଡିଂ ଟ୍ରାଡିଶନାଲ ଇଣ୍ଡିଆନ ଟେକ୍ସଟାଇଲ୍’ ନାମକ ଏହି ରିପୋର୍ଟରେ ଉତ୍ତର, ଦକ୍ଷିଣ ଓ ପଶ୍ଚିମ ଭାରତରୁ ୧୧ଟି ଲେଖାଏ, ପୂର୍ବ ଭାରତରୁ ୧୦ଟି ଓ ଉତ୍ତର ପୂର୍ବ ରାଜ୍ୟରୁ ୪ଟି ଉତ୍ପାଦ ତାଲିକାଭୁକ୍ତ ହୋଇଛି। ପୂର୍ବାଞ୍ଚଳ ବୟନକଳା ଉତ୍ପାଦ ମଧ୍ୟରେ ଓଡିଶାର ୫ଟି ପ୍ରସିଦ୍ଧ ହସ୍ତତନ୍ତ ବସ୍ତ୍ର ସ୍ଥାନ ପାଇଛି। ସେଗୁଡ଼ିକ ହେଉଛି ସମ୍ବଲପୁରର ‘ବାନ୍ଧ କଳା କାର୍ଯ୍ୟ’, ବ୍ରହ୍ମପୁରର ‘ପାଟ’ (ଫୋଡା କୁମ୍ଭ), ଖୋର୍ଦ୍ଧାର ‘ଧଳାପଥର ସ୍କ୍ରିନ୍’, କନ୍ଧମାଳର ଡଙ୍ଗରିଆ ହସ୍ତତନ୍ତ ବସ୍ତ୍ର ଏବଂ କେନ୍ଦୁଲିର କାଲିଗ୍ରାଫିକ୍ (ହସ୍ତଲିପି) ବୁଣା ପାଟ।

# ଫୁଟ୍‌ବଲ ଖେଳାଳି ଚୟନ ଶିବିର



ଟିଗିରିଆ, ୧।୧୦(ଡି.ଏନ.ଏ)

ବଡ଼ମ୍ବା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ଆସିଥିବା ୧୭ ବର୍ଷରୁ କମ୍ ଫୁଟ୍‌ବଲ ଖେଳାଳିମାନଙ୍କର ଏକ ଦିନିକିଆ ଚୟନ ଶିବିର ବଡ଼ମ୍ବା କଚେରୀ ପଡ଼ିଆଠାରେ ଆୟୋଜିତ ହୋଇଯାଇଛି। ୨୩୫ ଜଣ ବାଳିକା ଓ ବାଳକ ଶିବିରରେ ଯୋଗଦାନ କରିଥିଲେ। ଏଥିରେ ବଡମ୍ବା ମଣ୍ଡଳ ସହ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମତଗଜସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ସହକାରୀ ଶିକ୍ଷା ଅଧିକାରୀ ବିବେକାନନ୍ଦ ସାହୁ ଓ ବିଶିଷ୍ଟ ଅତିଥି ଭାବେ ନିର୍ମଳା ବେହେରା ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ ସଂଘର ବଡ଼ମ୍ବା ମଣ୍ଡଳ ସମ୍ପାଦକ ପ୍ରମୋଦ କୁମାର ନନ୍ଦଙ୍କ ସଂଯୋଜନାରେ ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ସୁଚିସ୍ମିତା ସାହୁ, ବିଜୟ କୁମାର ମୁଦୁଲି, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ନଳିନୀପ୍ରଭା ମନ୍ତ୍ରୀ, ସରକାରୀ ଗୋପମଥୁରା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ପ୍ରମୁଖ ଉପସ୍ଥିତ ରହି ୧୮ଜଣ ଲେଖାଏ ବାଳିକା ଓ ବାଳକଙ୍କୁ ଜିଲାସ୍ତର ପାଇଁ ଚୟନ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ବାସନ୍ତୀ ଦେଇ ଧନ୍ୟବାଦ ଅର୍ପଣ କରିଥିଲେ।

### ଛାତ୍ର ସଂସଦ ନିର୍ବାଚନ କରା ନ ଗଲେ ଆନ୍ଦୋଳନ

କଟକ ଅଫିସ, ୧।୧୦

ପୂର୍ବଭଳି ଗଣତାନ୍ତ୍ରିକ ପ୍ରକ୍ରିୟାରେ ପ୍ରତ୍ୟକ୍ଷ ଭାବେ ଛାତ୍ର ସଂସଦ ନିର୍ବାଚନ କରିବାକୁ ଏଆଇଡିଏସ୍‌ଓ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଏଆଇଡିଏସ୍‌ଓ କଟକ ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ ଜରିଆରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶନିବାର ଦାବିପତ୍ର ଦିଆଯାଇଛି। ସଙ୍ଗଠନର କଟକ ଜିଲା କମିଟି ସଭାପତି ଇଷା ଧର କହିଛନ୍ତି, ଗତ ୪ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦ କରାଯାଇଛି। ପୂର୍ବଭଳି ଗଣତାନ୍ତ୍ରିକ ପ୍ରକ୍ରିୟାରେ ଛାତ୍ର ସଂସଦ ନିର୍ବାଚନ କରା ନ ଗଲେ ଛାତ୍ର ଆନ୍ଦୋଳନକୁ ଶକ୍ତିଶାଳୀ କରାଯିବ ବୋଲି ସେ କହିଛନ୍ତି। ସଙ୍ଗଠନର ଉପସଭାପତି ଶିବାନୀ ସାହୁ, ସମ୍ପାଦକ ତରୁଣସେନ ନାୟକ, ସମ୍ପାଦକ ମଣ୍ଡଳୀ ସଦସ୍ୟ ଜ୍ୟୋତ୍ସ୍ନାରାଣୀ ଦାସ, ସରୋଜ ମାନସିଂ, ରାଜେଶ ରାଉତ, ଛାତ୍ରନେତା ଶଶାଙ୍କ ଶେଖର ଭୋଇ, ସତ୍ୟବ୍ରତ ମୁଦୁଲି, ମୁସ୍କାନ ତବସୁମ୍ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଥିଲେ।

# ‘ବରିଷ୍ଠଙ୍କୁ ମାନି ଚଳିଲେ ସୁସ୍ଥ ସମାଜ ଗଠନ ହେବ’

ବାଙ୍କୀ, ୧।୧୦(ସ୍ୱ.ପ୍ର):

ବାଙ୍କୀ ପ୍ରେସକ୍ଲବ ବିଦ୍ୟାରତ୍ନ ଭବନଠାରେ ବାଙ୍କୀ ତାଲୁକ ଆଇନସେବା କମିଟି ପକ୍ଷରୁ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। କମିଟି ଅଧକ୍ଷ ତଥା ସିନିୟର୍ ଡିଭିଜନ ସିଭିଲ ଜଜ ନବନୀତା ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମାଜରେ ବରିଷ୍ଠ ନାଗରିକମାନେ କିପରି ସୁସ୍ଥ ନିରାମୟ ଜୀବନଯାପନ କରିପାରିବେ ସେ ସମ୍ପର୍କରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସେମାନଙ୍କର ବୟସ ଓ ଅଭିଜ୍ଞତାକୁ ପାଥେୟ କରି ବର୍ତ୍ତମାନ ଯୁବସମାଜ ମାନି ଚଳିଲେ ଭବିଷ୍ୟତ ସୁଖମୟ ହେବାସହ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘର ସଭାପତି ଆଇନଜୀବୀ ବିରଞ୍ଚି ଦାସ, ଓକିଲ ସଂଘ ସମ୍ପାଦକ ଅଜୟ କୁମାର ପଟ୍ଟନାୟକ, ତାଲୁକ ଆଇନସେବା କମିଟି ସଭ୍ୟ ଆଇନଜୀବୀ ବ୍ରଜବନ୍ଧୁ ପାଲ, ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର ଅତିଥି ଭାବରେ ଯୋଗଦେଇଥିଲେ। ନାଗରିକ ସଂଘ ସମ୍ପାଦକ କୃତ୍ତିବାସ ପଣ୍ଡା ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ବୈଠକରେ ଅଖିଳ ବୀରବର ହରିଚନ୍ଦନ,ଶରତ ଚନ୍ଦ୍ର ବାରିକ, ପ୍ରଫୁଲ୍ଲ କୁମାର ପଣ୍ଡା, ସୂର୍ଯ୍ୟମଣୀ ତ୍ରିପାଠୀ, ସେବତୀ ଦେବତା, ଛତିଶ ପତି, ପ୍ରଫୁଲ୍ଲ କୁମାର ପତି, ସୁବାସ ଚନ୍ଦ୍ର ପ୍ରହରାଜ, ନୀଳମାଧବ ମିଶ୍ର, ରଞ୍ଜନ କୁମାର ସାମନ୍ତରାୟଙ୍କ ସମେତ ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ ।




ଆଇନସେବା କମିଟି ପକ୍ଷରୁ ଆୟୋଜିତ ‘ବରିଷ୍ଠ ନାଗରିକ ଦିବସ’ରେ ମଞ୍ଚାସୀନ ଅତିଥିବୃନ୍ଦ।

# ମଦଦୋକାନ ଖୋଲିବା ପ୍ରସ୍ତାବକୁ ବିରୋଧ

**ଜିଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ**

ବାଙ୍କୀ, ୧।୧୦ (ସ୍ୱ.ପ୍ର)

ବାଙ୍କୀ ବ୍ଲକ କଳାପଥର ଗ୍ରାମରେ ଏକ ଠିପିଖୋଲା ବିଦେଶୀ ମଦ ଦୋକାନ ଖୋଲିବା ପ୍ରସ୍ତାବକୁ ବିରୋଧ କରିଛନ୍ତି ଗ୍ରାମବାସୀ। ଏ ନେଇ ସେମାନେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାଥାଉକି, କଳାପଥର ପଞ୍ଚାୟତ ଲେମ୍ୱେରୀ ମୌଜା ପ୍ଲଟ ନଂ-୨୩୧୭/୨୯୧୨ ଖତା ନଂ-୧୧୩ରେ ଏକ ଠିପିଖୋଲା ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ଆବେଦନ କରାଯାଇଥିଲା। ଏ ସମ୍ପର୍କରେ ଆସନ୍ତା ୪ ତାରିଖରେ ଅଭିଯୋଗ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ଶନିବାର ମଦ ଦୋକାନ ନ କରିବାକୁ ଗ୍ରାମବାସୀ ପ୍ରଶାସନକୁ ଲିଖିତ ଭାବେ ଜଣାଇଛନ୍ତି। ଠିପି ଖୋଲା ମଦ ଦୋକାନ ସ୍ଥାନଠାରୁ ମାତ୍ର ୨୦ମିଟର ଦୂରତାରେ ଏକ ଜଳାଶୟ ରହିଛି, ଯାହା ଅବକାରୀ ଆଇନ ୨୦୧୭ ଧାରା ୨୬କୁ ଉଲ୍ଲଘଂନ କରୁଛି ବୋଲି ଗ୍ରାମବାସୀ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଉକ୍ତ ଜଳାଶୟରେ ଗ୍ରାମର ଝିଅ, ବୋହୂମାନେ ସ୍ନାନାଦି କାର୍ଯ୍ୟ କରୁଥିବାରୁ ଭବିଷ୍ୟତରେ ମଦ୍ୟପଙ୍କ ଲୋଲୁପ ଦୃଷ୍ଟିର ଶିକାର ହେବେ ବୋଲି ସେମାନେ କହିଛନ୍ତି। ଶିଶୁମାନଙ୍କ ଉପରେ ଏହାର କୁପ୍ରଭାବ ପଡିବ ବୋଲି ଜଣାଇଛନ୍ତି। ମଦ ଦୋକାନ ଆବେଦନକାରୀଙ୍କ ସ୍ୱାମୀ ଜଣେ ହାତରନ୍ଧା ମଦ ବେପାରୀ ଓ ତାଙ୍କ ନାମରେ ଅବକାରୀ ବିଭାଗରେ ଅନେକ ମାମଲା ରହିଛି ବୋଲି ଗ୍ରାମବାସୀ ଜଣାଇଛନ୍ତି । ଗ୍ରାମର ସୂର୍ଯ୍ୟକାନ୍ତ ସାହୁ, ପ୍ରଫୁଲ୍ଲ ସାହୁ, ତ୍ରିଲୋଚନ ସାହୁ, କାଳନ୍ଦୀ ବାରିକ, ମାନସ ବାରିକ, ରଜନୀକାନ୍ତ ବରାଳ, ମଧୁ ସାହୁ, ନୀଳମଣି ସେଠୀ, ଝିଲି ପ୍ରଧାନ, ସଂଯୁକ୍ତା ସାହୁ, ବୁଲୁ ବେହେରା ପ୍ରମୁଖ ଗ୍ରାମବାସୀ କଟକ ଜିଲାପାଳଙ୍କୁ ମଦ ଦୋକାନ ନ କରିବା ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ଏହାର ନକଲ ଅବକାରୀ କମିଶନର, ଅବକାରୀ ଅଧିକ୍ଷକ, ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବ, ଅବକାରୀ ମନ୍ତ୍ରୀ, ଅବକାରୀ ସଚିବ, ଅବକାରୀ ଆୟୁକ୍ତଙ୍କୁ ପଠାଇଛନ୍ତି।

## ସଂକ୍ଷେପରେ

### ସୁରକ୍ଷିତ ହବିଷ ବ୍ୟବସ୍ଥାର ସମୀକ୍ଷା

ପୁରୀ ଅଫିସ, ୧।୧୦: ଦୀର୍ଘ ଦୁଇବର୍ଷର କୋଭିଡ୍ କଟକଣା ହଟିବା ପରେ ଚଳିତ ବର୍ଷ ପୁରୀରେ ହବିଷିଆଳି ଯୋଜନା ପୁନର୍ବାର ଆରମ୍ଭ ହେବାକୁ ଯାଉଛି। ଚଳିତ ବର୍ଷ ହବିଷିଆଳିମାନେ ନରେନ୍ଦ୍ର କୋଣସ୍ଥିତ ବୃନ୍ଦାବନ ଭକ୍ତନିବାସରେ କାର୍ତ୍ତିକ ବ୍ରତ ପାଳନ କରିବେ। ଏଥିପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଉଛି। ହବିଷିଆଳିଙ୍କ ହବିଷ କାର୍ଯ୍ୟକ୍ରମକୁ ସୁବ୍ୟବସ୍ଥିତ କରିବା ନେଇ ଶନିବାର ଜିଲାପାଳ ସମର୍ଥ ବର୍ମା ସମୀକ୍ଷା କରିଛନ୍ତି। ହବିଷିଆଳିଙ୍କ ସୁରକ୍ଷିତ ରହଣି, ସୁରକ୍ଷା ବ୍ୟବସ୍ଥା, ମହାପ୍ରସାଦ ସେବନ, ଶ୍ରୀଜୀଉଙ୍କୁ ଦର୍ଶନ, ଭଜନ ଓ ପ୍ରବଚନ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ପରିମଳ, ଅଗ୍ନି ନିର୍ବାପକ ବ୍ୟବସ୍ଥା ଇତ୍ୟାଦି ପାଇଁ ସମ୍ପୃକ୍ତ ବିଭାଗ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଅତିରିକ୍ତ ଏସ୍‌ପି ମିହିର ପ୍ରସାଦ ପଣ୍ଡା, ସିଡିଏମ୍‌ଓ ଡା. ସୁଜାତା ମିଶ୍ର, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜ କୁମାର ପ୍ରଧାନ ଏବଂ ସହକାରୀ ଜିଲାପାଳ ରାକେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ସମାଜର ମାର୍ଗଦର୍ଶକ ବରିଷ୍ଠ ନାଗରିକ

ପୁରୀ ଅଫିସ, ୧।୧୦: ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଅବସରରେ ଶନିବାର ପୁରୀ ମୋଚି ସାହିସ୍ଥିତ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପରେ ସ୍ୱାସ୍ଥ୍ୟସେବା ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସମର୍ଥ ବର୍ମା ଯୋଗଦେଇ ବରିଷ୍ଠ ନାଗରିକମାନେ ସମାଜର ମାର୍ଗଦର୍ଶକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ର, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ପ୍ରଣବ ପ୍ରକାଶ ଦାଶ, ଡା. ବିରଜା ଶଙ୍କର ରଥ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା, ମିଡିଆ ପରାମର୍ଶଦାତା ସିଦ୍ଧାର୍ଥ ରାୟ ପ୍ରମୁଖ ଯୋଗଦେଇଥିଲେ। ପ୍ରଫେସର ଡା. ସୁଦର୍ଶନ ପୋଥାଳ, ଡା. ଜ୍ୟୋତ୍ସ୍ନା ତ୍ରିପାଠୀ, ଡା. ରବିନ୍ଦ୍ର କୁମାର ଘଡ଼ାଇ, ଡା. କିଶୋର ଚନ୍ଦ୍ର ଦାସ, ଡା. ଅବଦୁଲ ସୟିଦ ଖାନ୍, ଡା. ଗିରୀଶ ଚନ୍ଦ୍ର ବେହେରା, ଡା. ଅର୍ଦ୍ଧେନ୍ଦୁ ମିଶ୍ର ପ୍ରମୁଖ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ କରିବା ସହ ଉପଯୋଗୀ ପରାମର୍ଶ ଦେଇଥିଲେ। ଶିବିରରେ ଶତାଧିକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

### ହାଇସ୍କୁଲରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦାବି

ପୁରୀ ଅଫିସ, ୧।୧୦: ଓଡ଼ିଶା ମାଧ୍ୟମିକ ସ୍ୱତନ୍ତ୍ର ଶିକ୍ଷା ଶିକ୍ଷକ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଶନିବାର ସ୍ଥାନୀୟ ଦୁଦ୍‌ୱାଲା ଧର୍ମଶାଳା ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସଂଘ ସମ୍ପାଦକ ଜ୍ଞାନରଞ୍ଜନ ବେହେରାଙ୍କ ସୂଚନା ଅନୁଯାୟୀ, ହାଇସ୍କୁଲରେ ସରକାର ସାଧାରଣ ପିଲାଙ୍କୁ ଉନ୍ନତମାନର ଶିକ୍ଷାଦାନ ପାଇଁ ହଜାର ହଜାର ସଂଖ୍ୟାରେ ଶିକ୍ଷକ ପଦବୀ ପୂରଣ କରୁଛନ୍ତି। କିନ୍ତୁ ବିଶେଷ ଆବଶ୍ୟକତା ରଖୁଥିବା ଦିବ୍ୟାଙ୍ଗ ପିଲାଙ୍କୁ ସରକାର ସମ୍ପୂର୍ଣ୍ଣ ରୂପେ ଭୁଲିଯାଇଛନ୍ତି। ଇନ୍‌କ୍ଲୁସିବ ଏଜୁକେଶନ ପଲିସିରେ ଗୋଟିଏ ଛାତ ତଳେ ଦିବ୍ୟାଙ୍ଗ ଏବଂ ସାଧାରଣ ପିଲା ପଢ଼ୁଛନ୍ତି ସତ କିନ୍ତୁ ସରକାର ଗୋଟିଏ ବି ସ୍ୱତନ୍ତ୍ର ଶିକ୍ଷକ ପଦବୀ ହାଇସ୍କୁଲଗୁଡ଼ିକରେ ପୂରଣ କଲେ ନାହିଁ। ଆମ ଭଳି ପାଖାପାଖି ୪୦୦୦ ପିଲା ସ୍ୱତନ୍ତ୍ର ଶିକ୍ଷାରେ ବିଏଡ୍ କରି ବେକାର ଅଛନ୍ତି। କିନ୍ତୁ ରାଜ୍ୟରେ ଥିବା ହାଇସ୍କୁଲଗୁଡ଼ଇରେ ସ୍ୱତନ୍ତ୍ର ଆବଶ୍ୟକ ରଖୁଥିବା ପିଲାଙ୍କ ପାଇଁ ଏପର୍ଯ୍ୟନ୍ତ ଶିକ୍ଷକ ନାହାନ୍ତି। ସଂଘର ଦାବି ଯେ, ସୁପ୍ରିମକୋର୍ଟଙ୍କ ୨୮/୧୦/୨୧ ଏବଂ ୨୧/୦୭/୨୨ର ରାୟ ଅନୁସାରେ ପ୍ରତ୍ୟେକ ସାଧାରଣ ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରାଯାଉ। ପ୍ରତି ୧୫ଜଣ ପିଲାରେ ଜଣେ ଶିକ୍ଷକ କିମ୍ବା ଜଣେ ପିଲା ଥିଲେ ବି ଜଣେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରାଯାଉ। ବିଏଡ୍ ସ୍ୱତନ୍ତ୍ର ଶିକ୍ଷା ନେଇଥିବା ପିଲାଙ୍କୁ ଓଡ଼ିଶା ସେକେଣ୍ଡାରୀ ଏଲିଜିବିଲିଟି ଟେଷ୍ଟ ଅନୁମତି ଦିଆଯାଉ। ବିଏଡ୍ ସ୍ପେଶାଲ ଏଜୁକେଶନକୁ ବିଏଡ୍ ଇନ ଇକ୍ୟୁଭାଲେନ୍ସ କରାଯାଉ। ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ୬ମାସ ଭିତରେ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ସରକାର ଏ ଦିଗରେ ପଦକ୍ଷେପ ନେଇ ନାହାନ୍ତି। ତେଣୁ ହାଇସ୍କୁଲରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦାବିରେ ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସମ୍ମିଳନୀରେ ସଭାପତି ବୀରବର ସାମନ୍ତ ସିଂହାର, ଉପସଭାପତି ସୁପ୍ରିୟା ପ୍ରଧାନ, କୋଷାଧ୍ୟକ୍ଷ ଦେବୀ ପ୍ରସାଦ ତ୍ରିପାଠୀ, ରାଜ୍ୟ ସଂଯୋଜକ ଦୀପକ ପ୍ରଧାନ କାର୍ଯ୍ୟାଳୟ ସମ୍ପାଦକ ଦୀପକ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ମା'ଙ୍କ ଆବାହନରେ ଶ୍ରୀକ୍ଷେତ୍ର ଉତ୍ସବମୁଖର





ମା' ଜେନାରୀ ଗଛ ରାମଚଣ୍ଡୀଙ୍କ ଚନ୍ଦନ ବେଶ। ପୁରୀ ବାଙ୍କୀମୁହାଣସ୍ଥିତ ମା' ରାମଚଣ୍ଡୀଙ୍କ ସିଂହବାହିନୀ ବେଶ। ଶ୍ରୀକ୍ଷେତ୍ର କଲୋନୀର ମା' ମଙ୍ଗଳାଙ୍କ ମହିଷାମର୍ଦ୍ଦିନୀ ବେଶ।

- ବିଭିନ୍ନ ଦେବୀପୀଠରେ ସପ୍ତମୀ ପୂଜା ସମ୍ପନ୍ନ
- ଆଜି ମଣ୍ଡପରେ ମହାସପ୍ତମୀ ପୂଜା

**ପୁରୀ ଅଫିସ, ୧।୧୦:**

ଦଶହରା ପାଇଁ ଉତ୍ସବମୁଖର ହୋଇଉଠିଛି ଶ୍ରୀକ୍ଷେତ୍ର। ସବୁଠି ପାର୍ବଣର ମହକ। ମା' ଦଶଭୁଜାଙ୍କ ଆବାହନ ମନ୍ତ୍ରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଶାରଦୀୟ ଦୁର୍ଗୋତ୍ସବର ସ୍ୱତନ୍ତ୍ରତା ବହନ କରୁଥିବା ଶ୍ରୀକ୍ଷେତ୍ର ଏବେ ନବବଧୂଟିଏ ଭଳି ସଜେଇ ହୋଇଛି। ରଙ୍ଗିନ ଆଲୋକମାଳାରେ ଝଲସୁଛି ପୂଜାମଣ୍ଡପ ଓ ବିଭିନ୍ନ ଦେବୀପୀଠ। ସହରର ଗଳିକନ୍ଦିରେ ଦେବୀ ମୂର୍ତ୍ତି ଓ ନାଗା ଆକର୍ଷଣ ପାଲଟିଛି। ପ୍ରତ୍ୟେକ ଦେବୀ ମୂର୍ତ୍ତିଙ୍କ ଉପାସନା ସହିତ ସାହିର ଜାଗା, ଆଖଡ଼ା ସମ୍ପୃକ୍ତ ରହିଛି। ସେଥିଲାଗି ସମସ୍ତ ଜାଗା, ଆଖଡ଼ା ଚଳଚଞ୍ଚଳ ହୋଇପଡ଼ିଛି। ବିଭିନ୍ନ ଶକ୍ତିପୀଠରେ ଶନିବାର ସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିରରେ ମା' ବିମଳା, ଭିତରବେଢ଼ା ପରିସରସ୍ଥ ଭୁବନେଶ୍ୱରୀ, ମା' ବାଟମଙ୍ଗଳା ଓ ଉତ୍ତରାୟଣୀ, ଶ୍ରୀକ୍ଷେତ୍ର ଠାକୁରାଣୀ, ଦକ୍ଷିଣକାଳୀ, ଆଲାମଚଣ୍ଡୀ, କପିଳେଶ୍ୱର ଶାସନର ମା' ପଞ୍ଚମୁଖୀ, ମା' ବାସେଲୀ, ମା' ମଙ୍ଗଳା, ମା' ମରିଚୀ ଠାକୁରାଣୀ, ମା' ବାଟକାଳୀ, ବାଙ୍କୀମୁହାଣ, ମା' ରାମଚଣ୍ଡୀ, ଜେନାରୀଗଛ ରାମଚଣ୍ଡୀ, ଶ୍ୟାମାକାଳୀ ପ୍ରଭୃତି ପୀଠରେ ସପ୍ତମୀ ପୂଜା ସମ୍ପନ୍ନ ହୋଇଛି। ସେହିପରି ମା' ବିମଳାଙ୍କ ପ୍ରତିନିଧି ଭାବେ ପୂଜିତ କାକୁଡ଼ିଖାଇ ମୃଣ୍ମୟୀ ପ୍ରତିମାଙ୍କ ମଧ୍ୟ ସପ୍ତମୀ ପୂଜା କରାଯାଇଛି। ମହାସପ୍ତମୀ ତିଥି ଅବସରରେ ମା' ଦକ୍ଷିଣକାଳୀଙ୍କ ସୁନାବେଶ, ବାଙ୍କୀମୁହାଣର ମା' ରାମଚଣ୍ଡିଙ୍କୁ ସିଂହବାହିନୀ ବେଶ, ଜେନାରୀ ଗଛ ରାମଚଣ୍ଡୀ ପୀଠରେ ଚନ୍ଦନ ବେଶ, ଶ୍ୟାମାକାଳୀଙ୍କ ମହିଷାମର୍ଦ୍ଦିନୀ, ଶ୍ରୀକ୍ଷେତ୍ର କଲୋନୀର ମା' ମଙ୍ଗଳାଙ୍କ ମହିଷା ମର୍ଦ୍ଦିନୀ ବେଶ, ବାସେଲୀ ସାହି ବାସେଲୀ ଠାକୁରାଣୀ ସ୍ୱର୍ଣ୍ଣବେଶ ଏବଂ ମରିଚେଇ ଠାକୁରାଣୀଙ୍କ ମହା ଗାୟତ୍ରୀ ବେଶ ଅନୁଷ୍ଠିତ ହୋଇଛି। ସେହିପରି ବିଭିନ୍ନ ସାହି ପୂଜା ମଣ୍ଡପରେ ଶନିବାର ଷଷ୍ଠୀ ପୂଜା ସରିଥିବାବେଳେ ରବିବାର ସପ୍ତମୀ ପୂଜା ହେବ। ବାରବାଟୀ, ଜହ୍ନିଖାଇ, ଶୂନ୍ୟଗୋଷାଣି, ହରଚଣ୍ଡୀ, ଗେଲବାଇ ବନଦୁର୍ଗା, ଚକ୍ରକୋଟ, ଭୋଗଜାଗା, କରତିଖାଇ ପ୍ରଭୃତି ଦେବୀ ମୂର୍ତ୍ତିଙ୍କୁ ଦୁର୍ଗାମନ୍ତ୍ର ଏବଂ ନାଗାଙ୍କୁ ବନଦୁର୍ଗା ମନ୍ତ୍ରରେ ଆବାହନ କରାଯିବ। ଏଥିପାଇଁ ବିଭିନ୍ନ ପୂଜାମଣ୍ଡପରେ ପ୍ରସ୍ତୁତି ସରିଛି। ଦୀର୍ଘ ଦୁଇବର୍ଷ ପରେ ସମ୍ପ୍ରତି କୋଭିଡ୍ କଟକଣା ନ ଥିବାରୁ ମା' ଜଗଦ୍‌ଜନନୀଙ୍କ ପୂଜା ଧୁମ୍‌ଧାମରେ ପାଳନ ହେଉଛି।

# ସିଂହବାହିନୀ ବେଶରେ ଦର୍ଶନ ଦେଲେ ମା'ମଙ୍ଗଳା

କାକଟପୁର/ଅସ୍ତରଙ୍ଗ, ୧।୧୦(ଡି.ଏନ୍.ଏ.)



ପୁରୀ ଜିଲା କାକଟପୁର ବାସିନୀ ମା' ମଙ୍ଗଳାଙ୍କ ଶାରଦୀୟ ପାର୍ବଣ ପୂଜା ବା ଷୋଳପୂଜା ଚାଲିଛି। ଶନିବାର ସପ୍ତମୀ ତିଥି ଅନୁଯାୟୀ ପାରମ୍ପରିକ ପ୍ରଥାନୁସାରେ ମା' ପ୍ରସିଦ୍ଧ ସିଂହବାହିନୀ ବେଶରେ ସୁସଜ୍ଜିତ ହୋଇଥିଲେ। ପୂର୍ବରୁ ମା'ଙ୍କୁ ପାଦପଦ୍ମ, ଭୁଜ, ଧନୁ, ତୀର, କମାଣ ପ୍ରଭୃତି ଅସ୍ତ୍ରଶସ୍ତ୍ର ଲାଗି କରାଯାଇଥିଲା। ଷୋଡ଼ଶ ଉପଚାରରେ ପୂଜାପଣ୍ଡା ପ୍ରକାଶ ଚନ୍ଦ୍ର ପଣ୍ଡା, ପାଳିଆ ପୂଜା ପଣ୍ଡା ସର୍ବେଶ୍ୱର ପାଢ଼ୀ, ସେବକ ବସନ୍ତ ଦୀକ୍ଷିତ, ଶରତ ଦୀକ୍ଷିତ, ସଞ୍ଜୟ ଦୀକ୍ଷିତ, ରଘୁନାଥ ଦୀକ୍ଷିତ, ନରେଶ ଦୀକ୍ଷିତ ପ୍ରମୁଖ ମା'ଙ୍କୁ ସିଂହବାହିନୀ ବେଶରେ ସଜ୍ଜିତ କରିଥିଲେ। ମା'ଙ୍କ ଏହି ପ୍ରସିଦ୍ଧ ବେଶ ଦର୍ଶନ କରିବାକୁ ସନ୍ଧ୍ୟାରୁ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ବିଶ୍ୱାସ ରହିଛି କି, ସିଂହବାହିନୀ ମା' ମଙ୍ଗଳାଙ୍କ ନିକଟରେ ଯିଏ ଯାହା ମାନସିକ କରେ, ତାହା ଖୁବ୍‌ଶୀଘ୍ର ପୂରଣ ହୁଏ ବୋଲି ପାଳିଆ ସେବକ ତାପସ ଦୀକ୍ଷିତ କହିଛନ୍ତି। ମଧ୍ୟାହ୍ନରେ ମନ୍ଦିର ପୁରୋହିତ ସୁରେଶ ଚନ୍ଦ୍ର ତ୍ରିପାଠୀ ସପ୍ତଶତୀ ଚଣ୍ଡୀ ପାଠ କରିଥିଲେ। ସ୍ଥାନୀୟ ପୋଲିସ ପକ୍ଷରୁ ମନ୍ଦିରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ମନ୍ଦିର ପ୍ରଶାସନ ପକ୍ଷରୁ ମା'ଙ୍କ ପୂଜା ନୀତି ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଥିବା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ କହିଛନ୍ତି।

# ପରିବେଶ ସ୍ୱଚ୍ଛ ରହିଲେ ଆମେ ସୁସ୍ଥ ରହିବା



ପୁରୀ ନେହେରୁ ଯୁବକେନ୍ଦ୍ର ଏବଂ ସମ୍ପର୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ସଡ଼କ ସୁରକ୍ଷା ଓ ସ୍ୱଚ୍ଛତା ଅଭିଯାନ ସମ୍ପର୍କିତ ସଚେତନତା ଶିବିରରେ ଯୋଗଦେଇଥିବା ଅତିଥିମାନେ।

**ପୁରୀ ଅଫିସ, ୧।୧୦**

ଦେଶରେ ସ୍ୱଚ୍ଛତା ଅଭିଯାନ ଦ୍ୱିତୀୟ ସଂସ୍କରଣ ଆରମ୍ଭ ହେବା ଅବସରରେ ସଡ଼କ ସୁରକ୍ଷା ଏବଂ ସ୍ୱଚ୍ଛତା ଅଭିଯାନ ସଂକ୍ରାନ୍ତ ସଚେତନତା ଶିବିର ଶନିବାର ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ନେହେରୁ ଯୁବ କେନ୍ଦ୍ର ଓ ସମ୍ପର୍କ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ତାଲିମ ପ୍ରତିଷ୍ଠାନ ପ୍ରଶିକ୍ଷଣ ଅଧିକାରୀ ମନୋଜ ଦାସ ସଭାପତିତ୍ୱ କରିଥିଲେ। ନେହେରୁ ଯୁବ କେନ୍ଦ୍ରର ଜିଲା ସଂଯୋଜକ ଜୟଶଙ୍କର ଯୋଶୀ କହିଥିଲେ, ପରିବେଶ ସ୍ୱଚ୍ଛ ରହିଲେ ଆମେ ସୁସ୍ଥ ରହିବା। ସେହିପରି ଆମେ ସଚେତନ ରହିଲେ ସଡ଼କ ଦୁର୍ଘଟଣାର ପରିମାଣ ହ୍ରାସ ପାଇବ। ବିଭିନ୍ନ କଲେଜରେ ୧ରୁ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଥିବାବେଳେ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ବିଭିନ୍ନ ଯୁବ ସଂଗଠନ ସହଯୋଗ କରୁଛନ୍ତି। ଠିକ ନିୟମ ପରିବର୍ତ୍ତନ, ସଚେତନତା, ସଡ଼କ ନିର୍ମାଣର ପଦ୍ଧତି ଅବଲମ୍ବନ କରାଗଲେ ସଡ଼କ ଦୁର୍ଘଟଣାକୁ ଏଡାଇ ଦିଆଯାଇପାରିବ ବୋଲି ସମ୍ପର୍କର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ କହିଥିଲେ। ଭାରତ ବିକାଶ ପରିଷଦର କ୍ଷେତ୍ରୀୟ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଏବିଭିପି ବିଭାଗ ସଂଯୋଜକ ତାରା ପ୍ରସାଦ ଦାସ, ପ୍ରତିଷ୍ଠାନର ଅଧକ୍ଷା ସସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ମାସ୍କ, ବ୍ୟାଚ ପ୍ରଦାନ କରାଯାଇଥିଲା। ବିସ୍ମୟ ପଟ୍ଟନାୟକ, ବାସୁଦେବ ସେନାପତି, ଶିବାନନ୍ଦ ପାଢ଼ୀ, କୃଷ୍ଣଚନ୍ଦ୍ର ସାହୁ, ରାକେଶ ସେଠୀ, ସତ୍ୟକାମ ସାହି, ସନ୍ଦୀପ୍ତ ଜାଲି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରତ୍ନଭଣ୍ଡାର ପ୍ରସଙ୍ଗକୁ ରାଜନୀତିକରଣ କରା ନ ଯାଉ: ଦାମୋଦର

**ଖୋର୍ଦ୍ଧା ଅଫିସ, ୧।୧୦:**

ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବାକୁ ନେଇ ବିଭିନ୍ନ ମହଲରେ କଳ୍ପନାଜଳ୍ପନା ଚାଲିଥିବା ବେଳେ ଏହି ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ। ଏହାକୁ ନେଇ ଅଯଥା ରାଜନୀତିକରଣ, ଚର୍ଚ୍ଚା, ଆଲୋଚନା ନ କରାଯିବ ଉଚିତ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ମତାମତ ଦେବା ସମୟରେ ସାବଧାନପୂର୍ବକ ମନ୍ତବ୍ୟ ଦେବା ଉଚିତ। ତତ୍କାଳୀନ ରାଜ୍ୟପାଳ ବି.ଡି. ଜତି ରତ୍ନଭଣ୍ଡାର ଖୋଲିବା ପାଇଁ ମୁମ୍ବାଇର ଜଣେ ଜୁରି ଆଣିଥିଲେ। ସେ ପ୍ରଥମ ଦିନ ଗଲେ। ସେଠାରେ କ'ଣ ଦେଖିଲେ ଯେ ଭୟଭୀତ ହୋଇ ଫେରିଗଲେ। ତେବେ କ'ଣ ଘଟିଲା, ସେ ସମ୍ପର୍କରେ କିଛି କହିଲେ ନାହିଁ। ଶ୍ରୀଜଗନ୍ନାଥ ସଂସ୍କୃତି ସହ ଲୋକଙ୍କ ଧାର୍ମିକ ଭାବନା ଜଡ଼ିତ ରହିଛି। ମାଦଳା ପାଞ୍ଜିକୁ ଅନୁଧ୍ୟାନ କରି ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକମାନେ ଏ ସମ୍ପର୍କରେ ନିଜର ସୁଚିନ୍ତିତ ମତାମତ ଦେବା ଉଚିତ ବୋଲି ରାଉତ ନିଉସ୍ ଅଫ ଦି ଟାଇମସ୍ ପକ୍ଷରୁ ସଂସ୍କୃତି ଭବନ ପରିସରରେ ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ସମ୍ପର୍କିତ ଏକ ଆଲୋଚନାଚକ୍ରରେ ଯୋଗଦାନ ଦେବା ଅବସରରେ ଗଣମାଧ୍ୟମକୁ କହିଛନ୍ତି।

# ବଙ୍ଗୀୟ, ଉତ୍କଳୀୟ ପଦ୍ଧତିରେ କନକଦୁର୍ଗାଙ୍କ ପୂଜା

ପିପିଲି, ୧।୧୦(ଡି.ଏନ୍.ଏ./ସ୍ୱ.ପ୍ର.)



ପିପିଲିର ଅଧିଷ୍ଠାତ୍ରୀ ଦେବୀ ମା' କନକଦୁର୍ଗାଙ୍କ ଷୋଡ଼ଶ ଦିନାତ୍ମକ ଶାରଦୀୟ ପାର୍ବଣ ଉତ୍ସବ ଆରମ୍ଭ ହୋଇଯାଇଥିବା ବେଳେ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ଏଠାରେ ଉଭୟ ବଙ୍ଗୀୟ ଓ ଉତ୍କଳୀୟ ପଦ୍ଧତିରେ ଶାରଦୀୟ ପୂଜା ବହୁକାଳ ଧରି ଅନୁଷ୍ଠିତ ହୋଇଆସୁଅଛି। ମା' କନକଦୁର୍ଗାଙ୍କ ପାର୍ବଣ ଉତ୍ସବ ସହସ୍ର କୁମ୍ଭାଭିଷେକଠାରୁ ୫ଜଣ ସ୍ତ୍ରୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ନିର୍ବାହିତ ହେଉଛି। ପିପିଲି ମୁଖ୍ୟବଜାର ମଧ୍ୟରେ ଅବସ୍ଥିତ ଏହି ପ୍ରସିଦ୍ଧ ପୁରାତନ ଶକ୍ତିପୀଠ ଦୁଇଭାଗରେ ବିଭକ୍ତ। ଉତ୍ତର ପାର୍ଶ୍ୱରେ ଦେବୀଙ୍କର ମନ୍ଦିରରେ ଦୁର୍ଗୋତ୍ସବ ଚନ୍ଦ୍ରିକା ଉତ୍କଳୀୟ ପଦ୍ଧତିରେ ପରମ ବୈଷ୍ଣବୀ ମା' କନକ ଦୁର୍ଗାଙ୍କର ନିତ୍ୟ ପୂଜା, ମଙ୍ଗଳ ଆଳତି, ସୂର୍ଯ୍ୟପୂଜା, ପଞ୍ଚସ୍ନାନ, ଚଣ୍ଡୀ ପାଠ, ହୋମ, ବଳିଦାନ ଓ ଦଶବତାର ପରେ ପହୁଡ ନୀତି ସମାପନ ହୁଏ। କିନ୍ତୁ ଦକ୍ଷିଣ ପାର୍ଶ୍ୱରେ ଥିବା ଠାକୁରାଣୀଙ୍କ ବିଜେସ୍ଥଳୀରେ ବିଗ୍ରହଶୂନ୍ୟ ସିଂହାସନରେ କେବଳ କଳସ ସ୍ଥାପନ ହେଉଥିବା ବେଳେ ଉତ୍ତର ପାର୍ଶ୍ୱ ମନ୍ଦିରର ମା' କନକଦୁର୍ଗାଙ୍କ ବିଗ୍ରହରୁ ସୁତ୍ର ବନ୍ଧନ ହୋଇ ଶୂନ୍ୟରେ ଆସି ଏହି କଳସ ଓ ସିଂହାସନକୁ ସଂଯୋଗ କରାଯାଇ ଷୋହଳ ଦିନ ପର୍ଯ୍ୟନ୍ତ କେବଳ ରାତ୍ରିରେ ଆମିଷ ଭୋଗର ପ୍ରଚଳନ ଅଛି। ବିଗତ ଦେଢ଼ଶହ ବର୍ଷ ଧରି ଏହି ପରମ୍ପରା ହେଉଛି। ଉତ୍ତର ପାର୍ଶ୍ୱ ମନ୍ଦିରରେ ସନ୍ଧ୍ୟା ଆଳତି ସରିଲା ପରେ ମନ୍ଦିରର ପୂଜକ ସେହି ଆଳତିକୁ ଆଣି ଦକ୍ଷିଣପାର୍ଶ୍ୱରେ ଥିବା କଳସରେ ଆଳତି କରନ୍ତି। କିନ୍ତୁ ଆମିଷ ନୀତି ସ୍ୱତନ୍ତ୍ର ପୂଜକଙ୍କ ଦ୍ୱାରା ଅନୁଷ୍ଠିତ ହୁଏ। ଦକ୍ଷିଣପାର୍ଶ୍ୱ ପୀଠର ପୂର୍ବଭାଗ ଦର୍ଶନ ମଣ୍ଡପରେ ନନ୍ଦୀକେଶ୍ୱର ପଦ୍ଧତି କଟକ ବିନୋଦବିହାରୀ ପୀଠଙ୍କ ଅନୁସୃତ ମୃଣ୍ମୟୀ ବିଗ୍ରହଙ୍କ ପୂଜା ବଙ୍ଗୀୟ କୌଳିକ ନୀତିରେ ବିଜୟା ଦଶମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ। ଏହି ଶକ୍ତିପୀଠରେ ବିଜୟାଦଶମୀ ତିଥିରେ ଅପରାଜିତା ପୂଜା ଓ ଶାନ୍ତିହୋମ ପରେ ଉଭୟ ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରେ ଦହି ପଖାଳ ଓ ଜହ୍ନିରାଇ ଭୋଗ ହୋଇ ଶାରଦୀୟ ପାର୍ବଣ ଉଦ୍‌ଯାପିତ ହୁଏ। ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ମନ୍ଦିର ପରିସରରେ ମେଳା ଅନୁଷ୍ଠିତ ହେଉଥିବା ବେଳେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆସି ଏହି ୫ଦିନ ଠାକୁରାଣୀଙ୍କୁ ଦର୍ଶନ କରି ଆଶିଷ ଲାଭ କରିଥାନ୍ତି।




ଗାନ୍ଧୀ ଜୟନ୍ତୀ ଅବସରରେ ଶନିବାର ପୁରୀର ଜବିର ଖାନ୍‌ଙ୍କ ଦ୍ୱାରା ଧାନରେ ପ୍ରସ୍ତୁତ ମହାତ୍ମା ଗାନ୍ଧୀଙ୍କ ପ୍ରତିକୃତି।

# ସୂର୍ଯ୍ୟମନ୍ଦିରରେ ଫଟୋ ଉଠାଇବେ ୧୫୪ ଫଟୋଗ୍ରାଫର

## ଏଏସ୍ଆଇ ନିଷେଧାଦେଶ ଉପରେ ହାଇକୋର୍ଟଙ୍କ ସ୍ଥଗିତାଦେଶ

**କୋଣାର୍କ, ୧।୧୦(ଡି.ଏନ୍.ଏ.)**

ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିସରରେ ଦୀର୍ଘ ୩୮ବର୍ଷ ଧରି ଫଟୋ ଉତ୍ତୋଳନ କରି ଜୀବିକା ନିର୍ବାହ କରୁଥିବା ସୂର୍ଯ୍ୟମନ୍ଦିର ଗାଇଡ୍ ଓ ଫଟୋଗ୍ରାଫର ଆସୋସିଏଶନର ୧୫୪ଜଣଙ୍କ ମନ୍ଦିର ପ୍ରବେଶ ନେଇ ଏଏସ୍ଆଇ କର୍ତ୍ତୃପକ୍ଷଙ୍କ ନିଷେଧାଦେଶ ଉପରେ ଉଚ୍ଚ ନ୍ୟାୟାଳୟ ସ୍ଥଗିତାଦେଶ ଜାରି କରି ଫଟୋ ଉତ୍ତୋଳନ କରିବା ନେଇ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଖବରରୁ ପ୍ରକାଶ ଯେ, ୧୯୮୪ ମସିହାଠାରୁ ସୂର୍ଯ୍ୟମନ୍ଦିର ପରିସରରେ ସୂର୍ଯ୍ୟମନ୍ଦିର ଗାଇଡ୍ ଓ ଫଟୋଗ୍ରାଫର ଆସୋସିଏଶନର ୧୫୪ଜଣ ଫଟୋଗ୍ରାଫର ଫଟୋ ଉତ୍ତୋଳନ କରି ଜୀବିକା ନିର୍ବାହ କରି ଆସୁଛନ୍ତି। ମାତ୍ର ୨୦୦୭ରେ ଭାରତ ସରକାରଙ୍କ ଏଏସ୍ଆଇ କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ଉକ୍ତ ୧୫୪ ଫଟୋଗ୍ରାଫରଙ୍କୁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରଦତ୍ତ ପରିଚୟ ପତ୍ର ଆଧାରରେ ସୂର୍ଯ୍ୟ ମନ୍ଦିର ପରିସରରେ ଫଟୋ ଉତ୍ତୋଳନ ନିମନ୍ତେ ଲାଇସେନ୍ସ ପ୍ରଦାନ ପାଇଁ ଦରଖାସ୍ତ ଆହ୍ୱାନ କରିଥିଲେ।

ଏହି ଦରଖାସ୍ତକାରୀଙ୍କୁ କୌଣସି ନ୍ୟାୟ ପ୍ରଦାନ ନ କରି ଏଏସ୍ଆଇ କର୍ତ୍ତୃପକ୍ଷ ୨୦୧୭ରେ ପୁନଃ ସୂର୍ଯ୍ୟ ମନ୍ଦିର ପରିସରରେ ଫଟୋ ଉତ୍ତୋଳନ କରିବା ପାଇଁ ଫଟୋଗ୍ରାଫରଙ୍କ ଯୋଗ୍ୟତା ଦଶମ ଶ୍ରେଣୀ ପାସ୍ କରିଥିବା ଆବଶ୍ୟକ ବୋଲି ବିଜ୍ଞପ୍ତି ଜାରି କରିଥିଲେ। ଏହାକୁ ବିରୋଧ କରିବା ସହ ଏହି ନିର୍ଦ୍ଦେଶନାମାକୁ ବାତିଲ କରି ୨୦୦୭ ଆଧାରରେ ସୂର୍ଯ୍ୟ ମନ୍ଦିର ଗାଇଡ୍ ଓ ଫଟୋଗ୍ରାଫର ଆସୋସିଏଶନର ୧୫୪ ଫଟୋଗ୍ରାଫରଙ୍କୁ ଫଟୋ ଉତ୍ତୋଳନ ପାଇଁ ଲାଇସେନ୍ସ ପ୍ରଦାନ ନିମନ୍ତେ ଗତ ଜୁନ ୨୬ରେ ସୂର୍ଯ୍ୟ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ଆସୋସିଏଶନର ଫଟୋଗ୍ରାଫରମାନେ ଧାରଣା ଦେଇଥିଲେ। ଏହି ଧାରଣା ଶାନ୍ତିପୂର୍ଣ୍ଣ ଭାବେ ଦୀର୍ଘ ୮୫ଦିନ ପର୍ଯ୍ୟନ୍ତ ଜାରି ରହିଥିଲା। ଉକ୍ତ ଆସୋସିଏଶନର ୧୫୪ ଫଟୋଗ୍ରାଫରଙ୍କ ଫଟୋ ଉତ୍ତୋଳନ ଉପରେ ଏଏସ୍ଆଇ କର୍ତ୍ତୃପକ୍ଷଙ୍କ ନିଷେଧାଦେଶ ଜାରି କରିଥିବାରୁ ଜୀବିକାରେ ବ୍ୟାହତ ସୃଷ୍ଟି ହୋଇଥିଲା। ଏ ନେଇ ସୂର୍ଯ୍ୟମନ୍ଦିର ଗାଇଡ୍ ଓ ଫଟୋଗ୍ରାଫର ଆସୋସିଏଶନ ସଭାପତି ଅଶୋକ କୁମାର ସ୍ୱାଇଁ ଓ ସଦସ୍ୟମାନଙ୍କ ଦ୍ୱାରା ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ଲିଖିତ ଅଭିଯୋଗ ଦାଖଲ କରାଯାଇଥିଲା। ଏହି ଅଭିଯୋଗକୁ ଉଚ୍ଚ ନ୍ୟାୟାଳୟ ବିଚାର ପାଇଁ ଗ୍ରହଣ କରି ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡ. ଏସ୍ ମୁରଲୀଧର ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କ ଖଣ୍ଡପୀଠ ଡବ୍ଲ୍ୟୁ ପିସି କେସ ନଂ.୮୧/୨୨ରେ ମାମଲାର ଗତ ସେପ୍ଟେମ୍ବର ୨୮ତାରିଖରେ ଶୁଣାଣି କରି ଏଏସ୍ଆଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ସୂର୍ଯ୍ୟ ମନ୍ଦିର ଗାଇଡ୍ ଓ ଫଟୋଗ୍ରାଫର ଆସୋସିଏଶନର ୧୫୪ଜଣ ଫଟୋଗ୍ରାଫରଙ୍କ ସୂର୍ଯ୍ୟ ମନ୍ଦିର ପ୍ରବେଶ ନିଷେଧ ଓ ଫଟୋ ଉତ୍ତୋଳନ ନେଇ ଲଗାଇଥିବା ନିଷେଧାଦେଶ ଉପରେ ଅଧ୍ୟାଦେଶ ପର୍ଯ୍ୟନ୍ତ ଏହା ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଏହି ନିର୍ଦ୍ଦେଶନାମା ଅନୁଯାୟୀ ୨୦୧୭ ଗାଇଡ୍‌ଲାଇନରେ କିଛି ପରିବର୍ତ୍ତନ ଆଣି ସୂର୍ଯ୍ୟ ମନ୍ଦିର ପରିସରରେ ଫଟୋ ଉତ୍ତୋଳନ ନିମନ୍ତେ ରହିଥିବା ଦଶମ ପାସ୍ ଯୋଗ୍ୟତା ଉପରେ ପୁନଃ ବିଚାର ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ସୂର୍ଯ୍ୟ ମନ୍ଦିର ଗାଇଡ୍ ଓ ଫଟୋ ଗ୍ରାଫର ଆସୋସିଏଶନ ପକ୍ଷରୁ ଆଇନଜୀବୀ ସୁବିର ପାଲିତ ମକଦ୍ଦମା ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ସୂର୍ଯ୍ୟ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିବା ସୂର୍ଯ୍ୟ ମନ୍ଦିର ଗାଇଡ ଓ ଫଟୋଗ୍ରାଫର ଆସୋସିଏଶନର କର୍ମକର୍ତ୍ତାମାନଙ୍କୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପତ୍ର ଅନୁଯାୟୀ ବିଜେଡି ସାଧାରଣ ସମ୍ପାଦକ ସତ୍ୟବ୍ରତ ପାତ୍ର ସୂର୍ଯ୍ୟ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚି ମିଠା ଖୁଆଇ ଧାରଣାସ୍ଥଳରୁ ସଦସ୍ୟଙ୍କୁ ଉଠାଇଥିଲେ। ଏହି ସମୟରେ ଫଟୋଗ୍ରାଫର ଆସୋସିଏଶନ ସଭାପତି ଅଶୋକ ସ୍ୱାଇଁ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।